OCTOBER 03, 2026
SATURDAY, BHUBANESWAR

ଅକ୍ଟୋବର ୦୩, ୨୦୨୬
ଶନିବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME - 2 ● ISSUE- 31 ବର୍ଷ- ୨ ● ସଂଖ୍ୟା- ୩୧ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

## ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବାଚସ୍ପତି

# ସ୍ୱଦେଶୀ, ସ୍ୱଚ୍ଛତା ଓ ସମାଜର ଶେଷ ଧାଡ଼ିର ଲୋକଙ୍କ ସେବା ଆମର ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

- ଦୁଇ ମହାନ ଯୁଗପୁରୁଷଙ୍କ ଆଦର୍ଶରେ ଗଢ଼ାହେବ ସମୃଦ୍ଧ ଓଡ଼ିଶା
- ବିଧାନସଭାରେ ସର୍ବଧର୍ମ ପ୍ରାର୍ଥନା ସଭା
- ଓଡ଼ିଶାରେ ଶିଶୁ ଶ୍ରମମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ପାଇଁ ୪୪ ଦିନିଆ ସତନ୍ତ୍ର ସଚେତନତା ଅଭିଯାନ



ଭୁବନେଶ୍ୱର, ୦୨/୧୦ : ଓଡ଼ିଶାକୁ ଶିଶୁ ଶ୍ରମମୁକ୍ତ କରିବା ଦିଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନକୁ ସାକାର କରିବା ଲକ୍ଷ୍ୟରେ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତକୁ ଶିଶୁ ଶ୍ରମମୁକ୍ତ କରିବା ଉଦ୍ଦେଶ୍ୟରେ ଆଜିଠାରୁ ଏକ ସତନ୍ତ୍ର ୪୪ ଦିନିଆ ଅଭିଯାନ ଆରମ୍ଭ ହୋଇଛି। ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଆଜି, ୨ ଅକ୍ଟୋବରରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ୧୪ ନଭେମ୍ବର ଶିଶୁ ଦିବସ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଗ୍ରାମସଭାରେ ଶିଶୁ ଶ୍ରମ ବିରୋଧରେ ସଂକଳ୍ପ ଗ୍ରହଣ କରାଯାଇ ଶିଶୁ ଶ୍ରମମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ପାଇଁ ସାମୂହିକ ପ୍ରତିବଦ୍ଧତା ପ୍ରକାଶ କରାଯିବ।

ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କୁ ଏହି ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇ ଏହାକୁ ସଫଳ କରିବା ପାଇଁ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଆହ୍ୱାନ କରିଛନ୍ତି। ସେହିପରି, ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ମନ୍ତ୍ରୀ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ଓ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ମାନ୍ୟବର ମନ୍ତ୍ରୀମାନେ ମଧ୍ୟ ଭିଡିଓ ବାର୍ତ୍ତା ଜରିଆରେ ଓଡ଼ିଶାର ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ଶିଶୁ ଶ୍ରମମୁକ୍ତ କରିବା ଦିଗରେ ଜନସାଧାରଣଙ୍କୁ ସକ୍ରିୟ ଭାବେ ସହଯୋଗ କରିବାକୁ ଆହ୍ୱାନ ଜଣାଇଛନ୍ତି। ଏହି ଅଭିଯାନର ମୁଖ୍ୟ ଆଧାର ହେଉଛି ସମୁଦାୟର ସକ୍ରିୟ ଅଂଶଗ୍ରହଣ। ଗ୍ରାମ ପଞ୍ଚାୟତକୁ ଅଭିଯାନର ମୁଖ୍ୟ କାର୍ଯ୍ୟାନ୍ୱୟନ ଏକକ ଭାବେ ଗ୍ରହଣ କରାଯାଇଛି। ଏଥିପାଇଁ ନୂତନ କୌଣସି ସମାନ୍ତରାଳ ବ୍ୟବସ୍ଥା ସୃଷ୍ଟି ନକରି ବିଦ୍ୟମାନ ବ୍ୟବସ୍ଥା ଓ ଅନୁଷ୍ଠାନଗୁଡ଼ିକୁ ନେଇ ଅଭିଯାନକୁ ଆଗେଇ ନିଆଯିବ।

ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଅନୁଷ୍ଠାନ, ବିଦ୍ୟାଳୟ ଓ ସ୍କୁଲ୍ ମ୍ୟାନେଜମେଣ୍ଟ କମିଟି (SMC), ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀ (SHG), ତୃଣମୂଳସ୍ତରୀୟ କର୍ମଚାରୀ ଏବଂ ଶ୍ରମ ପ୍ରଶାସନ ପ୍ରମୁଖ ଭାବେ ସାମିଲ ହେବେ। ଅଭିଯାନର ସୁଚାରୁ କାର୍ଯ୍ୟାନ୍ୱୟନ ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ମିଶନ ଶକ୍ତି ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମିଳିତ ଭାବେ ବିଭାଗୀୟ ନିର୍ଦ୍ଦେଶାବଳୀ ଜାରି ☞ପୃଷ୍ଠା-୨

## ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଲେ ପାଇଲଟ୍ ସ୍ମିତ୍ ମଛର



**ବିପଦ ସମୟରେ ପଢୁଥିଲି ହନୁମାନ ଚାଳିଶା**

ନୂଆଦିଲ୍ଲୀ, ୨।୧୦: ଦୁବାଇରୁ ତେଲ୍ ଅଭିଭ୍ ଯାଉଥିବା ଫ୍ଲାଏଦୁବାଇ ବିମାନରେ ଘଟିଥିବା ମଧ୍ୟ-ବାୟୁ ଜରୁରୀ ପରିସ୍ଥିତିରେ ସାହସ ଓ ଉପସ୍ଥିତ ବୁଦ୍ଧିର ପରିଚୟ ଦେଇଥିବା ଭାରତୀୟ ପାଇଲଟ୍ କ୍ୟାପ୍ଟେନ୍ ସ୍ମିତ୍ ମଛରଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଭିଡିଓ କଲ୍‌ରେ କଥା ହୋଇଛନ୍ତି। କଥାବାର୍ତ୍ତା ସମୟରେ ପ୍ରଧାନମନ୍ତ୍ରୀ ମଛରଙ୍କ ସାହସିକତାର ପ୍ରଶଂସା କରିବା ସହ ତାଙ୍କ ଶୀଘ୍ର ଆରୋଗ୍ୟ କାମନା କରିଥିଲେ। ବିମାନରେ ସହ-ପାଇଲଟ୍‌ଙ୍କ ଆକ୍ରମଣ ପରେ ସୃଷ୍ଟି ହୋଇଥିବା ସଙ୍କଟରେ କ୍ୟାପ୍ଟେନ୍ ମଛର ଗୁରୁତର ଆହତ ହୋଇଥିଲେ। ତଥାପି ସେ ପରିସ୍ଥିତିର ମୁକାବିଲା କରି ବିମାନରେ ଥିବା ଯାତ୍ରୀଙ୍କ ସୁରକ୍ଷା ପାଇଁ ତତ୍ପରତାର ସହ କାର୍ଯ୍ୟ କରିଥିଲେ। ତାଙ୍କ ପଦକ୍ଷେପ ଫଳରେ ବଡ଼ ଦୁର୍ଘଟଣା ଏଡ଼ାଇବା ସମ୍ଭବ ହୋଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ବେଳେ କ୍ୟାପ୍ଟେନ୍ ମଛର ଘଟଣା ସମୟର ଅନୁଭୂତି ବର୍ଣ୍ଣନା କରିଥିଲେ। ବିପଦ ସମୟରେ ତାଙ୍କୁ ଆଧ୍ୟାତ୍ମିକ ଭାବେ ଶକ୍ତି ଦେଇଥିବା ବିଷୟରେ କହି ସେ କହିଥିଲେ ଯେ, ଅସୁବିଧାରେ ପଡ଼ିଲେ ସେ ହନୁମାନଜୀଙ୍କୁ ସ୍ମରଣ କରନ୍ତି ଏବଂ ହନୁମାନ ଚାଳିଶା ପାଠ କରନ୍ତି। ଉଡ଼ାଣ ସମୟରେ ମଧ୍ୟ ସେ ହନୁମାନ ଚାଳିଶା ପାଠ କରୁଥିବା କହିଥିଲେ। ଏହି ଘଟଣା ସମୟରେ ତାଙ୍କ ମନରେ କେବଳ ଜଣେ ଯାତ୍ରୀଙ୍କୁ ମଧ୍ୟ ମରିବାକୁ ଦେବେ ନାହିଁ ବୋଲି ଭାବନା ଥିଲା ବୋଲି ମଛର କହିଥିଲେ। ଏହାର ଉତ୍ତରରେ ମୋଦି କହିଥିଲେ ଯେ ସମଗ୍ର ଦେଶ ତାଙ୍କ ପାଇଁ ଗର୍ବିତ। ମଛରଙ୍କ ପରିବାର ସହ ମଧ୍ୟ ପ୍ରଧାନମନ୍ତ୍ରୀ ପୂର୍ବରୁ କଥା ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ସଂଯୁକ୍ତ ଆରବ ଏମିରେଟ୍ସରେ ଭାରତୀୟ ରାଷ୍ଟ୍ରଦୂତ ଦୀପକ ମିତ୍ତଲ ହସ୍ପିଟାଲରେ କ୍ୟାପ୍ଟେନ୍ ମଛର ଓ ତାଙ୍କ ପରିବାରକୁ ଭେଟିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଏବଂ ସେ ଚିକିତ୍ସାଧୀନ ଥିବା ରାଷ୍ଟ୍ରଦୂତ କହିଛନ୍ତି। ମଛରଙ୍କ ମନୋବଳ ଉଚ୍ଚ ଥିବା ମଧ୍ୟ ସେ ସୂଚନା ଦେଇଛନ୍ତି। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ବେଳେ ବିମାନରେ ଘଟିଥିବା ଆକ୍ରମଣର ପରିସ୍ଥିତି ଓ କାରଣ ସମ୍ପର୍କରେ ଅଧିକ ତଥ୍ୟ ତଦନ୍ତ ପରେ ସ୍ପଷ୍ଟ ହେବ।

## ସ୍ୱର୍ଣ୍ଣ ଜିତି ଇତିହାସ ରଚିଲା ମହିଳା ହକି ଟିମ୍



**ସଲିମାଙ୍କ ନେତୃତ୍ୱରେ ଐତିହାସିକ ବିଜୟ**

ନୂଆଦିଲ୍ଲୀ, ୦୨/୧୦ : ଭାରତୀୟ ମହିଳା ହକି ପାଇଁ ଅବିସ୍ମରଣୀୟ ଦିନ। ଏସୀୟ କ୍ରୀଡ଼ାରେ ଚୀନ୍‌କୁ ପରାସ୍ତ କରି ଭାରତୀୟ ମହିଳା ଦଳ ସ୍ୱର୍ଣ୍ଣ ପଦକ ଜିତିଛି। ୧୯୮୨ ମସିହା ପରେ ଏସୀୟ କ୍ରୀଡ଼ାରେ ମହିଳା ହକିରେ ଭାରତର ଏହା ପ୍ରଥମ ସ୍ୱର୍ଣ୍ଣ। ଏହି ବିଜୟ ସହ ଭାରତ ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସର ଯୋଗ୍ୟତା ଦିଗରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ଫାଇନାଲ୍‌ରେ ଭାରତ ଓ ଚୀନ୍ ମଧ୍ୟରେ ଜୋରଦାର ଲଢ଼େଇ ଦେଖିବାକୁ ମିଳିଥିଲା। ଭାରତୀୟ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ପ୍ରଥମ କ୍ୱାର୍ଟରରେ ଅଗ୍ରଣୀ ହାସଲ କରିଥିଲା। ଚୀନ୍ ଲଗାତାର ☞ପୃଷ୍ଠା-୨

## ପୂର୍ବ ସରକାରଙ୍କ ବିଫଳତା ପଦାରେ ପକାଇଲା ସିଏଜି



**ଓଡ଼ିଶାବାସୀଙ୍କୁ ପାନୀୟ ଜଳ ଯୋଗାଇବାରେ ଅକ୍ଷମ ଥିଲା ବିଜେଡି ସରକାର : ସତ୍ୟବ୍ରତ ପଣ୍ଡା**

- ୨୦୭ଟି ମେଗା ପ୍ରକଳ୍ପରୁ ମାତ୍ର ୨ଟି କାର୍ଯ୍ୟକ୍ଷମ
- ବିନା ଯୋଜନା ଓ ତଦାରଖରେ ଚାଲିଥିଲା ଯୋଜନା

ଭୁବନେଶ୍ୱର, ୦୨/୧୦: ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ୨୦୧୯ରେ ଜଳ ଜୀବନ ମିଶନ ଆରମ୍ଭ କରିଥିଲେ। ୨୦୨୪ ସୁଦ୍ଧା ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ନଳ ଯୋଗେ ପର୍ଯ୍ୟାପ୍ତ ଓ ନିରାପଦ ପାନୀୟଜଳ ପହଁଚାଇବା ଏହାର ଲକ୍ଷ୍ୟ ଥିଲା। କିନ୍ତୁ ଅଗଷ୍ଟ ୨୦୧୯ରୁ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ଓଡ଼ିଶାରେ ଏହାର କାର୍ଯ୍ୟାନ୍ୱୟନ ସମ୍ପର୍କିତ ମହାଲେଖା ନିୟନ୍ତ୍ରକ (ସିଏଜି) ରିପୋର୍ଟ ପୂର୍ବ ସରକାରଙ୍କ ଯୋଜନା, ତଦାରଖ ଓ କାର୍ଯ୍ୟ ସମ୍ପାଦନ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ଓଡ଼ିଶାବାସୀଙ୍କୁ ପାନୀୟ ଜଳ ଯୋଗାଇବାରେ ଅକ୍ଷମ ଥିଲା ବିଜେଡି ସରକାର ବୋଲି ସ୍ପଷ୍ଟ ପ୍ରମାଣିତ ହୋଇଥିବାର ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ପଣ୍ଡା କହିଛନ୍ତି ଯେ, ରାଜ୍ୟର ୮୮.୬୮ ଲକ୍ଷ ଗ୍ରାମୀଣ ପରିବାର ମଧ୍ୟରୁ ମାର୍ଚ୍ଚ ୨୦୨୪ ସୁଦ୍ଧା ୬୪.୭୧ ଲକ୍ଷ ପରିବାରକୁ ନଳ ଯୋଗେ ପାନୀୟ ଜଳ ମିଳିଥିବା ଦାବି କରାଗଲା। ଓଡ଼ିଶାରୁ ପ୍ରାୟ ୩୧ ପ୍ରତିଶତ ପରିବାର ଏହି ଯୋଜନାରୁ ବାଦ୍ ପଡିଥିଲେ। ଭାରତ ପାଇଁ ଏହି ପରିମାଣ ହେଉଛି ୨୪ ପ୍ରତିଶତ। ୨୦୧୯-୨୪ରେ ନିଆଯାଇଥିବା ୨୦୭ ମେଗା ଜଳଯୋଗାଣ ପ୍ରକଳ୍ପ ମଧ୍ୟରୁ ଜୁନ୍ ୨୦୨୪ ସୁଦ୍ଧା ମାତ୍ର ୨ଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିଲା। ଏହି ସଂଖ୍ୟାଗୁଡ଼ିକ କେବଳ ପ୍ରକଳ୍ପର ବିଳମ୍ବ ନୁହେଁ ବରଂ ସେତେବେଳର ପ୍ରକଳ୍ପ ପରିଚାଳନା ଓ ତଦାରଖ ବ୍ୟବସ୍ଥାର ଉତରଦାୟିତ୍ୱ ନିର୍ଣ୍ଣୟର ଆବଶ୍ୟକତାକୁ ସାମନାକୁ ଆଣିଛି।

ସିଏଜିଙ୍କ ଅନୁଧ୍ୟାନରେ ୫ଟି ଜିଲ୍ଲାର ୮,୮୦୦ ଗାଁ ମଧ୍ୟରୁ ୧,୨୩୭ଟିରେ ଗ୍ରାମ୍ୟ କାର୍ଯ୍ୟକ୍ରମ ଯୋଜନା ଏବଂ ୧,୨୩୦ଟିରେ ଗ୍ରାମ୍ୟ ଜଳ ଏବଂ ପରିମଳ କମିଟି ନ ଥିଲା। ଜିଲ୍ଲା ଜଳ ଏବଂ ପରିମଳ ମିଶନର ୨୫୫ଟି ଆବଶ୍ୟକ ବୈଠକ ବଦଳରେ ମାତ୍ର ୩୩ଟି, ଅର୍ଥାତ୍ ପ୍ରାୟ ୧୩ ପ୍ରତିଶତ ବୈଠକ ହୋଇଥିଲା। ''ଗାଁର ଜଳ ଯୋଜନା ନାହିଁ, ଗାଁର ଜଳ କମିଟି ନାହିଁ'' ଜିଲ୍ଲାସ୍ତରୀୟ ତଦାରଖ ବୈଠକ ମଧ୍ୟ ନିୟମିତ ହୋଇ ନଥିବାବେଳେ ଯୋଜନାକୁ ତୃଣମୂଳ ସ୍ତରରେ କିପରି କାର୍ଯ୍ୟକାରୀ କରାଯାଉଥିଲା ବୋଲି ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି। ପାନୀୟଜଳର ଗୁଣବତା ସମ୍ପର୍କିତ ସିଏଜିଙ୍କ ତଥ୍ୟ ମଧ୍ୟ ଚିନ୍ତାଜନକ। ପରୀକ୍ଷାଗାରରେ ୭୭ଟି ଜଳର ଗୁଣାତ୍ମକମାନ ମଧ୍ୟରୁ ୨୬ଟି ''ନ୍ୟାଶନାଲ ଆକ୍ରିଡିଏସନ୍ ବୋର୍ଡ ଫର୍ ଟେଷ୍ଟିଂ ଆଣ୍ଡ କାଲିବ୍ରେସନ ଲାବୋରଟୋରୀ''ର ସ୍ୱୀକୃତି, ୧୭ଟି ଚିହ୍ନଟ ଏବଂ ୩୪ଟିର ଉଭୟ ସ୍ୱୀକୃତି ବା ଚିହ୍ନଟ ନ ଥିଲା। ସିଏଜି ମାନବ ସମ୍ବଳ ଅଭାବ, ସ୍ୱଳ୍ପ ତାଲିମ ଓ ଅଚଳ ଯନ୍ତ୍ରପାତିର କଥା ମଧ୍ୟ ଉଲ୍ଲେଖ କରିଛି। ଜଳର ଗୁଣାତ୍ମକମାନ ପରିଚାଳନା ଏବଂ ନିରୀକ୍ଷଣରେ ବ୍ୟୟ ଥିଲା ମାତ୍ର ୦.୩୮ ପ୍ରତିଶତ, ଯାହାକି ୨ ପ୍ରତିଶତ ହେବା କଥା। ଏହି ପ୍ରସଙ୍ଗରେ ଅର୍ଥନୀତି ପାଇଁ ନୋବେଲ ବିଜେତା ପ୍ରଫେସର ମାଇକେଲ କ୍ରେମରଙ୍କ ଗବେଷଣା ବିଶେଷ ପ୍ରାସଙ୍ଗିକ ବହନ କରେ। କ୍ରେମର ଓ ସହ-ଗବେଷକଙ୍କ ଅନୁସାରେ ପାନୀୟଜଳ ବିଶୁଦ୍ଧିକରଣ ଦ୍ୱାରା ପାଂଚବର୍ଷରୁ କମ୍ ଶିଶୁମୃତ୍ୟୁ ହାର ପ୍ରାୟ ଏକ ଚତୁର୍ଥାଂଶ କମିପାରେ। ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶାରେ ପାଂଚ ବର୍ଷରୁ କମ୍ ବୟସ ଶିଶୁ ମୃତ୍ୟୁହାର ହଜାରରେ ୩୭ ଏବଂ ଏହା ଭାରତର ଚତୁର୍ଥ ସର୍ବାଧିକ। ଜଳ ଜୀବନ ମିଶନ ☞ପୃଷ୍ଠା-୨

## 'ସୁଜଳ' ଅଭିଯାନର ଶୁଭାରମ୍ଭ

**ଅକ୍ଟୋବର ୨ରୁ ୧୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଚାଲିବ ଅଭିଯାନ**



ଭୁବନେଶ୍ୱର, ୦୨/୧୦ : ଜଳ ସଂରକ୍ଷଣ, ନିରାପଦ ପାନୀୟ ଜଳର ବ୍ୟବହାର ଏବଂ ଜଳବାହିତ ରୋଗର ପ୍ରତିରୋଧ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ 'ସୁଜଳ' ଅଭିଯାନର ଶୁଭାରମ୍ଭ କରାଯାଇଛି । ଆଜି ଭୁବନେଶ୍ୱରରେ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ଅଭିଯାନର ଉଦ୍‌ଘାଟନ କରିଛନ୍ତି । ଅକ୍ଟୋବର ୨ରୁ ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ଅଭିଯାନ ଚାଲିବ । ବିଭାଗ ଅଧୀନସ୍ଥ ୱାଟକୋ ଦ୍ୱାରା ଆୟୋଜିତ ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଜଳର ଅପଚୟ ରୋକିବା, ଉପଲବ୍ଧ ଜଳସମ୍ପଦର ସୁରକ୍ଷା କରିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା। ''ଜଳ ସଂରକ୍ଷଣଆଜିର ଆବଶ୍ୟକତା, ଭବିଷ୍ୟତ ପିଢ଼ିର ଭାଗ୍ୟ'' ବାର୍ତ୍ତାକୁ ଆଧାର କରି ଏହି ଅଭିଯାନ ମାଧ୍ୟମରେ ଜଳର ସୁବିନିଯୋଗ ଓ ସଂରକ୍ଷଣ ☞ପୃଷ୍ଠା-୨

### ମହିଳା ହକି ଟିମ୍‌କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୦୨/୧୦ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚାରି ଦଶନ୍ଧିରୁ ଅଧିକ ସମୟ ପରେ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ଭାରତୀୟ ମହିଳା ହକି ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା ହେଉଛି ଉତ୍କୃଷ୍ଟ କୌଶଳ ଏବଂ ଦଳଗତ କାର୍ଯ୍ୟର ପରିଣାମ ଏବଂ ସେ ଦଳର ସଂକଳ୍ପକୁ ପ୍ରେରଣାଦାୟୀ ବୋଲି ପ୍ରଶଂସା କରିଥିଲେ। ଶ୍ରୀ ମୋଦୀ ଦଳର ଆଗାମୀ ପ୍ରୟାସ ପାଇଁ ଶୁଭେଚ୍ଛା ଜଣାଇଥିଲେ ଏବଂ ଆଶାବ୍ୟକ୍ତ କରିଥିଲେ ଯେ ଏହି ସଫଳତା ସାରା ଦେଶରେ ହକିର ଲୋକପ୍ରିୟତା ବୃଦ୍ଧି କରିବାରେ ସହାୟକ ହେବ।

### ଅକ୍ଷର ବ୍ୟଙ୍ଗ ବିଚାର



**ଡ.ଗିରୀଶ ରଂଜନ**

ଗାନ୍ଧୀ ଜୟନ୍ତୀ ପାଳିଲେ ସଭିଏଁ
ଛାଡ଼ି ଗାନ୍ଧୀଙ୍କର ଫୋଟୋ
କିଏ ବି ହାତରେ ବାଙ୍କୁଲି ଧରିକି
ଦିନ ସାରା କଲା ନାଟ
ଚାରିଆଡ଼େ ତ ଦୁର୍ନୀତି ବାଟ
ଅହିଂସା ମିଳିବା ସପନ ଏବେ
ଇଏ ମଣିଷମାନଙ୍କ ହାଟ

## ଗାନ୍ଧୀଜୀ ଏବଂ ଶାସ୍ତ୍ରୀଜୀଙ୍କ ଜୀବନ ଓ ଆଦର୍ଶ ଆମ ସମସ୍ତଙ୍କୁ ରାଷ୍ଟ୍ରସେବା ପାଇଁ ପ୍ରେରଣା ଯୋଗାଉଛି : ମନମୋହନ ସାମଲ



ଜନତା ମଇଦାନଠାରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ଏବଂ ଶାସ୍ତ୍ରୀନଗରଠାରେ ଥିବା ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କଲେ ରାଜ୍ୟ ସଭାପତି

ଭୁବନେଶ୍ୱର, ୦୨/୧୦: ସତ୍ୟ, ଅହିଂସା, ସ୍ୱଚ୍ଛତା ଓ ମାନବୀୟ ମୂଲ୍ୟବୋଧର ମହାନ ପ୍ରବକ୍ତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଆମ ସମସ୍ତଙ୍କୁ ସଦା ପ୍ରେରଣା ଯୋଗାଇ ଆସୁଛି । ତାଙ୍କର ସରଳ ଜୀବନ, ଉଚ୍ଚ ଚିନ୍ତାଧାରା ଓ ରାଷ୍ଟ୍ରପ୍ରତି ନିଷ୍ଠା ଆମ ସମସ୍ତଙ୍କୁ ସମାଜ ଓ ଦେଶର ହିତ ପାଇଁ ନିରନ୍ତର କରିବାର ପଥ ଦେଖାଇ ଆସୁଛି । ଗାନ୍ଧିଜୀଙ୍କ ଆଦର୍ଶକୁ ନିଜ ଜୀବନରେ ଅନୁସରଣ କରି ଏକ ସ୍ୱଚ୍ଛ, ସୁସ୍ଥ, ସମୃଦ୍ଧ ଓ ଆତ୍ମନିର୍ଭର ଭାରତ ଗଠନରେ ନିଜର ଯୋଗଦାନ ଦେବାକୁ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଗାନ୍ଧୀ ଜୟନ୍ତୀ ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ ଦଳୀୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି ।


ସେହିପରି ସରଳତା, ସଚ୍ଚୋଟତା, ନିଷ୍ଠା ଓ ଦୃଢ଼ ସଂକଳ୍ପର ପ୍ରତୀକ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ମହାନ ରାଷ୍ଟ୍ରନାୟକ ଶ୍ରୀ ଲାଲବାହାଦୁର ଶାସ୍ତ୍ରୀଜୀଙ୍କ ଜୀବନ ଓ ଆଦର୍ଶ ଆଜି ମଧ୍ୟ ଆମ ସମସ୍ତଙ୍କୁ ରାଷ୍ଟ୍ରସେବା ପାଇଁ ପ୍ରେରଣା ଯୋଗାଇ ଆସୁଛି। ଦେଶର ସୁରକ୍ଷା ପାଇଁ ଯବାନ ଓ ଦେଶର ଅନ୍ନଦାତା କୃଷକଙ୍କ ଅବଦାନକୁ ସମ୍ମାନ ଦେଇ ସେ ଦେଇଥିବା 'ଜୟ ଜବାନ, ଜୟ କିଷାନ'ର ମହାମନ୍ତ୍ର ସବୁ ଦିନ ପାଇଁ ଆମକୁ ଦେଶ ପ୍ରତି ଆମର କର୍ତ୍ତବ୍ୟକୁ ମନେ ପକାଇବ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି। ଶାସ୍ତ୍ରୀ ଜୟନ୍ତୀ ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ ଆଜି ଶାସ୍ତ୍ରୀନଗରଠାରେ ଥିବା ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି ।

## ଯୁଦ୍ଧ ଉତ୍ତେଜନା ବଢ଼ାଉଛି ଆମେରିକା

**୧୦,୦୦୦ ସୈନ୍ୟ ମୁତୟନ**



ୱାସିଂଟନ, ୦୨/୧୦ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ନଭେମ୍ବର ୩ ତାରିଖ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପରେ ଇରାନ ଉପରେ ସମ୍ଭାବ୍ୟ ନୂତନ ଆକ୍ରମଣ ନେଇ ଚେତାବନୀ ଦେବା ପରେ ମଧ୍ୟପ୍ରାଚ୍ୟରେ ପୁଣି ଯୁଦ୍ଧ ଉତ୍ତେଜନା ବଢ଼ିଯାଇଛି। ଆମେରିକା ପକ୍ଷରୁ ମଧ୍ୟପ୍ରାଚ୍ୟରେ ତୃତୀୟ ବିମାନବାହୀ ଯୁଦ୍ଧପୋତ (ଏୟାରକ୍ରାଫ୍ଟ କ୍ୟାରିୟର) ସହ ଅତିରିକ୍ତ ୧୦,୦୦୦ ସୈନ୍ୟ ମୁତୟନ କରାଯାଉଛି। 'ୟୁଏସ୍‌ଏସ୍ ଥିଓଡୋର ରୁଜଭେଲ୍ଟ' ଯୁଦ୍ଧପୋତ ଏହାର ଷ୍ଟ୍ରାଇକ୍ ଗ୍ରୁପ୍ ସୈନ୍ୟମାନଙ୍କୁ ନେଇ ନଭେମ୍ବର ଶେଷ ସୁଦ୍ଧା ମଧ୍ୟପ୍ରାଚ୍ୟରେ ପହଞ୍ଚିବ। ବର୍ତ୍ତମାନ ଏହି ଅଞ୍ଚଳରେ ଅନ୍ୟ ଦୁଇଟି ବିମାନବାହୀ ଯୁଦ୍ଧପୋତ 'ୟୁଏସ୍‌ଏସ୍ ଜର୍ଜ ଏଚ୍‌ଡବ୍ଲ୍ୟୁ ବୁଶ୍' ଏବଂ 'ୟୁଏସ୍‌ଏସ୍ ଜର୍ଜ ୱାସିଂଟନ୍' ମୁତୟନ ରହିଛି। ସାଧାରଣତଃ ପ୍ରଶାନ୍ତ ମହାସାଗରରେ ମୁତୟନ ହେଉଥିବା 'ୟୁଏସ୍‌ଏସ୍ ଜର୍ଜ ୱାସିଂଟନ' ଦୀର୍ଘ ମୁତୟନ ପରେ 'ୟୁଏସ୍‌ଏସ୍ ଆବ୍ରାହାମ ଲିଙ୍କନ'ର ସ୍ଥାନ ନେବା ପାଇଁ ମଧ୍ୟପ୍ରାଚ୍ୟରେ ପହଞ୍ଚିଛି। ଏହି ନୂତନ ମୁତୟନ ଫଳରେ ଆମେରିକାର ନୌସେନା ଉପସ୍ଥିତି ଅସାଧାରଣ ଭାବେ ବୃଦ୍ଧି ପାଇ ୨୦,୦୦୦ରୁ ଅଧିକ ନୌସେନା ସହିତ ଶହ ଶହ ଯୁଦ୍ଧବିମାନ ପହଞ୍ଚିବ। ଗତ ସପ୍ତାହରେ ନ୍ୟୁୟର୍କଠାରେ ଅନୁଷ୍ଠିତ ଜାତିସଂଘ ମହାସଭାରେ ଇରାନ ପକ୍ଷରୁ ଘୋଷଣା ☞ପୃଷ୍ଠା-୨



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ସ୍ୱଦେଶୀ, ସ୍ୱଚ୍ଛତା ଓ ସମାଜର...

କରାଯାଇଛି । ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ସକ୍ରିୟ ପଦକ୍ଷେପରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସ୍ଥାପନ କରି ଏହି ଅଭିଯାନକୁ ଆଗେଇ ନିଆଯାଉଛି । ଶିଶୁ ଶ୍ରମର ତୁରନ୍ତ ନିରାକରଣ ସହ ଏହାର ମୂଳ କାରଣଗୁଡ଼ିକର ସମାଧାନ ଉପରେ ଅଭିଯାନରେ ଗୁରୁତ୍ୱ ଦିଆଯାଇଛି । ଏଥିପାଇଁ ତିନୋଟି ପ୍ରମୁଖ ରଣନୀତି ଗ୍ରହଣ କରାଯାଇଛି । ପ୍ରଥମତଃ, ଶିଶୁମାନଙ୍କୁ ବିଦ୍ୟାଳୟରେ ରଖିବା ଏବଂ ସେମାନଙ୍କ ମଧ୍ୟରେ ବିଦ୍ୟାଳୟ ଛାଡ଼ିବା ପ୍ରବୃତ୍ତିକୁ ରୋକିବା ପାଇଁ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବ । ଦ୍ୱିତୀୟତଃ, ବିଭିନ୍ନ ବିଭାଗର ମିଳିତ ଏନ୍‌ଫୋର୍ସମେଣ୍ଟ୍ ଅଭିଯାନ, ଶିଶୁ ଉଦ୍ଧାର ପାଇଁ ମାନକ ପ୍ରକ୍ରିୟା ଏବଂ ଉଦ୍ଧାର ପରବର୍ତ୍ତୀ ପୁନର୍ବାସ ଉପରେ ଗୁରୁତ୍ୱ ଦିଆଯିବ । ତୃତୀୟତଃ, ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ମାଧ୍ୟମରେ ତୃଣମୂଳସ୍ତରରେ ଜନସମ୍ପୃକ୍ତି ଓ ସଚେତନତାକୁ ଅଧିକ ସୁଦୃଢ଼ କରାଯିବ । ଏହି ଅଭିଯାନ ଅଧୀନରେ ଗ୍ରାମ ପଞ୍ଚାୟତଗୁଡ଼ିକରେ ଶିଶୁ ଶ୍ରମର କୁପ୍ରଭାବ ସମ୍ପର୍କରେ ସଚେତନତା, ଶିଶୁମାନଙ୍କର ବିଦ୍ୟାଳୟରେ ଉପସ୍ଥାନ ଓ ଶିକ୍ଷା ଜାରି ରଖିବାକୁ ପ୍ରୋତ୍ସାହନ, ଶିଶୁ ଶ୍ରମରେ ନିୟୋଜିତ ହେବାର ଆଶଙ୍କା ଥିବା ଶିଶୁଙ୍କ ଚିହ୍ନଟ ଏବଂ ଶିଶୁ ଶ୍ରମ ଚିହ୍ନଟ ହେଲେ ତ୍ୱରିତ ସମନ୍ୱିତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯିବ । ଓଡ଼ିଶାକୁ ଶିଶୁ ଶ୍ରମମୁକ୍ତ କରିବା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପରିବାର, ସମୁଦାୟ, ବିଦ୍ୟାଳୟ, ସ୍ଥାନୀୟ ସ୍ୱୟଂଶାସନ ସଂସ୍ଥା ଏବଂ ବିଭିନ୍ନ ବିଭାଗର ସାମୂହିକ ଦାୟିତ୍ୱ । ଏହି ଲକ୍ଷ୍ୟ ହାସଲ ପାଇଁ ଜନସାଧାରଣଙ୍କ ସକ୍ରିୟ ସହଯୋଗ ଓ ଅଂଶଗ୍ରହଣକୁ ଅଭିଯାନରେ ପ୍ରାଥମିକତା ଦିଆଯାଇଛି । ସମନ୍ୱିତ ପ୍ରୟାସ, ଜନସଚେତନତା, ଦୃଢ଼ କାର୍ଯ୍ୟାନୁଷ୍ଠାନ, ଶିଶୁମାନଙ୍କର ଶିକ୍ଷାରେ ନିରନ୍ତରତା ଏବଂ ଉଦ୍ଧାର ପରବର୍ତ୍ତୀ ପୁନର୍ବାସ ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ଶିଶୁ ଶ୍ରମମୁକ୍ତ କରିବା ଦିଗରେ ଏହି ୪୪ ଦିନିଆ ଅଭିଯାନ ଏକ ସମନ୍ୱିତ ଜନଆନ୍ଦୋଳନର ରୂପ ନେବାକୁ ଲକ୍ଷ୍ୟ ରଖିଛି ।

### ସ୍ୱର୍ଣ୍ଣ ଜିତି ଇତିହାସ...

ଚାପ ସୃଷ୍ଟି କରିଥିଲେ ମଧ୍ୟ ଭାରତୀୟ ରକ୍ଷଣଭାଗ ଦୃଢ଼ ରହିଥିଲା । ଚୀନ୍ ମିଳିଥିବା ୫ଟି ପେନାଲ୍ଟି କର୍ଣ୍ଣର ଏବଂ ଗୋଟିଏ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଗୋଲ୍ କରିପାରିନଥିଲା । ବିଶେଷକରି ମ୍ୟାଚ୍‌ର ଶେଷ ଭାଗରେ ଭାରତୀୟ ଗୋଲକିପରଙ୍କ ଗୁରୁତ୍ୱପୂର୍ଣ୍ଣ ସେଭ୍ ଦଳର ଅଗ୍ରଣୀକୁ ବଜାୟ ରଖିବାରେ ସହାୟକ ହୋଇଥିଲା । ଶେଷ ମୁହୂର୍ତ୍ତରେ ଚୀନ୍ ଗୋଲକିପରଙ୍କୁ ହଟାଇ ଅତିରିକ୍ତ ଆଉଟ୍‌ଫିଲ୍ଡ ଖେଳାଳିଙ୍କୁ ମଇଦାନକୁ ଓହ୍ଲାଇଥିଲା । ତଥାପି ଭାରତୀୟ ଖେଳାଳିମାନେ ଚାପକୁ ସଫଳତାର ସହ ମୁକାବିଲା କରି ଐତିହାସିକ ସ୍ୱର୍ଣ୍ଣ ନିଶ୍ଚିତ କରିଥିଲେ । ଭାରତ ପକ୍ଷରୁ ମସିଆମି ଫାଇନାଲ୍‌ର ଏକମାତ୍ର ଗୋଲ୍ ସ୍କୋର କରିଥିଲେ । ଅଧିନାୟିକା ସଲିମା ଟେଟେଙ୍କ ନେତୃତ୍ୱ ଓ ରକ୍ଷଣଭାଗରେ ତାଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା । ମ୍ୟାଚ୍ ସମୟରେ ଆହତ ହୋଇଥିଲେ ମଧ୍ୟ ସେ ପୁଣି ପଡ଼ିଆକୁ ଫେରି ଦଳକୁ ନେତୃତ୍ୱ ଦେଇଥିଲେ । ଏହି ସ୍ୱର୍ଣ୍ଣ ଭାରତୀୟ ହକିର ଗୌରବମୟ ଇତିହାସରେ ଆଉ ଏକ ଅଧ୍ୟାୟ ଯୋଡ଼ିଛି । ଏହି ଦିନ ଭାରତ ଏସୀୟ କ୍ରୀଡ଼ାରେ ଷଷ୍ଠ ସ୍ୱର୍ଣ୍ଣ ପଦକ ଜିତିଥିବା ଜଣାପଡ଼ିଛି । ମହିଳା ହକିରେ ଭାରତର ସ୍ୱର୍ଣ୍ଣ ପରେ ହକିରେ ଆଉ ଏକ ପଦକ ଉପରେ ନଜର ରହିଛି । ଭାରତୀୟ ପୁରୁଷ ଦଳ ଫାଇନାଲ୍‌ରେ ମାଲେସିଆକୁ ଭେଟିବ ।

### 'ସୁଜଳ' ଅଭିଯାନର...

ପାଇଁ ନାଗରିକମାନଙ୍କୁ ଉତ୍ସାହିତ କରାଯିବ । ନିରାପଦ ପାନୀୟ ଜଳ ଓ ଜନସ୍ୱାସ୍ଥ୍ୟ ମଧ୍ୟରେ ଥିବା ସମ୍ପର୍କକୁ ଗୁରୁତ୍ୱ ଦେଇ ଅଭିଯାନରେ ''ଦୂଷିତ ଜଳ ବିଭିନ୍ନ ରୋଗର କାରଣ'' ବାର୍ତ୍ତା ପ୍ରଚାର କରାଯିବ । ଦୂଷିତ ଜଳ ବ୍ୟବହାର ଦ୍ୱାରା ଝାଡ଼ାବାନ୍ତି, ଆମାଶୟ, ଟାଇଫଏଡ୍ ଓ ଜଣ୍ଡିସ୍ ଭଳି ରୋଗ ହେବାର ଆଶଙ୍କା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯିବ । ପାନୀୟ ଜଳକୁ ପରିଷ୍କାର ଓ ଘୋଡଣୀ ଯୁକ୍ତ ପାତ୍ରରେ ରଖିବା, ଜଳ ଉତ୍ସଗୁଡ଼ିକୁ ପ୍ରଦୂଷଣମୁକ୍ତ ରଖିବା ଏବଂ ଘରୋଇ ସ୍ତରରେ ସ୍ୱଚ୍ଛତା ବଜାୟ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ । ଜଳ ସଂରକ୍ଷଣକୁ ଦୈନନ୍ଦିନ ଜୀବନର ଏକ ଅଭ୍ୟାସରେ ପରିଣତ କରିବା ପାଇଁ ନାଗରିକମାନଙ୍କୁ କେତେକ ସରଳ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି । ଆବଶ୍ୟକ ନଥିବା ସମୟରେ ଟ୍ୟାପ୍ ବନ୍ଦ ରଖିବା, ଜଳ ଯୋଗାଣ ପାଇପ୍‌ରେ ଲିକେଜ୍ ହେଲେ ତୁରନ୍ତ ମରାମତି କରିବା ଏବଂ ନଦୀ, ପୋଖରୀ, ନଳକୂପ ଆଦି ଜଳଉତ୍ସ ନିକଟରେ ଆବର୍ଜନା ନ ପକାଇବା ଏହି ପଦକ୍ଷେପଗୁଡ଼ିକର ଅନ୍ତର୍ଭୁକ୍ତ । ଏଥିସହ ବର୍ଷାଜଳ ଅମଳ ଓ ଏହାର ପୁନଃବ୍ୟବହାରକୁ ପ୍ରୋତ୍ସାହିତ କରିବା, ଘରର ଓଭରହେଡ୍ ଜଳଟାଙ୍କି ଓ ଭୂତଳ ଜଳ ସଂରକ୍ଷଣ ଟାଙ୍କିକୁ ନିୟମିତ ସଫା କରିବା ଏବଂ ପାନୀୟ ଜଳର ଗୁଣବତ୍ତା ବଜାୟ ରଖିବା ଉପରେ ମଧ୍ୟ ସଚେତନ କରାଯିବ । ଏହାଦ୍ୱାରା ଜଳର ଅପଚୟ ହ୍ରାସ ପାଇବା ସହ ଜଳ ଦୂଷିତ ହେବାର ଆଶଙ୍କା ମଧ୍ୟ କମିବ । ଜଳ ଯୋଗାଣ ଆମର ଦାୟିତ୍ୱ, ଜଳ ସଂରକ୍ଷଣ ଆପଣଙ୍କ କର୍ତ୍ତବ୍ୟଏହି ଅଭିଯାନର ମୂଳମନ୍ତ୍ର ଜଳ ସଂରକ୍ଷଣରେ ସରକାର ଓ ନାଗରିକଙ୍କ ସାମୂହିକ ଦାୟିତ୍ୱକୁ ପ୍ରତିଫଳିତ କରୁଛି । ନାଗରିକଙ୍କୁ ନିୟମିତ ଓ ନିରାପଦ ଜଳ ଯୋଗାଣ କରିବା ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହୋଇଥିବାବେଳେ ଜଳର ଅପଚୟ ରୋକିବା ଓ ଏହାର ସୁବିନିଯୋଗ କରିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ । ଜଳ ଯୋଗାଣ ସମ୍ପର୍କିତ ସମସ୍ୟା ଓ ଅଭିଯୋଗର ଜଣାଶୁଣି ତଥା ସମାଧାନ ପାଇଁ ନାଗରିକମାନେ ବିଭାଗର ନିଃଶୁଳ୍କ ହେଲ୍‌ପଲାଇନ୍ ନମ୍ବର ୧୫୫୩୫୯ ଏବଂ ୧୮୦୦-୧୨୧୬-୮୩୩ ରେ ଯୋଗାଯୋଗ କରିପାରିବେ ।

ଏହି ଅବସରରେ ମାନ୍ୟବର ବିଧାୟକ ବାବୁ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦବୋଧନ ଦେଇଥିଲେ । ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂଗଠନର ଇଞ୍ଜିନିୟର-ଇନ୍-ଚିଫ୍ ଶ୍ରୀ ବିଳାସ ବେହେରା ଏବଂ ୱାଟକୋର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଦେବବ୍ରତ ମହାନ୍ତିଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଓଡ଼ିଶା ସରକାରଙ୍କ ପକ୍ଷରୁ 'ସୁଜଳ' ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇ ଜଳ ସଂରକ୍ଷଣକୁ ଜୀବନଶୈଳୀର ଅଂଶ କରିବାକୁ ସମସ୍ତ ନାଗରିକଙ୍କୁ ଆହ୍ୱାନ ଦିଆଯାଇଛି । ଜଳର ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ସ୍ୱଚ୍ଛତା ଓ ସାମୂହିକ ଜନସହଭାଗିତା ମାଧ୍ୟମରେ ଜନସ୍ୱାସ୍ଥ୍ୟର ସୁରକ୍ଷା ସହ ମୂଲ୍ୟବାନ ଜଳସମ୍ପଦର ସଂରକ୍ଷଣ କରିବା ଏବଂ ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ି ପାଇଁ ସ୍ୱଚ୍ଛ, ସୁସ୍ଥ ଓ ସ୍ଥାୟୀ ସହର ଗଠନ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ।

### ପୂର୍ବ ସରକାରଙ୍କ ବିଫଳତା...

ଯଦି ଶୁଦ୍ଧ ଜଳଯୋଗାଣର ଲକ୍ଷ୍ୟ ସଫଳତାର ସହ ହାସଲ କରେ, ବର୍ଷକୁ ପ୍ରାୟ ୧.୩୬ ଲକ୍ଷ ପାଂଚବର୍ଷ ବୟସରୁ କମ୍ ଶିଶୁଙ୍କ ମୃତ୍ୟୁ ଏ ?ାଇ ଦିଆଯାଇପାରିବ ବୋଲି ସେମାନେ ଆକଳନ କରିଥିଲେ । ''ସିଏଜି''ର ତଥ୍ୟ ପୂର୍ବ ସରକାରଙ୍କ ୨୦୧୯-୨୪ କାର୍ଯ୍ୟାନ୍ୱୟନ ସମୟ ସମ୍ପର୍କରେ ଯେଉଁ ପ୍ରଶ୍ନ ଉଠାଇଛି, ସେଗୁଡ଼ିକର ତଥ୍ୟଭିତିକ ଉତର ଜନସାଧାରଣଙ୍କ ସାମ୍ନାକୁ ଆସିବା ଦରକାର ବୋଲି ଶ୍ରୀ ପଣ୍ଡା କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟର ଅନ୍ୟତମ ମୁଖପାତ୍ର ଶ୍ରୀ ତେଜେଶ୍ୱର ପରିଡା ଉପସ୍ଥିତ ଥିଲେ ।

### ଯୁଦ୍ଧ ଉତ୍ତେଜନା ବଢ଼ାଉଛି...

କରାଯାଇଥିବା ଶାନ୍ତି ପ୍ରସ୍ତାବକୁ ଟ୍ରମ୍ପ ଖାରଜ କରିଛନ୍ତି । କତର ମଧ୍ୟସ୍ଥଙ୍କ ଜରିଆରେ ଆମେରିକା ନିକଟକୁ ପଠାଯାଇଥିବା ଏହି ପ୍ରସ୍ତାବ ସମ୍ପର୍କରେ ହ୍ୱାଇଟ୍ ହାଉସ୍‌ରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଟ୍ରମ୍ପ କହିଛନ୍ତି ଯେ, ସେମାନେ ନିଜର ବ୍ୟାପକ କ୍ଷତି ହେଉଥିବାରୁ ତୁରନ୍ତ ହର୍ମୁଜ ପ୍ରଣାଳୀ ଖୋଲିବା ପାଇଁ ଚୁକ୍ତି କରିବାକୁ ଚାହୁଁଛନ୍ତି । ଟ୍ରମ୍ପ କହିଛନ୍ତି ଯେ, ଇସ୍ରାଏଲଗାମୀ ଯାତ୍ରୀବାହୀ ବିମାନର କ୍ୟାପ୍ଟେନ୍‌ଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିବା କୋ-ପାଇଲଟ୍ ସହ ଇରାନର ସମ୍ପୃକ୍ତି ଥାଇପାରେ । ସମ୍ପୃକ୍ତ ପାଇଲଟ୍ ଏବଂ ଇରାନ ମଧ୍ୟରେ କୌଣସି ସମ୍ପର୍କ ଅଛି କି ନାହିଁ ବୋଲି ପଚରାଯିବାରୁ ଟ୍ରମ୍ପ କହିଛନ୍ତି ଯେ, ମୁଁ ଶୁଣୁଥିବା ତଥ୍ୟ ଆଧାରରେ ଉତ୍ତର 'ହଁ' ହେବ, କିନ୍ତୁ ଆମେ ଏହା ଉପରେ ଅଧିକ କାର୍ଯ୍ୟ କରୁଛୁ । ଯଦି ଇରାନ ଏହି ଆକ୍ରମଣ ପାଇଁ ଦାୟୀ ହୁଏ, ତେବେ ଆମେରିକା ପ୍ରତିଶୋଧ ନେବ କି ନାହିଁ ପଚରାଯିବାରୁ ସେ କହିଛନ୍ତି, ସେମାନଙ୍କ ଉପରେ ପ୍ରବଳ ଆକ୍ରମଣ କରାଯିବ, ଚିନ୍ତା କରନ୍ତୁ ନାହିଁ ।

## ସରକାରୀ ତହବିଲ କ'ଣ ଖଣି ପାଣ୍ଠି ଉପରେ ନିର୍ଭରଶୀଳ ?

ରାୟଗଡ଼ା, ୦୨/୧୦(ଗୌରୀପ୍ରସାଦ ପାତ୍ର) : ଓଡ଼ିଶା ବିଧାନସଭାରେ ଡିଏମଏଫ କାର୍ଯ୍ୟକାରିତା ନେଇ ସିଏଜି ଙ୍କ ରିପୋର୍ଟ ଉପସ୍ଥାପିତ ହୋଇଯାଇଛି ଓ ୨୦୧୫-୧୬ ରୁ ୨୦୨୩-୨୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନାରେ ଓଡ଼ିଶାରେ ବ୍ୟାପକ ଆର୍ଥିକ ଅନିୟମିତତା, ନିୟମର ଉଲ୍ଲଂଘନ ଏବଂ ପାଣ୍ଠିର ଅପବ୍ୟବହାର ଲୋକଲୋଚନ କୁ ଆସିପାରିଛି ଓ ଖଣି ପ୍ରଭାବିତ ଅଞ୍ଚଳର ଗରିବ ଓ ଅସହାୟ ଲୋକଙ୍କ ସହାୟତା ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ବେଆଇନ ଭାବେ ଆଭିଜାତ୍ୟପୂର୍ଣ୍ଣ ପ୍ରକଳ୍ପ, ପ୍ରତିଷ୍ଠାମୂଳକ କାର୍ଯ୍ୟକ୍ରମ ଏବଂ ଖଣି ଦ୍ୱାରା ପ୍ରଭାବିତ ହୋଇ ନଥିବା ଅଞ୍ଚଳ ଗୁଡିକ ରେ ପ୍ରଚୁର ପରିମାଣରେ ଖର୍ଚ୍ଚ କରାଯାଇଥିବା ରିପୋର୍ଟ ରୁ ସ୍ପଷ୍ଟ ହୋଇଛି ଓ ରାୟଗଡା ଜିଲ୍ଲାର ୧୧ଟି ଯାକ ବ୍ଲକରେ ମଧ୍ୟ ସମାନ ପରିସ୍ଥିତି ଥିବା ଜଣାପଡିଛିଓ ପ୍ରକାଶ ଥାଉକି ସଂସଦୀୟ ଆଇନ ତଥା (ପିଏମକେକେକେୱାୟୀ) ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲାର ଖଣି ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ସର୍ବନିମ୍ନ ମୌଳିକ ସୁବିଧା ସୁନିଶ୍ଚିତ କରିବା ପାଇଁ ପ୍ରତି ଜିଲ୍ଲା ର ଡିଏମଏଫ ଆକାଉଣ୍ଟରେ କୋଟି କୋଟି ଟଙ୍କାର ପାଣ୍ଠି ଉପଲବ୍ଧ ଥାଏ ଓ ତେବେ ରାଜ୍ୟ ର ଅନ୍ୟ ଜିଲ୍ଲା ଭଳି ରାୟଗଡା ଠାରେ ମଧ୍ୟ ଅତୀତ ରେ ଏହାର ବିନିଯୋଗ ଓ ପରିଚାଳନା ନେଇ ବ୍ୟାପକ ଅନିୟମିତତା ପରିଲକ୍ଷିତ ହୋଇଛି ଓ ଟ୍ରଷ୍ଟ ବୋର୍ଡର ନବମ ବୈଠକ ବିବରଣୀ ଏହାକୁ ପ୍ରମାଣିତ କରୁଛି । ପ୍ରକାଶ ଥାଉକି ୨୦୨୩-୨୪ ଆର୍ଥିକ ବର୍ଷରେ ଟ୍ରଷ୍ଟ ବୋର୍ଡ ଓ ଲୋକପ୍ରତିନିଧିଙ୍କ ବିନା ଅନୁମୋଦନରେ କୋଟି କୋଟି ଟଙ୍କାର ବେଆଇନ କାର୍ଯ୍ୟାଦେଶ ଦିଆଯାଇଥିଲା । ରାୟଗଡ଼ା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଙ୍କ ଜରିଆରେ 'ଅନିଜା ଶିବ ମନ୍ଦିର ରାସ୍ତା ନିର୍ମାଣ' ଆଳରେ ୯୧.୪୪ ଲକ୍ଷ ଟଙ୍କାର ଅନିୟମିତତା ସାମ୍ନା କୁ ଆସିପାରିଛି । କୌଣସି ନିର୍ଦ୍ଦିଷ୍ଟ ଜନବସତି ନଥିବା ଏବଂ କେବଳ ଏକ ବିଳାସପୂର୍ଣ୍ଣ ରିସର୍ଟକୁ ସୁବିଧା ଯୋଗାଇବା ପାଇଁ ଶିବ ମନ୍ଦିରର ନାଁ ରେ ଏହି ପାଣ୍ଠିରୁ ପକ୍କା ରାସ୍ତା ତିଆରି ହୋଇଥିବା ଅଭିଯୋଗ ହୋଇଛି । ସେହିପରି ଜଳଛାୟା ପ୍ରକଳ୍ପ ପ୍ରଶାସକ ଙ୍କ ଅଧୀନରେ କାଶୀପୁର ବ୍ଲକରେ 'କଫି ମିଶନ' ନାମରେ ୧.୮୧ କୋଟି ଟଙ୍କା ଏବଂ ଏହାର ପ୍ରଥମ ବର୍ଷର ରକ୍ଷଣାବେକ୍ଷଣ ପାଇଁ ୪୪.୪୩ ଲକ୍ଷ ଟଙ୍କା ସମ୍ପୂର୍ଣ୍ଣ ମନମୁଖୀ ଭାବେ ଖର୍ଚ୍ଚ କରାଯାଇଛି । ତେବେ ସାଂସଦ ଓ ବିଧାୟକଙ୍କ ବିରୋଧ ପରେ ଟ୍ରଷ୍ଟ ବୋର୍ଡ ବୈଠକରେ ଏହି ପ୍ରକଳ୍ପ ର ମୋଟ ୩.୧୭ କୋଟି କୁ ତଦନ୍ତ ଓ ତଦାରଖ ପାଇଁ ଅଟକା ଯାଇଥିବା ଜଣାପଡିଛି । ଖଣି ଉତ୍ତୋଳନର ବିଷାକ୍ତ ଧୂଳି ଓ ପ୍ରଦୂଷଣରେ ଆଉଟ୍‌ପାଉଟ୍ ହେଉଥିବା କାଶୀପୁର ବ୍ଲକର ଶିଶୁମାନେ ଯେଉଁଠି ପୁଷ୍ଟିକର ଖାଦ୍ୟ ଓ ବିଶୁଦ୍ଧ ପାନୀୟ ଜଳ ପାଇଁ ତହଲବିକଳ ହେଉଛନ୍ତି, ସେଠାରେ ବାବୁ ମାନଙ୍କ ଆରାମ ପାଇଁ କାଶୀପୁର ରାଜସ୍ୱ ଡାକବଙ୍ଗଳା ର ମରାମତି ଓ ସାଜସଜ୍ଜାରେ ୬ଟି ପ୍ୟାକେଜ୍ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ଉଡ଼ାଇ ଦିଆଯାଇଛି । ପ୍ରାପ୍ତ ତଥ୍ୟ ଅନୁଯାୟୀ, ଡାକବଙ୍ଗଳା ମରାମତି, ପାଇପ୍ ଓ ପ୍ଲମ୍ବିଂ, ବିଦ୍ୟୁତ୍‌କରଣ, ପ୍ରି-କାଷ୍ଟ ପାଚେରୀ ନିର୍ମାଣ, ଦାମୀ ଆସବାବପତ୍ର କ୍ରୟ, ଏବଂ ଅନ୍ୟାନ୍ୟ ସାଜସଜ୍ଜା ପାଇଁ ଏହିପରି ମୋଟ ୧୭.୫୨ ଲକ୍ଷ ଟଙ୍କା କେବଳ ଗୋଟିଏ ସରକାରୀ ଗେଷ୍ଟ ହାଉସରେ ଖର୍ଚ୍ଚ କରାଯାଇଛି । ଏହା ବ୍ୟତୀତ ନିୟମକୁ ଅଣଦେଖା କରି କାଶୀପୁର ଥାନା ଆଗରେ ଓପନ୍ ଜିମ୍ ଓ ମିନିପାର୍କ ପାଇଁ ?୨୦ ଲକ୍ଷ ଏବଂ ଟିକିରି ଜାମୁଗୁଡ଼ା ପୋଖରୀ ପାର୍କ ପାଇଁ ଆଉ ୨୦ ଲକ୍ଷ ବ୍ୟୟବରାଦ କରାଯାଇଥିବା ଜଣାପଡିଛି ଓ ରାୟଗଡ଼ା ସହର ଏବଂ ଜିଲ୍ଲା ପୋଲିସ ପ୍ରଶାସନ ମଧ୍ୟ ନିଜର ଦୈନନ୍ଦିନ ଖର୍ଚ୍ଚ ଭରଣା କରିବାକୁ ଡ଼ିଏମଏଫ ପାଣ୍ଠିକୁ ନିଜର ଖୋଲା ତିଜୋରୀ ଭାବେ ବ୍ୟବହାର କରିଥିବା ଜଣାପଡିଛି । ରାୟଗଡ଼ା ସର୍କିଟ୍ ହାଉସର ରଙ୍ଗକାର୍ଯ୍ୟ, ଷ୍ଟେନଲେସ୍ ଷ୍ଟିଲ୍ ରେଲିଂ ଓ ବିଦ୍ୟୁତ କାର୍ଯ୍ୟ ନାମରେ ୮.୪୭ ଲକ୍ଷ ଖର୍ଚ୍ଚ ହୋଇଥିବା ବେଳେ ପୋଲିସ ବିଭାଗ ଚାନ୍ଦିଲି ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଗାଡ଼ି ପାର୍କିଂ ସେଡ୍ ପାଇଁ ୧୫ ଲକ୍ଷ ଏବଂ ପୋଲିସ କଲ୍ୟାଣ ମଣ୍ଡପ ତଥା ମହିଳା ୱେଲଫେୟାର ବିଲ୍ଡିଂ ପାଇଁ ୨୭ ଲକ୍ଷ ଖର୍ଚ୍ଚ କରିଛି । ଏପରିକି ପୋଲିସ ଗାଡ଼ିରେ ଡ୍ୟାସବୋର୍ଡ ମୋବାଇଲ୍ ଡିଭିଆର୍ କ୍ୟାମେରା ଲଗାଇବା ପାଇଁ ୪.୫ ଲକ୍ଷ ଏବଂ ଜିପିଏସ୍ ଟ୍ରାକର୍ ଲଗାଇବା ପାଇଁ ୧.୧୪ ଲକ୍ଷ ମଧ୍ୟ ଏହି ପାଣ୍ଠିରୁ ଖର୍ଚ୍ଚ କରାଯାଇଛି । ସେହିପରି ପୀତାମହଲଠାରେ ସିନ୍ଥେଟିକ୍ ଟ୍ରାକ୍ ଓ ବାସ୍କେଟବଲ୍ କୋର୍ଟ ଥିବା ମିନି ଷ୍ଟାଡିୟମ ପାଇଁ ୧୦ ଲକ୍ଷ, କୁମୁଟିପେଣ୍ଟା ମାର୍କେଟ କମ୍ପ୍ଲେକ୍ସ ପାଇଁ ୧୦ ଲକ୍ଷ ଏବଂ ଅନିଜା ଗ୍ରାମରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ୬୨.୭୦ ଲକ୍ଷ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପାଇଁ ୩୭.୫୦ ଲକ୍ଷ ର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଲାଗି ତିନୋଟି ବୋଲେରୋ ଆଦି ପାଇଁ ଅର୍ଥ ମଞ୍ଜୁର ହୋଇଥିବା ଜଣାପଡିଛି । ତେବେ ଗତ ଅକ୍ଟୋବର ରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନବମ ଟ୍ରଷ୍ଟ ବୋର୍ଡ ବୈଠକରେ ଏ ସବୁ ଉପରେ କୋରାପୁଟ ସାଂସଦ ସପ୍ତଗିରି ଉଲାକା ଏବଂ ରାୟଗଡ଼ା ବିଧାୟକ କାଡ୍ରାକା ଆପାଲା ସ୍ୱାମୀ ଅସନ୍ତୋଷ ପ୍ରକାଶ କରିଥିଲେ ଓ ଯାହା ପରେ ୨୦୨୩-୨୪ ଆର୍ଥିକ ବର୍ଷର କାର୍ଯ୍ୟ ଆରମ୍ଭ ହୋଇ ନଥିବା ମୋଟ ?୯.୩୦୮ କୋଟି ମୂଲ୍ୟ ର ୧୦୧ ଟି ବେଆଇନ ପ୍ରକଳ୍ପ କୁ ସମ୍ପୂର୍ଣ୍ଣ ରୂପେ ବାତିଲ୍ ଘୋଷଣା କରାଯାଇଥିଲା । ଏଥି ସହ ସମସ୍ତ ନିର୍ବାହୀ ଯନ୍ତ୍ରୀ ଓ ଏଜେନ୍‌ସିଙ୍କୁ ଆଗୁଆ ନେଇଥିବା ଅର୍ଥକୁ ସୁଧ ସହିତ ଡ଼ିଏମଏଫ ଆକାଉଣ୍ଟକୁ ତୁରନ୍ତ ଫେରସ୍ତ କରିବା ପାଇଁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା ଓ ସେହିପରି ଗ୍ରାମ ସଭାର ଅନୁମୋଦନ ବିନା କୌଣସି କାର୍ଯ୍ୟ ନକରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା । ଗୃହ ରେ ସିଏଜି ରିପୋର୍ଟ ଉପସ୍ଥାପନ ହେବା ପରେ ଏହି ପାଣ୍ଠି କୁ ନେଇ ହୋଇଥିବା ଅନିୟମିତତା ଚର୍ଚ୍ଚା ମଧ୍ୟରେ ରାୟଗଡା ଜିଲ୍ଲା ରେ ମଧ୍ୟ ଉକ୍ତ ପାଣ୍ଠି ର ପରିଚାଳନାଗତ ତ୍ରୁଟି ଚର୍ଚ୍ଚା ର କେନ୍ଦ୍ର ବିନ୍ଦୁ ପାଲଟିଥିବା କୁହାଯାଉଛି ।

◆ ଖଣି ପ୍ରଭାବିତଙ୍କ ପାଣ୍ଠିରେ ବାବୁଙ୍କ ଆଭିଜାତ୍ୟର ଛାପ !

◆ ଡ଼ିଏମଏଫରୁ ଡାକ ବଙ୍ଗଳା, ସର୍କିଟ ହାଉସ, ରିସର୍ଟ ରାସ୍ତା, କଫି ମିଶନ ପାଇଁ ଖର୍ଚ୍ଚ

◆ ୯.୩୦ କୋଟିର ୧୦୧ କାର୍ଯ୍ୟାଦେଶ ରଦ୍ଦ କଲେ ଜିଲ୍ଲାପାଳ

## ଗାନ୍ଧୀଜୟନ୍ତୀରେ କାକଟପୁର ପୋଲିସର ମେଗାରକ୍ତଦାନ ଶିବିର

କାକଟପୁର, ୨/୧୦(ଅକ୍ଷର ଓଡ଼ିଶା) ରକ୍ତଦାନ ମହତଦାନ ଆସନ୍ତୁ ଗଢିବା ରକ୍ତ ସମ୍ପର୍କ । ଏହି ମହତ ଉଦ୍ଦେଶ୍ୟକୁ ନେଇ ପୁରୀ ଜିଲ୍ଲା କାକଟପୁର ପୋଲିସ ତରଫରୁ ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ରେ ସମାଜ କଲ୍ୟାଣ ପାଇଁ ଦିନଟିଏ. ଉକ୍ତ ଦିନରେ ମେଗାରକ୍ତଦାନ ଶିବିର. ପ୍ରତ୍ୟେକ ବର୍ଷ ଥାଲସେମିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ହେଉଥିବା ବେଳେ ଅନ୍ୟ ପଟେ ପ୍ରତ୍ୟେକ ମୁହୂର୍ତ୍ତ ରେ ରାଜ୍ୟ ରେ କିଛି ନା କିଛି ବ୍ୟକ୍ତି ଙ୍କ ପାଇଁ ରକ୍ତ ର ଆବଶ୍ୟକ ପଡୁଛି, ଲୋକଙ୍କର ଏହି ରକ୍ତ ଆବଶ୍ୟକ କୁ ପୂରଣ କରିବା ପାଇଁ କାକଟପୁର ଥାନା ଅଧିକାରୀ ବସନ୍ତ ସାହୁଙ୍କ ନେତୃତ୍ୱ ରେ ଆଜି କରାଯାଇଛି ମେଗା ରକ୍ତଦାନ ଶିବିର । ଏହି କାର୍ଯ୍ୟକୁ ଉଦ୍‌ଘାଟନ କରିଛନ୍ତି ପୁରୀ ଜିଲ୍ଲା ଆରକ୍ଷୀ ଅଧକ୍ଷ ପ୍ରତୀକ ଗୀତା ସିଂ, ପୁରୀ ଜିଲ୍ଲା ଅତିରିକ୍ତ ଏସପି ସଚିନ ପଟେଲ, ନିମାପଡା ଏସଡ଼ିପିଓ ଜନାର୍ଦ୍ଦନ ପାଢ଼ୀ ଉପସ୍ଥିତ ଥିଲେ, କାକଟପୁର ପୋଲିସ ଓ ବୁଦ୍ଧିଜୀବୀ ମାନଙ୍କ ତରଫରୁ ଜିଲ୍ଲା ଏସପି ଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯିବା ସହ ଭବ୍ୟ ସ୍ୱାଗତ କରାଯାଇଥିଲା ।ଆଜିର ପବିତ୍ର ଦିନ ରେ କାକଟପୁର ପୋଲିସ ର ଏହି କାର୍ଯ୍ୟ କୁ ପୁରୀ ଜିଲ୍ଲା ଏସପି ପ୍ରତୀକ ଗୀତା ସିଂ ପ୍ରଶଂସା କରିବା ସହ ରକ୍ତ ଦାତା ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି. ଏହି ରକ୍ତଦାନ ଶିବିର ରେ ଅନେକ ବୁଦ୍ଧିଜୀବୀ, ଛାତ୍ର ଛାତ୍ରୀ, ସାମ୍ବାଦିକ,ରାଜନେତା ମାନେ ଏକତ୍ରିତ ହୋଇ ରକ୍ତଦାନ କରିଥିଲେ, ସର୍ବମୋଟ ୧୦୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ନେଇ କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁ ଗଣମାଧ୍ୟମ କୁ ସୂଚନା ପ୍ରଦାନ କରିଛନ୍ତି ।

## ଭବାନୀ ପାଟଣାରେ ଜିଲ୍ଲା ସ୍ତରୀୟ ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ

ଭବାନୀପାଟଣା, ୨/୧୦ (ରାମ କୁମାର ସେନାପତି) : କଳାହାଣ୍ଡି ଜିଲ୍ଲା ସଦର ମହକୁମା ଗାନ୍ଧୀ ପାର୍କ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନ ମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇ ଯାଇ ଥିଲା, ସକାଳେ ପ୍ରଭାତ ଫେରି ଓ ରାମ ଧେନୁ ଆରମ୍ଭ କରିଥିଲେ, ଏହି କାର୍ଯ୍ୟ କ୍ରମରେ ଜିଲ୍ଲା ସ୍ତରୀୟ ପଦାଧିକାରୀ ଓ ବୁଦ୍ଧିଜୀବୀ ଓ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ, ଓ ମହା ପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ମାଲ୍ୟାର୍ପଣ କରିଥିଲେ, ଓ ଦେଶ ଗଠନରେ ତାଙ୍କ ଆଦର୍ଶଙ୍କୁ ଆପଣାଇବା ପାଇଁ ସଂକଳ୍ପ କରି ଥିଲେ, ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁକ୍ତ ତନ୍ମୟ କୁମାର ଦରୱାନ, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ଡ, ଉମେଶ ଚନ୍ଦ୍ର ଶତପଥୀ, ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧା କାନ୍ତ ଛତ୍ରି, ସଞ୍ଚୟ ଏବଂ ଆର୍ଥିକ ସେବା ସହ ନିର୍ଦ୍ଦେଶକ ବିବେକାନନ୍ଦ ମହାନନ୍ଦ, ଯୋଜନା ଓ ସମନ୍ୱୟ ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତ, ପ୍ରମୁଖ ଉପସ୍ଥିତ ଥିଲେ, ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ ଗାନ୍ଧିଜୀଙ୍କ ଅହିଂସା ସତ୍ୟ, ଓ ଶାସ୍ତ୍ରୀଜୀଙ୍କ ତ୍ୟାଗ ଓ ସାଧୁତାର ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ତଥା ଦେଶ ପାଇଁ ସମାଜର



ପ୍ରଗତିରେ ନିଷ୍ଠା ସହିତ ସହଭାଗୀ ହେବା ପାଇଁ ଆହ୍ୱାନ ଦେଇଥିଲେ, ଏହି ଅବସରରେ ଭାତୃଭାବ ଓ ଶାନ୍ତିରଓ ଅହିଂସାର ବାର୍ତ୍ତା ନେଇ ସର୍ବ ଧର୍ମକୁ ସମ୍ମାନ ଜଣାଇ ଥିଲେ, ଜୟନ୍ତୀ ଉପଲକ୍ଷେ ବିଭିନ୍ନ ହାଇସ୍କୁଲ ଛାତ୍ର ଛାତ୍ରୀ ଙ୍କ ପ୍ରତି ଯୋଗିତାର କୃତି ପ୍ରତିଯୋଗିତା ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ, ଆଜିର କାର୍ଯ୍ୟ କ୍ରମକୁ ଜିଲ୍ଲା ସୁଚନା ଓ ଲୋକ ସଂପର୍କ ଅଧିକାରୀ ମନୋଜ କୁମାର ବେହେରାସଂଯୋଜନା ଓ ପରି ଚାଳନା କରିଥିଲେ, କାର୍ଯ୍ୟ କ୍ରମରେ ବହୁ ସଂଖ୍ୟକ ଭାବେ ଛାତ୍ର ଛାତ୍ରୀ, ସେଚ୍ଛାସେବୀ, ବୁଦ୍ଧି ଯିବି, ଓ ଗଣ ମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ୧୧ ମାସ ହେଲା ଭତ୍ତାରୁ ବଞ୍ଚିତ ଦୃଷ୍ଟିଶକ୍ତିହୀନ ବୃଦ୍ଧ

ନୂଆପଡ଼ା, ୦୨/୧୦ (ଅକ୍ଷର ଓଡିଶା) : ଖଡ଼ିଆଳ ବ୍ଲକ ଅନ୍ତର୍ଗତ ରଷିଗାଁ ପଞ୍ଚାୟତର ନରସିଂହପୁର ଗ୍ରାମର ବୃଦ୍ଧ ବିଶିକେଶନ ବନଛୋର ଗତ ୧୧ ମାସ ଧରି ବାର୍ଦ୍ଧକ୍ୟ ଭତ୍ତା ପାଇନଥିବା ଅଭିଯୋଗ କରିଛନ୍ତି । ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ଭତ୍ତା ହିଁ ତାଙ୍କ ଜୀବନଧାରଣର ମୁଖ୍ୟ ଆଧାର ହୋଇଥିବା ବେଳେ ଦୀର୍ଘଦିନ ଧରି ଭତ୍ତା ବନ୍ଦ ରହିବାରୁ ସେ ଓ ତାଙ୍କ ପରିବାର ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ବିଶିକେଶନଙ୍କ ବୟସ ୮୦ ବର୍ଷରୁ ଅଧିକ ହୋଇଥିବା ବେଳେ ସେ ଦୃଷ୍ଟିଶକ୍ତି ମଧ୍ୟ ହରାଇଛନ୍ତି । ଏପରି ଅବସ୍ଥାରେ ନିୟମିତ ଭତ୍ତା ନ ମିଳିବା ତାଙ୍କ ଜୀବନଯାପନକୁ ଆହୁରି କଷ୍ଟକର କରିଦେଇଛି । ସମସ୍ୟାର ସମାଧାନ ଦାବି କରି ସେ ଦୃଷ୍ଟିଶକ୍ତିହୀନ ଅବସ୍ଥାରେ ବହୁ କଷ୍ଟରେ ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟକୁ ଆସି ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ବିଶିକେଶନ କହିଛନ୍ତି ଯେ, ଭତ୍ତା ବନ୍ଦ ହେବା ପରେ ସେ ଅନେକ ଥର ବ୍ୟାଙ୍କକୁ ଯାଇ କେୱାଇସି ଅପଡେଟ୍ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ବର୍ତ୍ତମାନ ସେ ତାଙ୍କ ପତ୍ନୀ ନେପୁର ବନଛୋରଙ୍କ ମାସିକ ଭତ୍ତା ଉପରେ ନିର୍ଭର କରି ଜୀବନ ବିତାଉଛନ୍ତି । ତାଙ୍କ ଚିକିତ୍ସା ଓ ଔଷଧ ଖର୍ଚ୍ଚ ବହନ କରିବା ଦୁଇ ପ୍ରାଣୀଙ୍କ ପାଇଁ ଏବେ ବଡ଼ ଚିନ୍ତାର କାରଣ ପାଲଟିଛି । ବିଶିକେଶନ ବନଛୋର ତାଙ୍କର ବକେୟା ଭତ୍ତା ତୁରନ୍ତ ପ୍ରଦାନ କରିବା ସହ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ ଅଧିକ ଭତ୍ତା ଯୋଜନାରେ ସାମିଲ କରିବାକୁ ବ୍ଲକ ପ୍ରଶାସନ ନିକଟରେ ଦାବି କରିଛନ୍ତି । ଏହି ଘଟଣାକୁ ନେଇ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି । ଏ ସମ୍ପର୍କରେ ଖଡ଼ିଆଳ ବିଡିଓ ମିଳନ କୁମାର ଝାଙ୍କରଙ୍କୁ ପଚରାଯାଇଥିବା ବେଳେ ସେ କହିଛନ୍ତି ଯେ, ଘଟଣାର ଯାଞ୍ଚ କରାଯାଇ ଅତିଶୀଘ୍ର ବିଶିକେଶନଙ୍କ ଭତ୍ତା ପ୍ରଦାନ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ ।



## ଗୋବରାରେ ବିଶ୍ୱଭାରତୀ ଓ ରୋଟାରୀ କ୍ଲବର ସ୍ୱଚ୍ଛତା ଅଭିଯାନ

ବେଲଗୁଣ୍ଠା, ୨/୧୦: ଗାନ୍ଧୀ ଜୟନ୍ତୀ ଅବସରରେ ବିଶ୍ୱଭାରତୀ ଓ ଭଞ୍ଜନଗର ରୋଟାରୀ କ୍ଲବ ପକ୍ଷରୁ ଗୋବରା ଗ୍ରାମରେ ସ୍ୱଚ୍ଛତା ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି । ବିଶ୍ୱଭାରତୀ ପରିସରରୁ ଅଭିଯାନ ଆରମ୍ଭ ହୋଇ ଗ୍ରାମର ବିଭିନ୍ନ ମନ୍ଦିର, ରାସ୍ତାପାର୍ଶ୍ୱ ଆଦି ସଫେଇ କରାଯାଇଥିଲା । ଏହାପରେ ଗୋବରା ଗ୍ରାମ ପରିକ୍ରମା କରାଯାଇଥିଲା । ଦୋକାନୀମାନଙ୍କୁ ପଲିଥିନ ବ୍ୟବହାର ନକରି କପଡ଼ା ବ୍ୟାଗ ବ୍ୟବହାର କରିବାକୁ ସଚେତନ କରାଯାଇଥିଲା । ପରେ ମହାତ୍ମା ଗାନ୍ଧୀ ଓ ବାଞ୍ଛାନିଧି ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଅତିଥି ଓ ସଦସ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଭଞ୍ଜନଗର ରୋଟାରୀ କ୍ଲବ ସଭାପତି କେ. ସଞ୍ଜୀବ କୁମାର ଚୌଧୁରିଙ୍କ ନେତୃତ୍ୱରେ ଏହି ଅଭିଯାନ ହୋଇଥିଲା । ବିଶ୍ୱଭାରତୀ ଅଧ୍ୟକ୍ଷ କୁଞ୍ଜ ବିହାରୀ ନାୟକ,କ୍ଲବ ସଦସ୍ୟ ପ୍ରଶାନ୍ତ କୁମାର ରାଜୁ ଓ ଦିଲ୍ଲୀପ କୁମାର ରାଜୁ ସହଯୋଗ କରିଥିଲେ ।ଅରବିନ୍ଦ ଶିକ୍ଷାକେନ୍ଦ୍ର ଓ ବାସୁଦେବପୁର ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଭିଯାନରେ ସାମିଲ ହୋଇଥିଲେ । ଗୋବରା ସମିତି ସଭ୍ୟ ବିଭୁପାଦ ଜେନା, ସମାଜସେବୀ ଶୂଳପାଣି ଶତପଥୀ, ରାମଚନ୍ଦ୍ର ବିଶ୍ୱାଳ, ଶିକ୍ଷାବିତ୍ ରାମକୃଷ୍ଣ ପାତ୍ର, ସାହିତ୍ୟିକ ଗୋପାଳ ଚନ୍ଦ୍ର ଲେଙ୍କା, ଶ୍ରୀ କପିଳେଶ୍ୱର ଯୁବକ ସଂଘ ସଭାପତି ସବ୍ୟସାଚୀ ନାୟକ, ଉପସଭାପତି କୃଷ୍ଣ ଚନ୍ଦ୍ର ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ରାଜୁ, ସନ୍ତୋଷ କୁମାର ମହାରଣା,ଗଜଲକ୍ଷ୍ମୀ ପୂଜା କମିଟି ସଦସ୍ୟ ବିଶ୍ୱଜିତ୍ ସାହାଣୀ, ଅଜିତ୍ କୁମାର ମହାରଣା, ବାଲ୍ମୀକି ପାଢ଼ୀ, ରାଧା ସ୍ୱାମୀ ରାଜୁ, ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସାମଲ, ସନ୍ତୋଷ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ର ଶେଖର ପଣ୍ଡା, ଶିକ୍ଷକ ମହେଶ୍ୱର ରାଉତ, ଦିଲ୍ଲୀପ କୁମାର ରାଜୁ, ସନ୍ତୋଷ କୁମାର ସାହୁ, ଡାକ୍ତର ପିନାକୀ ରଥ, ଡାକ୍ତର ପପୁନ୍ କୁମାର ସାହୁ ଓ ପଞ୍ଚାନନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଅଭିଯାନକୁ ସହଯୋଗ କରିଥିଲେ । ସ୍ୱଚ୍ଛ ଗ୍ରାମ ଗଠନ ସହ ପ୍ଲାଷ୍ଟିକମୁକ୍ତ ପରିବେଶ ପାଇଁ ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦିଆଯାଇଥିଲା ।

## ମୃତ୍ୟୁ ସହିତ ସଂଘର୍ଷ ପରେ ଚାଲିଗଲେ ବ୍ୟଙ୍ଗ କବି ଆର୍ତ୍ତତ୍ରାଣ ମିଶ୍ର



ନୟାଗଡ଼, ୦୨/୧୦ (ଅକ୍ଷର ଓଡ଼ିଶା) : ୬ ଦିନ ଧରି ମୃତ୍ୟୁ ସହିତ ସଂଘର୍ଷ ପରେ ସବୁଦିନ ପାଇଁ ଚିର ନିଦ୍ରାରେ ବ୍ୟଙ୍ଗ କବି ଆର୍ତ୍ତତ୍ରାଣ ମିଶ୍ର । ଗତ ୨୬ ତାରିଖ ସନ୍ଧ୍ୟାରେ ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ କିଶୋର ପ୍ରସାଦ ଗ୍ରାମର ସୁଶାନ୍ତ କୁମାର ପୃଷ୍ଟି ଏବଂ ଆର୍ତ୍ତତ୍ରାଣ ମିଶ୍ର ଗୋଟିଏ ବାଇକରେ ନିଜ ଘରକୁ ଯାଉଥିବା ବେଳେ କାଳିଆପଡା ଛକ ଠାରେ ଦୁର୍ଘଟଣାର ଶିକାର ହୋଇଥିଲେ । ଉଭୟଙ୍କୁ ଗ୍ରାମବାସୀଙ୍କ ସହଯୋଗରେ ଗଣିଆ ମେଡ଼ିକାଲକୁ ଅଣାଯାଇଥିଲା । ସେଠାରେ ସୁଶାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଗୁରୁତର ଆର୍ତ୍ତତ୍ରାଣଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ତେବେ ୬ ଦିନ ଧରି ମୃତ୍ୟୁ ସହିତ ସଂଘର୍ଷ କରି ଚିକିତ୍ସାଧିନ ଥିବା ଗଣିଆ ବ୍ଲକ କିଶୋର ପ୍ରସାଦର ସମସ୍ତଙ୍କର ପ୍ରିୟ ଆର୍ତ୍ତତ୍ରାଣ ମିଶ୍ରଙ୍କ ଗୁରୁବାର ରାତିରେ ପରଲୋକ ଘଟିଛି । ଓଡିଶା କଳାକାର ଜଗତରେ ଗୋଟିଏ ଅପୂରଣୀୟ କ୍ଷତି ଘଟିଛି । ନୟାଗଡ ଜିଲ୍ଲାର ଜଣେ ବରିଷ୍ଠ ବ୍ୟଙ୍ଗ କବି ହିସାବରେ ସେ ବେଶ୍ ଜଣାଶୁଣା ଥିଲେ । ତାଙ୍କ ମୃତ୍ୟୁରେ ଅତ୍ୟନ୍ତ ମର୍ମାହତ ହୋଇଛନ୍ତି ତାଙ୍କର ସାଥି କଳାକାର ରବିନ୍ଦ୍ର କୁମାର ରାଉତ । ତାଙ୍କର ଅକାଳ ମୃତ୍ୟୁରେ ପରିବାରରେ ଦୁଇପୁଅ ଏବଂ ଧର୍ମପତ୍ନୀଙ୍କ ଆଖିରୁ ଲୁହ ଶୁଖୁନି । ମହାପ୍ରଭୁ କାହାକୁ ଏଭଳି ଦୁଃଖ ନ ଦିଅନ୍ତୁ । ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପୁରୀ ସର୍ଗ ଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ତାଙ୍କ ମରଶରୀରକୁ ଦେଖିବା ପାଇଁ ପୁରୀରେ ଅନେକ କଳାକାର, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ମହାସମାରୋହରେ ପାଳିତ

ନୂଆପଡ଼ା, ୦୨/୧୦( ଅକ୍ଷର ଓଡିଶା) : ନୂଆପଡା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀ ଏବଂ ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ୧୨୨ତମ ଜୟନ୍ତୀ ସ୍ଥାନୀୟ ଗାନ୍ଧୀ ପ୍ରମୋଦ ଉଦ୍ୟାନ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲ୍ଲା ପରିଷଦ ସଦସ୍ୟ ମଲ୍ୟବନ୍ତ ସୁନା, ଭାନୁ ପ୍ରତାପ ସିଂହ ମାଝୀ, ମୁରଲୀଧର ଭୋଇ ଓ ଅବନୀ ରଞ୍ଜନ ଯୋଶୀଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ବିଶିଷ୍ଟ ବ୍ୟକ୍ତିବିଶେଷ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନେ ଗାନ୍ଧୀ ପ୍ରମୋଦ ଉଦ୍ୟାନ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଏବଂ ଲାଲବାହାଦୁର



ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଅହିଂସା, ସ୍ୱଚ୍ଛତା ଓ ମାନବିକତାର ଆଦର୍ଶ ତଥା ଲାଲବାହାଦୁର ଶାସ୍ତ୍ରୀଙ୍କ ସରଳତା, ନିଷ୍ଠା, ଶୃଙ୍ଖଳା, ଜାତିପ୍ରୀତି ଓ ଦେଶପ୍ରେମର ଆଦର୍ଶକୁ ଏହି ଅବସରରେ ସ୍ମରଣ କରାଯାଇଥିଲା । ସମାରୋହରେ ଉଦ୍‌ବୋଧନ ଦେଇ ଜିଲ୍ଲାପାଳ ଶ୍ରୀ ଦାଶ କହିଥିଲେ ଯେ, ଗାନ୍ଧୀଜୀଙ୍କ ବିଚାର ଓ ଆଦର୍ଶ ଆଜି ମଧ୍ୟ ପ୍ରାସଙ୍ଗିକ । ବର୍ତ୍ତମାନ ସମୟରେ ଗାନ୍ଧୀବାଦକୁ ଆପଣାଇବା ସହ ତାଙ୍କ ଆଦର୍ଶକୁ ନିଜ ଜୀବନରେ ଅନୁକରଣ କରିବା ହିଁ ଗାନ୍ଧୀଜୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ । ସତ୍ୟ, ଅହିଂସା, ସ୍ୱଚ୍ଛତା, ସରଳ ଜୀବନଯାପନ ଓ ମାନବିକ ମୂଲ୍ୟବୋଧକୁ ଜୀବନରେ ଧାରଣ କରି ସମାଜରେ ଶାନ୍ତି, ସଦ୍ଭାବନା ଓ ଭାଇଚାରା ପ୍ରତିଷ୍ଠା ପାଇଁ ସେ ଆହ୍ୱାନ ଦେଇଥିଲେ । ଏଥିସହ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୀବନରୁ ଜାତିପ୍ରୀତି, ଦେଶପ୍ରେମ, ନିଷ୍ଠା ଓ କର୍ତ୍ତବ୍ୟପରାୟଣତାର ଶିକ୍ଷା ଗ୍ରହଣ କରିବାକୁ ସେ କହିଥିଲେ । ସମାରୋହରେ ଉପସ୍ଥିତ ବକ୍ତାମାନେ ଗାନ୍ଧୀଜୀଙ୍କ ଜୀବନ ଓ ଆଦର୍ଶ ଉପରେ ଆଲୋକପାତ କରିବା ସହ ସତ୍ୟ ଓ ଅହିଂସାର ମାର୍ଗ ଅନୁସରଣ କରି ସମାଜରେ ଶାନ୍ତି, ସଦ୍ଭାବନା ଓ ମାନବିକତା ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଥିଲେ । ଏଥିସହ ଶାସ୍ତ୍ରୀଜୀଙ୍କ ଜାତିପ୍ରୀତି ଓ ଦେଶପ୍ରେମ ସହ ଦେଶ ଗଠନରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅତିଥିମାନେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧିର ବାର୍ତ୍ତା ଦେଇଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ବଡ଼େଇ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସମ୍ବଳ ସଂଯୋଜକ ଅନୀଲ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ ଓ ବିଭାଗୀୟ କର୍ମଚାରୀମାନେ ସମଗ୍ର କାର୍ଯ୍ୟକ୍ରମର ସୁଚାରୁ ଓ ସଫଳ ଆୟୋଜନରେ ସହଯୋଗ କରିଥିଲେ ।

ଅକ୍ଷର
AKHYARA ODISHA ଓଡ଼ିଶା

# ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

## ନୂତନ ପ୍ରଧାନଶିକ୍ଷକ ଦୀପ୍ତି ରଞ୍ଜନ ପୃଷ୍ଟିଙ୍କୁ ସମ୍ବର୍ଦ୍ଧନା,ସୁନିତା ବେହେରାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କଲେ ନୂତନ ମୁଖ୍ୟ

ଗଁଦିଆ, ୨/୧୦( ବେତୁଜୀ ପ୍ରସାଦ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଜାତିର ଜନକ ମହାତ୍ମା ଗାନ୍ଧୀ ଏବଂ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ବେଶ୍ ଉତ୍ସାହ ଓ ଗାମ୍ଭୀର୍ଯ୍ୟର ସହ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରାଙ୍ଗଣରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ବକ୍ତାମାନେ ଗାନ୍ଧୀଜୀଙ୍କ ସତ୍ୟ, ଅହିଂସା ଓ ସ୍ୱଚ୍ଛତାର ବାର୍ତ୍ତା ଏବଂ ଶାସ୍ତ୍ରୀଜୀଙ୍କ ସରଳତା, ଦେଶପ୍ରେମ ଓ କର୍ତ୍ତବ୍ୟନିଷ୍ଠା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀମାନେ ସେମାନଙ୍କ ଆଦର୍ଶକୁ ନିଜ ଦୈନନ୍ଦିନ ଜୀବନରେ ଅନୁସରଣ କରିବାକୁ ଅତିଥି ଓ ଶିକ୍ଷକମାନେ ପରାମର୍ଶ ଦେଇଥିଲେ।




ଏହି ପବିତ୍ର ଅବସରରେ ବିଦ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ପ୍ରଧାନ ଶିକ୍ଷକ ଶ୍ରୀ ଦୀପ୍ତି ରଞ୍ଜନ ପୃଷ୍ଟିଙ୍କୁ ବିଦ୍ୟାଳୟ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୁନିତା ବେହେରାଙ୍କ ଠାରୁ ବିଧିବଦ୍ଧ ଭାବେ ମୁଖ୍ୟ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରକୃତି ବନ୍ଧୁ ପୁରସ୍କାରପ୍ରାପ୍ତ ଶିକ୍ଷକ ମନୋଜ କୁମାର ମହାନ୍ତି କାର୍ଯ୍ୟକ୍ରମଟିକୁ ବେଶ୍ ସୁଚାରୁରୂପେ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ମନୋଜ କୁମାର ବଳିୟାରସିଂ, ସଞ୍ଜୟ କୁମାର ଜେନା, ମୌସୁମି ତାଣ୍ଡି, ସଞ୍ଜୁକ୍ତା ଦାସ, ବର୍ଷା ସେଠୀ, ରାଜଲକ୍ଷ୍ମୀ ଭୋଇ ଓ ହେମନ୍ତ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ଉପସ୍ଥିତ ସମସ୍ତେ ଶାନ୍ତି, ଏକତା, ସ୍ୱଚ୍ଛତା ଏବଂ ଦେଶସେବାର ଦୃଢ଼ ସଂକଳ୍ପ ନେବା ସହ କାର୍ଯ୍ୟକ୍ରମର ସଫଳ ଉଦ୍‌ଯାପନ ହୋଇଥିଲା।

# ଢେଙ୍କାନାଳରେ ପାଳିତ ହେଲା ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ




ଢେଙ୍କାନାଳ, ୨/୧୦ (ବିଜ୍ଞାନ ମହାନ୍ତି )ସ୍ଥାନୀୟ କଲ୍ୟାଣ ମଣ୍ଡପ, ଗୁଡିଆନାଳି ଠାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ-୨୦୨୬ ପାଳିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ସମ୍ମାନର ସହ ବଞ୍ଚିବାକୁ ଦେବା ଓ ତାଙ୍କର ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ଦେଇ ଜିଲ୍ଲା ତଥା ସମସ୍ତ ଉପଖଣ୍ଡ ଓ ବ୍ଲକ ସ୍ତରରେ ଏହି ଦିବସ ପାଳନ କରାଯାଇ ବରିଷ୍ଠ ନାଗରିକଙ୍କ ସାମାଜିକ, ଆର୍ଥିକ, ସ୍ୱାସ୍ଥ୍ୟଗତ ଓ ଆଇନଗତ ସୁରକ୍ଷା ପାଇଁ କାର୍ଯ୍ୟକ୍ରମ ହେଉଛି ବୋଲି କହିଥିଲେ। ପ୍ରାତଃ ସମୟରେ ଉପଜିଲ୍ଲାପାଳ ପଦ୍ମ ଚରଣ ସାହୁ ଯୋଗ ଶିବିରକୁ ଉଦଘାଟନ କରିଥିଲେ। ଆର୍ଟ ଅଫ ଲିଭିଙ୍ଗ ଫାଉଣ୍ଡେସନ ତତ୍ତ୍ୱାବଧାନରେ ବରିଷ୍ଠ ନାଗରିକମାନେ ଯୋଗାଭ୍ୟାସ କରିଥିଲେ। ପୂର୍ବାହ୍ନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ କରାଯାଇଥିଲା। ଏଥିସହ ଆର୍ଥିକ ସୁରକ୍ଷା, ସାଇବର ସୁରକ୍ଷା, ଆଇନଗତ ସୁରକ୍ଷା ଏବଂ ବରିଷ୍ଠ ନାଗରିକ ନିର୍ଯାତନା ସଚେତନତା ଉପରେ ଆଲୋକପାତ କରାଯାଇଥିଲା। ବିଭିନ୍ନ ସ୍କୁଲ ଓ କଲେଜ ସ୍ତରୀୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା। ଜିଲ୍ଲା ପୋଲିସ ପକ୍ଷରୁ ବରିଷ୍ଠ ନାଗରିକ ପରିଚୟ ପତ୍ର ବଣ୍ଟନ ଓ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୂର୍ଯ୍ୟମଣି ପ୍ରଧାନ, ଡା. ସପନ କୁମାର ମହାନ୍ତି, ସାଇବର ସୁରକ୍ଷା ଇନସ୍ପେକ୍ଟର ଶଶୀ ଭୂଷଣ ବେହେରା, ଡିଏସପି ପ୍ରିୟ ରଞ୍ଜନ ନାୟକ, ଡିଆଇଜିଏମ ନଚିକେତା ସାହୁ, ବରିଷ୍ଠ ନାଗରିକ ମଞ୍ଚର ଦିପ୍ତିଷ ପ୍ରସାଦ ପଟ୍ଟନାୟକ, ବସନ୍ତ କୁମାର ପଟ୍ଟନାୟକ, ଯୋଗୀନାଥ ମହାନ୍ତି, ବିଶ୍ୱନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବନବିଭାଗ ଦ୍ୱାରା ଜନ୍ତୁମାଂସ ଜବତ



ଖଜୁରିଆକଟା ୨/୧୦(ନୀଳକଣ୍ଠ ଦାସ )ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନବିଭାଗ ବର୍ତ୍ତମାନ ଆକ୍ସନ ମୁଡ଼ରେ।ଖବରରୁ ପ୍ରକାଶ ହିନ୍ଦୋଳ ବନାଞ୍ଚଳ ରସୋଳ ସେକ୍ସନ ଅଂଚଳରେ ଜନ୍ତୁ ଶିକାର ହୋଇ ମାଂସ ଥିବା ଖବର ପାଇ ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀ ଙ୍କ ନିର୍ଦ୍ଦେଶ ଓ ନେତୃତ୍ୱରେ ଆଜି ସକାଳ ୧୧ଘ ରସୋଳ ଥାନା ଅଧୀନ ରସୋଳ ତଅଁଳା ସାହିରେ ଚଢ଼ାଉ କରି ନଟିଆ ବେହେରାଙ୍କ ପୁଅ ସିଲୁ ବେହେରା ଘରେ ଚଢ଼ାଉ କରି ୫କେଜି ଜଙ୍ଗଲ ଜନ୍ତୁମାଂସ ଜବତ କରିଥିଲେ। ତେବେ ଜନ୍ତୁ ଶିକାରୀ ସିଲୁ ବେହେରା ଫେରାର ହୋଇଯାଇଥିବାବେଳେ ତା ନାମରେ ଗିରଫ ପରୱାନା ଜାରି କରି ଧରିବାକୁ ଜୋରଦାର ଉଦ୍ୟମ କରୁଛି ବନବିଭାଗ ଏବଂ ଏଥିସହ ଜବତ ଜନ୍ତୁ ମାଂସ ଲାବ ଟେଷ୍ଟ ପାଇଁ ପଠାଇଦିଆଯାଇଥିବା ବନବିଭାଗ ସୂତ୍ରରୁ ପ୍ରକାଶ।ଦୈନନ୍ଦିନ କାଠ ଜବତ ସହ ଜନ୍ତୁ ମାଂସ ଜବତ ହେଉଛି ହେଲେବି କିଛି ଜଙ୍ଗଲ ମାଫିଆ ଏବେବି ସକ୍ରିୟ ଥିବାରୁ ଆଗକୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଚେତାବନୀ ଦେଇଛନ୍ତି ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀ ।

# ହିନ୍ଦୋଳରେ ଜନ ସମ୍ପର୍କ ପଦଯାତ୍ରା

ଖଜୁରିଆକଟା ୨/୧୦(ନୀଳକଣ୍ଠ ଦାସ)ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ବିଜୁ ଜନତା ଦଳ ହିନ୍ଦୋଳ ପକ୍ଷରୁ ରାଜ୍ୟ ବିଜେଡି ଅନୁସୂଚିତ ଜାତି ସଭାପତି ତଥା ରାଜ୍ୟ ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ମହେଶ ସାହୁ ଙ୍କ ନେତୃତ୍ୱରେ ହିନ୍ଦୋଳରେ ଜନ ସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ହୋଇଛି। ସକାଳ ଦଶ ଘଟିକା ସମୟରେ ରାଜସ୍ୱ ବଙ୍ଗଳା ହିନ୍ଦୋଳ ପରିସର ରୁ ଶାନ୍ତିପୂର୍ଣ ଭାବେ ବିରାଟ ଶୋଭାଯାତ୍ରାରେ ବାହାରି ଦାଣ୍ଡିଯାତ୍ରାର ପ୍ରତିମୂର୍ତ୍ତି ସ୍ଥାନରେ ମହାତ୍ମାଗାନ୍ଧୀ ଓ ସମସ୍ତ ସତ୍ୟାଗ୍ରହୀ ମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ପରେ ହିନ୍ଦୋଳ ବସଷ୍ଟାଣ୍ଡ ଛକରେ ଥିବା ଆଇନ ପ୍ରଣେତା ଡଃ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ଓ ହିନ୍ଦୋଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ମହାତ୍ମାଗାନ୍ଧୀ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ହିନ୍ଦୋଳ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ଛକ ପୂର୍ବତନ ମନ୍ତ୍ରୀ ତ୍ରିନାଥ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ପଦଯାତ୍ରାର ପରିସମାପ୍ତି ହୋଇଛି। ତେବେ ପଦଯାତ୍ରା ଆଜି ଠାରୁ ମାସେ ବ୍ୟାପୀ ହେବାକୁଥିବା ବେଳେ ବିଜୁ ଜନତା ଦଳ ପ୍ରତିଷ୍ଠା ହେବା ଦିନରୁ ମହାତ୍ମାଗାନ୍ଧୀ ଙ୍କ ବିଚାର ଧାରା କୁ ପାଥେୟ କରି ଓଡ଼ିଶା ର ସର୍ବାଙ୍ଗୀନ ଉନ୍ନତି ପାଇଁ ମାନ୍ୟବର ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ଙ୍କ ଆହ୍ୱାନ କ୍ରମେ ପ୍ରତେକ ବର୍ଷ ହେଉଥିବା ବେଳେ ଚଳିତ ବର୍ଷ ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ରେ ଗାନ୍ଧୀ ଜୟନ୍ତୀ ଦିବସରୁ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇ ଯାଇଛି।ଏହି ପଦଯାତ୍ରା ମାଧ୍ୟମରେ ଜନତାଙ୍କ ସମସ୍ୟା ସହିତ ଓତଃପ୍ରୋତଭାବେ ଜଡ଼ିତ ହୋଇ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବା ସହ ଜନସମ୍ପର୍କକୁ ସୁଦୃଢ଼ କରାଯିବ ବୋଲି ବିଜେଡି ନେତୃବୃନ୍ଦ ପ୍ରକାଶ କରିଛନ୍ତି। ଏହି ଜନସମ୍ପର୍କ ପଦଯାତ୍ରରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ, ଜିଲ୍ଲା ଛାତ୍ର ସଭାପତି ଆର୍ଯ୍ୟନ ଦାସ୍, ରାଜ୍ୟ ପରିଷଦ ସଦସ୍ୟ ଅଶୋକ ନାୟକ ,ରାଜ୍ୟ ମହିଳା ସାଧାରଣ ସମ୍ପାଦିକା ମମତା ସାହୁ, ହିନ୍ଦୋଳ ବ୍ଲକ୍ ବିଜେଡି ସଭାପତି ଦେବୀପ୍ରସାଦ ପଟ୍ଟନାୟକ, ଓଡ଼ାପଡ଼ା ବ୍ଲକ ଜଟି ନାଏକ, ଜିଲ୍ଲା ସାଧାରଣ ସମ୍ପାଦକ ଚକ୍ରଧର ଦାସ୍,ମହିଳା ସଭାନେତ୍ରୀ ଯୋଗମାୟା ଗଡ଼ନାୟକ, ହିନ୍ଦୋଳ ଏନ୍ ଏସି ସଭାପତି ପ୍ରଦ୍ୟୁମ୍ନ ବେହେରା, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସଙ୍କ ସହ ବିଜୁ ଜନତା ଦଳ ର ସମସ୍ତ ପଦାଧୀକାରୀ ଓ ବରିଷ୍ଠ ବିଜେଡି ନେତା ହେମନ୍ତ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ରବି ପରିଡା, ଜିଲ୍ଲା ସାଧାରଣ ସମ୍ପାଦିକା ଶୈଳନ୍ଦ୍ରୀ ଅମାନ୍ତ,ଙ୍କ ସମେତ ବିଭିନ୍ନ ପଞ୍ଚାୟତ ର ସରପଞ୍ଚ ସମିତିସଭ୍ୟଙ୍କ ସମେତ ଶହଶହ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

# ମାରୱାଡ଼ି ମହିଳା ମୋର୍ଚ୍ଚା ପକ୍ଷରୁ ଭାଗବତ ପାରାୟଣ ସପ୍ତାହ ଆରମ୍ଭ



ଢେଙ୍କାନାଳ,୦୨/୧୦(ସୁଶାନ୍ତ କୁମାର ପାଣୀ): ଢେଙ୍କାନାଳ ସହର କାରିଗର ସାହିସ୍ଥିତ ଅଭିନନ୍ଦନ ଗାର୍ଡେନଠାରେ ମାରୱାଡ଼ି ମହିଳା ମୋର୍ଚ୍ଚା ପକ୍ଷରୁ ଭାଗବତ ପାରାୟଣ ସପ୍ତାହ ଆରମ୍ଭ ହୋଇଯାଇଛି। ଗତ ୩୦ ତାରିଖ ବୁଧବାର ଠାରୁ ଆରମ୍ଭ ହୋଇଥିବା ଏହି ପାରାୟଣ ଆସନ୍ତା ୬ ତାରିଖ ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବ। ସେହିଦିନ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ଅନୁଷ୍ଠିତ ହେବ। ପ୍ରତିଦିନ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପାରାୟଣ ଚାଲିବ।ଏଥିରେ ବକ୍ତା ଭାବେ ସରସ ଦାସ ମହାରାଜ ଭାଗବତ ଉପରେ ପ୍ରବଚନ ପ୍ରଦାନ କରୁଛନ୍ତି। ପ୍ରବଚନ ଶୁଣିବା ପାଇଁ ସହରର ବହୁ ମହିଳା ଓ ପୁରୁଷ ବହୁ ସଂଖ୍ୟାରେ ଯୋଗ ଦେଉଛନ୍ତି। ମାରୱାଡ଼ି ମହିଳା ମୋର୍ଚ୍ଚାର ସଦସ୍ୟାମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ସୂଚାରୁରୂପେ ପରିଚାଳିତ ହେଉଛି।

# ବାଟଗାଁ ପଞ୍ଚାୟତରେ ଶିଶୁ ବିବାହ ମୁକ୍ତ ଗ୍ରାମସଭା ଅନୁଷ୍ଠିତ



ପରଜଙ୍ଗ,୨।୧୦(ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ବ୍ଲକ ଅନ୍ତର୍ଗତ ବାଟଗାଁ ଗ୍ରାମ ପଞ୍ଚାୟତରେ ଶିଶୁ ବିବାହ ନିରାକରଣ ଓ ଶିଶୁମାନଙ୍କ ସୁରକ୍ଷା ନିମନ୍ତେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।ଏହି ଆଲୋଚନାଚକ୍ର ରେ ସରପଞ୍ଚ ଅରୁଣ ପରିଡ଼ା, ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଖିଲ ନାୟକ,ଶିଶୁ ସମନ୍ୱୟ ସମିତି ଅଧିକାରିଣୀ ଜୟନ୍ତୀ ମହାପାତ୍ର, ପରିଦର୍ଶକ, ଅଙ୍ଗନବାଡ଼ି କର୍ମୀ ଏବଂ ସ୍ୱୟଂ ସହାୟିକ ଗୋଷ୍ଠୀ ସଦସ୍ୟମାନେ ଉପସ୍ଥିତ ରହି ଶିଶୁ ବିବାହ ରୋକିବା ପାଇଁ ସାମୂହିକ ପଦକ୍ଷେପ ଓ ସଚେତନତାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ।ବାଟଗାଁ ଗ୍ରାମ ପଞ୍ଚାୟତ ଅଧୀନ ସମସ୍ତ ଗ୍ରାମକୁ ଶିଶୁ ବିବାହ ମୁକ୍ତ ଗ୍ରାମ ଭାବେ ଗଢ଼ି ତୋଳିବା ପାଇଁ ଆଲୋଚନା ସଭାରେ ସାମୂହିକ ସଂକଳ୍ପ ନିଆଯାଇଥିଲା। ଶିଶୁ ବିବାହର କୌଣସି ଘଟଣା ସମ୍ପର୍କରେ ସୂଚନା ମିଳିଲେ ତୁରନ୍ତ ସମ୍ପୃକ୍ତ ବିଭାଗକୁ ଜଣାଇବା ସହିତ ଶିଶୁମାନଙ୍କ ଶିକ୍ଷା, ସୁରକ୍ଷା ଓ ଅଧିକାରକୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା।ଏହି କାର୍ଯ୍ୟକ୍ରମକୁ ସୁମିତ୍ରା ଦେହୁରୀ ସହଯୋଗ କରିଥିଲେ। ଶିଶୁ ବିବାହ ଭଳି ସାମାଜିକ ପ୍ରଥାକୁ ରୋକିବା ପାଇଁ ପଞ୍ଚାୟତ, ସରକାରୀ ବିଭାଗ, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟିକ ଗୋଷ୍ଠୀ ସଦସ୍ୟ ଏବଂ ସମୁଦାୟର ମିଳିତ ପ୍ରୟାସ ଆବଶ୍ୟକ ବୋଲି ଗ୍ରାମସଭାରେ ମତ ପ୍ରକାଶ ପାଇଥିଲା।

# ଲକ୍ଷ୍ମୀପ୍ରିୟା ଉଚ୍ଚବିଦ୍ୟାଳୟ ପୁରାତନ ଛାତ୍ର ସଂଘ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ




ଖଜୁରିଆ କଟା ୨/୧୦(ନୀଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ବଦାଲୋ ଗ୍ରାମପଞ୍ଚାୟତ ସ୍ଥିତ ବଦାଲୋ ଘୋଡାଡିଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୭ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଲକ୍ଷ୍ମୀପ୍ରିୟା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଙ୍ଘ ପକ୍ଷରୁ ସପ୍ତମତମ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ ହୋଇଥିଲା। ଯେଉଁଥିରେ ମୁଖ୍ୟଅତିଥି ଭାବରେ ଓଡାପଡା ବ୍ଲକ ଅଧକ୍ଷା ସସ୍ମିତାରାଣୀ ମହାନ୍ତି ଅନୁଷ୍ଠାନରେ ଉପସ୍ଥିତ ରହି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଫଟଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ଏବଂ ପ୍ରଦୀପ ପ୍ରଜ୍ୱଳନ କରି ରକ୍ତଦାନ ଶିବିରର ଉଦଘାଟନ କରିଥିଲେ। ଏବଂ ଉପାଧାକ୍ଷ ଅମିତାଭ ସ୍ୱାଇଁଙ୍କ ସମେତ ବଦାଲୋ ଗ୍ରାମ ପଞ୍ଚାୟତ ସରପଞ୍ଚ କ୍ରିଷ୍ଣା ମହାନ୍ତିଙ୍କ ଏବଂ ସମିତିସଭ୍ୟ ବାଉରୀବନ୍ଧୁ ନାୟକ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପ୍ରିୟମ୍ବଦା ଦାସ ଏବଂ ସହପାଠୀ ଶିକ୍ଷକ ରୁଦ୍ରମଣି ସାମଲ, ଶିକ୍ଷକ ଅରୁଣ ବେହେରାଙ୍କ ସମେତ ଛାତ୍ର ସଙ୍ଘ ସଭାପତି ସୁନୀଲି ରାଉତ ଏବଂ ଅଞ୍ଚଳର ବିଶିଷ୍ଟ ସମାଜସେବୀ ବିଘ୍ନେଶ ସାହୁ ଏବଂ ମାରୁତି ସେନା ସଭାପତି ବିକାଶ ଚନ୍ଦ୍ରବେହେରା ଯୋଗ ଦେଇ ରକ୍ତଦାତା ମାନଙ୍କୁ ଶୁଭେଚ୍ଛା ଜଣାଇ ଥିଲେ। ଢେଙ୍କାନାଳ ରକ୍ତ ଭଣ୍ଡାର ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଭଣ୍ଡାରର ଅଧିକାରୀ ସ୍ୱରୂପ ରଞ୍ଜନ ସାହୁଙ୍କ ଅଧକ୍ଷତାରେ ରକ୍ତଭଣ୍ଡାର କର୍ମଚାରୀ ପରମାନନ୍ଦ ପଣ୍ଡା, ରାକେଶ କୁମାର ବେହେରା ,ସୋମ୍ୟରଞ୍ଜନ ମହାନ୍ତି,ତପନ ଜେନା,ବରୁଣ ସାହୁ,ଆଦି ରକ୍ତ ସଂଗ୍ରହ କରାଯାଇଥିଲା ଯେଉଁଥିରେ ବହୁମୂଲ୍ୟ ୮୬ ୟୁନିଟି ରକ୍ତସଂଗ୍ରହ ହୋଇଛି । ଲକ୍ଷ୍ମୀପ୍ରିୟା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଙ୍ଘର ପ୍ରୟାସର ପ୍ରତିବର୍ଷ ଏହି ଭଳି କାର୍ଯ୍ୟକ୍ରମ ହୁଏ। ସେମାନେ କରୋନା ଭଳି ମହାମାରୀ ସମୟରୁ ଆଜି ପର୍ଯ୍ୟନ୍ତ ସାତ ବର୍ଷ ଧରି ଏମିତି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରି ଜିଲ୍ଲା ତଥା ରାଜ୍ୟରେ ବହୁ ସୁନାମ ଅର୍ଜନ କରିଥିବା କଥା ଛାତ୍ର ସଙ୍ଘ ସମ୍ପାଦକ ଗୋପବନ୍ଧୁ ବାରିକ ଜଣାଇଥିଲେ ଏବଂ ଏହିପରି ସାମାଜିକ ଅନୁଷ୍ଠାନ ଜୀବନ ବ୍ୟାପି ଚାଲୁ ରହିବ ବୋଲି କହିଥିଲେ ।

# ଫସଲ ସୁରକ୍ଷା ପାଇଁ ରାତି ଉଜାଗର ଚାଷୀ


କାମାକ୍ଷାନଗର ୦୨/୧୦(ଅକ୍ଷର ଓଡ଼ିଶା) : ଧାନ କ୍ଷେତରେ ହସୁଛି ସୁନାର ଫସଲ। ଆଉ ଏହି ଫସଲକୁ ରକ୍ଷା କରିବା ପାଇଁ ସନ୍ଧ୍ୟା ହେଲେ ଚାଷୀଙ୍କ ହାତରେ ନିଆଁହୁଳା। ହେଲେ, ମନରେ ବନ୍ୟପ୍ରାଣୀ ଆକ୍ରମଣର ଭୟ ବି ରହୁଛି। ଦିନସାରା କ୍ଷେତରେ ପରିଶ୍ରମ କରିବା ପରେ ରାତିରେ ଘରେ ବିଶ୍ରାମ ନେବା ବଦଳରେ ଧାନକ୍ଷେତ ଜଗିବାକୁ ବାହାରୁଛନ୍ତି ଚାଷୀ। ବାଁହା ଓ ହାତୀଙ୍କ ଭୟ ମଧ୍ୟରେ ନିଜ ଝାଳବୁହା ପରିଶ୍ରମର ଫସଲକୁ ସୁରକ୍ଷା ଦେବାକୁ ରାତି ଉଜାଗର ରହୁଛନ୍ତି କାମାକ୍ଷାନଗର ବ୍ଲକ୍ ଶିବୁଳାପଶି ଗ୍ରାମର ଚାଷୀ। ଶିବୁଳାପଶି ଗ୍ରାମର ଚାଷୀଙ୍କ କହିବା ଅନୁଯାୟୀ, ମାସ ମାସ ଧରି ଶ୍ରମ ଓ ଅର୍ଥ ଖର୍ଚ୍ଚ କରି ଧାନ ଫସଲ ଠିଆ କରିଛନ୍ତି। ଏବେ ଫସଲ ଅମଳ ସମୟ ପାଖେଇ ଆସୁଥିବାରୁ ବନ୍ୟପ୍ରାଣୀଙ୍କ ଭୟ ଆହୁରି ବଢ଼ିଛି। କେତେବେଳେ ହାତୀପଲ ଆସୁଛନ୍ତି ତ କେତେବେଳେ ବାଁହା ଧାନ କ୍ଷେତରେ ପଶି ଫସଲ ନଷ୍ଟ କରୁଛନ୍ତି। ଫଳରେ, ରାତିରେ କ୍ଷେତକୁ ଜଗିବାକୁ ଯିବା ଚାଷୀଙ୍କ ପାଇଁ ଏକପ୍ରକାର ବାଧବାଧକତା ପାଲଟିଛି।

# ରେଳ ଦୁର୍ଘଟଣାରେ ମୃତାହତଙ୍କ ପରିବାରଙ୍କୁ ଭେଟିଲେ ସାଂସଦ

ଖଜୁରିଆ କଟା ୨/୧୦(ନୀଳକଣ୍ଠ ଦାସ) ଓଡ଼ାପଡ଼ା ବ୍ଲକ ବଳରାମପ୍ରସାଦ ପଞ୍ଚାୟତ ଅଧୀନ ଗୋଡିଡିହି ଗ୍ରାମ ର ମାନସ ମହାରଣା ନାମକ ଯୁବକ ଟ୍ରେନ୍ ଦୁର୍ଘଟଣାରେ ମୃତ ବରଣ କରିଥିଲେ। ଏହି ଖବର ପାଇ ଢ଼େଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଆଜି ଗୋଡିଡିହି ଗ୍ରାମର ବିକ୍ରମ ମହାରଣାଙ୍କ ଘରକୁ ଯାଇ ଶୋକ ସନ୍ତପ୍ତ ପରିବାର କୁ ସମବେଦନା ଜଣାଇଥିଲେ। ଶୋକ ସନ୍ତପ୍ତ ପରିବାର କୁ ସରକାରୀ ସାହାଯ୍ୟ ନିମନ୍ତେ ଶ୍ରୀ ପାଣି ଢେଙ୍କାନାଳ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିବା ପରେ ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀ ରେଡକ୍ରସ ପାଣ୍ଠି ରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ାପଡ଼ା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେଶ କୁମାର ସାହୁ, ବିଜେପି ନେତା ରଣଜିତ୍ ନାୟକ , ମନୋଜ କୁମାର ମହାରଣା, ସହଦେବ ପୃଷ୍ଟି, ସନ୍ତୋଷ କୁମାର ନାଏକ, ପଙ୍କଜ ଲୋଚନ ଦାସ,ତପନ କୁମାର ମହାପାତ୍ର,ପ୍ରଦିପ କୁମାର ସାହୁ ଙ୍କ ସହିତ ଅନ୍ୟାନ୍ୟ କର୍ମୀ ଓ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।



# ୧୨୧ ୟୁନିଟ୍ ରକ୍ତ ସଂଗୃହୀତ



ପରଜଙ୍ଗ,୨।୧୦(ଅକ୍ଷର ଓଡ଼ିଶା): ପରଜଙ୍ଗ ବ୍ଲକ ସରାଙ୍ଗ ସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନ ପରିସରରେ ଏସ୍‌ଏସ୍‌ଜି କ୍ଲବ୍ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶୁକ୍ରବାର ଆୟୋଜିତ ହୋଇଯାଇଛି। ଶିବିରରେ ଏସ୍‌ଏସ୍‌ଜି କ୍ଲବ୍‌ର ସଭାପତି ଆନନ୍ଦ ଗୁପ୍ତାଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ଓ ଅନ୍ୟମାନେ ଉତ୍ସାହର ସହ ରକ୍ତଦାନ କରିଥିଲେ।ସଏହି ଅବସରରେ ଅନୁଷ୍ଠାନର ନିର୍ଦ୍ଦେଶକ ଡ଼ଃ ବିଭୁ ପ୍ରସାଦ ପାଣିଗ୍ରାହୀ, ଡିନ୍ ପ୍ରଣତି ଦାସ, ରୋଟାରୀ କ୍ଲବ୍ ତାଳଚେରର ସଭାପତି ହରେକୃଷ୍ଣ ପାତ୍ର, ତାଳଚେର ଉପଖଣ୍ଡ ଚିକିତ୍ସାଳୟର ଡ଼ଃ. ଅଶୋକ କୁମାର ବେହେରା ଏବଂ ଡି.କେ. ପାଢ଼ୀ, ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ମୋଟ ୧୨୧ ୟୁନିଟ୍ ର ରକ୍ତ ସଗ୍ରହ ହେଇଥିଲା ।ଅତିଥିମାନେ ରକ୍ତଦାନର ମହତ୍ତ୍ୱ ଓ ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିବା ସହ ଯୁବପିଢ଼ିଙ୍କୁ ନିୟମିତ ଭାବେ ସ୍ୱେଚ୍ଛାକୃତ ରକ୍ତଦାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏସ୍‌ଏସ୍‌ଜି କ୍ଲବ୍‌ର ସଦସ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ରକ୍ତଦାନ ଭଳି ମହତ୍ କାର୍ଯ୍ୟ ମାଧ୍ୟମରେ ସମାଜର ଆବଶ୍ୟକତା ସମୟରେ ଲୋକଙ୍କ ଜୀବନ ରକ୍ଷା କରାଯାଇପାରିବ ବୋଲି ଅତିଥିମାନେ କହିଥିଲେ।

# ପିଏମଶ୍ରୀ ନବୋଦୟ ବିଦ୍ୟାଳୟ ଓ ଗୋଷ୍ଠୀ ସହାଭାଗିତାରେ ବୃକ୍ଷ ରୋପଣ

ପରଜଙ୍ଗ ,୨।୧୦(ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଜଟିଆ ଗ୍ରାମରେ ଥିବା ଜଟେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ସରାଙ୍ଗ ସ୍ଥିତ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ତରଫରୁ ଗୋଷ୍ଠୀ ଅନ୍ତର୍ଭୁକ୍ତ ଯୋଜନା ମାଧ୍ୟମରେ ପରିବେଶ ସୁରକ୍ଷା ତଥା ପ୍ରଦୂଷଣ ମୁକ୍ତ ପରିବେଶ ନିମନ୍ତେ ବିବିଧ ପ୍ରକାରର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଉକ୍ତ ଗ୍ରାମର ଲୋକମାନଙ୍କ ସହଯୋଗରେ ସମ୍ପର୍ଣ୍ଣ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନବୋଦୟ ବିଦ୍ୟାଳୟର ଏନସିସି ବିଦ୍ୟାର୍ଥୀ ଏବଂ ବିଭିର୍ଣ୍ଣ ଶ୍ରେଣୀର ଅନ୍ୟ ବିଦ୍ୟାର୍ଥୀ, ଶିକ୍ଷକ, ଜଟିଆ ଗ୍ରାମବାସୀ ଶତାଧିକ ମାତ୍ରାରେ ଅଂଶ ଗ୍ରହଣ କରି ବୃକ୍ଷ ରୋପଣ କରିଥିଲେ । ପ୍ରଥମେ ନବୋଦୟ ବିଦ୍ୟାଳୟର ଶିକ୍ଷକ ଡ଼ଃ ପ୍ରଶାନ୍ତ କୁମାର ବିଶ୍ୱାଳ ଏହି କାର୍ଯ୍ୟକ୍ରମର ମହତ୍ତ୍ୱ ବିଷୟରେ ଅବଗତ କରାଇ ସହ ସମାଜରେ ପିଲାମାନଙ୍କର ଦାୟିତ୍ୱ ପ୍ରତି ସଚେତନ କରାଇବା ସହ ସୁସ୍ଥ ସମାଜ ଗଠନ କରିବା ଲାଗି ପ୍ରେରଣା ଦେଇଥିଲେ



। ବିଦ୍ୟାଳୟର ଉପପ୍ରାଚାର୍ଯ୍ୟ ବିଜୟ କୁମାର ନାଥ ସମାଜ ଏବଂ ଶିକ୍ଷାନୁଷ୍ଠାନ ଉଭୟଙ୍କ ସହଯୋଗରେ ଏକ ସମୃଦ୍ଧ ରାଷ୍ଟ୍ର ପରିକଳ୍ପନାର ସନ୍ଦେଶ ଦେଇଥିଲେ । ଖେଳ ଶିକ୍ଷକ ତଥା ଏନସିସି ଅଧିକାରୀ ଅଶୋକ କୁମାର ମହାନ୍ତି ଏହି ପବିତ୍ର କର୍ମରେ ଅଂଶ ଗ୍ରହଣ କରିଥିବା ଗ୍ରାମବାସୀ,ସମସ୍ତ ବିଦ୍ୟାର୍ଥୀ ଓ ଅନ୍ୟ ସଜ୍ଜନ ମାନଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ ପରେ ଏକ ବନ ମହୋତ୍ସବ ପରିବେଶରେ ଗ୍ରାମର ସଭାପତି ଅରବିନ୍ଦ ସାହୁ, ମନ୍ଦିର ପୂଜକ ଶରତ ରଣା, ଗ୍ରାମର ଉପ ସଭାପତି ଦୟାନିଧି ବେହେରା ,ମୀନକେତନ ସାହୁ, ସୀତାରାମ ରାଏ, ସ୍ୱାଗତିକା ପ୍ରିୟଦର୍ଶନୀ, ଆରତୀ ଦାଶ, ଦିବ୍ୟ ରଞ୍ଜନ, ସମାଜ ସ୍ୱେ ପ୍ରେମାନନ୍ଦ ସାହୁ ଙ୍କ କରକମଳରେ ବୃକ୍ଷ ରୋପଣ ଆରମ୍ଭ ହୋଇଥିଲା । ପରେ ସାମୁହିକ ସହଯୋଗରେ ବିବିଧ ବୃକ୍ଷ ରୋପଣ କରାଯାଇଥିଲା । ନବୋଦୟ ବିଦ୍ୟାଳୟର ଏହିଭଳି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପରେ ଗ୍ରାମବାସୀ ମାନେ ପ୍ରଭାବିତ ହେବା ସଂଗେ ସଂଗେ ବିଦ୍ୟାର୍ଥୀ ମାନେ ଅଭିପ୍ରେରିତ ହୋଇଥିଲେ । ଜଟିଆ ଗ୍ରାମର ପରିବେଶ ସଚେତକ ଉଦଯୋଗୀ ପ୍ରେମାନନ୍ଦ ସାହୁ,ଦୁଃଖବନ୍ଧୁ ବେହେରା, ବାବୁ, ଅନୁପ, କାଳିଆ ଆଦି ଏହିଭଳି କର୍ମ ପାଇଁ କୃତଜ୍ଞତା ପ୍ରକାଶ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ପାଦକୀୟ

"ମା କୁରୁ ଧନଜନଯୌବନ ଗର୍ବଂ ହରତି ନିମେଷାତ୍ କାଳଃ ସର୍ବଂ।
ମାୟାମୟମିଦମଖିଳଂ ହିତ୍ୱା ବ୍ରହ୍ମପଦଂ ତ୍ୱଂ ପ୍ରବିଶ ବିଦିତ୍ୱା।।"

ଭାବାର୍ଥ | ମିଛ ମୋହ-ମାହା-ଭରା ସଂସାର, ଧନ, ଜନ, ଯଉବନ କ୍ଷଣଭଙ୍ଗୁର। ତେଜି ମନୁ ତୁଚ୍ଛା ଗରବ ଅହଙ୍କାର, ପ୍ରଭୁ ପାଦପଦ୍ମେ ନିତ୍ୟ ପରାଣ ଢ଼ାଳ।

ଶନିବାର ୩୧।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା



**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

## ମୁଖ୍ୟ ସମ୍ପାଦକଙ୍କ କଲମରୁ

## ଜୀବନଠାରୁ ବଡ଼ ନୁହେଁ ଡିଜେର ଶବ୍ଦ

ଉତ୍ସବ ହେଉ, ଆନନ୍ଦ ହେଉ, ବିଜୟ ଉତ୍ସବ ହେଉ କି ବିବାହ ଶୋଭାଯାତ୍ରା -ମଣିଷ ଖୁସି ପାଳନ କରିବ, ଏହା ସ୍ୱାଭାବିକ, କିନ୍ତୁ କାହାର ଖୁସି ଯଦି ଅନ୍ୟ ଜଣଙ୍କ ଜୀବନରେ ଯନ୍ତ୍ରଣା, ରୋଗ, ନିଦ୍ରାହୀନତା, ଭୟ କିମ୍ବା ମୃତ୍ୟୁର କାରଣ ହୁଏ, ତେବେ ସେହି ଖୁସିକୁ ଉତ୍ସବ କୁହାଯାଇପାରିବ କି? ଆଜି ଓଡ଼ିଶାର ଅନେକ ସ୍ଥାନରେ ଉଚ୍ଚଶବ୍ଦରେ ଡିଜେ ବଜାଇବା ଏକ ଏପରି ସାମାଜିକ ସମସ୍ୟାର ରୂପ ନେଉଛି, ଯାହାକୁ କେବଳ ମନୋରଞ୍ଜନର ପ୍ରଶ୍ନ ଭାବେ ଦେଖିଲେ ଚାଲିବ ନାହିଁ। ଏହା ମଣିଷର ଶାନ୍ତି, ସ୍ୱାସ୍ଥ୍ୟ, ନିରାପତ୍ତା ଓ ଜୀବନର ଅଧିକାର ସହ ଜଡ଼ିତ ପ୍ରଶ୍ନ। ଭାରତୀୟ ସମ୍ବିଧାନ ପ୍ରତ୍ୟେକ ମଣିଷକୁ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାର ଦେଇଛି। ଏହି ଜୀବନ କେବଳ ଶ୍ୱାସ ନେବାର ନାମ ନୁହେଁ, ମର୍ଯ୍ୟାଦା, ଶାନ୍ତି ଓ ସୁସ୍ଥ ପରିବେଶରେ ବଂଚିବା ମଧ୍ୟ ଏହାର ଅଂଶ। ତେଣୁ କାହାର ଉତ୍ସବର ଶବ୍ଦ ଯଦି ଅନ୍ୟ ଜଣଙ୍କ ଘରର ଶିଶୁର ନିଦ୍ରା ଛଡାଇଦିଏ, ବୃଦ୍ଧଙ୍କ ରାତିକୁ ଯନ୍ତ୍ରଣାମୟ କରେ, ଅସୁସ୍ଥ ବ୍ୟକ୍ତିଙ୍କ କଷ୍ଟ ବଢାଏ ଛାତ୍ରଛାତ୍ରୀଙ୍କ ପଢାଶୁଣା ନଷ୍ଟ କିମ୍ବା ରାସ୍ତାରେ ଯାତାୟତକୁ ବିପଦପୂର୍ଣ୍ଣ କରେ, ତେବେ ସେହି ଶବ୍ଦ ବିରୋଧରେ ପ୍ରଶ୍ନ ଉଠିବା ଦରକାର। ଆଜି ସବୁଠାରୁ ବଡ ପ୍ରଶ୍ନ ହେଉଛି- ଆମେ କାହିଁକି ଆନନ୍ଦ ପାଇଁ ଅନ୍ୟର ଅଧିକାରକକୁ ଦଳିଦେବା? ଧର୍ମୀୟ କାର୍ଯ୍ୟକ୍ରମ ହେଉ, ବିବାହ ହେଉ, ପୂଜା ହେଉ, ବିଜୟ ଉତ୍ସବ ହେଉ କି ଅନ୍ୟ କୌଣସି ସାମାଜିକ ଆୟୋଜନ-କୋଣସି ଉତ୍ସବ ମଣିଷର ଜୀବନଠାରୁ ବଡ ହୋଇପାରେ ନାହିଁ। ଡିଜେର ଅତ୍ୟଧିକ ଶବ୍ଦକୁ ନେଇ ଅଭିଯୋଗ ନୂଆ ନୁହେଁ। କିନ୍ତୁ ସମସ୍ୟା ତେବେ ଗୁରୁତର ହୁଏ, ଯେତବଳେ ଅଭିଯୋଗ ପରେ ମଧ୍ୟ ଶବ୍ଦ କମେ ନାହିଁ, ନିୟମ ଭାଙ୍ଗିବା ବନ୍ଦ ହୁଏ ଏବଂ ଦାୟିତ୍ୱଶୀଳ ସଂସ୍ଥାମାନଙ୍କ ଉପସ୍ଥିତି ଥିଲେ ମଧ୍ୟ ନିୟମର ପ୍ରଭାବୀ ପ୍ରୟୋଗ ଦେଖାଯାଏ ନାହିଁ। ଆଇନ ଯଦି କାଗଜରେ ରହିଯାଏ ଏବଂ ରାସ୍ତାରେ ତାହାର ପ୍ରଭାବ ଦେଖାଯାଏ ନାହିଁ, ତେବେ ଆଇନ ପ୍ରତି ଲୋକଙ୍କ ବିଶ୍ୱାସ କିପରି ରହିବ? ଏଠାରେ କେବଳ ଡିଜେ ଚାଳକଙ୍କ ଦାୟିତ୍ୱ ନୁହେଁ, ଆୟୋଜକ, ଶୋଭାଯାତ୍ରାର ଦାୟିତ୍ୱରେ ଥିବା ବ୍ୟକ୍ତି, ସ୍ଥାନୀୟ ପ୍ରଶାସନ, ପୁଲିସ ଏବଂ ସମାଜ-ସମସ୍ତଙ୍କର ଦାୟିତ୍ୱ ରହିଛି। ଶବ୍ଦର ସୀମା ଅଛି, ସମୟର ସୀମା ଅଛି, ସ୍ଥାନର ସୀମା ଅଛି। ଏହି ସୀମାକୁ ଅଣଦେଖା କରି ରାତି ଗଭୀର ପର୍ଯ୍ୟନ୍ତ ଉଚ୍ଚଶବ୍ଦରେ ବାଦ୍ୟ ବଜାଇବାକୁ ଯଦି ସାଧାରଣ ଘଟଣା ବୋଲି ମାନିନିଆଯାଏ ତେବେ ଆମେ ଧୀରେ ଧୀରେ ଏପରି ସମାଜ ଗଢୁଛୁ, ଯେଉଠାରେ ଅନ୍ୟର ଅସୁବିଧା ପ୍ରତି ଆମର ସମ୍ବେଦନା ଶେଷ ହୋଇଯାଉଛି। ଏହାଠାରୁ ବଡ ବିପଦ ଆଉ କ'ଣ ହୋଇପାରେ? ଜଣେ ମାଆ ନିଜ ଅସୁସ୍ଥ ଶିଶୁକୁ ନେଇ ରାତିରେ ଶାନ୍ତି ଖୋଜୁଥିବା ବେଳେ ବାହାରେ ଅବିରତ ଗର୍ଜନ କରୁଥିବା ଶବ୍ଦ ଶୁଣିବାକୁ ବାଧ୍ୟ ହେଲେ, ତାଙ୍କ କଷ୍ଟକୁ ଆମେ କେଉ ଉତ୍ସବର ନାମ ଦେବୁ? ଜଣେ ବୃଦ୍ଧ ରାତିରେ ନିଦ୍ରା ପାଇପାରୁନଥିଲେ, ଜଣେ ଛାତ୍ର ପରୀକ୍ଷା ପାଇଁ ପଢିପାରୁନଥିଲେ,ଜଣେ ରୋଗୀ ଚିକିତ୍ସା ପରେ ବିଶ୍ରାମ ପାଇପାରୁନଥିଲେ-ଏମାନଙ୍କ ଅଧିକାର କ'ଣ କମ୍ ନୁହେଁ। ଆନନ୍ଦର ଅଧିକାର ଯେପରି ଅଛି, ଶାନ୍ତିରେ ବଂଚିବାର ଅଧିକାର ମଧ୍ୟ ସେପରି ଅଛି। ତେଣୁ ଉତ୍ସବ ଓ ଅଧିକାର ମଧ୍ୟରେ ସନ୍ତୁଳନ ରଖିବା ସଭ୍ୟ ସମାଜର ପରିଚୟ। ସବୁଠାରୁ ଚିନ୍ତାଜନକ ଦିଗ ହେଉଛି, ଅନେକ ସମୟରେ ଅତ୍ୟଧିକ ଶବ୍ଦ ସହ ଯାନବାହନର ଅନିୟନ୍ତ୍ରିତ ଚଳାଚଳ, ରାସ୍ତା ଅବରୋଧ ଓ ଅସୁରକ୍ଷିତ ଭିଡ ଯୋଡିଯାଏ। ତାହାର ପରିଣାମ ଦୁର୍ଘଟଣାର ଆଶଙ୍କା ବଢାଏ। ଏକ ମୁହୂର୍ତ୍ତର ଅସାବଧାନତା ଜଣେ ପରିବାରର ସମଗ୍ର ଜୀବନକୁ ଅନ୍ଧକାର କରିପାରେ। ଆମେ ଘଟଣା ଘଟିବା ପରେ ଶୋକ ପ୍ରକାଶ କରୁ, ପରିବାରକୁ ସାନ୍ତ୍ୱନା ଦେଉ, କିଛିଦିନ ଚର୍ଚ୍ଚା କରୁ ଏବଂ ପରେ ସବୁ ଭୁଲିଯାଉ। ଏହି ଚକ୍ର କେବେ ଭାଙ୍ଗିବ? ଜୀବନ ହରାଇବାପରେ କାର୍ଯ୍ୟାନୁଷ୍ଠାନ ନେବାଠାରୁ ଜୀବନ ହରାଇବା ପୂର୍ବରୁ ନିୟମ ପାଳନ କରାଇବା ଅଧିକ ଜରୁରୀ। ପ୍ରଶାସନକୁ ମଧ୍ୟ ଏଠାରେ କଠୋର ହେବାକୁ ପଡିବ। ଅନୁମତି ଯେଉଠାରେ ଆବଶ୍ୟକ, ସେଠାରେ ଅନୁମତି ବିନା ଉଚ୍ଚଶବ୍ଦରେ ବାଦ୍ୟ ବଜାଇବା ବନ୍ଦ ଦରକାର। ନିୟମ ଭାଙ୍ଗିଲେ ଆଇନ ଅନୁଯାୟୀ ଦଣ୍ଡ ହେବା ଦରକାର। ଏହି କଠୋରତା କୌଣସି ଉତ୍ସବ ବିରୋଧୀ ମନୋଭାବ ନୁହେଁ, ବରଂ ଜୀବନ ସୁରକ୍ଷା ପାଇଁ ଆବଶ୍ୟକ ଶୃଙ୍ଖଳା। ସମାଜକୁ ମଧ୍ୟ ବୁଝିବାକୁ ହେବ ଯେ ଶବ୍ଦ ଯେତେ ଅଧିକ, ଉତ୍ସବ ସେତେ ବଡ-ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ। ଉତ୍ସବର ମାନ ଶବ୍ଦରେ ନୁହେଁ, ଆନନ୍ଦରେ, ଆନନ୍ଦର ମାନ ଅନ୍ୟକୁ କଷ୍ଟ ଦେବାରେ ନୁହେଁ, ସମସ୍ତଙ୍କୁ ସାମିଲ କରିବାରେ ଯେଉ ଉତ୍ସବାରୁ ଜଣେ ରୋଗୀ କାନ୍ଦନ୍ତି, ଜଣେ ଶିଶୁ ଭୟଭୀତ ହୁଏ, ଜଣେ ବୃଦ୍ଧ ରାତିସାରା ଜାଗନ୍ତି କିମ୍ବା କାହାର ଜୀବନ ବିପଦରେ ପଡେ, ସେଠାରେ ଆମକୁ ନିଜକୁ ପଚାରିବାକୁ ହେବ - ଏହା କି ସତରେ ଉତ୍ସବ? ଆଜି ଆବଶ୍ୟକ ଏକ ସ୍ପଷ୍ଟ ସାମାଜିକ ସନ୍ଦେଶ-ଜୀବନ ପ୍ରଥମ, ଉତ୍ସବ ପରେ। ମଣିଷ ପ୍ରଥମ, ଶବ୍ଦ ପରେ। ଅଧିକାର ପ୍ରଥମ, ଅସାବଧାନ ମନୋରଞ୍ଜନ ପରେ। ଏହି ସରଳ ସତ୍ୟକୁ ଯଦି ଆମେ ଗ୍ରହଣ କରିପାରୁନାହୁଁ, ତେବେ ଆମର ବିକାଶ, ଆମର ଶିକ୍ଷା ଓ ଆମର ସଭ୍ୟତା ଉପରେ ପ୍ରଶ୍ନ ଉଠିବ। ଡିଜେ ଯନ୍ତ୍ର ନିଜେ ଅପରାଧୀ ନୁହେଁ, ତାହାର ଅନିୟନ୍ତ୍ରିତ ଓ ନିୟମବିରୋଧୀ ବ୍ୟବହାର ହିଁ ସମସ୍ୟା। ତେଣୁ ନିଷେଧର ନାମରେ ସମସ୍ତ ଆନନ୍ଦକୁ ବନ୍ଦ କରିବା ନୁହେଁ, ନିୟମର ସୀମାରେ ଆନନ୍ଦକୁ ରଖିବା ହିଁ ସାବଧାନ। ଅଭିଭାବକମାନେ ନିଜ ସନ୍ତାନକୁ ବୁଝାନ୍ତୁ, ଆୟୋଜକମାନେ ନିଜ ଦାୟିତ୍ୱ ବୁଝନ୍ତୁ ଯୁବମାନେ ଉତ୍ସାହ ସହିତ ଦାୟିତ୍ୱ ଦେଖାନ୍ତୁ ଏବଂ ପ୍ରଶାସନ ନିୟମକୁ ନିର୍ବିକାର ଭାବରେ ପ୍ରୟୋଗ କରୁ। କୌଣସି ଦଳ, ସଂଗଠନ, ପ୍ରଭାବଶାଳୀ ବ୍ୟକ୍ତି କିମ୍ବା ଆୟୋଜକ ପାଇଁ ନିୟମ ଅଲଗା ହେବା ଉଚିତ ନୁହେଁ। ଆଇନ ସମସ୍ତଙ୍କ ପାଇଁ ସମାନ-ଏହି ବିଶ୍ୱାସ ହିଁ ଶୃଙ୍ଖଳିତ ସମାଜର ମୂଳ ଆଧାର। ଶବ୍ଦ ପ୍ରଦୂଷଣକୁ ନେଇ ଅଭିଯୋଗ କରୁଥିବା ଲୋକଙ୍କୁ ମଧ୍ୟ ଅନାବଶ୍ୟକ ଭାବେ ଉତ୍ସବବିରୋଧୀ ବୋଲି ଚିହ୍ନିତ କରିବା ଠିକ୍ ନୁହେଁ। ସେମାନେ ନିଜ ଘର, ନିଜ ଶରୀର, ନିଜ ଶିଶୁ ଓ ନିଜ ଶାନ୍ତି ପାଇଁ କହୁଛନ୍ତି। ତାଙ୍କ ଅଭିଯୋଗ ଶୁଣିବା ମଧ୍ୟ ପ୍ରଶାସନର ଦାୟିତ୍ୱ। ଯେଉଠାରେ ନିୟମ ଉଲଙ୍ଘନ ହେଉଛି, ସେଠାରେ ତ୍ୱରିତ ଯାଞ୍ଚ, ଆବଶ୍ୟକ ମାପ, ଦାୟୀ ବ୍ୟକ୍ତିଙ୍କ ଚିହ୍ନଟ ଓ ଆଇନସମ୍ମତ ପଦକ୍ଷେପ ହେବା ଦରକାର। ଏହା ସହିତ ସ୍ଥାନୀୟ ସ୍ତରରେ ସଚେତନତା ଅଭିଯାନ ମଧ୍ୟ ଚାଲିବା ଦରକାର। କାରଣ କେବଳ ଦଣ୍ଡ ଦେଇ ସମାଜ ବଦଳେ ନାହିଁ, ଦାୟିତ୍ୱବୋଧ ଜାଗ୍ରତ କରିବା ମଧ୍ୟ ଆବଶ୍ୟକ। ଆମେ ଭୁଲିଯିବା ଉଚିତ ନୁହେଁ-ଏକ ଜୀବନ ଫେରାଇ ଆଣିହେବ ନାହିଁ। ଏକ ପରିବାରର ହସ ଥରେ ନିଭିଗଲେ କୌଣସି ଉତ୍ସବର ଶବ୍ଦ ତାହାକୁ ଫେରାଇପାରିବ ନାହିଁ। ତେଣୁ ଆଜି ଆମକୁ ନିଜ ମନରେ ଏକ ପ୍ରତିଜ୍ଞା କରିବାକୁ ହେବ- ଆମର ଆନନ୍ଦ କାହାର ଅଶ୍ରୁର କାରଣ ହେବ ନାହିଁ, ଆମର ଉତ୍ସବ କାହାର ଜୀବନକୁ ବିପଦରେ ପକାଇବ ନାହିଁ, ଆମର ଶବ୍ଦ କାହାର ଅଧିକାରକୁ ଦଳିଦେବ ନାହିଁ। ଓଡ଼ିଶାର ମାଟି ଉତ୍ସବର ମାଟି, କିନ୍ତୁ ଏହା ମାନବିକତାର ମାଟି ମଧ୍ୟ। ଏଠାରେ ଆନନ୍ଦ ରହୁ, ଢୋଲ ବାଜୁ, ସଙ୍ଗୀତ ହେଉ, ଉତ୍ସବ ହେଉ, କିନ୍ତୁ ସେହି ଆନନ୍ଦର ସୀମା ଯେଉଠାରେ ଅନ୍ୟର ଜୀବନ ଓ ଶାନ୍ତି ଆରମ୍ଭ ହୁଏ, ସେଠାରେ ଆମକୁ ଥମିବାକୁ ହେବ। କାରଣ ଜୀବନ ଥିଲେ ହିଁ ଉତ୍ସବ ଅଛି, ମଣିଷ ଥିଲେ ହିଁ ଆନନ୍ଦ ଅଛି, ପରିବାର ହସିଲେ ହିଁ ପର୍ବର ଅର୍ଥ ଅଛି। ତେଣୁ ଡିଜେର ଶବ୍ଦ ଯେତେ ଉଚ୍ଚ ହେଉନା କାହିଁକି, ତାହାଠାରୁ ଉଚ୍ଚ ହେବା ଦରକାର ମଣିଷର ଜୀବନ ପ୍ରତି ସମ୍ମାନ।

## ଅମର ଗାଥା: ସ୍ୱାଭିମାନ ଓ ବୀରତ୍ୱର ଅନନ୍ୟ ପ୍ରତୀକ ବକ୍ସି ଜଗବନ୍ଧୁ

ଭାରତୀୟ ସ୍ୱାଧୀନତା ସଂଗ୍ରାମର ସ୍ୱର୍ଣ୍ଣିମ ଇତିହାସ ଯେତେବେଳେ ବି ଆଲୋଚନା ହୁଏ, ସେତେବେଳେ ୧୮୫୭ ମସିହାର ସିପାହୀ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଅଭିହିତ କରାଯାଏ। କିନ୍ତୁ ବାସ୍ତବରେ ଏହି ବିପ୍ଳବର ଠିକ୍ ୪୦ ବର୍ଷ ପୂର୍ବରୁ, ଅର୍ଥାତ୍ ୧୮୧୭ ମସିହାରେ ଓଡ଼ିଶାର ପବିତ୍ର ମାଟିରେ ଇଂରେଜ ସାମ୍ରାଜ୍ୟବାଦ ଶାସନ ବିରୁଦ୍ଧରେ ଏକ ପ୍ରଚଣ୍ଡ ଓ ବ୍ୟାପକ ଗଣ-ବିପ୍ଳବର ସୂତ୍ରପାତ ହୋଇସାରିଥିଲା। ଏହି ଐତିହାସିକ ପାଇକ ବିଦ୍ରୋହର ମୁଖ୍ୟ ପୁରୋଧା ଏବଂ ମହାନ୍ ସୂତ୍ରଧର ଥିଲେ ବୀର ଓଡ଼ିଆ ପୁତ୍ର ବକ୍ସି ଜଗବନ୍ଧୁ। ତାଙ୍କର ଅଦମ୍ୟ ସାହସ, ଅସାଧାରଣ ରଣକୌଶଳ ଏବଂ ମାତୃଭୂମିର ସୁରକ୍ଷା ପ୍ରତି ଥିବା ଅତୁଟ ଭକ୍ତି ଆଜି ବି ପ୍ରତ୍ୟେକ ଓଡ଼ିଆଙ୍କ ମନରେ ସ୍ୱାଭିମାନ ଓ ଦେଶପ୍ରେମର ଏକ ନୂତନ ଶିହରଣ ସୃଷ୍ଟି କରେ। ଓଡ଼ିଶାର ସାମରିକ ଗୌରବକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ତାଙ୍କର ଅବଦାନ ଅତୁଳନୀୟ।

ଏହି ମହାନ୍ ବିପ୍ଳବୀଙ୍କ ପୂରା ନାମ ଥିଲା ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ। ସେ ଖୋର୍ଦ୍ଧା ମହାରାଜା ମୁକୁନ୍ଦ ଦେବ (ଦ୍ୱିତୀୟ)ଙ୍କ ସେନାବାହିନୀର ମୁଖ୍ୟ ସେନାପତି ବା 'ବକ୍ସି' ପଦବୀରେ ଅଧିଷ୍ଠିତ ଥିଲେ। ବଂଶାନୁକ୍ରମିକ ଭାବେ ସେ ଏହି ସମ୍ମାନଜନକ ଦାୟିତ୍ୱ ତୁଲାଇବା ସହ ରୋ ?ଙ୍ଗ ଜମିଦାରୀର ମାଲିକ ମଧ୍ୟ ଥିଲେ। ୧୮୦୩ ମସିହାରେ କୂଟନୀତି ବଳରେ ଇଂରେଜମାନେ ଓଡ଼ିଶା ଅଧିକାର କରିବା ପରେ ପାଇକମାନଙ୍କର ପାରମ୍ପରିକ ନିଷ୍କର ଜମି ସବୁକୁ ଜବରଦସ୍ତ ଛଡ଼ାଇ ନେଇଥିଲେ। ଏହା ସହିତ ଅତ୍ୟାଚାରୀ ସୂର୍ଯ୍ୟାସ୍ତ ଆଇନର ଅପପ୍ରୟୋଗ କରି ବ୍ରିଟିଶ ପ୍ରଶାସନ ବକ୍ସିଙ୍କ ପୈତୃକ ଜମିଦାରୀକୁ ମଧ୍ୟ ହଡ଼ପ କରିନେଇଥିଲା। ଇଂରେଜମାନଙ୍କର ଏହି ଚରମ ଅର୍ଥନୈତିକ ଶୋଷଣ, ମାରାତ୍ମକ ଲୁଣ ମାରଣ ନୀତି ଏବଂ ମୁଦ୍ରା ବ୍ୟବସ୍ଥାରେ ଜଟିଳ ପରିବର୍ତ୍ତନ ଯୋଗୁଁ ଓଡ଼ିଶାର ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ଭାବେ ଅତିଷ୍ଠ ହୋଇପଡ଼ିଥିଲା। ଏହି ଚରମ ଅନ୍ୟାୟ ଓ ପରାଧୀନତା ବିରୁଦ୍ଧରେ ବକ୍ସି ଜଗବନ୍ଧୁ ପ୍ରତିବାଦ କରିବା ସହ ସମଗ୍ର ଓଡ଼ିଶାର ଜନସାଧାରଣ ଓ ଆଦିବାସୀମାନଙ୍କୁ ଏକଜୁଟ କରିବାରେ ଏକ ଯୁଗାନ୍ତକାରୀ ଭୂମିକା ଗ୍ରହଣ କରିଥିଲେ। ସେ କେବଳ ପାଇକ ସୈନ୍ୟମାନଙ୍କୁ ସୀମିତ ନ ରଖି, ବ୍ରିଟିଶ ଶାସନ ଦ୍ୱାରା ନିର୍ଯାତିତ ଦଳିତ ପ୍ରଜା, କୃଷକ ଏବଂ ଘୁମୁସୁର ଅଞ୍ଚଳର ବୀର କନ୍ଧ ଆଦିବାସୀ ସଂପ୍ରଦାୟକୁ ସଙ୍ଗଠିତ କରିଥିଲେ। ଜାତି, ଧର୍ମ, ବର୍ଣ୍ଣ ଏବଂ ସାମାଜିକ ପ୍ରାଚୀରକୁ ଭାଙ୍ଗି ମାତୃଭୂମିର ମୁକ୍ତି ପାଇଁ ସମସ୍ତଙ୍କୁ ଗୋଟିଏ ଶକ୍ତିଶାଳୀ ସୂତ୍ରରେ ବାନ୍ଧିବା ତାଙ୍କର ସବୁଠାରୁ ବଡ଼ ରାଜନୈତିକ ଓ ସାମରିକ ସଫଳତା ଥିଲା। ଏହି ବିରାଟ ମିଳିତ ଜନଶକ୍ତିକୁ ସାଥିରେ ନେଇ ସେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ବ୍ରିଟିଶ ବାହିନୀ ବିପକ୍ଷରେ ପାରମ୍ପରିକ ଗୋରିଲା ଯୁଦ୍ଧ କୌଶଳର ଅମୋଘ ପ୍ରୟୋଗ କରିଥିଲେ। ସ୍ଥାନୀୟ ଘଞ୍ଚ ଜଙ୍ଗଲ, ଦୁର୍ଗମ ପାହାଡ଼ ଓ ଓଡ଼ିଶାର ଭୌଗୋଳିକ ପରିବେଶର ଭରପୂର ସୁଯୋଗ ନେଇ ପାଇକ ଏବଂ ଆଦିବାସୀ ଯୋଦ୍ଧାମାନେ ଛପି ରହି ଅତର୍କିତ ଭାବେ ଇଂରେଜ ଛାଉଣୀ ଉପରେ ଆକ୍ରମଣ କରୁଥିଲେ। ଶତ୍ରୁପକ୍ଷ କିଛି ବୁଝିବା ଏବଂ ନିଜକୁ ସନ୍ତୁଳିତ କରିବା ପୂର୍ବରୁ ହିଁ ବୀର ସଂଗ୍ରାମୀମାନେ ପୁଣିଥରେ ଜଙ୍ଗଲ ମଧ୍ୟରେ ଅଦୃଶ୍ୟ ହୋଇଯାଉଥିଲେ। ବକ୍ସିଙ୍କ ଏହି ଅପ୍ରତ୍ୟାଶିତ ଓ ରଣନୀତିକ ଛପାଯୁଦ୍ଧ ଆଗରେ ଶକ୍ତିଶାଳୀ ବ୍ରିଟିଶ ସେନା ସମ୍ପୂର୍ଣ୍ଣ ରୂପେ ପରାସ୍ତ ହୋଇଯାଇଥିଲେ, ଯାହା ଇଂରେଜ ସାମ୍ରାଜ୍ୟର ମୂଳଦୁଆକୁ ଦୋହଲାଇ ଦେଇଥିଲା।

ଇଂରେଜ ସରକାର ବକ୍ସି ଜଗବନ୍ଧୁଙ୍କ ଦେଶପ୍ରେମ ଆଗରେ ହାର ମାନି ତାଙ୍କୁ ଗିରଫ କରିବା ପାଇଁ ଅନେକ ପୁରସ୍କାର ରାଶି ଘୋଷଣା କରିଥିଲେ। ମାତ୍ର ବକ୍ସିଙ୍କ ପ୍ରତି ପ୍ରଜାମାନଙ୍କର ଅପାର ବିଶ୍ୱାସ, ସମ୍ମାନ ଓ ଅକୁଣ୍ଠ ସମର୍ଥନ ଥିବାରୁ ଓଡ଼ିଶାର କୌଣସି ଜନସାଧାରଣ ଲୋଭର ବଶବର୍ତ୍ତୀ ହୋଇ ତାଙ୍କ ସହ ବିଶ୍ୱାସଘାତକତା କରିନଥିଲେ। ସେ ଦୀର୍ଘ ବର୍ଷ ଧରି ଜଙ୍ଗଲରେ ଅତି କଷ୍ଟରେ ରହି ଇଂରେଜମାନଙ୍କ ବିରୁଦ୍ଧରେ ନିଜର ସଂଗ୍ରାମ ଜାରି ରଖିଥିଲେ। ଶେଷରେ ପରିସ୍ଥିତି ଏବଂ ଖୋର୍ଦ୍ଧା ରାଜାଙ୍କ ଅନୁରୋଧ କ୍ରମେ, ସେ ୧୮୨୫ ମସିହାରେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଥିଲେ। ଏହାପରେ ସେ କଟକରେ ନଜରବନ୍ଦୀ ଭାବେ ରହି ୧୮୨୯ ମସିହା ଜାନୁଆରୀ ୨୪ ତାରିଖରେ ମାତୃଭୂମିରୁ ଚିରଦିନ ପାଇଁ ବିଦାୟ ନେଇଥିଲେ। ବକ୍ସି ଜଗବନ୍ଧୁ କେବଳ ଜଣେ ସାମରିକ ଯୋଦ୍ଧା ନଥିଲେ, ବରଂ ସେ ଥିଲେ ଓଡ଼ିଆ ଜାତୀୟତାର ଏକ ଅମର ପ୍ରତୀକ। ସେ ଜଳାଇଥିବା ବିଦ୍ରୋହର ମଶାଲ ପରବର୍ତ୍ତୀ ସମୟରେ ସମଗ୍ର ଭାରତରେ ସ୍ୱାଧୀନତା ଆନ୍ଦୋଳନକୁ ବହୁଳ ଭାବେ ପ୍ରେରିତ କରିଥିଲା। ଆଜିର ଆଧୁନିକ ତଥା ପ୍ରଗତିଶୀଳ ଯୁଗରେ ମଧ୍ୟ ତାଙ୍କର ସେହି ଅଦମ୍ୟ ସାହସ, ସଂଗଠନ ଶକ୍ତି ଓ ସର୍ବୋପରି ଆତ୍ମବଳିଦାନ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଅନନ୍ତ ପ୍ରେରଣାର ଉତ୍ସ ହୋଇ ରହିବ। ଓଡ଼ିଶାର ଏହି ମହାନ୍ ଜନନାୟକଙ୍କ ଅମର ସ୍ମୃତିକୁ ସମ୍ମାନ ଜଣାଇ ରାଜଧାନୀ ଭୁବନେଶ୍ୱରର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନକୁ 'ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ମହାବିଦ୍ୟାଳୟ' ନାମରେ ନାମିତ କରାଯାଇଛି। ଏହି ସ୍ମାରକୀ ଆମ ଆଗାମୀ ପିଢ଼ିକୁ ତାଙ୍କର ଗୌରବମୟ ଇତିହାସ, ବୀରତ୍ୱ ଏବଂ ଦେଶପ୍ରେମର ଗାଥା ସର୍ବଦା ମନେ ପକାଇ ଦେଉଥିବ।



**ଇଂ. ଅମର ବେହେରା**
ବରଡିହି, ଅସ୍ତରଙ୍ଗ, ପୁରୀ
୯୭୪୨୯୮୨୭୪୧

## ଶିକ୍ଷା ସଂସ୍କାର: କାଗଜରୁ କ୍ଲାସ୍‌ରୁମ୍ ଯାଏଁ କେତେ ବାସ୍ତବ?

ସମାଜ ତଥା ରାଷ୍ଟ୍ରର ପ୍ରଗତିର ମୂଳଦୁଆ ହେଉଛି ତାହାର ଶିକ୍ଷା ବ୍ୟବସ୍ଥା। ଏକ ସୁଦୃଢ଼ ଶିକ୍ଷା ବ୍ୟବସ୍ଥା କେବଳ ଜ୍ଞାନ ବାଣ୍ଟେ ନାହିଁ, ଏହା ଦକ୍ଷ, ସଚେତନ, ଦାୟିତ୍ୱବାନ ଓ ଆତ୍ମନିର୍ଭର ନାଗରିକ ଗଢ଼ିଥାଏ। ସେହି ଦୃଷ୍ଟିରୁ ଭାରତର ନୂତନ ଜାତୀୟ ଶିକ୍ଷା ନୀତି ପାରମ୍ପରିକ ମୁଖସ୍ଥ ଶିକ୍ଷାରୁ ବାହାରି ଶିକ୍ଷାକୁ ଅଧିକ ବ୍ୟବହାରିକ, ଗବେଷଣାମୁଖୀ, ଦକ୍ଷତାଭିତ୍ତିକ ଓ ରୋଜଗାରକ୍ଷମ କରିବାର ଏକ ଦୂରଦୃଷ୍ଟିସମ୍ପନ୍ନ ପରିକଳ୍ପନା ରଖିଛି।

ନୀତି ନିର୍ଦ୍ଧାରଣର ଦୃଷ୍ଟିରୁ ଏହା ନିଶ୍ଚିତ ଭାବେ ଏକ ଆଶାଜନକ ପଦକ୍ଷେପ। କିନ୍ତୁ ପ୍ରଶ୍ନ ହେଉଛି ନୀତି ଓ ନିୟମାବଳୀ ଯେତେ ଆଧୁନିକ ହେଲେ ମଧ୍ୟ ତାହାର ପ୍ରକୃତ ସଫଳତା କ'ଣ ତୃଣମୂଳ ସ୍ତରର ବାସ୍ତବତାରେ ମାପିବା ଉଚିତ ନୁହେଁ କି? ସହର ଓ ଗ୍ରାମାଞ୍ଚଳ ମଧ୍ୟରେ ଥିବା ଶିକ୍ଷାଗତ ବ୍ୟବଧାନକୁ ନ ଭରି ଆମେ କି ଏକ ସମାନ ଓ ବିକଶିତ ଶିକ୍ଷା ବ୍ୟବସ୍ଥାର ସ୍ୱପ୍ନ ସାକାର କରିପାରିବା?

ପ୍ରାଥମିକ ଶିକ୍ଷା: ଭିତ୍ତି ଦୁର୍ବଳ ହେଲେ ଭବିଷ୍ୟତ କେତେ ସୁଦୃଢ଼? ଯେକୌଣସି ଶିକ୍ଷା ବ୍ୟବସ୍ଥାର ମୂଳ ଭିତ୍ତି ହେଉଛି ପ୍ରାଥମିକ ଶିକ୍ଷା। କିନ୍ତୁ ସହରର ଅନେକ ଘରୋଇ ବିଦ୍ୟାଳୟ ଓ ଗ୍ରାମାଞ୍ଚଳର ଅନେକ ସରକାରୀ ବିଦ୍ୟାଳୟ ମଧ୍ୟରେ ଥିବା ପାର୍ଥକ୍ୟ ଆଜି ମଧ୍ୟ ସ୍ପଷ୍ଟ। ଅନେକ ଗ୍ରାମୀଣ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶ୍ରେଣୀଗୃହ ନାହିଁ। ବର୍ଷାଦିନେ ଛାତରୁ ପାଣି ଗଳିବା, ନିରାପଦ ପାନୀୟଜଳର ଅଭାବ, ଛାତ୍ରୀଙ୍କ ପାଇଁ ପୃଥକ ଓ ସ୍ୱଚ୍ଛ ଶୌଚାଳୟର ଅଭାବ ଭଳି ସମସ୍ୟା ଏବେ ମଧ୍ୟ ଅନେକ ସ୍ଥାନରେ ଦେଖାଯାଏ। ତା'ଠାରୁ ଅଧିକ ଗମ୍ଭୀର ପ୍ରସଙ୍ଗ ହେଉଛି ଶିକ୍ଷକ ଅଭାବ। ଅନେକ ପ୍ରାଥମିକ ବିଦ୍ୟାଳୟ ଏବେ ମଧ୍ୟ ଜଣେ କିମ୍ବା ଦୁଇଜଣ ଶିକ୍ଷକଙ୍କ ଭରସାରେ ଚାଲୁଛି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଏକାଧିକ ଶ୍ରେଣୀରେ ସମ୍ଭାଳିବାର ଦାୟିତ୍ୱ ଯେତେବେଳେ ଜଣେ କିମ୍ବା ଦୁଇଜଣ ଶିକ୍ଷକଙ୍କ ଉପରେ ପଡ଼େ, ସେଠାରେ ଗୁଣାତ୍ମକ ଶିକ୍ଷା ଓ ଆଶାନୁରୂପ ଶିକ୍ଷଣ ଫଳାଫଳ ହାସଲ କରିବା ନିଶ୍ଚିତ ଭାବେ ଏକ ବଡ଼ ଚ୍ୟାଲେଞ୍ଜ।

ଶିକ୍ଷକ ଶିକ୍ଷକ ହୁଅନ୍ତୁ, କିରାଣୀ ନୁହେଁ: ଜଣେ ଶିକ୍ଷକଙ୍କ ପ୍ରଧାନ ଦାୟିତ୍ୱ ହେଉଛି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ଓ ସେମାନଙ୍କ ବୌଦ୍ଧିକ ବିକାଶରେ ସହଯୋଗ କରିବା। କିନ୍ତୁ ବାସ୍ତବତାରେ ଶିକ୍ଷକମାନେ ବହୁ ସମୟ ଅଣ-ଶୈକ୍ଷିକ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ମଧ୍ୟାହ୍ନ ଭୋଜନ ସମ୍ପର୍କିତ ହିସାବ, ବିଭିନ୍ନ ପ୍ରକାର ତଥ୍ୟ ପ୍ରବେଶ, ଫଟୋ ଅପଲୋଡ୍, ସର୍ଭେ, ପ୍ରଶାସନିକ ରିପୋର୍ଟ ଓ ଅନ୍ୟାନ୍ୟ ଦାୟିତ୍ୱ ତାଙ୍କ ଉପରେ ଚାପ ସୃଷ୍ଟି କରୁଛି। ଫଳରେ ଶ୍ରେଣୀଗୃହରେ ପିଲାଙ୍କ ସହ ଗୁଣାତ୍ମକ ସମୟ ବିତାଇବାର ସୁଯୋଗ କମୁଛି। ଶିକ୍ଷକଙ୍କୁ ଅଣ-ଶୈକ୍ଷିକ କାର୍ଯ୍ୟର ଅତ୍ୟଧିକ ଚାପରୁ ମୁକ୍ତ କରି ତାଙ୍କୁ ମୂଳ ଶିକ୍ଷାଦାନ କାର୍ଯ୍ୟରେ କେନ୍ଦ୍ରିତ କରିବା ଆବଶ୍ୟକ।

ଡିଜିଟାଲ୍ ଶିକ୍ଷା ବନାମ ଡିଜିଟାଲ୍ ବିଭାଜନ: କୋଭିଡ୍ ପରବର୍ତ୍ତୀ ସମୟରେ ଡିଜିଟାଲ୍ ଶିକ୍ଷାର ଗୁରୁତ୍ୱ ଅନେକଗୁଣ ବଢ଼ିଛି। ସ୍ମାର୍ଟ କ୍ଲାସରୁମ୍, ଡିଜିଟାଲ୍ କଣ୍ଟେଣ୍ଟ, ସ୍ମାର୍ଟ ଟିଭି ଓ ଅନଲାଇନ୍ ଶିକ୍ଷା ଶିକ୍ଷା ବ୍ୟବସ୍ଥାକୁ ନୂଆ ଦିଗ ଦେଇଛି। କିନ୍ତୁ ପ୍ରଶ୍ନ ହେଉଛି ଏହି ସୁବିଧା ସମସ୍ତଙ୍କ ପାଖରେ ସମାନ ଭାବେ ପହଞ୍ଚୁଛି କି? ଦୁର୍ଗମ ଓ ଗ୍ରାମାଞ୍ଚଳର ଅନେକ ସ୍ଥାନରେ ବିଦ୍ୟୁତ୍ ଯୋଗାଣ, ଇଣ୍ଟରନେଟ୍ ସଂଯୋଗ ଓ ଡିଜିଟାଲ୍ ଉପକରଣର ଉପଲବ୍ଧତା ଏବେ ମଧ୍ୟ ଏକ ଚ୍ୟାଲେଞ୍ଜ। ଫଳରେ ସହରର ଜଣେ ଛାତ୍ର ଯେଉଁ ଡିଜିଟାଲ୍ ସୁଯୋଗ ପାଉଛି, ଗ୍ରାମର ଅନେକ ଛାତ୍ର ସେଥିରୁ ବଞ୍ଚିତ ହେଉଛନ୍ତି। ଏହି ବ୍ୟବଧାନ ଆଗାମୀ ଦିନରେ ଶିକ୍ଷାଗତ ଅସମାନତାକୁ ଆହୁରି ବଢ଼ାଇପାରେ।

ଉଚ୍ଚଶିକ୍ଷା: ଡିଗ୍ରୀ ଅଛି, ଦକ୍ଷତା କେଉଁଠି?: ଉଚ୍ଚଶିକ୍ଷା କ୍ଷେତ୍ରରେ ମଧ୍ୟ ଅନେକ ପ୍ରଶ୍ନ ରହିଛି। ପ୍ରତିବର୍ଷ ହଜାର ହଜାର ଯୁବକ-ଯୁବତୀ ଡିଗ୍ରୀ ହାସଲ କରୁଛନ୍ତି। କିନ୍ତୁ ଶିଳ୍ପ ଓ ନିଯୁକ୍ତି ବଜାରର ଚାହିଦା ଅନୁଯାୟୀ ବ୍ୟବହାରିକ ଦକ୍ଷତା, କାରିଗରୀ ଜ୍ଞାନ, ଯୋଗାଯୋଗ କୌଶଳ ଓ ସମସ୍ୟା ସମାଧାନ କ୍ଷମତା କେତେ ମାତ୍ରାରେ ବିକଶିତ ହେଉଛି, ତାହା ନେଇ ଆଲୋଚନା ଆବଶ୍ୟକ। ଶିକ୍ଷାନୁଷ୍ଠାନ ଓ ଶିଳ୍ପସଂସ୍ଥା ମଧ୍ୟରେ ଅଧିକ ସମନ୍ୱୟ ନ ହେଲେ ଶିକ୍ଷା ଓ ରୋଜଗାର ମଧ୍ୟରେ ଥିବା ଦୂରତା ହ୍ରାସ ପାଇବ ନାହିଁ। ତେଣୁ ଡିଗ୍ରୀ ସହିତ ଦକ୍ଷତା ଓ ଅଭିଜ୍ଞତାକୁ ଶିକ୍ଷାର ଅବିଚ୍ଛିନ୍ନ ଅଂଶ କରିବା ଆବଶ୍ୟକ।

ସଂସ୍କାରର ସଫଳତା ପାଇଁ କିଛି ଆବଶ୍ୟକ ପଦକ୍ଷେପ: ନୀତି କେବଳ ନଥିପତ୍ରରେ ସୀମିତ ନ ରହି ତୃଣମୂଳ ସ୍ତରରେ ପ୍ରଭାବୀ ହେବା ପାଇଁ କିଛି ପଦକ୍ଷେପ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ପ୍ରଥମତଃ, ଶିକ୍ଷକ ଅଭାବ ଦୂର ହେଉ। ପ୍ରତ୍ୟେକ ବିଦ୍ୟାଳୟରେ ଛାତ୍ର ସଂଖ୍ୟା ଓ ଶ୍ରେଣୀ ଅନୁଯାୟୀ ପର୍ଯ୍ୟାପ୍ତ ଶିକ୍ଷକ ନିଯୁକ୍ତି ସୁନିଶ୍ଚିତ କରାଯାଉ। ଦ୍ୱିତୀୟତଃ, ଶିକ୍ଷକଙ୍କୁ ଅଣ-ଶୈକ୍ଷିକ କାର୍ଯ୍ୟର ଅତିରିକ୍ତ ଚାପରୁ ମୁକ୍ତ କରାଯାଉ। ହିସାବ, ତଥ୍ୟ ସଂଗ୍ରହ, ଡାଟା ଏଣ୍ଟ୍ରି ଓ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟ ପାଇଁ ଆବଶ୍ୟକ ସହାୟକ କର୍ମଚାରୀ ବ୍ୟବସ୍ଥା କରାଯାଉ। ତୃତୀୟତଃ, ବିଦ୍ୟାଳୟର ମୌଳିକ ଭିତ୍ତିଭୂମି ସୁଦୃଢ଼ କରାଯାଉ। ସୁରକ୍ଷିତ ଶ୍ରେଣୀଗୃହ, ପାନୀୟଜଳ, ସ୍ୱଚ୍ଛ ଶୌଚାଳୟ, ବିଦ୍ୟୁତ୍ ଓ ଡିଜିଟାଲ୍ ସୁବିଧା ପ୍ରତ୍ୟେକ ବିଦ୍ୟାଳୟରେ ସୁନିଶ୍ଚିତ ହେଉ। ଚତୁର୍ଥତଃ, ଧନ୍ଦାମୂଳକ ଓ ଦକ୍ଷତାଭିତ୍ତିକ ଶିକ୍ଷାର ବିସ୍ତାର ହେଉ। ମାଧ୍ୟମିକ ସ୍ତରରୁ ଛାତ୍ରଛାତ୍ରୀଙ୍କୁ କୃଷି, ଆଇଟି, କାରିଗରୀ କୌଶଳ, ସ୍ଥାନୀୟ ଶିଳ୍ପ ଓ ଉଦ୍ୟମିତା ସମ୍ପର୍କିତ ବ୍ୟବହାରିକ ଜ୍ଞାନ ଦିଆଯାଉ। ପଞ୍ଚମତଃ, ସ୍ଥାନୀୟ ସ୍ତରରେ ଉତ୍ତରଦାୟିତ୍ୱ ବଢ଼ାଯାଉ। ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ଓ ସ୍ଥାନୀୟ ପ୍ରତିନିଧିମାନେ ବିଦ୍ୟାଳୟର କାର୍ଯ୍ୟକଳାପ, ଭିତ୍ତିଭୂମି ଓ ଶିକ୍ଷାର ଗୁଣମାନ ଉପରେ ନିୟମିତ ନଜର ରଖିବାର ସୁଯୋଗ ପାଆନ୍ତୁ।

ଶିକ୍ଷା ସଂସ୍କାରର ମାପଦଣ୍ଡ ହେଉ କ୍ଲାସ୍‌ରୁମ୍: ଶିକ୍ଷା କୌଣସି ରାଜନୈତିକ ପ୍ରଚାରର ବିଷୟ ନୁହେଁ, ନା କେବଳ ଏକ ବିଭାଗୀୟ ବଜେଟ୍‌ର ଅଂଶ। ଶିକ୍ଷା ହେଉଛି ଆଗାମୀ ପିଢ଼ିର ଭବିଷ୍ୟତ ଗଢ଼ିବାର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ମାଧ୍ୟମ। ତେଣୁ ନୂଆ ନୀତି, ନୂଆ ଯୋଜନା ଓ ନୂଆ ଘୋଷଣା ସହିତ ଏହାର ପ୍ରଭାବ କ୍ଲାସ୍‌ରୁମ୍‌ରେ କେତେ ପହଞ୍ଚିଲା, ତାହା ହିଁ ହେବ ଶିକ୍ଷା ସଂସ୍କାରର ପ୍ରକୃତ ମାପଦଣ୍ଡ। କାଗଜରେ ଶିକ୍ଷା ବ୍ୟବସ୍ଥା ଯେତେ ଆଧୁନିକ ହେଉନା କାହିଁକି, ଯଦି ଗାଁର ଶ୍ରେଣୀଗୃହରେ ଶିକ୍ଷକ ନାହାନ୍ତି, ପିଲାଙ୍କ ପାଇଁ ମୌଳିକ ସୁବିଧା ନାହିଁ, ଡିଜିଟାଲ୍ ସୁବିଧା କାମରେ ଆସୁନାହିଁ ଏବଂ ଶିକ୍ଷକ ଶିକ୍ଷାଦାନ ଛାଡ଼ି ଅନ୍ୟ କାମରେ ବ୍ୟସ୍ତ ରହୁଛନ୍ତି ତେବେ ସଂସ୍କାରର ଉଦ୍ଦେଶ୍ୟ ପୂରଣ ହୋଇଛି ବୋଲି କହିବା କଷ୍ଟକର। ଆବଶ୍ୟକ ହେଉଛି ନୀତିରୁ ପ୍ରୟୋଗକୁ, କାଗଜରୁ କ୍ଲାସ୍‌ରୁମ୍‌କୁ ଏବଂ ଘୋଷଣାରୁ ବାସ୍ତବତାକୁ ଯାତ୍ରା। ଏହି ଯାତ୍ରା ଯେତେ ଦ୍ରୁତ ଓ ସମାନ୍ତରାଳ ହେବ, ସେତେ ଶୀଘ୍ର ଆମ ଶିକ୍ଷା ବ୍ୟବସ୍ଥା ତାହାର ପ୍ରକୃତ ଲକ୍ଷ୍ୟ ହାସଲ କରିପାରିବ।



**ରବୀନ୍ଦ୍ର ପ୍ରସାଦ ଦାନୀ**
ଜମନକିରା, ସମ୍ବଲପୁର, ୯୪୩୭୫୩୭୪୨୪

## ପରମ ପିତା ସବୁ ଦେଖୁଛନ୍ତି

ଅନୁଚିନ୍ତା

ପରମ ପିତା ସବୁ ଦେଖୁଛନ୍ତି ଆମେ ବେଳେ ବେଳେ ବା ଅନେକ ସମୟରେ ଅନ୍ୟମାନଙ୍କୁ ଲକ୍ଷ୍ୟ କରୁ। ସେମାନେ କ'ଣ କରୁଛନ୍ତି ତାହା ବିଚାର କରୁ। ଆଲୋଚନା କରୁ। ସେମାନେ ଭଲ କରୁଛନ୍ତି କି ମନ୍ଦ କରୁଛନ୍ତି ଅନୁଧ୍ୟାନ କରୁ। ଏହିପରି ଭାବରେ ସଂସାରରେ ଚଳିବା ପାଇଁ ଆମର ନିଜର କିଛି ଶିକ୍ଷା ଥାଏ। ଆଉ ଜୀବନରେ ଏମିତି ଲକ୍ଷ୍ୟ କରି ଆମେ ଅନେକ ଅଭିଜ୍ଞତା ଲାଭ କରୁ। ଏମିତି ଅନ୍ୟକୁ ଦେଖି ଶିଖିବା, ଜାଣିବା ତ ଗୋଟିଏ କଥା। ଏଇଟା ତ ବରାବର ଆମ ଆଖିରେ ପଡେ। ଯାହା ଜାଣିଲୁ ବା ଶିଖିଲୁ ତାକୁ କେତେ ଆମେ କାମରେ ଲଗେଇବୁ ତାହା ଆମ ଉପରେ ନିର୍ଭର କରେ। କିନ୍ତୁ ଯାଠୁ ଗୋଟିଏ ବଡ କଥା ହେଉଛି ନିଜେ ନିଜକୁ ଜଗିବା, ଲକ୍ଷ୍ୟ କରିବା, ପରୀକ୍ଷା କରିବା। ଯେକୌଣସି ଭାବନା କଲା ବେଳେ,ବା କାମ ଟିଏ କଲା ବେଳେ ନିଜକୁ ନିଜେ ଲକ୍ଷ୍ୟ କରିବା। ସଂସାରର ଅନ୍ୟ ପ୍ରାଣୀ ମାନଙ୍କୁ ଯଦି ଆମେ ଦେଖିବା ତେବେ ଜଣାପଡିବ ଯେ ଏଇ ଶକ୍ତିଟି କେବଳ ମଣିଷ ଭିତରେ ହିଁ ଅଛି। ତେବେ ଏହା କିପରି ହୋଇପାରିବ? ମଣିଷ ନିଜ ଠାରୁ ଅଲଗା କରି ପାରିଲେ ଏହା ସମ୍ଭବ ହେବ। ଇଚ୍ଛା କଲେ ଏବଂ ଚେଷ୍ଟା କଲେ ଏହା କରିହେବ। ଉଦାହରଣ ସ୍ୱରୂପ ଆମେ ମନରେ କିଛି ଗୋଟିଏ ଖରାପ ଚିନ୍ତା କଲେ। ସେ ଚିନ୍ତାକୁ କାର୍ଯ୍ୟକାରୀ କରିବା ପାଇଁ ବସି ନାନା କୌଶଳରେ ବୁଡ଼ିଗଲେ। ଏଇଭଳି ଚିନ୍ତାରେ ବେଶ କିଛି ସମୟ ବୁଡି ଥିବା ବେଳେ ଆମେ ନିଜେ ଜାଣିବା କେହି ଜଣେ ଆମ ଭିତରୁ ବାହାରି ଯାଇ ଅଳ୍ପ ଦୂରରେ ଠିଆ ହୋଇ ଆମକୁ ଲକ୍ଷ୍ୟ କରୁଛି ଏବଂ ଆମେ କଣ ସବୁ ଯୋଜନା କରୁଛୁ ଜାଣି ପକାଉଛି। ଆମେ ଆମର ସବୁ କାମ ଗୁଡିକ ଯଦି ପରଖିବା ତେବେ ଆମର ହୃଦବୋଧ ହେବ ଯେ ମଣିଷ ଯାହା ବି କରୁଛି ଜାଣି ଜାଣି କରୁଛି। ଭଲ କଲେ ବି ଜାଣି କରୁଛି। ଭୁଲ କଲେ ବି ଜାଣି କରୁଛି। ଯଦି ଜାଣୁଛି ତେବେ ଭୁଲ କାହିଁକି କରୁଛି ବୋଲି ପ୍ରଶ୍ନ କଲେ ଉତ୍ତର ଆସିବା ଯେ ମାୟାରେ, ମୋହରେ, ଲୋଭରେ ପଡିଯାଉଛି। ପ୍ରବୃତ୍ତି ତାକୁ ସେ ଆଡକୁ ବାଟ ଦେଖାଉଛି। ସେ ଆଡକୁ ସେ ଚାଲି ଯାଉଛି। ବାପା ମାଆମାନେ କ'ଣ ପିଲାମାନଙ୍କୁ ଏଇଟା କର, ସେଇଟା କରନି ବୋଲି କହନ୍ତି କାହିଁକି? କିନ୍ତୁ ପିଲାମାନେ କ'ଣ ସେ ସବୁ କଥା ମାନନ୍ତି? ପିଲାଟିଏ ଜାଣି ନଥାଏ ବୋଲି ବାପାମାଆମାନେ କହିଦିଅନ୍ତି। କିନ୍ତୁ ପୂର୍ଣ୍ଣ ବୟସ୍କ ପରିପକ୍ୱ ମଣିଷଟିଏ ଭଲ ମନ୍ଦ ଜାଣି ନ ପାରିବ ଏକଥା କଣ ହୋଇପାରେ? ଏବେକାର ସମାଜକୁ ଦେଖିଲେ ବଡ଼ ବଡ଼ ଲୋକମାନେ, ସଭ୍ୟ ଶିକ୍ଷିତ ଲୋକମାନେ ତ ବେଶୀ ଭୁଲ କରିବାରେ ଦେଖା ଯାଉଛି। ଯାର ଅର୍ଥ କ'ଣ ସେମାନେ ଜାଣି ନପାରି ଏ ଭୁଲ ଗୁଡିକ କରି ପକାଉଛନ୍ତି। ଆଦୌ ନୁହେଁ। ସବୁ ଜାଣିଶୁଣି କରୁଛନ୍ତି। ଅନେକ ମନ୍ଦ କାର୍ଯ୍ୟ ହେଉଛି। ଏ ସବୁ କାର୍ଯ୍ୟ ଗୁଡିକ ଯେତେବେଳେ ପ୍ରଥମେ ଭାବନା ରୂପରେ ମୁଣ୍ଡରେ ଆସୁଛନ୍ତି ଠିକ ସେତିକିବେଳେ ନିଜ ଭିତରେ ଥିବା ଗୋଟିଏ ଶକ୍ତି ବାହାରି ଯାଇ କହି ଦେଉଛି ଯେ ଏହା ଠିକ ନୁହେଁ। ଠିକ ଅଛି ଏଭଳି ଭାବନା ଟିଏ ମୁଣ୍ଡରେ ପଶିଗଲା। ତାକୁ ସେଇ ଅବସ୍ଥାରେ ଜବତ କରେ। ତାକୁ କାର୍ଯ୍ୟକାରୀ କରିବା ଆଡକୁ ଯାଅନା। କିନ୍ତୁ ଆମେ ସେ କଥା ଶୁଣୁନାହୁଁ। ଫଳରେ ଜୀବନ ସାରା ନାନା ମନ୍ଦ କାର୍ଯ୍ୟରେ ପଶୁଛୁ। ଯଦି ଆମେ ଗୋଟିଏ କାର୍ଯ୍ୟ ମନ୍ଦ ବୋଲି ଜାଣୁ ନଥାନ୍ତୁ ତେବେ ତ ଆମର ଅନୁତାପ ଆସନ୍ତା ନାହିଁ। ଆମେ ଜାଣୁଥିବାରୁ ହିଁ ଅନୁତାପ, ପଶ୍ଚାତାପ ଆସୁଛି। ସବୁ ମଣିଷ ଭିତରେ ଚୈତନ୍ୟ ସତ୍ତାଟିଏଅଛି ଏବଂ ସେ ସବୁବେଳେ ମଧ୍ୟ ଜାଗ୍ରତ ଅଛି। ଆମେ ଯଦି ଚାହିଁବା ସିଏ ହିଁ ଆମଠାରୁ ଅଲଗା ହୋଇ ଆମର ସବୁ ଚିନ୍ତାକୁ ଲକ୍ଷ୍ୟ କରିବା ଏବଂ ଆମକୁ ଚେତେଇବ। ଏଇ ପ୍ରକ୍ରିୟାଟି ଯଦି ବରାବର ଚାଲେ ତେବେ ଆମର ଅନେକ ସଂଶୋଧନ ଏବଂ ସଂସ୍କାର ଆସିଯିବ। ମଣିଷ ଭିତରେ ଥିବା ଏଇ ଶକ୍ତି ଟିକୁ ହିଁ ସୂଚେଇବାକୁ ଯାଇ ବେ ?ରେ ଦୁଇଟି ପକ୍ଷୀକଥା କୁହାଯାଇଛି। ଶରୀର ରୂପି ଗଛରେ ବସିଛନ୍ତି ଦୁଇଟି ପକ୍ଷୀ ଗୋଟିଏ ଯିବା, ଅନ୍ୟଟି ପରମ।

# ଘାଣ୍ଟ ତରକାରୀ-ଓଡ଼ିଶା ସଂସ୍କୃତିର ସ୍ୱାଦ



ଓଡ଼ିଶାର ମାଟି, ପାଣି, ପବନ, କୃଷି, ଧର୍ମ, ପର୍ବପର୍ବାଣୀ ଓ ପାରିବାରିକ ଜୀବନ ସହିତ ଖାଦ୍ୟର ଏକ ଅବିଚ୍ଛିନ୍ନ ସମ୍ପର୍କ ରହିଛି। ଓଡ଼ିଆ ରନ୍ଧନ ପରମ୍ପରା କେବଳ ଭୋକ ମେଣ୍ଟାଇବାର ମାଧ୍ୟମ ନୁହେଁ, ଏହା ଏକ ଜୀବନଦର୍ଶନ, ଏକ ସାମାଜିକ ଚେତନା ଏବଂ ଏକ ଗଭୀର ସାଂସ୍କୃତିକ ପରିଚୟ। ସେହି ସମୃଦ୍ଧ ପରମ୍ପରାର ଏକ ଅନନ୍ୟ ପ୍ରତୀକ ହେଉଛି ଘାଂଟ। ନାମଟି ସରଳ, ପ୍ରସ୍ତୁତିରେ ଆଡମ୍ବର ନାହିଁ, କିନ୍ତୁ ଏହାର ଭିତରେ ଲୁଚି ରହିଛି ଓଡ଼ିଆ ଜୀବନର ଅନେକ ରଙ୍ଗ। ଏକାଧିକ ପନିପରିବା, ଡାଲିଜାତୀୟ ଶସ୍ୟ ଓ ଦେଶୀ ମସଲାକୁ ଏକାଠି କରି ପ୍ରସ୍ତୁତ ହେଉଥିବା ଏହି ବ୍ୟଞ୍ଜନ ଯେପରି ବିଭିନ୍ନତା ମଧ୍ୟରେ ଏକତାର ଚିତ୍ର ଆଙ୍କେ, ସେହିପରି ଓଡ଼ିଆ ସମାଜର ସାମୂହିକ ଜୀବନବୋଧକୁ ମଧ୍ୟ ପ୍ରକାଶ କରେ। ଘାଂଟ ତରକାରୀକୁ କେବଳ ଏକତରକାରୀ ବୋଲି କହିଦେବ। ଏହାର ଐତିହ୍ୟ ଓ ସାଂସ୍କୃତିକ ଗଭୀରତାକୁ ସୀମିତ କରିଦେବ। ଏହା ଓଡ଼ିଶାର କୃଷିକେନ୍ଦ୍ରିକ ଜୀବନଶୈଳୀର ଏକ ଜୀବନ୍ତ ଦଲିଲ। ଗାଁର ଅଗଣାରୁ ଆରମ୍ଭ କରି ପର୍ବପର୍ବାଣୀର ପୂଜାଘର, ପାରିବାରିକ ଭୋଜନରୁ ସାମୂହିକ ପ୍ରୟାସ ପର୍ଯ୍ୟନ୍ତ ଘାଂଟର ଉପସ୍ଥିତି ଓଡ଼ିଆ ଘରର ଆତ୍ମୀୟତାକୁ ଅନୁଭବ କରାଏ। ବିଶେଷକରି ମାର୍ଗଶୀର ମାସର ପ୍ରଥାମଷ୍ଟମୀ, ଗୁରୁବାର ଲକ୍ଷ୍ମୀ ପୂଜା, ଦ୍ୱିତୀୟା ଓଷା ଭଳି ଧାର୍ମିକ ଓ ପାରମ୍ପରିକ ଅବସରରେ ଏହାର ବ୍ୟବହାର ଓଡ଼ିଆ ଖାଦ୍ୟ ପରମ୍ପରାରେ ଏହାର ଗୁରୁତ୍ୱକୁ ଅଧିକ ଗଭୀର କରିଛି। ଏହି ପର୍ବଗୁଡିକରେ ଖାଦ୍ୟ କେବଳ ରୁଚିର ବିଷୟ ନୁହେଁ, ଖାଦ୍ୟ ହେଉଛି ଭକ୍ତି, ଶ୍ରଦ୍ଧା, ପରିବାର ଓ ପରମ୍ପରାର ଅଂଶ। ସେହି ପରମ୍ପରାରେ ଘାଣ୍ଟ ତରକାରୀର ସ୍ଥାନ ଅତ୍ୟନ୍ତ ଆତ୍ମୀୟ। ଘାଣ୍ଟର ସବୁଠାରୁ ବଡ ବିଶେଷତ୍ୱ ହେଉଛି ଏହାର ବିବିଧତା। କଞ୍ଚା କଦଳୀ, ସାରୁ, କନ୍ଦମୂଳ, ଦେଶୀ ଆଳୁ, ବାଇଗଣ, ପୋଟଳ, ଜହ୍ନି, କାଙ୍କଡ, କଖାରୁ ଭଳି ବିଭିନ୍ନ ପନିପରିବା ସହିତ ଗଜା ମୁଗ, ଚଣା ଓ ମଟର ମିଶି ଏହି ବ୍ୟଞ୍ଜନର ଗଠନ କରେ। ଏଠାରେ ପ୍ରତ୍ୟେକ ଉପାଦାନର ନିଜସ୍ୱ ସ୍ୱାଦ ରହିଥିଲେ ମଧ୍ୟ ସମସ୍ତେ ମିଶି ଏକ ସମନ୍ୱିତ ସ୍ୱାଦ ସୃଷ୍ଟି କରନ୍ତି। ଏହି ଦୃଶ୍ୟଟି ଓଡ଼ିଆ ସାମାଜିକ ଚିନ୍ତାଧାରାର ମଧ୍ୟ ଏକ ଉପମା ହୋଇପାରେ। ଭିନ୍ନତା ନିଜର ପରିଚୟ ହରାଇ ନଦେଇ ଏକାଠି ହୋଇ ସାମୂହିକ ସୌନ୍ଦର୍ଯ୍ୟ ସୃଷ୍ଟି କରିବା-ଏହା ହେଉଛି ଘାଣ୍ଟର ଗଭୀର ସନ୍ଦେଶ। ଓଡ଼ିଆ ଘରର ପୁରୁଣା ରନ୍ଧନଶାଳାରେ ଋତୁ ଅନୁସାରେ ମିଳୁଥିବା ପନିପରିବାର ବ୍ୟବହାର ଘାଂଟକୁ ପ୍ରକୃତି ସହିତ ଯୋଡିଥାଏ। ଏହାର ଅର୍ଥ ହେଉଛି ଓଡ଼ିଆ ପାରମ୍ପରିକ ଖାଦ୍ୟରେ ସ୍ଥାନୀୟ କୃଷି ଉତ୍ପାଦର ଗୁରୁତ୍ୱ ଅତ୍ୟଧିକ। ମାଟିରେ ଯାହା ଉତ୍ପାଦିତ ହୁଏ, ତାହାକୁ ଅବହେଳା ନକରି ରନ୍ଧନଶାଳାରେ ସମ୍ମାନର ସହିତ ସ୍ଥାନ ଦେବା ଓଡ଼ିଆ ଖାଦ୍ୟ ପରମ୍ପରାର ଏକ ମୂଳ ଗୁଣ। ତେଣୁ ଘାଂଟ କେବଳ ରୁଚିର ବ୍ୟଞ୍ଜନ ନୁହେଁ, ଏହା ଚାଷୀଙ୍କ ପରିଶ୍ରମ ଓ ମାଟିର ଦାନ ପ୍ରତି କୃତଜ୍ଞତାର ଏକ ନୀରବ ପ୍ରକାଶ। ଘାଣ୍ଟ ପ୍ରସ୍ତୁତିରେ ପିଆଜ ଓ ରସୁଣ ବ୍ୟବହାର ନକରି ଦେଶୀ ଘିଅ, ଜିରା, ଅଦା, ତେଜପତ୍ର, ଫଂଚଫୁଟଣ ଓ ନଡ଼ିଆ କୋରା ଭଳି ଉପାଦାନର ବ୍ୟବହାର ଏହାର ସାତ୍ୱିକ ଓ ପାରମ୍ପରିକ ଚରିତ୍ରକୁ ପ୍ରକାଶ କରେ। ଓଡ଼ିଆ ରନ୍ଧନରେ ମସଲାର ଅତ୍ୟଧିକ ବ୍ୟବହାର ଅପେକ୍ଷା ପ୍ରାକୃତିକ ସ୍ୱାଦକୁ ପ୍ରାଧାନ୍ୟ ଦେବାର ଯେ ପରମ୍ପରା ରହିଛି, ଘାଂଟ ତାହାର ଏକ ଉତ୍କୃଷ୍ଟ ଉଦାହରଣ। ଫଂଚଫୁଟଣର ସୁଗନ୍ଧ, ଦେଶୀ ଘିଅର ମୃଦୁ ସ୍ୱାଦ, ଅଦାର ଝାଳ ଓ ନଡ଼ିଆର ସ୍ୱାଦ ମିଶି ଏହାକୁ ଏକ ଅଲଗା ପରିଚୟ ଦେଇଥାଏ। ଏହି ସରଳତା ହିଁ ଓଡ଼ିଆ ଖାଦ୍ୟର ଶକ୍ତି। ଏଠାରେ ଖାଦ୍ୟର ମହତ୍ୱ ଆଡମ୍ବରରେ ନୁହେଁ, ଉପାଦାନର ସ୍ୱାଭାବିକତା ଓ ରନ୍ଧନର ସଠିକ ପ୍ରଣାଳୀରେ ରହିଛି। ଓଡ଼ିଶାର ଧାର୍ମିକ ଜୀବନ ସହିତ ଘାଣ୍ଟର ସମ୍ପର୍କ ମଧ୍ୟ ଏହାର ଐତିହ୍ୟକୁ ଅଧିକ ସମୃଦ୍ଧ କରେ। ଲକ୍ଷ୍ମୀ ପୂଜା ଭଳି ଅବସରରେ ଘର ସଫାସୁତୁରା କରିବା, ଧାନ ଓ ଶସ୍ୟ ପ୍ରତି ଶ୍ରଦ୍ଧା ଜଣାଇବା, ଘରେ ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତ କରିବା - ଏସବୁ ମିଶି ଓଡ଼ିଶା ପରିବାର ଧାର୍ମିକ ଜୀବନକୁ ଆକାର ଦିଏ। ଘାଂଟ ଏହି ଜୀବନଧାରାରେ ଏକ ସାମୂହିକ ଖାଦ୍ୟ ଭାବେ ଆତ୍ମପ୍ରକାଶ କରେ। ଓଡ଼ିଶାରେ ପ୍ରସାଦ ପରମ୍ପରା ସମଗ୍ର ଭାରତରେ ଏକ ବିଶିଷ୍ଟ ସ୍ଥାନ ରଖେ। ପୁରୀ ଶ୍ରୀମନ୍ଦିର ମହାପ୍ରସାଦ ପରମ୍ପରା ଓଡ଼ିଆ ଜାତିର ଧାର୍ମିକ ଓ ସାମାଜିକ ଜୀବନର ଏକ ଅମୂଲ୍ୟ ଅଧ୍ୟାୟ। ବିଭିନ୍ନ ପାରମ୍ପରିକ ବ୍ୟଞ୍ଜନ ମଧ୍ୟରେ ମିଶ୍ରିତ ପନିପରିବାର ବ୍ୟଞ୍ଜନର ଉଲ୍ଲେଖ ଓଡ଼ିଆ ଖାଦ୍ୟ ସଂସ୍କୃତିର ବିବିଧତାକୁ ପ୍ରକାଶ କରେ। ଘାଣ୍ଟକୁ ନେଇ ଅଂଚଳ ଭେଦରେ ନାମ, ଉପାଦାନ ଓ ପ୍ରସ୍ତୁତିରେ ତଫାତ ଥାଇପାରେ, କିନ୍ତୁ ଏହାର ମୂଳ ଧାରଣା - ବିଭିନ୍ନ ସ୍ଥାନୀୟ ଉପାଦାନର ସମନ୍ୱିୟ-ଓଡ଼ିଆ ଖାଦ୍ୟ ପରମ୍ପରାର ଏକ ସାଧାରଣ ଚରିତ୍ର। ଘାଣ୍ଟର ଆଉ ଏକ ମହତ୍ୱପୂର୍ଣ୍ଣ ଦିଗ ହେଉଛି ଏହା ପରିବାରକୁ ଏକାଠି କରେ। ପାରମ୍ପରିକ ଓଡ଼ିଆ ଘରର ପର୍ବପର୍ବାଣୀ ପୂର୍ବରୁ ରନ୍ଧନଶାଳାରେ ମହିଳାମାନେ ଏକାଠି ହୋଇ ପନିପରିବା କାଟିବା, ଧୋଇବା, ମସଲା ପ୍ରସ୍ତୁତ କରିବା ଓ ରାନ୍ଧିବାରେ ଭାଗ ନେଉଥିଲେ। ଏହି ସାମୂହିକ ଶ୍ରମ ମଧ୍ୟରେ ଥିଲା ଆତ୍ମୀୟତା, ହସଖୁସି, ପରମ୍ପରାର ଶିକ୍ଷା ଓ ପିଢିରୁ ଜ୍ଞାନର ହସ୍ତାନ୍ତର। ଘାଂଟ ବ୍ୟଞ୍ଜନ ଏହି ପାରମ୍ପରିକ ଜ୍ଞାନକୁ ଜୀବନ୍ତ ରଖିଛି।



ସୌଭାଗ୍ୟ ରଞ୍ଜନ ମହାନ୍ତି
ପ୍ଲଟ ନଂ-୫୮/୩୫୮୧,
ଗଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ଼-୭୫୧୦୦୨
ମୋ- ୯୪୩୭୯୯୪୩୭୯

ଆଜିର ଦ୍ରୁତ ଜୀବନରେ ଅନେକ ପାରମ୍ପରିକ ରନ୍ଧନ ପଦ୍ଧତି ଧୀରେ ଧୀରେ ହ୍ରାସ ପାଉଥିବା ବେଳେ ଘାଂଟ ଆମକୁ ନିଜ ମୂଳ ସହିତ ଯୋଡିବାର ଏକ ସୁଯୋଗ ଦେଇଥାଏ। ଆଧୁନିକତା ଆସିବ, ଖାଦ୍ୟର ରୁଚି ବଦଳିବ, ରନ୍ଧନର ଉପକରଣ ବଦଳିବ, କିନ୍ତୁ ପାରମ୍ପରିକ ଖାଦ୍ୟର ମୂଲ୍ୟ ହ୍ରାସ ପାଇବା ଉଚିତ ନୁହେଁ। କାରଣ ଖାଦ୍ୟର ମଧ୍ୟରେ ଇତିହାସ ବଂଚିଥାଏ। ଘାଣ୍ଟର ଏକ ପାତ୍ରରେ ଚାଷୀଙ୍କ ଜମି, ଋତୁର ଚକ୍ର, ପରିବାରର ଶ୍ରମ, ଘରର ପରମ୍ପରା, ପୂଜାର ଭକ୍ତି ଓ ସମାଜର ସହଯୋଗୀ ମନୋଭାବ ଏକାଠି ହୋଇଥାଏ। ଏହି କାରଣରୁ ଘାଣ୍ଟ ତରକାରୀ ଓଡ଼ିଆ ସାଂସ୍କୃତିକ ଏତିହ୍ୟର ଏକ ଜୀବନ୍ତ ପ୍ରତୀକ ଭାବେ ଦେଖାଯାଇପାରେ। ଏହା ଆମକୁ ଶିଖାଏ ଯେ ଭିନ୍ନତାକୁ ଦୂର କରିବା ପାଇଁ ସମସ୍ତଙ୍କୁ ଏକାକାର କରିବା ଦରକାର ନାହିଁ, ବରଂ ନିଜ ନିଜ ସ୍ୱତନ୍ତ୍ରତାକୁ ରକ୍ଷା କରି ସମନ୍ୱୟରେ ରହିବା ହିଁ ସତ୍ୟ ସୌନ୍ଦର୍ଯ୍ୟ। କଂଚା କଦଳୀର ନିଜସ୍ୱ ସ୍ୱାଦ ଅଛି, କଖାରୁର ନିଜସ୍ୱ ମିଠାସ ଅଛି, ବାଇଗଣର ନିଜସ୍ୱ ଗୁଣ ଅଛି, ମୁଗ ଓ ଚଣାର ନିଜସ୍ୱ ପୌଷ୍ଟିକତା ଅଛି, କିନ୍ତୁ ଏମାନେ ଏକାଠି ହେଲେ ଘାଣ୍ଟ ହୁଏ। ଏହି ସରଳ ରନ୍ଧନ ଦର୍ଶନ ହିଁ ଓଡ଼ିଆ ସଂସ୍କୃତିର ବଡ ଶିକ୍ଷା-ବିଭିନ୍ନତାକୁ ସମ୍ମାନ କରି ସମନ୍ୱୟ ସୃଷ୍ଟି କରିବା। ଆଜି ଯେତବଳେ ସାରା ବିଶ୍ୱରେ ସ୍ଥାନୀୟ ଖାଦ୍ୟ, ପାରମ୍ପରିକ କୃଷି ଓ ପୁରୁଣା ରନ୍ଧନ ପଦ୍ଧତିର ମୂଲ୍ୟ ନୂଆ ଭାବେ ବୁଝାଯାଉଛି, ସେତବଳେ ଘାଣ୍ଟ ଭଳି ଓଡ଼ିଆ ବ୍ୟଞ୍ଜନର ସଂରକ୍ଷଣ ଅତ୍ୟନ୍ତ ଆବଶ୍ୟକ। ଏହାକୁ କେବଳ ଘରୋଇ ରନ୍ଧନରେ ସୀମିତ ରଖିବା ନୁହେଁ, ନୂଆ ପିଢିକୁ ଏହାର ଇତିହାସ, ପ୍ରସ୍ତୁତି ପଦ୍ଧତି ଓ ସାଂସ୍କୃତିକ ମହତ୍ୱ ବିଷୟରେ ଜଣାଇବା ଦରକାର। ପରିବାରର ବଡମାନେ ଛୋଟମାନଙ୍କୁ ପାରମ୍ପରିକ ରନ୍ଧନ ଶିଖାଇବା, ପର୍ବପର୍ବାଣୀରେ ଦେଶୀ ବ୍ୟଞ୍ଜନ ପ୍ରସ୍ତୁତ କରିବା, ସ୍ଥାନୀୟ କୃଷିଜାତ ଉତ୍ପାଦକୁ ପ୍ରୋତ୍ସାହନ ଦେବା ଓ ଓଡ଼ିଆ ଖାଦ୍ୟର ଗାଥାକୁ ଲିପିବଦ୍ଧ କରିବା ଆମ ସମସ୍ତଙ୍କ ସାଂସ୍କୃତିକ ଦାୟିତ୍ୱ। କାରଣ ଏକ ଜାତିର ଐତିହ୍ୟ କେବଳ ମନ୍ଦିର, ସ୍ଥାପତ୍ୟ, ଶିଳାଲେଖ ଓ ପୁରାତନ ଗ୍ରନ୍ଥରେ ନଥାଏ, ତାହା ଲୋକଙ୍କ ଦୈନନ୍ଦିନ ଜୀବନ, ପୋଷାକ, ଭାଷା, ଗୀତ, ପର୍ବ ଓ ଖାଦ୍ୟରେ ମଧ୍ୟ ବଂଚିଥାଏ। ଘାଂଟ ତରକାରୀ ସେହି ଜୀବନ୍ତ ଐତିହ୍ୟର ଏକ ସ୍ୱାଦିଷ୍ଟ ଦଲିଲ। ଏହାର ଭିତରେ ଓଡ଼ିଆ ମାଟିର ଗନ୍ଧ ଅଛି, ଚାଷୀଙ୍କ ଶ୍ରମ ଅଛି, ଘରର ସ୍ନେହ ଅଛି, ପର୍ବର ଆନନ୍ଦ ଅଛି, ପୂଜାର ଭକ୍ତି ଅଛି ଏବଂ ସମାଜର ମିଳିମିଶି ଚଳିବାର ମନୋଭାବ ଅଛି। ତେଣୁ ଘାଂଟକୁ ଆମେ କେବଳ ଏକ ପାରମ୍ପରିକ ତରକାରୀ ଭାବେ ନୁହେଁ, ଓଡ଼ିଆ ଜୀବନର ଏକ ସାଂସ୍କୃତିକ ପ୍ରତିଛବି ଭାବରେ ଦେଖିବା ଉଚିତ। ଘାଂଟର ପାତ୍ର ଆମକୁ ପ୍ରତିଦିନ ଏକ ମହାନ ସନ୍ଦେଶ ଦିଏ - ଅଲଗା ଅଲଗା ହୋଇ ରହିଲେ ସ୍ୱାଦ ସୀମିତ ହୋଇପାରେ, କିନ୍ତୁ ପରସ୍ପରକୁ ସମ୍ମାନ ଦେଇ ଏକାଠି ହେଲେ ସୃଷ୍ଟି ହୁଏ ଏକ ନୂଆ ସ୍ୱାଦ, ଏକ ନୂଆ ଶକ୍ତି ଓ ଏକ ନୂଆ ପରିଚୟ। ଏହା ହେଉଛି ଘାଂଟର ସାଂସ୍କୃତିକ ଦର୍ଶନ ଏବଂ ଏହା ହେଉଛି ଓଡ଼ିଆ ସଂସ୍କୃତିର ମହାନ ମୂଲ୍ୟବୋଧ।

# ଇତିହାସର ଇତିହାସ

ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଜୀବିତ ଥିଲେ ତାଙ୍କୁ ଏବେ ୧୫୭ ବର୍ଷ ହୋଇଥାନ୍ତା। କୃତଜ୍ଞ ରାଷ୍ଟ୍ର ତାଙ୍କର ପୁଣ୍ୟତିଥି ପାଳନ କରିଛି। ଗାନ୍ଧୀଙ୍କୁ ଦେଶବାସୀ ମନେ ପକାଉଛନ୍ତି। ଗାନ୍ଧୀଙ୍କ ବିଶେଷତ୍ୱ ଥିଲା ଯେ ସେ ବିଶ୍ୱ ଇତିହାସରେ ହସ୍ତକ୍ଷେପ କରିଥିଲେ ଓ କାଳର ଅଖଣ୍ଡ ସତ୍ତାକୁ ପ୍ରଭାବିତ କରି ପାରିଥିଲେ। କାଳ (ସମୟ) ହେଉଛି ଅଖଣ୍ଡ ସତ୍ତା। ସବୁ ଘଟଣା ସମୟର ଅବଧି ମଧ୍ୟରେ ହୋଇଥାଏ। ଅର୍ଥବବେଦ (୧୯୫୩-୫୪)ରେ ମହର୍ଷି ଭୃଗୁ କହିଛନ୍ତି ''କାଳ- ଅଶ୍ୱବିଶ୍ୱ-ରଥର ସମ୍ବାହକ ଅଟେ। କାଳ ହିଁ ପିତା ଓ ସେ ହିଁ ଆଗକୁ ପୁତ୍ର ହୋଇଥାଏ। କାଳରେ ପ୍ରାଣ, ମନ, ସବୁ ନାମ ରହିଛି। କାଳର ଅନୁକୂଳତା ହିଁ ଆନନ୍ଦ ଅଟେ। କାଳ ସ୍ୱୟଂଭୁ ଅଟେ। କାଳ ଦ୍ୱାରା ହିଁ ଭୂତ ଏବଂ ଭବିଷ୍ୟ ସୃଷ୍ଟି ହୁଏ। ସମୟକୁ ଧରିହୁଏ ନାହିଁ। ଘଟଣା ସବୁ ଘଟିଥାଏ, ଘଟଣା ଅତୀତ ଅଟେ। ଅତୀତର ଘଟଣା ସବୁର ଯଥାତଥ୍ୟ ସଂକଳନ ଇତିହାସ ଅଟେ। ପ୍ରାଚୀନ ରାଷ୍ଟ୍ରର କୋଟି କୋଟି ଘଟଣା ରହିଛି। ଭାରତ ଏମିତି ଏକ ରାଷ୍ଟ୍ର ଅଟେ। ମୂଳ ପ୍ରଶ୍ନ ହେଉଛି ଯେ ଘଟଣାର ସଙ୍କଳନ ରେ ସଙ୍କଳନକର୍ତ୍ତାଙ୍କ ରଚି କ'ଣ ଥିଲା? ରଚି କ'ଣ? ଅନେକ ବିଦ୍ୱାନ ଯୁଦ୍ଧ ପ୍ରିୟ ହୋଇଥାନ୍ତି। ସେମାନେ ଯୁଦ୍ଧର ଇତିବୃତି ସଙ୍କଳିତ କରିଥାନ୍ତି। ଅନେକ ବିଦ୍ୱାନ ପ୍ରକୃତିପ୍ରେମୀ ଓ ସେମାନେ ପ୍ରାକୃତିକ ପରିବର୍ତ୍ତନକୁ ଇତିବୃତ୍ତର ବିଷୟ କରିଥାନ୍ତି। ମାର୍କ୍ସବାଦୀ ବିଚାରଧାରାର ବିଦ୍ୱାନ ଉତ୍ପାଦନ ପଦ୍ଧତି ବିବରଣିକୁ ସଙ୍କଳିତ କରିଥାନ୍ତି। ଇତିହାସ ଅତୀତର ଦର୍ପଣ ଅଟେ କିନ୍ତୁ ଇତିହାସ ଲିଖନ ବା ସଙ୍କଳନର କୌଣସି ଶୈଳୀ ପ୍ରାଚୀନ ସମାଜ ବା ରାଷ୍ଟ୍ରର ସଂପୁର୍ଣ୍ଣ ବିବରଣୀ ହୋଇନପାରେ। ଯେମିତି ସମୁଦ୍ରର ଲହରୀର ଗଣନା ଅସମ୍ଭବ ସେହିଭଳି ଇତିହାସର ସଂକଳନ କାର୍ଯ୍ୟ ମଧ୍ୟ ଅତି ଜଟିଳ ଅଟେ। ଏଣୁ ଇତିହାସର ରୂପ ସ୍ୱରୂପ ଏବଂ ଇତିହାସ ଖୋଜିବା ଅତି କଠିନ କାର୍ଯ୍ୟ ଅଟେ।

ଭାରତରେ ଏବେ ଇତିହାସକୁ ନେଇ ବିମର୍ଷ ଚାଲିଛି। ୟୁରୋପୀୟ ବିଦ୍ୱାନ ମାନେ ଭାରତର ଇତିହାସ ଲିଖନ ବେଳେ ପ୍ରକୃତ ତଥ୍ୟକୁ ଉପେକ୍ଷା କରିଛନ୍ତି ବୋଲି ଅଭିଯୋଗ ହେଉଛି। ମାକ୍ସମୁଲର ଲେଖିଛନ୍ତି ''ହିନ୍ଦୁ ଦାର୍ଶନିକ ମାନଙ୍କର ଏକ ଜାତି ଥିଲା। ସେମାନଙ୍କ ବିଚାରର ସଂଘର୍ଷ ଥିଲା। ସେମାନଙ୍କ ଅତୀତ ସୃଷ୍ଟିର ସମସ୍ୟା ଥିଲା, ସେମାନଙ୍କ ଭବିଷ୍ୟ ଅସ୍ତିତ୍ୱର ପ୍ରଶ୍ନ ଥିଲା। ଏକଥା ସତ୍ୟ ଯେ ବିଶ୍ୱର ରାଜନୈତିକ ଇତିହାସରେ ଭାରତର କୌଣସି ସ୍ଥାନ ନାହିଁ।'' ମାକ୍ସମୁଲର ବୈଦିକ ଏବଂ ପୌରାଣିକ ସହିତ ପ୍ରାଚୀନ ଇତିହାସରେ ରାଜ୍ୟ ବ୍ୟବସ୍ଥାକୁ ଏଡ଼ାଇ ଯାଇଛନ୍ତି। ଏଲଫିନ୍‌ସଟନଙ୍କୁ ସିକନ୍ଦରଙ୍କ ଆକ୍ରମଣର ପୂର୍ବରୁ କୌଣସି ଘଟଣାର ନିଶ୍ଚିତ ସମୟ ଦେଖାଯାଇ ନାହିଁ। ୧୮୩୯ରେ ଏଲଫିନ୍‌ସଟନ ଲେଖିଛନ୍ତି ଯେ ଭାରତୀୟ ଇତିହାସରେ ସିକନ୍ଦରଙ୍କ ଆକ୍ରମଣ ପୂର୍ବରୁ କୌଣସି ତିଥି ବା ସମୟ ନିଶ୍ଚିତ କରାଯାଇ ପାରିବ ନାହିଁ। ବିଟରନିଟଜ ଭାରତର କାବ୍ୟ, ନାୟକତ୍ୱ ଏବଂ ଇତିହାସର ମିଶ୍ରଣକୁ ଦେଖିଛନ୍ତି। ଅଲବେରୁନିଙ୍କ ଅଭିଯୋଗ ମଧ୍ୟ କଠୋର। ସେ ଲେଖିଛନ୍ତି- ହିନ୍ଦୁମାନେ ଘଟଣାର ଐତିହାସିକ କ୍ରମ ଉପରେ ଅଧିକ ଧ୍ୟାନ ଦେଇନଥାନ୍ତି। ସେମାନେ ସମ୍ରାଟ (ରାଜା)ଙ୍କର କାଳ କ୍ରମାନୁସାରେ ଉତ୍ତରାଧିକାର ର ବର୍ଣ୍ଣନରେ ବେପରୁଆ ଅଟନ୍ତି।'' ଗାନ୍ଧୀ ଏହି ସବୁ ବିଦ୍ୱାନଙ୍କ ମତ ବା ଲିଖନର ବିରୋଧି ଥିଲେ।

ଅତୀତ ଏବଂ ବର୍ତ୍ତମାନ ଦୁଇଟା ନୁହେଁ,ବର୍ତ୍ତମାନ ଅତୀତର ହିଁ ବିସ୍ତାର ଅଟେ। ଅତୀତ ନିର୍ଜୀବ ସତ୍ତା ନୁହେଁ, ବର୍ତ୍ତମାନ ବିତି ଯାଇଥିବା ସମୟର ଚେହେରା ଅଟେ। ଇତିହାସ ଏବଂ ବର୍ତ୍ତମାନର ସମ୍ପର୍କ ଅବିଚ୍ଛିନ୍ନ ଅଟେ। ଇତିହାସରେ ମନୁଷ୍ୟର କର୍ମର ଅନୁଭବ ହୋଇଥାଏ। ମଣିଷ ଇତିହାସରୁ ହିଁ ଶିଖିଥାଏ। ବର୍ତ୍ତମାନର ବସ୍ତୁନିଷ୍ଠ ଆଖ୍ୟାର ଉପକରଣ ମଧ୍ୟ ଇତିହାସ ଅଟେ। ଇତିହାସ ମନୁଷ୍ୟ ଜୀବନର ପ୍ରୟୋଗଶାଳା ଅଟେ। ସମାଜ ଏହି ପ୍ରୟୋଗଶାଳାର ନିଷ୍ପତ୍ତି ଅନୁସାରେ ଠିକ୍, ଭୁଲ, କେଉଟା କରିବା ଉଚିତ୍ ଓ କେଉଟା କରିବା ଉଚିତ୍ ନୁହେଁ ସେ କଥାର ସୂଚୀ ପ୍ରସ୍ତୁତ କରିଥାଏ। ଏଣୁ ଇତିହାସର ସଂକଳନ କାର୍ଯ୍ୟ ବୈଜ୍ଞାନିକଙ୍କ ପରି। କିନ୍ତୁ ଇତିହାସକାର ଏବଂ ବୈଜ୍ଞାନିକଙ୍କ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
୯୪୩୮୪୮୫୦୯୪

ଲକ୍ଷରେ ଆଧାରଭୁତ ପାର୍ଥକ୍ୟ ରହିଛି। ବିଜ୍ଞାନ ପ୍ରକୃତିର ବିଶ୍ଳେଷଣ କରିଥାଏ କିନ୍ତୁ ଏହାର ନିଷ୍କର୍ଷ ଅନ୍ତିମ ନୁହେଁ। ପ୍ରକୃତି ବିରାଟ, ଏଠି, ଅନନ୍ତ ରହସ୍ୟ ରହିଛି। ବିଜ୍ଞାନ ଦ୍ୱାରା ଜଣାଯାଇଥିବା କୌଣସି ବି ତଥ୍ୟ ସଂପୁର୍ଣ୍ଣନୁହେଁ ବା ଅନ୍ତିମ ସତ୍ୟ ନୁହେଁ। ଇତିହାସ ହୋଇସାରିଥିବା ବା ଘଟି ଯାଇଥିବା ଘଟଣାର ବିବରଣ ଅଟେ। ଅତୀତରେ ମଧ୍ୟ ସବୁକିଛି ନୂଆର ସମ୍ଭାବନା ନାହିଁ। ଯାହା ହୋଇଛି ବା ଘଟିଯାଇଛି ତାର ତଥ୍ୟଗତ ସଙ୍କଳନ ହିଁ ଇତିହାସ ଅଟେ।

ଗାନ୍ଧୀ ଇତିହାସ ନିର୍ମାତା ଥିଲେ ଓ ଅନ୍ୟପକ୍ଷରେ ନିଜେ ଜଣେ ଭଲ ଇତିହାସ ଲେଖକ ମଧ୍ୟ ଥିଲେ। ଅନେକ ବିଦ୍ୱାନ ଗାନ୍ଧୀଙ୍କ ଲିଖିତ ''ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହର ଇତିହାସ'' ପୁସ୍ତକର ପ୍ରଶଂସା କରିଛନ୍ତି। ଗାନ୍ଧୀଙ୍କ ଏହି ପୁସ୍ତକର ପ୍ରଥମ ଅଧ୍ୟାୟ ହେଉଛି ''ଭୂଗୋଳ''। ଇତିହାସର ଘଟଣା ସବୁ ଖାସ୍ ଭୂଖଣ୍ଡରେ ଘଟିଥାଏ। ଭୂଖଣ୍ଡ କ୍ଷେତ୍ରର ସ୍ୱରପ ସ୍ଥାୟୀ ରହିନଥାଏ। ଉତ୍ପାଦନର ସାଧନ ମଧ୍ୟ ପରିବର୍ତ୍ତନ ହୋଇଥାଏ। ଏଥିପାଇଁ ଇତିହାସର ଅଧ୍ୟୟନରେ ଭୂଗୋଳର ଗୁରୁତ୍ୱ ରହିଥାଏ। ବୈଦିକ ଯୁଗର କବି ଓ ଲେଖକ ମାନେ ମଧ୍ୟ ପରିବେଶ, ନଦୀ, ପର୍ବତ ସମ୍ପର୍କରେ ବର୍ଣ୍ଣନ କରୁଥିଲେ। ଏଥିସହ ତତ୍କାଳୀକ ଅର୍ଥବ୍ୟବସ୍ଥାର ବ୍ୟାଖ୍ୟା କରୁଥିଲେ। ଗାନ୍ଧୀ ମଧ୍ୟ ଦକ୍ଷିଣ ଆଫ୍ରିକାର ତତ୍କାଳୀନ ଅର୍ଥତନ୍ତ୍ରର ବର୍ଣ୍ଣନା କରିଥିଲେ। ଗାନ୍ଧୀ ଇତିହାସ ଲିଖନରେ ଭାଷାକୁ ମଧ୍ୟ ପ୍ରମୁଖ ସ୍ଥାନ ଦେଇଥିଲେ।

ଅଧ୍ୟୟନର ସମସ୍ତ ବିଷୟାନୁଶାସନ ମନୁଷ୍ୟ ହିଁ ଗଢିଛି ମନୁଷ୍ୟ ପାଇଁ। ବୃହତ୍ତର ମାନବତାର ଲୋକକଲ୍ୟାଣ ହିଁ ସବୁ ବିଷୟର ଜ୍ଞାନର ଲକ୍ଷ ଅଟେ। ଇତିହାସରେ ଲୋକମଙ୍ଗଳ ସାଧନର କର୍ମଯୋଗ ଏବଂ ବ୍ୟବହାର ଶାସ୍ତ୍ର ବାବଦରେ ଉଲ୍ଲେଖ ରହିଥାଏ। ଇତିହାସର ଲିଖନ, ସଂକଳନ ଏବଂ ଅଧ୍ୟୟନ କାର୍ଯ୍ୟ ଲୋକମଙ୍ଗଳ ଲକ୍ଷ ସହ ଜଡ଼ିତ। ପ୍ରଶ୍ନ ହେଉଛି ଭାରତୀୟ ଉପମହାଦ୍ୱୀପର ଇତିହାସ ଦେଖିବାର ପ୍ରାଚୀନ ଦୃଷ୍ଟିକୋଣ କ'ଣ ଥିଲା? କ'ଣ ପୌରାଣିକ ଥିଲା? କ'ଣ ତଥ୍ୟର ତୃଟିପୂର୍ଣ୍ଣ ଭାବେ ବ୍ୟାଖ୍ୟା କରିବାର ମାନସିକତା ଥିଲା? ମହାକାବ୍ୟ ଓ ପୁରାଣଶାସ୍ତ୍ର ଏବଂ ଏହା ପୂର୍ବରୁ ରଚିତ ବୈଦିକ ସାହିତ୍ୟର ନାୟକ କ'ଣ କାଳ୍ପନିକ? ପୂର୍ବଜ ମାନଙ୍କର ଏଭଳି ଇତିହାସ ଦୃଷ୍ଟି ଥିଲା କାହିଁକି? ଆଧୁନିକ ଐତିହାସିକ ମାନଙ୍କର ଏକ ବର୍ଗ ବା ଗୋଷ୍ଠୀ ଇତିହାସରେ ବୈଜ୍ଞାନିକ ଦୃଷ୍ଟିକୋଣକୁ ଜରୁରୀ ବୋଲି କହିଥାନ୍ତି। ଏହି ଦୃଷ୍ଟିକୋଣ ଅନୁସାରେ ବୈଦିକ ସାହିତ୍ୟ-ଇତିହାସରେ କ'ଣ ତ୍ରୁଟି ରହିଛି? କ'ଣ ମାକ୍ସବାଦୀ ଇତିହାସ ଲିଖନ ହିଁ ବୈଜ୍ଞାନିକ ଅଟେ? ଯଦି ଏହା ଠିକ୍ ତେବେ କାର୍ଲମାର୍କ୍ସଙ୍କ ପୂର୍ବରୁ ଲିଖିତ ଇତିହାସ ଅବୈଜ୍ଞାନିକ ହୋଇପାରେ। ଏଭଳି ପ୍ରଶ୍ନାବଳି ଅନେକ ହୋଇପାରେ। କ'ଣ ପୁରାତାତ୍ୱିକ ସାକ୍ଷ୍ୟ ହିଁ ପ୍ରମାଣ ଅଟେ? ଶବ୍ଦ ଅନୁଭୂତି ଶୃତି ସ୍ମୃତି କ'ଣ ବେକାର ଅଟେ? ସେଇ କାଳଖଣ୍ଡ ବା ସମୟର ସଭାବ ପୁର୍ଣ୍ଣ ସମାଜ କ'ଣ ମହତ୍ୱପୁର୍ଣ୍ଣ ନୁହେଁ? ରାଷ୍ଟ୍ରବୋଧର ବାସ୍ତବିକ ସର୍ତ୍ତ ସଚ୍ଚା ଇତିହାସ ବୋଧ ଅଟେ। ଗଣିତ, ଜ୍ୟୋତିଷ, ଚିକିତ୍ସା ଆଦି କ୍ଷେତ୍ରରେ ଭାରତର ଉପଲବ୍ଧି ବିଶ୍ୱ ବିଖ୍ୟାତ ଥିଲା। ଭାରତ ଇତିହାସ ସଙ୍କଳନର ନିଜର ବିଶେଷ ପରମ୍ପରା ବିକଶିତ କରିଥିଲା କିନ୍ତୁ ୟୁରୋପୀୟ ଇତିହାସବିତ୍ ମାନେ ଭାରତକୁ ଇତିହାସବିହୀନ କହିଛନ୍ତି ଗାନ୍ଧୀ ରାଜା ମହାରାଜା ମାନଙ୍କ ବିବରଣକୁ ପ୍ରକୃତ ଇତିହାସ ବୋଲି ଭାବୁ ନଥିଲେ। ହିନ୍ଦସ୍ୱରାଜରେ ଗାନ୍ଧୀ ପ୍ରକୃତ ଇତିହାସ କ'ଣ ସେ ବାବଦରେ ଅନେକ କଥା ଲେଖିଛନ୍ତି। ଗାନ୍ଧୀ ୟୁରୋପୀୟ ଇତିହାସର ଅନ୍ତର୍ବସ୍ତୁକୁ କେବଳ ଲଢ଼େଇ/ଯୁଦ୍ଧର ସଂଗ୍ରହ ବୋଲି କହୁଥିଲେ।

# ପିତୃପକ୍ଷ ବନାମ ପୂର୍ବପୁରୁଷଙ୍କୁ ଡାକରା

ଚଳିତ ବର୍ଷ ଦିବଙ୍ଗତ ପୂର୍ବପୁରୁଷମାନଙ୍କ ସ୍ମରଣେ ପିତୃପକ୍ଷ ଶନିବାର, ସେପ୍ଟେମ୍ବର ୨୬ ତାରିଖରୁ ଆରମ୍ଭ ହୋଇଯାଇଛି। ହିନ୍ଦୁ ଧର୍ମରେ ପ୍ରତିବର୍ଷ ରୀତିନୀତି ଅନୁସାରେ ପୂର୍ବପୁରୁଷମାନଙ୍କୁ ସ୍ମରଣ ଓ ସମ୍ମାନ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଆସିଥାଏ । ପିତୃପକ୍ଷ ଶ୍ରାଦ୍ଧ ପକ୍ଷ ଭାବରେ ମଧ୍ୟ ଜଣାଶୁଣା। ହିନ୍ଦୁ ଧର୍ମରେ ପ୍ରଚଳିତ କ୍ୟାଲେଣ୍ଡର ଅନୁସାରେ ଏହି ବର୍ଷ ପିତୃପକ୍ଷ ସେପ୍ଟେମ୍ବର ୨୬ ତାରିଖ ଶନିବାର ଦିନ ଆରମ୍ଭ ହୋଇଛି। ସେହି ପବିତ୍ର ସମୟ ଭିତରେ ପୂର୍ବପୁରୁଷଙ୍କ ପାଇଁ ଶ୍ରାଦ୍ଧ, ତର୍ପଣ ଓ ଦାନ କରାଯାଏ।

ପିତୃପକ୍ଷ ସର୍ବ ପିତୃ ଅମାବାସ୍ୟା ସହିତ ଶେଷ ହୁଏ । ଏହି ସମୟ ମଧ୍ୟରେ ପରିବାରବର୍ଗ ମାନଙ୍କ ମନରେ ଅହେତୁକ ଆନନ୍ଦ ଉଲ୍ଲାସର ଖେଳି ଯାଇଥାଏ । ଗୋଟିଏ ବର୍ଷର ପ୍ରତୀକ୍ଷାର ଅବସାନ ଖଟି ପିତୃଋଣ ପରିଶୋଧ କରିବାର ପରିକଳ୍ପନାକୁ ଯତକିଞ୍ଚିତ ସାର୍ଥକ ହେବାର ସୌଭାଗ୍ୟ ପ୍ରାପ୍ତି ପାଇଁ ପ୍ରତୀକ୍ଷାର ବ୍ୟାକୁଳତା ଅନ୍ତ ଘଟେ। ପରିବାରର ସକଳେ ସର୍ଗତ ପୂର୍ବପୁରୁଷଙ୍କୁ ମନେ ପକାଇଥାନ୍ତି ଓ ସେମାନଙ୍କ ମନର ଶାନ୍ତି ପାଇଁ ଅତ୍ୟାବଶ୍ୟକ ଧାର୍ମିକ କାର୍ଯ୍ୟ କରନ୍ତି । ଘରର ଅଗ୍ରଜ ଅନ୍ୟମାନଙ୍କ ସହିତ ତର୍ପଣ ଏପରିକି ପିଣ୍ଡ ଦାନ କରିଥାନ୍ତି।

ହିନ୍ଦୁ ଧର୍ମାନୁସାରେ ପିତୃପକ୍ଷର ପ୍ରଥମ ଦିନ ପୂର୍ଣ୍ଣିମାର ଶ୍ରାଦ୍ଧ ସହିତ ଆରମ୍ଭ ହୁଏ। ଶେଷରେ ଅମାବାସ୍ୟାର ଶ୍ରାଦ୍ଧରେ ମାତୃ ପିତାମହଙ୍କ ଶ୍ରାଦ୍ଧ ମଧ୍ୟ କରାଯାଇଥାଏ। ଆଗରୁ ସୂଚେଇ ଥିବା ହିନ୍ଦୁ କ୍ୟାଲେଣ୍ଡର ଅନୁସାରେ, ପିତୃପକ୍ଷ ୨୬ ସେପ୍ଟେମ୍ବରରୁ ଆରମ୍ଭ ହେଉଛି। ଏହା ୧୦ ଅକ୍ଟୋବର ଶନିବାର ଦିନ ସର୍ବ ପିତୃ ଅମାବାସ୍ୟା ସହିତ ଶେଷ ହେବାକୁ ଯାଉଛି। ଏହି ଦିନ ପୂର୍ଣ୍ଣିମା ତିଥିର ଶ୍ରାଦ୍ଧ କରାଯିବା କଥା କୁହାଯାଏ। ଏହା ପରେ ପରେ ବିଭିନ୍ନ ତିଥି ଅନୁସାରେ ଶ୍ରାଦ୍ଧ ରୀତି କରାଯିବା ବିଦ୍ଧି ରହିଛି । ଶ୍ରାଦ୍ଧ ଶାସ୍ତ୍ରାନୁସାରେ ପିତୃପକ୍ଷ ସମୟରେ, ପ୍ରତିପଦରୁ ଅମାବାସ୍ୟା ପର୍ଯ୍ୟନ୍ତ ବିଭିନ୍ନ ଶ୍ରାଦ୍ଧ ତିଥି ପଡ଼ିଥାଏ। ବିଶେଷ କରି ପରିବାରରେ ପୂର୍ବପୁରୁଷଙ୍କ ମୃତ୍ୟୁ ତାରିଖ ଅନୁସାରେ ଶ୍ରାଦ୍ଧ କରିବାର ପରମ୍ପରା ରହିଛି।

ପିତୃପକ୍ଷ ସମୟରେ ତର୍ପଣ (ନୈବେଦ୍ୟ)କୁ ବିଶେଷ ଗୁରୁତ୍ୱ ଦିଆଯାଇଥାଏ। ଭକ୍ତମାନେ କଳା ତିଳ, କୁଶ ଘାସ ଇତ୍ୟାଦିକୁ ସ୍ୱଚ୍ଛ ପାଣିରେ ମିଶାଇ ପୂର୍ବପୁରୁଷଙ୍କୁ ମନେ ରଖନ୍ତି। ଏହା ପରେ ପୂର୍ବପୁରୁଷଙ୍କୁ ବିଧିବଦ୍ଧ ଭାବରେ ଜଳ ଅର୍ପଣ କରାଯାଇଥାଏ। ପିତୃପକ୍ଷ ସମୟରେ ରନ୍ଧା ଚାଉଳ, ଯବ ମଇଦା, କଳା ତିଳ, କ୍ଷୀର, ଘିଅ ଓ ମହୁ ମିଶ୍ରଣ କରି ଏକ ମୁଠା ପ୍ରସ୍ତୁତ କରାଯାଏ ଓ ଏହାକୁ ପୂର୍ବପୁରୁଷଙ୍କୁ ଅର୍ପଣ କରାଯାଏ।

ବିଶେଷ କରି ଏହି ସମୟରେ ଦୁଃଖୀ ରଙ୍କି ଗରିବ କ୍ଷୁଧାର୍ତ୍ତି ଲୋକଙ୍କୁ ଖାଦ୍ୟ , ବସ୍ତ୍ର ଓ ଆର୍ଥିକ ସହାୟତା କିଛି ଦେବା ଓ ନିଜ କ୍ଷମତା ଅନୁସାରେ ଦାନ କାର୍ଯ୍ୟ କରିବା ଶୁଭ ବୋଲି ବିବେଚନା କରାଯାଏ । ବିଭିନ୍ନ ତିଥିରେ ଓ ବିଶେଷକରି ସର୍ବ ପିତୃ ଅମାବାସ୍ୟାରେ ପୂର୍ବପୁରୁଷଙ୍କ ପସନ୍ଦର ଖାଦ୍ୟ ପ୍ରସ୍ତୁତ କରି ଗରିବମାନଙ୍କୁ ଖାଇବାକୁ ଦେବା ଦ୍ୱାରା ପୂର୍ବପୁରୁଷଙ୍କ ଆଶୀର୍ବାଦ ଅକ୍ଷୁର୍ଣ୍ଣ ରହିଥାଏ ବୋଲି ଏକପ୍ରକାର ଗଭୀର ଆତ୍ମ ବିଶ୍ୱାସ ରହିଛି । ପୂର୍ବପୁରୁଷଙ୍କ ପାଇଁ ଶ୍ରାଦ୍ଧ ଓ ତର୍ପଣ ପାଇଁ ପ୍ରସ୍ତୁତି ପୁଣି ଥରେ ଘରେ ଆରମ୍ଭ ହେବାକୁ ପଡ଼ିଥାଏ। ହିନ୍ଦୁ ଧର୍ମରେ ଏହି ଦିନଗୁଡ଼ିକୁ ପୂର୍ବପୁରୁଷଙ୍କୁ ସମ୍ମାନ ଦେବାର ସମୟ ଭାବରେ ବିବେଚନା କରାଯାଏ।

ପରିବାରରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ମୃତ୍ୟୁ ତାରିଖ ଅନୁସାରେ ଶ୍ରାଦ୍ଧ ଦେବାର ଓ ତାଙ୍କ ଅବର୍ତ୍ତମାନକୁ ମନେପକାଇ ହୃଦୟରେ ସାଷ୍ଟାଙ୍ଗ ପ୍ରଣିପାତ କରୁଥିବାର ଦେଖାଯାଏ। ରାମାୟଣରେ ରାମ ବନବାସ ସମୟରେ ମା' ସୀତା ବନବାସୀ ହୋଇ ଦଶରଥଙ୍କୁ ପିଣ୍ଡ ଦାନ ଓ ତର୍ପଣ ମଧ୍ୟ କରିଥିବା ଦୃଷ୍ଟାନ୍ତ ରହିଛି। ତେଣୁ ଦିବଂଗତ ପୂର୍ବପୁରୁଷମାନଙ୍କୁ ମନେ ପକାଇବା ଓ ସମ୍ମାନ ଦେବା ପାଇଁ ଦିନଗୁଡ଼ିକ ଅବିସ୍ମରଣୀୟ ।

ଏହି ସମୟ ମଧ୍ୟରେ ପୂର୍ବପୁରୁଷଙ୍କ ପାଇଁ ମୁଖ୍ୟ ଶ୍ରାଦ୍ଧ ବିଧି କରାଯାଏ । ପଞ୍ଜାଙ୍ଗରେ କୁତୁପ ଓ ରୋହିଣ ଭଳି ମୁହୂର୍ତ୍ତଗୁଡ଼ିକ ମଧ୍ୟ ଯାଞ୍ଚ କରାଯାଇଥାଏ। ପ୍ରତ୍ୟେକ ଗ୍ରାମାଞ୍ଚଳରେ ଓ ସହରରେ ଶ୍ରାଦ୍ଧ ସମୟ ଓ ସମାନ ପଦ୍ଧତିରେ ହୋଇ ପାରେ ନାହିଁ । କାରଣ ସୂର୍ଯ୍ୟୋଦୟ ଓ ସ୍ଥାନୀୟ କ୍ୟାଲେଣ୍ଡର ଉପରେ ନିର୍ଭର କରି ଏହା ଭିନ୍ନ ଭିନ୍ନ



ଡକ୍ଟର ଲକ୍ଷ୍ମଣ ସାହୁ
ଅଧକ୍ଷ, ମହାନଦୀ ବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ,
କଟକ-୪, ମୋ- ୯୦୪୦ ୧୫୧୪୭୫

ଭାବରେ କରାଯାଇଥାଏ। ତେଣୁ ଯେଉଁ ସହରରେ ଶ୍ରାଦ୍ଧ କରାଯାଇଥାଏ, ସେହି ସହରର ଯଜମାନନେ ସ୍ଥାନୀୟ କୁଳପୁରୋହିତ ସହ ପରାମର୍ଶ ନେବା ପରେ ପରେ ଶ୍ରାଦ୍ଧ ଆୟୋଜନ କରନ୍ତି। ପୁରୋହିତ କ୍ୟାଲେଣ୍ଡର ଦେଖି ସମୟ ନିର୍ଘଣ୍ଟ କରିଥାନ୍ତି।

ପ୍ରଥମେ ତର୍ପଣରେ ପୂର୍ବପୁରୁଷଙ୍କୁ ଜଳ ଅର୍ପଣ କରାଯାଏ । ସେହି ଜଳ ପତ୍ରୀରେ କଳା ତିଳ ଓ କୁଶ ଘାସ ବ୍ୟବହାର କରିବା ପରମ୍ପରାଗତ କେଉଁ ଆବହମାନ କାଳରୁ ରହିଆସିଛି। ପୂର୍ବପୁରୁଷମାନଙ୍କୁ ସେମାନଙ୍କ ନାମ ଓ ବଂଶ ଦ୍ୱାରା ସ୍ମରଣ କରାଯାଏ ଓ ତା'ପରେ ଜଳ ଅର୍ପଣ କରାଯାଏ । ସେଦିନ ଘରେ ମୁରବୀ ଅର୍ଥାତ୍ ଗୃହ କର୍ତ୍ତା ଓ କର୍ତ୍ତୀ ଉଭୟ ଶ୍ରାଦ୍ଧ ନପକାଇବା ପର୍ଯ୍ୟନ୍ତ ଜଳ ସ୍ପର୍ଶ କରନ୍ତି ନାହିଁ । ଗୋଟିଏ ମାସ ଧରି ଦିବଂଗତ ମାନଙ୍କ ଆବାହନ ପାଇଁ ଘରକୁ ସଫାକରି ସଜ୍ଜିତ କରିଥାନ୍ତି। ଏପରିକି ଘରେ ବ୍ୟବହୃତ ସମସ୍ତ ଆସବାବପତ୍ର ଓ ପରିଧାନ ପରିଷ୍କାର କରିବା ସହିତ ନୂତନ ବସ୍ତ୍ର ପରିଧାନ କରନ୍ତି। ଶ୍ରାଦ୍ଧ ତର୍ପଣ ସମୟରେ, ମନକୁ ଶାନ୍ତ ରଖାଯାଏ ଓ ପୂର୍ବପୁରୁଷମାନଙ୍କୁ ଶାନ୍ତି ପାଇଁ ପ୍ରାର୍ଥନା କରାଯାଏ । ପାରିବାରିକ ପରମ୍ପରା ଉପରେ ନିର୍ଭର କରି ତର୍ପଣର ପଦ୍ଧତି ସାମାନ୍ୟ ଭିନ୍ନ ହୋଇଥାଏ।

ପିତୃପକ୍ଷ ସମୟରେ, ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ତିଥିରେ ପୂର୍ବପୁରୁଷଙ୍କ ପାଇଁ ଶ୍ରାଦ୍ଧ କରାଯାଏ । ତେଣୁ, ପରିବାରର ସଦସ୍ୟଙ୍କ ମୃତ୍ୟୁ ହୋଇଥିବା ତାରିଖରେ ଶ୍ରାଦ୍ଧ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଯଦି ମୃତକଙ୍କ ମୃତ୍ୟୁର ହିନ୍ଦୁ ତାରିଖ ଜଣା ଥାଏ, ତେବେ ପିତୃପକ୍ଷ ସମୟରେ ସେହି ତିଥିରେ ଶ୍ରାଦ୍ଧ କରାଯାଏ ଛ। ଉଦାହରଣ ସ୍ୱରୂପ, ଯଦି କୌଣସି ବ୍ୟକ୍ତି କୃଷ୍ଣ ପକ୍ଷର ଅଷ୍ଟମୀରେ ମୃତ୍ୟୁବରଣ କରନ୍ତି, ତେବେ ତାଙ୍କର ଶ୍ରାଦ୍ଧ ପିତୃ ପକ୍ଷର ଅଷ୍ଟମୀରେ କରାଯିବ। ଯଦି ମୃତ୍ୟୁର ତାରିଖ ଜଣା ନାହିଁ, ତେବେ ସର୍ବ ପିତୃ ଅମାବାସ୍ୟା ଦିନକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏଧ। ସର୍ବ ପିତୃ ଅମାବାସ୍ୟା ଅକ୍ଟୋବର ୧୦ ତାରିଖରେ ହେବ। ଶ୍ରାଦ୍ଧ ପାଇଁ ସଠିକ୍ ସମୟ ଓ ଦିନର ଅପରାହ୍ନକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ।


ଶ୍ରାଦ୍ଧ ଦିନ ସକାଳେ ସ୍ନାନ କରି , ନୂତନ ଅଥବା ସଫା ପୋଷାକ ପିନ୍ଧି ପୂଜାସ୍ଥଳ ସଫା କରିବା ପରେ ପୂର୍ବପୁରୁଷମାନଙ୍କୁ ସ୍ମରଣ କରି ଏକ ସଂକଳ୍ପ ନିଆଯାଇଥାଏ। ଏହା ପରେ, ପାରିବାରିକ ପରମ୍ପରା ଅନୁସାରେ ପିଣ୍ଡ ଦାନ ଓ ତର୍ପଣ କରାଯାଏ। ଅନେକ ଘରେ, ଏହି ଦିନ ବ୍ରାହ୍ମଣମାନଙ୍କୁ ଭୋଜନ କରାଇବା ଓ ଦକ୍ଷିଣା ଦେବାର ପରମ୍ପରା ରହିଛି । ଗାଈ, କାଉ ଏ କୁକୁରମାନଙ୍କୁ ମଧ୍ୟ ଅନେକ ସ୍ଥାନରେ ଶ୍ରାଦ୍ଧ ଖାଦ୍ୟ ଖାଇବାକୁ ଦିଆଯାଏ। ଏହା ପରେ, ପୂର୍ବପୁରୁଷଙ୍କ ଶାନ୍ତି ପାଇଁ ପ୍ରାର୍ଥନା କରାଯାଏ । ଶ୍ରାଦ୍ଧ ରୀତିରେ ପ୍ରଦର୍ଶନ ଅପେକ୍ଷା ଭକ୍ତିକୁ ପ୍ରାଥମିକତା ଦେବା ଉଚିତ୍ । ଚଳିତ ବର୍ଷ ଶନିବାର ସର୍ବ ପିତୃ ଅମାବାସ୍ୟା ହେବ, ପିତୃ ପକ୍ଷର ଶେଷ ଦିନ। ଏହି ଦିନ ପୂର୍ବପୁରୁଷଙ୍କ ମୃତ୍ୟୁ ତାରିଖ ମନେ ନଥିବା ପାଇଁ ଶ୍ରାଦ୍ଧ କରିବାର ପରମ୍ପରା ଅଛି। ଅମାବାସ୍ୟା ତିଥିରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପାଇଁ ସର୍ବ ପିତୃ ଅମାବାସ୍ୟାରେ ମଧ୍ୟ ଶ୍ରାଦ୍ଧ କରାଯାଏ। ଏହି ଦିନ ପିତୃ ପକ୍ଷର ସମସ୍ତ ପ୍ରମୁଖ ରୀତି ସମାପ୍ତ ହୁଏ। ବିଶ୍ୱାସ କରାଯାଏ ଯେ ପିତୃ ପକ୍ଷ ସମୟରେ, ପୂର୍ବପୁରୁଷମାନଙ୍କୁ ଶାନ୍ତି ସନ୍ତୋଷ ମିଳିଥାଏ। ଏଥିପାଇଁ ବ୍ରାହ୍ମଣମାନଙ୍କୁ ତର୍ପଣ, ପିଣ୍ଡ ଦାନ ଓ ଭୋଜନ କରାଇବା ବିଦ୍ଧି ରହିଛି। ବିଶେଷତ୍ୱ ହେଉଛି ଦକ୍ଷିଣ ଦିଗକୁ ମୁହଁ କରି ପୂର୍ବପୁରୁଷଙ୍କୁ କଳା ତିଳ ମିଶ୍ରିତ ଜଳ ଅର୍ପଣ କରିବାକୁ ହୁଏ।

ଅକ୍ଷର
AKHYARA ODISHA ଓଡ଼ିଶା

# ମିଠା ପ୍ୟାକେଟ୍ ଖୋଳ ତିଆରି କରନ୍ତି ବାପା, ଦେଶ ପାଇଁ ସ୍ୱର୍ଣ୍ଣ ଆଣିଲେ ଝିଅ

ନୂଆଦିଲ୍ଲୀ: ଏସିଆନ ଗେମ୍ସ ୨୦୨୬ରେ ଭାରତୀୟ ମହିଳା ରିକର୍ଭ ତୀରନ୍ଦାଜୀ ଦଳ ଇତିହାସ ରଚିଛି। ଅଙ୍କିତା ଭକତ, କୀର୍ତ୍ତି ଓ କୁମକୁମ ମୋହୋଦଙ୍କୁ ନେଇ ଗଠିତ ଭାରତୀୟ ଦଳ ଫାଇନାଲରେ ଶକ୍ତିଶାଳୀ ଦକ୍ଷିଣ କୋରିଆକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାତେଇଛି। ଏହି ବିଜୟରେ ୧୭ ବର୍ଷୀୟା କୁମକୁମଙ୍କ ପ୍ରଦର୍ଶନ ବିଶେଷ ଚର୍ଚ୍ଚାରେ ରହିଛି।

ଦକ୍ଷିଣ କୋରିଆ ୧୦ ଥରର ଅଲିମ୍ପିକ ଚାମ୍ପିଅନ ଦଳ ହୋଇଥିବା ବେଳେ ୧୯୭୮ ପରଠାରୁ ଏସିଆନ ଗେମ୍ସରେ କୋରିଆ ଦଳର ଦବଦବା ରହିଆସିଛି। ଏଭଳି ଏକ ଶକ୍ତିଶାଳୀ ପ୍ରତିପକ୍ଷକୁ ହରାଇ ଭାରତୀୟ ମହିଳା ରିକର୍ଭ ଦଳର ସ୍ୱର୍ଣ୍ଣ ବିଜୟକୁ ବଡ଼ ସଫଳତା ଭାବେ ଦେଖାଯାଉଛି। ଫାଇନାଲର ନିର୍ଣ୍ଣାୟକ ମୁହୂର୍ତ୍ତରେ କୁମକୁମ ନିଜକୁ ଶାନ୍ତ ରଖି ଅତ୍ୟନ୍ତ ସଠିକ ନିଶାନା ଲଗାଇଥିଲେ। ତାଙ୍କ ଏହି ନିର୍ଣ୍ଣାୟକ ପ୍ରଦର୍ଶନ ଭାରତକୁ ସ୍ୱର୍ଣ୍ଣ ପଦକ ଦେଇଥିଲା।



ମହାରାଷ୍ଟ୍ରର ୧୭ ବର୍ଷୀୟା କୁମକୁମ ମୋହୋଦ ଅଳ୍ପ ବୟସରେ ହିଁ ଭାରତୀୟ ରିକର୍ଭ ତୀରନ୍ଦାଜୀରେ ନିଜ ପରିଚୟ ସୃଷ୍ଟି କରିଛନ୍ତି। ପ୍ରତିଯୋଗିତା ସମୟରେ ତାଙ୍କ ଧ୍ୟାନ କେବଳ ଧନୁ ଓ ଟାର୍ଗେଟ ଉପରେ ରହିଥାଏ। ଚାପପୂର୍ଣ୍ଣ ପରିସ୍ଥିତିରେ ମଧ୍ୟ ଶାନ୍ତ ରହିବା ତାଙ୍କ ବଡ଼ ଶକ୍ତି ବୋଲି ତାଙ୍କ କୋଚ ଓ ସହଖେଳାଳିମାନେ କହିଛନ୍ତି।

କୁମକୁମଙ୍କ ସଫଳତା ପଛରେ ରହିଛି ଅନେକ ସଂଘର୍ଷ। ଆର୍ଥିକ ସମସ୍ୟା ଯୋଗୁ ସେ ଦୀର୍ଘ ସମୟ ଧରି ସେକେଣ୍ଡହ୍ୟାଣ୍ଡ ଉପକରଣରେ ଅଭ୍ୟାସ କରିଥିଲେ। ତାଙ୍କ ବାପା ଅନିଲ ମନୋହର ମୋହୋଦ ଅମରାବତିରେ କାର୍ଡବୋର୍ଡର ମିଠା ପ୍ୟାକେଟ୍ ତିଆରି କରି ପରିବାର ଚଳାଇବା ସହ ଝିଅର ତୀରନ୍ଦାଜୀ ସପ୍ନକୁ ସାକାର କରିବାରେ ସହଯୋଗ କରିଥିଲେ।

କୁମକୁମ ୨୦୨୫ରେ ଅନ୍ତର୍ଜାତୀୟ ସ୍ତରରେ ପଦାର୍ପଣ କରିଥିଲେ। ଏହାପରେ ସେ ଆର୍ଚେରୀ ଓ୍ୱାଲର୍ଡ କପ ଷ୍ଟେଜ ଏବଂ ବିଭିନ୍ନ କଣ୍ଟିନେଣ୍ଟାଲ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିଛନ୍ତି। ତାଙ୍କ ନାଁରେ ଏପର୍ଯ୍ୟନ୍ତ ୨ଟି ଅନ୍ତର୍ଜାତୀୟ ପଦକ ରହିଛି ଏବଂ ଦୁଇଟି ଯାକ ସ୍ୱର୍ଣ୍ଣ। ଶଂଘାଇରେ ଆୟୋଜିତ ଆର୍ଚେରୀ ଓ୍ୱାର୍ଲଡ କପ ଷ୍ଟେଜ-୨ରେ ଭାରତୀୟ ମହିଳା ଦଳ ସ୍ୱର୍ଣ୍ଣ ଜିତିଥିବାବେଳେ କୁମକୁମ ସେହି ଦଳର ଅଂଶ ଥିଲେ। ସେଠାରେ ଭାରତ ଦକ୍ଷିଣ କୋରିଆ ଓ ଆୟୋଜକ ଚାଇନା ଭଳି ଦଳକୁ ପରାସ୍ତ କରିଥିଲା। ଏହାପରେ ସୋନିପତରେ ହୋଇଥିବା ଚୟନ ପରୀକ୍ଷାରେ କୁମକୁମ ନିଜ ଦଳର ଅଭିଜ୍ଞ ତୀରନ୍ଦାଜ ଦୀପିକା କୁମାରୀଙ୍କୁ ପରାସ୍ତ କରି ୨୦୨୬ ଏସିଆନ ଗେମ୍ସ ପାଇଁ ଭାରତୀୟ ଦଳରେ ସ୍ଥାନ ପକ୍କା କରିଥିଲେ।

କୁମକୁମଙ୍କ ତୀରନ୍ଦାଜୀ ଯାତ୍ରା ୨୦୧୮ରେ ଆରମ୍ଭ ହୋଇଥିଲା। ତାଙ୍କ ମାଆଙ୍କ ପରାମର୍ଶରେ ସେ ଏହି କ୍ରୀଡ଼ା ସହ ଯୋଡ଼ି ହୋଇଥିଲେ। ଖୁବ କମ ସମୟ ମଧ୍ୟରେ ସେ ଭଲ ପ୍ରଦର୍ଶନ କରି ଜାତୀୟସ୍ତରରେ ପଦକ ଜିତିଥିଲେ। ସେହି ସଫଳତା ତାଙ୍କ ମନରେ ତୀରନ୍ଦାଜୀ ପ୍ରତି ଆଗ୍ରହକୁ ଆହୁରି ବଢ଼ାଇଥିଲା।

କୁମକୁମଙ୍କ କୋଚ ଡାଙ୍ଗେଙ୍କ ଅନୁଯାୟୀ, ସେ ଛୋଟବେଳେ ତାଙ୍କ ଏକାଡେମୀକୁ ଆସିଥିଲେ। ପ୍ରାୟ ୬ ମାସ ମଧ୍ୟରେ ବିଜୟୱାଡ଼ାରେ ଆୟୋଜିତ ଏକ ଜାତୀୟ ସ୍ତରର ଶିଶୁ ପ୍ରତିଯୋଗିତାରେ ପଦକ ଜିତିଥିଲେ। ଏହି ସଫଳତା ତାଙ୍କ ଆତ୍ମବିଶ୍ୱାସକୁ ନୂଆ ଦିଗ ଦେଇଥିଲା। ତୀରନ୍ଦାଜୀ ସହ ପାଠପଢ଼ାରେ ମଧ୍ୟ କୁମକୁମଙ୍କ ଯାତ୍ରା ଆହ୍ୱାନପୂର୍ଣ୍ଣ ରହିଛି। ଅନ୍ତର୍ଜାତୀୟ ପ୍ରତିଯୋଗିତା ଯୋଗୁ ତାଙ୍କ ଏସଏସ୍‌ସି ବୋର୍ଡ ପରୀକ୍ଷାର ଏକ ପେପର୍ ଦେବାରେ ସମସ୍ୟା ହୋଇଥିଲା। ମରାଠୀ ପରୀକ୍ଷା ପାଇଁ ସେ ସମୟରେ ପହଞ୍ଚିପାରି ନ ଥିଲେ। ପରେ ଫଳାଫଳ ପ୍ରକାଶ ପାଇବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ। ଗୋଟିଏ ବିଷୟର ପରୀକ୍ଷା ଦେଇ ନ ଥିଲେ ମଧ୍ୟ ସେ ୭୨ ପ୍ରତିଶତ ମାର୍କ ହାସଲ କରିଥିଲେ। ଜାତୀୟ ପଦକ ପାଇଁ ମିଳିଥିବା ୨୦ ମାର୍କ ଏବଂ ସ୍କୁଲର ପ୍ରାକ୍ଟିକାଲ୍‌କୁ ମିଳିଥିବା ୧୫ ମାର୍କ ତାଙ୍କୁ ପାସ କରିବାରେ ସହାୟତା କରିଥିଲା। ସାଧାରଣ ପରିବାରରୁ ଆସି ସୀମିତ ସମ୍ବଳରେ ଅଭ୍ୟାସ କରିବା ସତ୍ତ୍ୱେ କୁମ୍‌କୁମ୍ ମୋହୋଦ ଆଜି ଭାରତୀୟ ତୀରନ୍ଦାଜୀର ଏକ ଚର୍ଚ୍ଚିତ ନାଁ। ଏସିଆନ ଗେମ୍ସରେ ଐତିହାସିକ ସ୍ୱର୍ଣ୍ଣ ବିଜୟ ତାଙ୍କ ସଂଘର୍ଷମୟ ଯାତ୍ରାରେ ଆଉ ଏକ ବଡ଼ ଅଧ୍ୟାୟ ଯୋଡ଼ିଛି।

# ମୋଦିଙ୍କୁ ପୁଟିନ୍‌ଙ୍କ ପ୍ରଶଂସା



ମସ୍କୋ,: ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି। ମୋଦିଙ୍କୁ ବିଶ୍ୱର ସେହି ନେତାମାନଙ୍କ ମଧ୍ୟରେ ପୁଟିନ୍ ସାମିଲ କରିଛନ୍ତି, ଯାହାଙ୍କ ସହ ରୁଷିଆର ଭଲ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି। ଏହାସହ ୟୁକ୍ରେନ୍ ସଂଘର୍ଷର ଶେଷ ପାଇଁ ମୋଦି ଲଗାତାର ପ୍ରଶ୍ନ ଉଠାଉଥିବା ପୁଟିନ୍ କହିଛନ୍ତି।

ପୁଟିନ୍ କହିଛନ୍ତି ଯେ, ମୋଦିଙ୍କ ସହ ରୁଷିଆର ଭଲ ଓ ବ୍ୟକ୍ତିଗତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଥିଲେ ମଧ୍ୟ ସେ ୟୁକ୍ରେନ୍‌ରେ ଚାଲିଥିବା ସଂଘର୍ଷକୁ ଶେଷ କରିବା ପ୍ରସଙ୍ଗ ଲଗାତାର ଉଠାଇଥାନ୍ତି। ଉଭୟ ପକ୍ଷ ଗ୍ରହଣ କରିପାରିବା ଭଳି ସମାଧାନ ଖୋଜିବାରେ ମୋଦିଙ୍କ ଗଭୀର ଆଗ୍ରହ ରହିଛି ବୋଲି ପୁଟିନ୍ କହିଛନ୍ତି। ମୋଦି ଏହି ପ୍ରସଙ୍ଗରେ ଏକ ନିରପେକ୍ଷ ଆଭିମୁଖ୍ୟ ରଖୁଛନ୍ତି। ଏଥିସହ ଯୁଦ୍ଧର ଶେଷ ଚାହୁଁଛନ୍ତି। ଶାନ୍ତିପୂର୍ଣ୍ଣ ଉପାୟରେ ଏବଂ ଯଥାଶୀଘ୍ର ସଂଘର୍ଷ ଶେଷ କରିବା ପାଇଁ ମୋଦିଙ୍କ ଇଚ୍ଛାକୁ ରୁଷିଆ ସମ୍ମାନ କରୁଥିବା ପୁଟିନ୍ କହିଛନ୍ତି।

ଏହି ଅବସରରେ ପୁଟିନ୍ ପୁଣିଥରେ କହିଛନ୍ତି ଯେ, ରୁଷିଆ ୟୁରୋପୀୟ ଦେଶଗୁଡ଼ିକ ଉପରେ ଆକ୍ରମଣ କରିବାର ଯୋଜନା ରଖିନାହିଁ। ତେବେ ଯଦି ରୁଷିଆ ଉପରେ ସିଧାସଳଖ ଆକ୍ରମଣ ହୁଏ, ତେବେ ଏହାର ଜବାବ ଦେବା ପାଇଁ ରୁଷିଆ ପାଖରେ ଥିବା ସମସ୍ତ ଅସ୍ତ୍ର ବ୍ୟବହାର କରାଯାଇପାରେ ବୋଲି ସେ କହିଛନ୍ତି। ବିଶେଷକରି କାଲିନିନଗ୍ରାଡ୍ କିମ୍ବା ରୁଷିଆର ଅନ୍ୟ କୌଣସି ଅଞ୍ଚଳକୁ ଟାର୍ଗେଟ୍ କରି ସିଧାସଳଖ ଆକ୍ରମଣ କରାଗଲେ, ରୁଷିଆର ସମସ୍ତ ଅସ୍ତ୍ର ବ୍ୟବହାରର ପ୍ରଶ୍ନ ତୁରନ୍ତ ଏଜେଣ୍ଡାକୁ ଆସିବ ବୋଲି ପୁଟିନ୍ ସ୍ପଷ୍ଟ କରିଛନ୍ତି। ଏହା ଧମକ ନୁହେଁ, ବରଂ ରୁଷିଆକୁ ଧମକ ଦିଆଗଲେ ତାହାର ପ୍ରତିକ୍ରିୟା ବୋଲି ସେ କହିଛନ୍ତି।

## ସ୍ମିତଙ୍କୁ ସମ୍ମାନିତ କରିବେ ଗୁଜରାଟ ସରକାର



ଅହମଦାବାଦ: ଗୁଜରାଟ ସରକାର ଫ୍ଲାଏ ଦୁବାଇ ବିମାନର ସାହସୀ ଭାରତୀୟ ପାଇଲଟ୍ କ୍ୟାପଟେନ୍ ସ୍ମିତ୍ ମଛାରଙ୍କ ଅସାଧାରଣ ବୀରତ୍ୱ ପାଇଁ ତାଙ୍କୁ ରାଜ୍ୟର ସର୍ବୋଚ୍ଚ ସମ୍ମାନ 'ବିଶିଷ୍ଟ ଗୁଜରାଟ ଗରିମା ପୁରସ୍କାର'ରେ ସମ୍ମାନିତ କରିବେ। ଏହାସହିତ ୨୫ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ୍ ସୋସିଆଲ ମିଡିଆ 'ଏକ୍ସ'ରେ କ୍ୟାପଟେନ୍ ସ୍ମିତ୍‌ଙ୍କ ବୀରତ୍ୱକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ, ଗୁଜରାଟର ଏହି ବୀର ପୁଅ ନିଜ ସାହସିକତା ଦ୍ୱାରା ସମଗ୍ର ବିଶ୍ୱରେ ଗୁଜରାଟ ଓ ଭାରତର ନାମ ଉଜ୍ଜ୍ୱଳ କରିଛନ୍ତି। ସ୍ମିତ୍‌ଙ୍କ ଆଶୁ ଆରୋଗ୍ୟ ଏବଂ ଦୀର୍ଘାୟୁ କାମନା କରି ଗୁଜରାଟର ପ୍ରସିଦ୍ଧ ସୋମନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ 'ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ' କରାଯାଇଛି। ସ୍ମିତ୍‌ଙ୍କ ପରିବାର ମୂଳତଃ ଗୁଜରାଟର ହୋଇଥିଲେ ହେଁ ପରବର୍ତ୍ତୀ ସମୟରେ ମୁମ୍ବଇରେ ରହୁଛନ୍ତି।

# ସରକାରଙ୍କ ବଡ଼ ଉପହାର ! ୫% ବଢ଼ିଲା ଡିଏ

ନୂଆଦିଲ୍ଲୀ : ଯଦି ଆପଣ ଜଣେ ସରକାରୀ କର୍ମଚାରୀ କିମ୍ବା ପେନସନଭୋଗୀ (Pensioner), ତେବେ ଆପଣଙ୍କ ପାଇଁ ଏକ ବହୁତ ଖୁସି ଖବର ରହିଛି। ଗୋଟିଏ ପଟେ ସାରା ଦେଶର କେନ୍ଦ୍ରୀୟ କର୍ମଚାରୀମାନେ ଅଷ୍ଟମ ବେତନ କମିଶନ (8th Pay Commission) ଗଠନ ଏବଂ ତାହା ଲାଗୁ ହେବାକୁ ଉତ୍ସୁକତାର ସହିତ ଅପେକ୍ଷା କରିଥିବା ବେଳେ, ଅନ୍ୟପଟେ ଉତ୍ତର-ପୂର୍ବର ସୁନ୍ଦର ରାଜ୍ୟ ସିକିମର ସରକାର ନିଜ କର୍ମଚାରୀମାନଙ୍କୁ ବଡ଼ ଉପହାର ଦେଇଛନ୍ତି।

ସିକିମର ପ୍ରେମ ସିଂହ ତମାଙ୍ଗ (ଗୋଲେ) ସରକାର ରାଜ୍ୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା (DA) ଏବଂ ପେନସନଭୋଗୀଙ୍କ ମହଙ୍ଗା ସହାୟତାରେ ୫% ପର୍ଯ୍ୟନ୍ତ ବୃଦ୍ଧି ନେଇ ଏକ ବଡ଼ ଘୋଷଣା କରିଛନ୍ତି। ଆସନ୍ତୁ ଜାଣିବା, ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା କେଉଁ କର୍ମଚାରୀଙ୍କ ଦରମା ବୃଦ୍ଧି ପାଇବ ଏବଂ ଏହି ନିୟମ କେବେଠାରୁ ଲାଗୁ ହେବାକୁ ଯାଉଛି।

ସିକିମ ସରକାରଙ୍କ ଅର୍ଥ ବିଭାଗ ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ଏହି ବୃଦ୍ଧିର ଲାଭ ରାଜ୍ୟର ପ୍ରାୟ ୫୦,୦୦୦ ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କୁ ମିଳିବ। ସରକାର ଭିନ୍ନ ଭିନ୍ନ ପେ' ଷ୍ଟ୍ରକଚର ହିସାବରେ ଉଇ ଏବଂ ଉଜ ହାରରେ ବୃଦ୍ଧି କରିଛନ୍ତି। କେତେ ବଢ଼ିଲା DA ? ଯେଉଁ କର୍ମଚାରୀ ଏବଂ ପେନସନଭୋଗୀ ପୁରୁଣା ବେସିକ ପେ' ଷ୍ଟ୍ରକଚର (୬ଷ୍ଠ କେନ୍ଦ୍ରୀୟ ବେତନ କମିଶନ) ଅଧୀନରେ ଦରମା ପାଉଛନ୍ତି, ସେମାନଙ୍କ DA ୨୫୭%ରୁ ବୃଦ୍ଧି ପାଇ ୨୬୨% କରାଯାଇଛି। ଷଷ୍ଠ ବେତନ କମିଶନ ଅଧୀନରେ ଆସୁଥିବା ସର୍ବଭାରତୀୟ ସେବା (AIS) ଅଧିକାରୀମାନଙ୍କ ପାଇଁ ମଧ୍ୟ ୨୫୭%ରୁ ବୃଦ୍ଧି କରି ୨୬୨% କରାଯାଇଛି।

ଯେଉଁ କର୍ମଚାରୀ ଏବଂ ପେନସନଭୋଗୀ ସଂଶୋଧିତ (୭ମ ବେତନ କମିଶନ) ବେସିକ ପେ' ଷ୍ଟ୍ରକଚର ଅଧୀନରେ ଆସୁଛନ୍ତି, ସେମାନଙ୍କ DA/DRକୁ ୫୮% ରୁ ବୃଦ୍ଧି କରି ୬୦% କରାଯାଇଛି (ସିଧାସଳଖ ୨% ବୃଦ୍ଧି)। ସପ୍ତମ ବେତନ କମିଶନଙ୍କ ସୁପାରିଶ ଆଧାରରେ ବେତନ ପାଉଥିବା AIS ଅଧିକାରୀମାନଙ୍କ DA ମଧ୍ୟ ୫୮%ରୁ ବୃଦ୍ଧି ପାଇ ୬୦% କରାଯାଇଛି।

ସିକିମ ସରକାର ଏହି କଥା ଉପରେ ବିଶେଷ ଧ୍ୟାନ ଦେଇଛନ୍ତି ଯେପରି ଏହି ବୃଦ୍ଧି କେବଳ ସ୍ଥାୟୀ କର୍ମଚାରୀଙ୍କ ମଧ୍ୟରେ ସୀମିତ ନ ରହେ। ବିଜ୍ଞପ୍ତି ଅନୁସାରେ, ରାଜ୍ୟ ସରକାରଙ୍କ ଅଧୀନରେ ଚୁକ୍ତିଭିତ୍ତିରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ମଧ୍ୟ ଲାଭ ପାଇବେ। ନିୟମିତ ସ୍କେଲ୍‌ରେ ସଂଶୋଧିତ ବେତନ ପାଉଥିବା ଓ୍ୱାର୍କ-ଚାର୍ଜଡ କର୍ମଚାରୀମାନେ ମଧ୍ୟ ଉପକୃତ ହେବେ। ଏହି ସମସ୍ତ ବର୍ଗର କର୍ମଚାରୀଙ୍କ ପାଇଁ ମଧ୍ୟ ମହଙ୍ଗା ଭତ୍ତାର ଏହି ନୂତନ ସଂଶୋଧିତ ହାର ସମ୍ପୂର୍ଣ୍ଣ ରୂପେ ଲାଗୁ ହେବ।

ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି ଯେଏହି ବୃଦ୍ଧି ଜାନୁଆରୀ ୧ ତାରିଖରୁ ଲାଗୁ ହୋଇଛି ବୋଲି ଧରାଯିବ, ଯାହାଦ୍ୱାରା କର୍ମଚାରୀମାନଙ୍କୁ ବକେୟାର ଫାଇଦା ମଧ୍ୟ ମିଳିବ। ଟଙ୍କା ହିସାବ କଲାବେଳେ ଯଦି କୌଣସି ରାଶି ୫୦ ପଇସା କିମ୍ବା ତା'ଠାରୁ ଅଧିକ ଆସେ, ତେବେ ତାହା ପରବର୍ତ୍ତୀ ପୂର୍ଣ୍ଣ ଟଙ୍କା ଭାବେ ଗଣନା କରାଯିବ। ଅନ୍ୟପକ୍ଷରେ, ୫୦ ପଇସାରୁ କମ ରାଶିକୁ ହିସାବରୁ ବାଦ ଦିଆଯିବ। ୮ମ ବେତନ କମିଶନ ଲାଗୁ ହେବା ପୂର୍ବରୁ ସିକିମ ସରକାରଙ୍କ ଏହି ପଦକ୍ଷେପ କର୍ମଚାରୀମାନଙ୍କ ପାଇଁ ଏକ ବଡ଼ ଆର୍ଥିକ ଆଶ୍ୱସ୍ତି ଆଣିଦେଇଛି। ଆସାମ ସରକାର ଯେଉଁଠି ୮ମ ବେତନ କମିଶନ ସର୍ବପ୍ରଥମେ ଲାଗୁ କରିବା ଦୌଡ଼ରେ ଆଗରେ ଥିବା ଦେଖାଯାଉଛି, ସେହିଠାରେ ସିକିମ ନିଜ କର୍ମଚାରୀମାନଙ୍କ **DA** ବୃଦ୍ଧି କରି ସମୟ ପୂର୍ବରୁ ଏକ ଚମତ୍କାର ଉପହାର ପ୍ରଦାନ କରିଛି।

## 'ହନୁମାନ' ମୋତେ ବଞ୍ଚାଇଲେ: ସ୍ମିତ୍

ନୂଆଦିଲ୍ଲୀ: ବିମାନ ଘଟଣା ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ପାଇଲଟ କ୍ୟାପଟେନ ସ୍ମିତ୍ ମଛାରଙ୍କ ସହ ଫୋନରେ କଥା ହୋଇଥିଲେ। ଶୁକ୍ରବାର (ଅକ୍ଟୋବର ୨) ହୋଇଥିବା ଏହି ବାର୍ତ୍ତାଳାପ ସମୟରେ, ସେ ସ୍ମିତ୍‌ଙ୍କ ସାହସର ପ୍ରଶଂସା କରିଥିଲେ ଏବଂ ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରିଥିଲେ। କ୍ୟାପଟେନ ସ୍ମିତ୍ ନିଜର ଅନୁଭୂତି ବିଷୟରେ ବିସ୍ତୃତ ଭାବେ ଜଣାଇଥିଲେ ଏବଂ ସେହି ପରିସ୍ଥିତିର ମୁକାବିଲା କରିବା ପାଇଁ ତାଙ୍କୁ କେଉଁଥିରୁ ସାହସ ମିଳିଥିଲା, ସେ ବିଷୟରେ କହିଥିଲେ। ଏହି ବାର୍ତ୍ତାଳାପର ଏକ ସ୍ୱତନ୍ତ୍ର ଭିଡିଓ ସାମ୍ନାକୁ ଆସିଛି। ପ୍ରଧାନମନ୍ତ୍ରୀ ମୋଦି ସାହସୀ କ୍ୟାପଟେନ ସ୍ମିତ୍ ମଛାରଙ୍କ ସହ କଥା ହୋଇଥିଲେ। ସେ କହିଥିଲେ, 'ସମଗ୍ର ଦେଶ ଆପଣଙ୍କ ପାଇଁ ପ୍ରାର୍ଥନା କରୁଛି। ଆପଣଙ୍କ ସୁସ୍ଥତା ଓ ମଙ୍ଗଳ କାମନା ପାଇଁ 'ମହାମୃତ୍ୟୁଞ୍ଜୟ ମନ୍ତ୍ର' ଜପ କରାଯାଉଛି। ଆପଣଙ୍କ ସାହସ, ଉପସ୍ଥିତ ବୁଦ୍ଧି ଏବଂ ସ୍ଥିରତା ଅନେକ ଜୀବନ ବଞ୍ଚାଇ ପାରିଛି। ଦେଶ ଗର୍ବର ସହ କହିପାରିବ ଯେ ଆମ ଭାରତୀୟମାନେ ଜୀବନ ନେଉଥିବା ଲୋକ ନୁହଁନ୍ତି, ବରଂ ଜୀବନ ବଞ୍ଚାଉଥିବା ଲୋକ ଅଟୁ। ମୋ ହୃଦୟରେ ଅତ୍ୟନ୍ତ ଗର୍ବ ଅନୁଭବ ହେଉଛି।

ପାଇଲଟ ମଛାରଙ୍କ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ମୋଦି କହିଲେ, 'ଆପଣଙ୍କ ତୁରନ୍ତ ନିଷ୍ପତ୍ତି ନେବାର କ୍ଷମତା ଅନେକ ଜୀବନ ବଞ୍ଚାଇ ପାରିଛି। ଆମେ ଭାରତୀୟମାନେ ସମଗ୍ର ବିଶ୍ୱକୁ ଗର୍ବର ସହ କହିପାରିବା ଯେ ଆମେ ଜୀବନ ନେଉନାହୁଁ, ବରଂ ଜୀବନ ବଞ୍ଚାଇଥାଉ। ଆପଣ ଗୁରୁତର ଆହତ ହୋଇ ମୃତ୍ୟୁ ସହ ସଂଘର୍ଷ କରୁଥିଲେ ମଧ୍ୟ ନିଜ ଜୀବନର ଖାତିର ନକରି ସମସ୍ତଙ୍କୁ ସୁରକ୍ଷିତ ରଖିଥିଲେ। ଆପଣ ୧୪୦ କୋଟି ଦେଶବାସୀଙ୍କ ପାଇଁ ଗୌରବ ଆଣିଛନ୍ତି।'

## ବିହାର ବନ୍ୟା: ରିଲିଫ୍ ଶିବିରରେ ସିଏମ୍, ପ୍ରତି ପ୍ରଭାବିତ ପରିବାରକୁ ୭ ହଜାର ଟଙ୍କା ସହାୟତା



ପାଟନା: ବନ୍ୟାରେ ଜଳମଗ୍ନ ବିହାରର ଅନେକ ଅଞ୍ଚଳରେ ଏବେ ବି ଜନଜୀବନ ପ୍ରଭାବିତ। ଉତ୍ତର ବିହାରରେ ବନ୍ୟା ପରିସ୍ଥିତି ଜାରି ଥିବାବେଳେ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ବୁଧବାର ପଶ୍ଚିମ ଚମ୍ପାରଣ ଗସ୍ତ କରି ସ୍ଥିତିର ସମୀକ୍ଷା କରିଛନ୍ତି। ସେ ବନ୍ୟା ପ୍ରଭାବିତ ଅଞ୍ଚଳର ଆକାଶମାର୍ଗରେ ସର୍ଭେ କରିବା ସହ ବୈରିଆ ବ୍ଲକର ବଥନାସ୍ଥିତ ରିଲିଫ୍ ଶିବିର ପରିଦର୍ଶନ କରିଥିଲେ।

ରିଲିଫ୍ ଶିବିରରେ ପହଞ୍ଚି ମୁଖ୍ୟମନ୍ତ୍ରୀ ସାମୁଦାୟିକ ରୋଷେଇଘର, ଚିକିତ୍ସା ଶିବିର, ପାନୀୟ ଜଳ, ଶୌଚାଳୟ ଓ ପଶୁ ଆଶ୍ରୟ ବ୍ୟବସ୍ଥାର ଯାଞ୍ଚ କରିଥିଲେ। ଏହା ସହ ସେ ନିଜେ ସାମୁଦାୟିକ ରୋଷେଇଘରରେ ବନ୍ୟା ପୀଡ଼ିତଙ୍କୁ ଖାଦ୍ୟ ପରିବେଷଣ କରିଥିଲେ। ଶିବିରରେ ରହୁଥିବା ପ୍ରଭାବିତ ପରିବାରଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ବିଷୟରେ ମଧ୍ୟ ପଚାରି ବୁଝିଥିଲେ। ବନ୍ୟା ପ୍ରଭାବିତ ପ୍ରତ୍ୟେକ ପରିବାରକୁ ୭,୦୦୦ ଟଙ୍କା ଅନୁଗ୍ରହ ସହାୟତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଗାପୂଜା ପୂର୍ବରୁ ଡିବିଟି ମାଧ୍ୟମରେ ଏହି ଅର୍ଥରାଶି ପ୍ରଭାବିତ ପରିବାରଙ୍କ ବ୍ୟାଙ୍କ ଖାତାକୁ ପଠାଇବାକୁ କୁହାଯାଇଛି।ବନ୍ୟା ପରିସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ସାମୁଦାୟିକ ରୋଷେଇଘର ଚାଲୁ ରଖିବାକୁ ସମ୍ରାଟ ଚୌଧୁରୀ ଅଧିକାରୀଙ୍କୁ କହିଛନ୍ତି। ଏଥିସହ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଆବଶ୍ୟକ ଔଷଧ ଓ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ସହ ପଶୁମାନଙ୍କ ପାଇଁ ଚାରା ଓ ଆଶ୍ରୟ ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।ମୁଖ୍ୟମନ୍ତ୍ରୀଙ୍କ ସର୍ଭେ ସମୟରେ ପଶ୍ଚିମ ଚମ୍ପାରଣର ବଗହା, ବଥନା, ଯୋଗାପଟ୍ଟିର ମଛରଗାଁ ଏବଂ ନୌତନ ବ୍ଲକ ସମେତ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ସହିତ ପ୍ରଭାବିତ ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ଉପରେ ପ୍ରଶାସନକୁ ଗୁରୁତ୍ୱ ଦେବାକୁ କୁହାଯାଇଛି।

# ଦୃଶ୍ୟମ ୩' ୪୯ କୋଟି ପାର



ନୂଆଦିଲ୍ଲୀ: ବଲିଉଡର ଚର୍ଚ୍ଚିତ ଅଭିନେତା ଅଜୟ ଦେବଗନ ଏବଂ ଶ୍ରୀୟା ଶରଣଙ୍କ ବହୁପ୍ରତୀକ୍ଷିତ ଫିଲ୍ମ 'ଦୃଶ୍ୟମ୍ ୩'ପରଦାକୁ ଆସିବା ପୂର୍ବରୁ ହିଁ ବକ୍ସ ଅଫିସରେ ଝଡ଼ ସୃଷ୍ଟି କରିଛି। ବିଜୟ ସାଲଗାଁଓ୍ୱର ଚରିତ୍ରରେ ଅଜୟଙ୍କର ଏହି କମବ୍ୟାକ୍ ପାଇଁ ପ୍ରଶଂସକମାନେ ଅତ୍ୟନ୍ତ ଉତ୍ସାହିତ ଥିବାବେଳେ ଫିଲ୍ମଟି ରିଲିଜ୍ ପୂର୍ବରୁ ଆଗୁଆ ବୁକିଂ ବା ପ୍ରି-ସେଲ୍‌ରେ ନୂଆ ଇତିହାସ ରଚିଛି। ଫିଲ୍ମଟି ବର୍ତ୍ତମାନ ସୁଦ୍ଧା ୪୯ କୋଟିରୁ ଅଧିକ ଆୟ କରି ସାରିଲାଣି।

ପ୍ରି-ସେଲ୍‌ରେ କଲା ବଡ଼ ଧମାକା

ପ୍ରାପ୍ତ ସୂଚନା ଅନୁଯାୟୀ, 'ଦୃଶ୍ୟମ୍ ୩' ର ଆଡ୍‌ଭାନ୍ସ ବୁକିଂ ସେପ୍ଟେମ୍ବର ୨୭ରୁ ଆରମ୍ଭ ହୋଇଥିଲା। ମାତ୍ର ୫ ଦିନ ଭିତରେ ଫିଲ୍ମଟିର ଲକ୍ଷାଧିକ ଟିକେଟ୍ ବିକ୍ରି ହୋଇସାରିଛି। ସ୍ୟାକନିଲ୍କ ରିପୋର୍ଟ ମୁତାବକ, ବ୍ଲକ୍ ସିଟ୍‌କୁ ମିଶାଇ ଫିଲ୍ମଟି ଆଗୁଆ ବୁକିଂରେ ପ୍ରାୟ ୪୯.୩୫ କୋଟି ଟଙ୍କାର କଲେକ୍ସନ କରିସାରିଥିବା ବେଳେ ବିନା ବ୍ଲକ୍ ସିଟ୍‌ରେ ଏହା ୩୯.୧୩ କୋଟି ଅଟେ। ଏପର୍ଯ୍ୟନ୍ତ ଫିଲ୍ମର ପ୍ରାୟ ୧୪.୬୮ ଲକ୍ଷ ଟିକେଟ୍ ବିକ୍ରି ହୋଇସାରିଛି ଏବଂ ଏହାକୁ ୪୩ ହଜାରରୁ ଅଧିକ ଶୋ' ମିଳିଛି।

୨୦୨୬ର ଏତେଗୁଡ଼ିଏ ଫିଲ୍ମର ରେକର୍ଡ ଭାଙ୍ଗିଲା

ଆଗୁଆ ଟିକେଟ୍ ବିକ୍ରି ମାମଲାରେ 'ଦୃଶ୍ୟମ୍ ୩' ଚଳିତ ବର୍ଷର (୨୦୨୬) ଅନେକ ବଡ଼ ଫିଲ୍ମକୁ ପଛରେ ପକାଇ ଦେଇଛି। ଏହି ତାଲିକାରେ 'ବର୍ଡର ୨', 'ଧୁରନ୍ଧର ୨', 'କକ୍‌ଟେଲ୍ ୨' ଏବଂ 'ଅଲ୍‌ଫା' ଭଳି ପ୍ରାୟ ୧୩ଟି ଫିଲ୍ମର ପ୍ରି-ସେଲ୍ ରେକର୍ଡ ଧ୍ୱଂସ ହୋଇଯାଇଛି।


ଫିଲ୍ମର ନିର୍ଦ୍ଦେଶନା ଏବଂ କାହାଣୀକୁ ନେଇ ଅଜୟ ଦେବଗନ ପୂର୍ବରୁ ସୂଚନା ଦେଇଛନ୍ତି ଯେ, ଏହି ତୃତୀୟ ଭାଗଟି ସାଲଗାଁଓ୍ ?ର ପରିବାର କାହାଣୀର ଏକ ସମ୍ପୂର୍ଣ୍ଣ ସମାଧାନ ଆଣିବ। ଏହା ପରେ ଆଗକୁ ଆଉ କୌଣସି ସିକ୍ୱେଲ୍ ଆସିବ କି ନାହିଁ, ତାହା ବର୍ତ୍ତମାନ ସ୍ଥିର ହୋଇନାହିଁ। ତଥାପି, ଦର୍ଶକଙ୍କ ମଧ୍ୟରେ ଏହାର କ୍ରେଜ୍ ଦେଖିବାକୁ ମିଳୁଛି ଯାହା ବକ୍ସ ଅଫିସ୍ ନମ୍ବରରୁ ସ୍ପଷ୍ଟ ଜାଣି ହେଉଛି।

# ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି, ଆଜିଠୁ ସିଜେପି ଓ 'ଇଣ୍ଡି' ମେଣ୍ଟର ବିକ୍ଷୋଭ

ନୂଆଦିଲ୍ଲୀ : ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାକୁ ନେଇ ଦେଶ ରାଜନୀତି ଉଠୁଛି ପଡୁଛି। ଏସଆଇଆର ପ୍ରସଙ୍ଗରେ ସିଇସି ଓ ଅନ୍ୟ ଦୁଇ ନିର୍ବାଚନ ଆୟୁକ୍ତଙ୍କ ମଧ୍ୟରେ ମତଭେଦ ସମ୍ବନ୍ଧିତ ଗଣମାଧ୍ୟମ ରିପୋର୍ଟ ଆସିବା ପରେ ବିରୋଧୀ ସକ୍ରିୟ ହୋଇଯାଇଛନ୍ତି। ଏସଆଇଆରରେ ଜାଲିଆତି ଓ ବିଜେପିକୁ ଫାଇଦା ପହଞ୍ଚାଇବା ପାଇଁ ଭୋଟରଙ୍କୁ ଜାଣିଶୁଣି ବାଦ ଦିଆଯାଇଥିବା ଅଭିଯୋଗ କରି ବିରୋଧୀ ଦଳଗୁଡ଼ିକ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି)ଙ୍କ ଇସ୍ତଫା ଦାବି କରୁଛନ୍ତି। ଏ ନେଇ ଶୁକ୍ରବାର ଗାନ୍ଧୀ ଜୟନ୍ତୀରୁ ସାରା ଦେଶରେ କକ୍ରୋଚ ଜନତା ପାର୍ଟି (ସିଜେପି) ଓ ବିରୋଧୀ ମେଣ୍ଟ 'ଇଣ୍ଡି' ଅଲଗା ଅଲଗା ବିକ୍ଷୋଭ ପ୍ରଦର୍ଶନ କରିବ। ଏସଆଇଆର ବିରୋଧରେ ଓ ନିର୍ବାଚନ କମିସନ (ଇସିଆଇ)ଙ୍କ କାର୍ଯ୍ୟକୁ ନେଇ ବିରୋଧୀ ସ୍ୱରକୁ ଶାଣିତ କରି ସରକାରଙ୍କ ଉପରେ ଚାପ ପକାଇବାକୁ ଚାହୁଁଛନ୍ତି।

ଇଣ୍ଡି ମେଣ୍ଟ ଶୁକ୍ରବାରଠାରୁ ୮ ତାରିଖ ପର୍ଯ୍ୟନ୍ତ ଜିଲା ସ୍ତରରେ 'ଗଣତନ୍ତ୍ର ବଞ୍ଚାଅ' ପଦଯାତ୍ରା ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବ। ବିରୋଧୀ ମେଣ୍ଟର ବୈଠକ ପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏହି ସୂଚନା ଦେଇଛନ୍ତି। ଖାଲି ସେତିକି ନୁହେଁ, ଆସନ୍ତା ୬ ତାରିଖରେ ସମସ୍ତ ବିରୋଧୀ ସାଂସଦ ନୂଆଦିଲ୍ଲୀସ୍ଥିତ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ଅଭିମୁଖେ ପଦଯାତ୍ରା କରିବେ। ଦ୍ୱିତୀୟ ସପ୍ତାହରେ ମେଣ୍ଟ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଭେଟିବାର ଯୋଜନା ରହିଛି। ଏଥିପାଇଁ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିବାକୁ ଅନୁମତି ମଗାଯିବ ଓ ନିର୍ବାଚନ ପ୍ରକ୍ରିୟା ସମ୍ବନ୍ଧିତ ଜଟିଳତା ଓ ସାମ୍ବିଧାନିକ ଚିନ୍ତା ଆଦି ବିଷୟଗୁଡ଼ିକ ଉପରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବ। ସେହିପରି ୫ଟି ବଡ଼ ରାଲି କରିବାର ମଧ୍ୟ ଯୋଜନା ରହିଛି। ଏ ନେଇ ପରେ ସମୟ ଓ ତାରିଖ ଘୋଷଣା କରାଯିବ। ଖଡଗେ କହିଛନ୍ତି ଯେ ଭୋଟର ତାଲିକା ସଂଶୋଧନରେ ମେଣ୍ଟ ଅଧିକ ସ୍ୱଚ୍ଛତା ଲୋଡ଼ିବ। ଆଗାମୀ ଦିନରେ ନିର୍ବାଚନ ପାଇଁ ଏସଆଇଆର୍ ପୂର୍ବରୁ ପ୍ରସ୍ତୁତ ଭୋଟର ତାଲିକା ବ୍ୟବହାର, ନିର୍ବାଚନ କ୍ଷେତ୍ର ଓ ବୁଥ୍-ଭିତ୍ତିକ ଭୋଟରଙ୍କୁ ସାମିଲ, ହଟାଇବା ଓ ସଂଶୋଧନର ତଥ୍ୟ ସାର୍ବଜନୀନ କରିବାକୁ ଦାବି କରିବ। ଏହା ବ୍ୟତୀତ ପୁଣି ଥରେ ବାଲାଟ୍ ପେପରରେ ମତଦାନ କରିବାକୁ ଇଣ୍ଡି ମେଣ୍ଟ ଦାବି କରିଛି।

ଅନ୍ୟପକ୍ଷରେ ସିଇସିଙ୍କ ଇସ୍ତଫା ଦାବିରେ ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ମୁମ୍ବଇର ଶିବାଜୀ ପାର୍କରେ ଗାନ୍ଧୀ ଜୟନ୍ତୀରୁ 'ଜେଲ୍ ଭରୋ ଆନ୍ଦୋଳନ' କରାଯିବ ବୋଲି ଘୋଷଣା କରିଛନ୍ତି। ଏହି ସ୍ଥାନରେ ପ୍ରତିବାଦ ପାଇଁ ମୁମ୍ବଇ ପୁଲିସ ଅନୁମତି ନଦେବାରୁ ସେ ଜେଲ ଭରୋ ଡାକରା ଦେଇଛନ୍ତି। ଆଗାମୀ ଦିନରେ ଗୋଆ, କଲକାତା, ବେଙ୍ଗାଲୁରୁ ସହିତ ଅନ୍ୟ ସହରରେ ସିଇସିଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଦୀପକେ କହିଛନ୍ତି। ଏହି ବିକ୍ଷୋଭରେ ସାମିଲ ହେବା ପାଇଁ ସେ ରାଜନୈତିକ ଦଳଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ତେବେ ଇଣ୍ଡି ମେଣ୍ଟରେ ସାମିଲ ହେବାକୁ ଦୀପକେ ମନା କରିଦେଇଛନ୍ତି। ସେ ସୌରଭ ଦାସଙ୍କ ସହ ମୁମ୍ବଇରେ ସାମ୍ବାଦିକ ସମ୍ମିଳନୀ କରି ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ଆପରାଧିକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏହା ସହିତ ଏସଆଇଆର ପ୍ରକ୍ରିୟା ଉପରେ କଟକଣା, ୨୦୨୫ ଜାନୁଆରୀର ଭୋଟର ତାଲିକା ଜାରି, ନିର୍ବାଚନ ଆୟୁକ୍ତ ନିଯୁକ୍ତି ସମ୍ବନ୍ଧିତ ୨୦୨୩ ନିୟମ ପ୍ରତ୍ୟାହାର ପାଇଁ ମଧ୍ୟ ସିଜେପି ଦାବି କରିଛି। ଦୀପକେ କହିଛନ୍ତି ଯେ ଜ୍ଞାନେଶ କୁମାର ଇସ୍ତଫା ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଆଗାମୀ ଦିନରେ ଯନ୍ତର ମନ୍ତରରେ ମଧ୍ୟ ବିକ୍ଷୋଭ କରାଯିବ। ସିଇସିଙ୍କୁ କଣ୍ଟେଇ ଦର୍ଶାଇ ଦୀପକେ କହିଛନ୍ତି ଯେ ପରବର୍ତ୍ତୀ ନିର୍ବାଚନ ଆୟୁକ୍ତଙ୍କୁ ସ୍ୱଚ୍ଛ ଭାବେ ନିର୍ବାଚିତ କରାଯିବା ଉଚିତ। ନାଗରିକ ସମାଜକୁ ଏହି ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବା ଉଚିତ୍। ତେବେ ଏହି ଆନ୍ଦୋଳନରେ ସାମିଲ ହେବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ କୌଣସି ଦଳର ପତାକା କିମ୍ବା ବ୍ୟାନର ନ ଆଣିବାକୁ ଅନୁରୋଧ କରିଛନ୍ତି। ଗାନ୍ଧୀ ଟି-ସାର୍ଟ ଓ ସନସ୍କ୍ରିନ ଧରି ଆସିବାକୁ କହିଛନ୍ତି।



ଶନିବାର ୩।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

## ସତନ୍ତ୍ର ଦକ୍ଷତା ପାଇଁ ଦୁଇ ଭାରପ୍ରାପ୍ତ ଦାୟିତ୍ୱରେ ଶ୍ରୀକାନ୍ତ



ଅସ୍ତରଙ୍ଗ ୨।୧୦(ଅକ୍ଷର ଓଡ଼ିଶା): କାକଟପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସାଇଁ ଜଣେ ଦକ୍ଷ ଓ କର୍ତ୍ତବ୍ୟ ନିଷ୍ଠ ଅଧିକାରୀ ଅଟନ୍ତି। ତାଙ୍କର ଦକ୍ଷତା ପାଇଁ ସରକାର ତାଙ୍କୁ ଅସ୍ତରଙ୍ଗ ଓ କାକଟପୁର ଭଳି ଦୁଇଟି ବ୍ଲକ ର ଶିକ୍ଷା ଅଧିକାରୀ ଭାବରେ ଭାରପ୍ରାପ୍ତ ଦାୟୀତ୍ୱ ପ୍ରଦାନ କରିଛନ୍ତି , ଶ୍ରୀଯୁକ୍ତ ସାଇଁଙ୍କ ଦାଇତ୍ୱ ଗ୍ରହଣ ପରେ ଦୁଇଟି ବ୍ଲକ ରେ ଶିକ୍ଷକ୍ଷର ମାନ ବୃଦ୍ଧି ପାଇଛି। ଶିକ୍ଷକ ମାନଙ୍କର ସମୟାନୁବର୍ତ୍ତିତକ୍ଷ, ଶିକ୍ଷାଦାନ, ପରିବେଶ ସ୍ୱଚ୍ଛତା ତଥା ବିଦ୍ୟାଳୟ କାର୍ଯ୍ୟକ୍ରମକୁ ଶିକ୍ଷକ ମକ୍ଷନେ ଦକ୍ଷତାର ସହ ସମ୍ପାଦନ କରୁଛନ୍ତି କ୍ଷ ଶିକ୍ଷାଧିକାରୀଙ୍କ ଦକ୍ଷ କାର୍ଯ୍ୟ ପରିଚାଳନା ଯୋଗୁଁ ଜିଲ୍ଲା ସ୍ତରରେ କାକଟପୁର, ଅସ୍ତରଙ୍ଗ ବ୍ଲକ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି, ଉଦାହରଣ ସ୍ୱରୂପ କାକଟପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ପୁରସ୍କାର ସମାନ ଭାବେ ରାଜ୍ୟରେ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ମନୋନୀତ କରାଯାଇଛି। ଅସ୍ତରଙ୍ଗ କାକଟପୁର ପିଲାମାନେ ଜିଲ୍ଲା ତଥା ରାଜ୍ୟ ସ୍ତରରେ ସେମାନଙ୍କର ଦକ୍ଷତା ପ୍ରତିପାଦନ କରି ଦୁଇ ବ୍ଲକ ତଥା ଶିକ୍ଷାଧିକାରୀଙ୍କ ସମାନ ବୃଦ୍ଧି କରିଛନ୍ତି, କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟକୁ ପି ଏମ ଶ୍ରୀ ବିଦ୍ୟାଳୟ କରିବା ତଥା ଦୁଇଟି ବ୍ଲକ ରେ ସରକାରଙ୍କର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାରେ ଜିଲ୍ଲା ରେ ଶ୍ରୀକାନ୍ତ ସାଇଁଙ୍କୁ ପ୍ରଶଂସା କରାଯାଇଛି।

## ରାଜନଗରରେ ନିର୍ମାଣ ହେଉଛି ମା'ତାରିଣୀଙ୍କ ମନ୍ଦିର

### ୮ କୋଟିରୁ ଉର୍ଦ୍ଧ ଟଙ୍କାରେ ନିର୍ମାଣ ହୋଇଛି ମନ୍ଦିର



ରାଜନଗର,୨।୧୦(ଅକ୍ଷର ଓଡ଼ିଶା): ପ୍ରଥମ କରି ଜଗତ ଜନନୀ ମା' ତାରିଣୀଙ୍କ ବିଶାଳ ମନ୍ଦିର ନିର୍ମାଣ ହେଉଛି ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ଝିଙ୍କିରିଆ ଗାଁରେ, ମା' ତାରିଣୀ ଦୀର୍ଘ ବର୍ଷ ଧରି ଝିଙ୍କିରିଆ ଗାଁରେ ଫଟ ପୂଜା ପାଇଆସୁଥିଲେ, ପ୍ରତ୍ୟେକ ବର୍ଷ ପଣା ସଂକ୍ରାନ୍ତିରେ ମା'ଙ୍କ ପାଇଁ ଯଜ୍ଞ ଅନୁଷ୍ଠିତ ହେଉଥିଲା ଏହି ଗାଁରେ, ଯେଉଁ ଯଜ୍ଞ ଗାଁର ଆବାଳ ବୃଦ୍ଧା ଓ ବନିତା ସମସ୍ତେ ସାମିଲ ହେଉଥିଲେ। ଗାଁର ଯେଉଁ ଯୁବ ପିଢ଼ି ବାହାର ରାଜ୍ୟରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ ସେମାନେ ମା ତାରିଣୀଙ୍କ ଶୁଭ ଯଜ୍ଞ କାର୍ଯ୍ୟରେ ସାମିଲ ହୋଇ ଆର୍ଥିକ ସହଯୋଗ ମଧ କରୁଥିଲେ କିନ୍ତୁ ମା' ତାରିଣୀଙ୍କ ଅପାର କରୁଣାରୁ ଗାଁର ଆବାଳ, ବୃଦ୍ଧା ଓ ବନିତା ଏବଂ ବାହାର ରାଜ୍ୟରେ ରୋଜଗାର କରୁଥିବା ଯୁବକ ସମସ୍ତେ ମିଶି ଆର୍ଥିକ ସହାୟତାରେ ପାଖାପାଖି ୮ କୋଟିରୁ ଉର୍ଦ୍ଧ ଟଙ୍କାରେ ଝିଙ୍କିରିଆ ଗାଁ ମୁଣ୍ଡରେ ମା'ତାରିଣୀଙ୍କ ଏକ ବିଶାଳ ମନ୍ଦିର ନିର୍ମାଣ ହେଉଛି, ଯେଉଁ ନିର୍ମାଣ କାର୍ଯ୍ୟ ୨୦୨୪ ମସିହାରୁ ଆରମ୍ଭ ହୋଇ ଅତ୍ୟ ବଧି ଦୁଇ ବର୍ଷ ଧରି ଚାଲୁ ରହିଛି। ଏହି ନିର୍ମାଣ କାର୍ଯ୍ୟରେ ନୟାଗଡ଼ ଜିଲ୍ଲାର ୩୦ ଜଣ ମିସ୍ତ୍ରୀ ନିୟୋଜିତ ରହିଛନ୍ତି। ଗାଁ ଲୋକଙ୍କ କହିବା କଥା ଆଗାମୀ ୨୦୨୭ ମସିହା ଫେବୃଆରୀ ୨୮ ତାରିଖ ପଣା ସଂକ୍ରାନ୍ତି ସମୟରେ ପ୍ରତିଷ୍ଠା କରାଯିବ। ବୃହତ ଏରିଆରେ ନିର୍ମାଣ ହେଉଥିବା ଏହି ମନ୍ଦିରକୁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଭକ୍ତ ଦଉଡି ଆସିବେ।

**୨୦୨୭ ଫେବୃଆରୀ ୨୮ରେ ପ୍ରତିଷ୍ଠା ଦିବସ**

## ଅନ୍ଧାରରେ ରାଇଘର ମେଡିକାଲ ଛକ !



ରାଇଘର, ୨।୧୦(ଭୁବନେଶ୍ୱର ସୁନାନୀ): ଅନ୍ଧାର ଦୂର କରିବା ପାଇଁ ଲାଗିଥିଲା ହାଇମାଷ୍ଟ ଲାଇଟ୍। ରାତିରେ ମେଡିକାଲକୁ ଆସୁଥିବା ରୋଗୀ, ସମ୍ପର୍କୀୟ ଓ ସାଧାରଣ ଲୋକଙ୍କ ପାଇଁ ଏହା ଥିଲା ଆଶ୍ୱାସନର ଆଲୋକ। କିନ୍ତୁ ଏବେ ସେହି ଆଲୋକ ନିଜେ ଅନ୍ଧାରରେ। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ରାଇଘର ମେଡିକାଲ ସମ୍ମୁଖରେ ଥିବା ହାଇମାଷ୍ଟ ଲାଇଟ୍ ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିଥିବା ଅଭିଯୋଗ ହୋଇଛି। ରକ୍ଷଣାବେକ୍ଷଣ ପାଇଁ ସରକାରୀ ଅର୍ଥ ଆସୁଥିବା ବେଳେ ହାଇମାଷ୍ଟ ଲାଇଟ୍ ଅଚଳ କାହିଁକି ? ଜନସାଧାରଣଙ୍କ ମନରେ ଉଠୁଛି ପ୍ରଶ୍ନ ।ବିଶେଷ କରି ରାତି ସମୟରେ ମେଡିକାଲକୁ ଜରୁରୀ ଚିକିତ୍ସା ପାଇଁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଲୋକ ପାଇଁ ଲକ୍ଷ ଲକ୍ଷ ଟଙ୍କାର ବ୍ୟବସ୍ଥା ହେଉଥିବା ବେଳେ, ରକ୍ଷଣାବେକ୍ଷଣ ପାଇଁ ସରକାରୀ ସ୍ତରରେ ଅର୍ଥ ଆସୁଥିବା ସତ୍ତ୍ୱେ ଏହି ହାଇମାଷ୍ଟ ଲାଇଟ୍ ଅଚଳ ହୋଇ ପଡ଼ିଛି କାହିଁକି ଏହି ପ୍ରଶ୍ନ ଏବେ ସାଧାରଣ ଲୋକଙ୍କ ମନରେ ଉଠିଛି ।ସରକାରୀ ଅର୍ଥ ଆସୁଛି, ତଥାପି ଆଲୋକ ଜଳୁନି ତେବେ ରକ୍ଷଣାବେକ୍ଷଣର ଦାୟିତ୍ୱ କାହାର ? ଅଚଳ ହାଇମାଷ୍ଟ ଲାଇଟ୍‌କୁ ଶୀଘ୍ର ମରାମତି କରି ପୁଣି ଆଲୋକିତ କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।

## ଗାଙ୍ଗପୁର ଥାନାରେ ତିନି ପୋଲିସ୍ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା, ତିନି ଅଧିକାରୀଙ୍କ ବଦଳି



ବେଲଗୁଣ୍ଠା, ୨।୧୦ (ଅକ୍ଷର ଓଡ଼ିଶା): ଗାଙ୍ଗପୁର ଥାନାରେ କାର୍ଯ୍ୟରତ ତିନି ପୋଲିସ୍ ଅଧିକାରୀଙ୍କ ବଦଳି ଅବସରରେ ଥାନା ପରିସରରେ ବୁଧବାର ରାତିରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଛି। ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଭଞ୍ଜନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜନ କୁମାର ଦେ ମୁଖ୍ୟ ଅତିଥି ଏବଂ ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଡ. ଦୀପକ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବଦଳି ହୋଇଥିବା ଅଧିକାରୀଙ୍କ ମଧ୍ୟରେ ଗାଙ୍ଗପୁର ଥାନାର ଅତିରିକ୍ତ ଥାନା ଅଧିକାରୀ ସାରାଲତା ପ୍ରଧାନଙ୍କୁ ଜିଲ୍ଲା ପୋଲିସ୍ ମୁଖ୍ୟାଳୟକୁ, ଏଏସ୍‌ଆଇ ସୁଷମା ବେହେରାଙ୍କୁ ବେଲଗୁଣ୍ଠା ଥାନାକୁ ଏବଂ ଏଏସ୍‌ଆଇ ବୋରୋଗାନା ୟାଲ୍ଲାମା ନାଇଡୁଙ୍କୁ ଭଞ୍ଜନଗର ଥାନାକୁ ବଦଳି ହୋଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଅତିଥିମାନେ ତିନି ଅଧିକାରୀଙ୍କ ନିଷ୍ଠାପର କର୍ତ୍ତବ୍ୟ, ଶୃଙ୍ଖଳା ଓ କାର୍ଯ୍ୟଦକ୍ଷତାର ପ୍ରଶଂସା କରିଥିଲେ। ଗାଙ୍ଗପୁର ଥାନାରେ ସେମାନଙ୍କ କାର୍ଯ୍ୟକାଳର ଅଭିଜ୍ଞତା ନୂଆଁ କାର୍ଯ୍ୟକ୍ଷେତ୍ରରେ ଉପଯୋଗୀ ହେବା ସହ ସେମାନେ ଦକ୍ଷତାର ସହ କର୍ତ୍ତବ୍ୟ ସମ୍ପାଦନ କରିବେ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ। ମା' ବୁଢ଼ାକେନ୍ଦୁ ଓ ଶ୍ରୀଶ୍ରୀ ସ୍ୱପ୍ନେଶ୍ୱରଙ୍କ କୃପାରୁ ସେମାନଙ୍କ ନୂଆଁ କାର୍ଯ୍ୟକ୍ଷେତ୍ର ମଙ୍ଗଳମୟ ହେଉ ବୋଲି ଉପସ୍ଥିତ ବ୍ୟକ୍ତିମାନେ କାମନା କରିଥିଲେ। ଏହି ଅବସରରେ ବେଲଗୁଣ୍ଠା ପ୍ରେସକ୍ଲବ୍‌ର ଉପଦେଷ୍ଟା ସନ୍ତୋଷ କୁମାର ବିଷୋୟୀ, ସଦସ୍ୟ କୃଷ୍ଣଚନ୍ଦ୍ର ପଟ୍ଟନାୟକ ଓ ପଞ୍ଚାନନ ସାହୁ, ବେଣୀପଲ୍ଲୀ ସରପଞ୍ଚ ଦୁର୍ଗାମାଧବ ନାୟକ, ମୁନିଗାଡ଼ି ସରପଞ୍ଚ ପ୍ରତିନିଧି ସନ୍ତୋଷ କୁମାର ସାଇଁଙ୍କ ସମେତ ଗାଙ୍ଗପୁର ଥାନାର ସମସ୍ତ ପୋଲିସ୍ କର୍ମଚାରୀ ଉପସ୍ଥିତ ରହି ତିନି ଅଧିକାରୀଙ୍କୁ ବିଦାୟ ଶୁଭେଚ୍ଛା ଜଣାଇଥିଲେ।

## ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଓ ସ୍ୱଚ୍ଛତା ହିଁ ସେବା ୨୦୨୬ ପାଳିତ



ଡାବୁଗାଁ,୨।୧୦ (ଅକ୍ଷର ଓଡ଼ିଶା): ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଓ ସ୍ୱଚ୍ଛତା ହିଁ ସେବା ୨୦୨୬ ପାଳିତ ହୋଇଯାଇଛି। ବିଡ଼ିଓ ସମିର କୁମାର ପାତ୍ର ଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ବରିଷ୍ଠ ନାଗରିକମାନଙ୍କୁ ସମାଜର ମଙ୍ଗଳ କାର୍ଯ୍ୟରେ ନିଜ ଅବକାଶ ସମୟକୁ ସାର୍ଥକ ଭାବେ ବିନିଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ନାଗରିକମାନଙ୍କ ପାଖରେ ଥିବା ଅମୂଲ୍ୟ ଅଭିଜ୍ଞତା, ଜ୍ଞାନ ଓ ଅନୁଭବ ସମାଜର ଉନ୍ନତି ଓ ନୂତନ ପିଢ଼ୀର ମାର୍ଗଦର୍ଶନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇପାରିବ। ସେମାନଙ୍କ ସକ୍ରିୟ ଅଂଶଗ୍ରହଣ ସମାଜକୁ ଅଧିକ ସୁଦୃଢ଼ ଓ ସଚେତନ କରିବ ବୋଲି ସେ ମତ ପ୍ରକାଶ କରିଥିଲେ ।ଡାବୁଗାଁ ବରିଷ୍ଠ ନାଗରିକ ସଂଘ ସଭାପତି ଅଜୟ ବଲ୍ଲଭ ପଣ୍ଡା ବରିଷ୍ଠ ନାଗରିକ ଦିବସ ମହତ୍ୱ ଉପରେ କହିଥିବା ବେଳେ ବରିଷ୍ଠ ନାଗରିକ ନିତ୍ୟାନନ୍ଦ ମହାନ୍ତି ଓ ଲକ୍ଷ୍ମୀକାନ୍ତ ରଥ ଡାବୁଗାଁ ସଦର ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିବା ସହ ତାହାର ଆସୁ ସମାଧାନ ଦିଗରେ ଦୃଷ୍ଟି ଦେବାକୁ ପ୍ରଶାସନ ନିକଟରେ ଦାବୀ ଉପସ୍ଥାପନ କରିଥିଲେ। ବିଶେଷ କରି ଡାବୁଗାଁ ମୁଖ୍ୟ ତାରିଣୀ ଛକ ରୁ ଷ୍ଟେଟ୍ ବ୍ୟାଙ୍କ୍ ରୋଡ,ବ୍ଲକ କାର୍ଯ୍ୟାଳୟ ଓ ହାଇସ୍କୁଲ ରୋଡ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ନେଇ କହିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ମାନଙ୍କୁ ବ୍ଲକ ପ୍ରଶାସନ ତରଫରୁ ସମ୍ମାନୀତ କରାଯିବା ସହ ମାଗଣାରେବିପି, ସୁଗାର,ହିମୋଗ୍ଲୋବିନ୍ ଆଦି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ଏମ ଆପ୍ପା ରାଓ, ଜି ସାଇ ରାଜୁ, ନବ କିଶୋର ଜୟସିଂହ, ମୁରଲୀଧର ଡାକୁଆ,ସୀମାଞ୍ଚଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୧୧ରେ ମା' ବନଦୁର୍ଗା ମନ୍ଦିରରେ ଶାରଦୀୟ ନବରାତ୍ର ଦୁର୍ଗାପୂଜା

ପଦ୍ମପୁର,(ଅକ୍ଷର ଓଡିଶା ) ୨।୧୦: ପଦ୍ମପୁର ବଡ଼ବନ୍ଧ ସ୍ଥିତ ଇଷ୍ଟଦେବୀ ମା' ବନଦୁର୍ଗା ମନ୍ଦିରରେ ଆସନ୍ତା ୧୧ ତାରିଖରୁ ଆରମ୍ଭ ହେବ ଶାରଦୀୟ ନବରାତ୍ର ଦୁର୍ଗାପୂଜା । ଏନେଇ ନବଦୁର୍ଗା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ତିଥିରେ ସକାଳ ୭ଟା ୩୦ ମିନିଟରେ କଳସାଧିବାସ, ଅଙ୍କୁରାରୋପଣ, ସୂର୍ଯ୍ୟପୂଜା ଓ ଦୀପ ପ୍ରଜ୍ୱଳନ ସହ ନବରାତ୍ର ପୂଜାର ଶୁଭାରମ୍ଭ ହେବ। ସନ୍ଧ୍ୟାରେ ମିଷ୍ଟାନ୍ନ ଭୋଗ ପରେ ସାଢ଼େ ୭ଟାରେ ଅନୁଷ୍ଠିତ ହେବ ସନ୍ଧ୍ୟା ଆଳତି। ସେହିପରି ୧୨ ତାରିଖରେ ବାଳଭୋଗ, ଆଳତି, ସୂର୍ଯ୍ୟପୂଜା, ଚଣ୍ଡିପାଠ ଓ ହୋମ ଆଦି ବିଧିବିଧାନ ଅନୁଷ୍ଠିତ ହେବ।

## ଯୋଗେଶ୍ୱରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



ଗୋପ: ୨।୧୦(ସନ୍ତୋଷ କୁମାର ଭୋଳ) ନୟାହାଟ ନିକଟସ୍ଥ ଯୋଗେଶ୍ୱରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସବ ଶ୍ରଦ୍ଧା ଓ ଉତ୍ସାହର ସହ ପାଳିତ ହୋଇଯାଇଛି।

ଏହି ଅବସରରେ ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ତ୍ରିଲୋଚନ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରିବା ସହ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଭୀମସେନ ରାୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ଜୟନ୍ତୀ ପାଳନର ମହତ୍ତ୍ୱ ଓ ଉଭୟ ମହାନ ବ୍ୟକ୍ତିତ୍ୱଙ୍କ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ।

ଉତ୍ସବରେ ନରେଶ ପରିଡ଼ା ଓ ଅଜୟ ନାୟକ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଶୈଶବ ଜୀବନ ସମ୍ପର୍କିତ ବିଭିନ୍ନ ମନଛୁଆଁ କାହାଣୀ ଶୁଣାଇଥିଲେ। ଏହା ଶିଶୁମାନଙ୍କ ମଧ୍ୟରେ ଦେଶପ୍ରେମ, ସତ୍ୟ, ଅହିଂସା ଓ ଶୃଙ୍ଖଳାର ଭାବନା ଜାଗ୍ରତ କରିଥିଲା। ଶେଷରେ ସୁକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟର ଶିଶୁମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଉତ୍ସବକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ।

## ଶୋଇଥିବା ବେଳେ ଘର ଭାଙ୍ଗିଲା ଦନ୍ତା

### କୁଚିଣ୍ଡାରେ ହାତୀ ଉପଦ୍ରବ ଅଳ୍ପକେ ବର୍ତ୍ତିଲେ ସପରିବାର



କୁଚିଣ୍ଡା, ୨।୧୦(ଚତୁର୍ଭୁଜ ଜୟପୁରିଆ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବନଖଣ୍ଡ ଅନ୍ତର୍ଗତ କୁସୁମୀ ପଞ୍ଚାୟତର ବଣ୍ଡାବହାଲ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ହାତୀ ଆତଙ୍କ ଦେଖିବାକୁ ମିଳିଛି। ପରିବାର ଲୋକେ ଶୋଇଥିବା ଅବସ୍ଥାରେ ଏକ ଦନ୍ତା ହାତୀ ଆକ୍ରମଣ କରି ଗ୍ରାମର ଜାସେଫ କିସାନଙ୍କ ବାସଗୃହକୁ ସମ୍ପୂର୍ଣ୍ଣ ଭାଙ୍ଗି ଧୂଳିସାତ କରିଦେଇଛି। ତେବେ ଭାଗ୍ୟବଶତଃ ପରିବାରର ସମସ୍ତ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଗତ କିଛି ଦିନ ହେବ କୁଚିଣ୍ଡା ଅଞ୍ଚଳରେ ହାତୀ ପଲଙ୍କ ଉପଦ୍ରବ ଲାଗିରହିଛି। ବୁଧବାର ରାତି ପ୍ରାୟ ୧୧ଟା ୩୦ ମିନିଟ୍ ସମୟରେ ହାତୀ ପଲ ଗାଁ ନିକଟରେ ବୁଲୁଥିବା ଦେଖାଯାଇଥିଲା। ଏହି ସମୟରେ ଏକ ଦନ୍ତା ହାତୀ ଜାସେଫଙ୍କ ଘରେ ପଶି ଭଙ୍ଗାରୁଜା କରିଥିଲା। ହାତୀ ଉପସ୍ଥିତି ସମ୍ପର୍କରେ ବନ ବିଭାଗ ପକ୍ଷରୁ ପୂର୍ବରୁ କୌଣସି ସତର୍କ ସୂଚନା କିମ୍ବା ସଚେତନତା କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ ମଧ ସହାୟତା ଯୋଗାଇବା ପାଇଁ ସିଧାସଳଖ ମନା କରିଦେଇଥିବା ଜଣାପଡ଼ିଛି। ଜାସେଫ ସରକାରୀ ଜମିରେ ଘର ନିର୍ମାଣ କରିଥିବା ଦର୍ଶାଇ କ୍ଷତିପୂରଣ ମିଳିପାରିବ ନାହିଁ ବୋଲି ବିଭାଗ କହିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମୁଣ୍ଡ ଗୁଞ୍ଜିବା ପାଇଁ ଥିବା ଏକମାତ୍ର ଆଶ୍ରୟସ୍ଥଳୀ ଭାଙ୍ଗିଯିବା ପରେ ବର୍ତ୍ତମାନ ଏହି ଅସହାୟ ପରିବାର କିପରି ଜୀବନ ବିତାଇବେ, ତାହାକୁ ନେଇ ଗଭୀର ଚିନ୍ତାରେ ପଡ଼ିଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ବୟୋଜ୍ୟେଷ୍ଠଙ୍କ ସହ ମାଇଁ ଭାରତର ଏକ ସନ୍ଧ୍ୟା



ନୟାଗଡ଼, ୨।୧୦(ଅକ୍ଷର ଓଡିଶା): ନୟାଗଡ଼ ଲେଖନପୁରସ୍ଥିତ ସମର୍ପଣ ଗୃହରେ ଆଜି ଆନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସ ପାଳିତ ହୋଇଛି। ସପ୍ତାହବ୍ୟାପୀ ଆନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସ ପାଳନ ଅବସରରେ ମେରା ଯୁବ ଭାରତ (ମାଇଁ ଭାରତ), ନୟାଗଡ଼ ଓ ସେବା ଉତ୍ସବ ସମିତି ପକ୍ଷରୁ ସମର୍ପଣ ଗୃହର ଅନ୍ତେବାସୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ସମର୍ପଣ ପରିଚାଳନା କମିଟିର ସମ୍ପାଦକ ତଥା ସମାଜସେବୀ ଶ୍ରୀଧର ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ମେରା ଯୁବ ଭାରତ, ନୟାଗଡ଼ର ଅଧିକାରୀ ସାହିଲ କୁମାର କୁଣ୍ଡୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ସନ୍ତୋଷ କୁମାର ପ୍ରଧାନ ଓ ସେବା ଉତ୍ସବ ସମିତିର ଅଧକ୍ଷ ଶିବରାମ ମହାପାତ୍ର ଯୋଗଦେଇଥିଲେ।

ଏହି ଅବସରରେ ଅତିଥିମାନେ ବୟୋଜ୍ୟେଷ୍ଠଙ୍କ ପ୍ରତି ସମ୍ମାନ, ସେବା ଓ ଯତ୍ନ ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ ବୋଲି କହିଥିଲେ। ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ବାର୍ଦ୍ଧକ୍ୟଜନିତ ବିଭିନ୍ନ ସମସ୍ୟାର ସମାଧାନ ନେଇ ମଧ ଆଲୋଚନା ହୋଇଥିଲା। ମେରା ଯୁବ ଭାରତ, ନୟାଗଡ଼ର ସଦସ୍ୟ ଅନିଲ କୁମାର ପ୍ରଧାନ, ସୌମ୍ୟା ସ୍ୱୟଂପ୍ରଭା ଓ ସତ୍ୟ ବେହେରା ସମର୍ପଣ ଗୃହରେ ପହଞ୍ଚି ଅନ୍ତେବାସୀମାନଙ୍କୁ ଫୁଲ ଓ ଚନ୍ଦନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ, କେଉଁଝରରୁ ଅଭିଯୁକ୍ତ ଗିରଫ



ଦେବଗଡ଼,୧।୧୦(ଅକ୍ଷର ଓଡ଼ିଶା): ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ନେଇ ବାରକୋଟ ଥାନାରେ ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ବାରକୋଟ ଥାନା ପୋଲିସ ତଦନ୍ତ ଆରମ୍ଭ କରି କେଉଁଝର ଜିଲ୍ଲାରୁ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବାରକୋଟ ଥାନା ଅନ୍ତର୍ଗତ ସରୁଆଳି ଗ୍ରାମର ପ୍ରଦ୍ୟୁମ୍ନ ବେହେରା ଓରଫ ପ୍ରଦୀପ ବୋଲି ଜଣାପଡ଼ିଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ତେବେ ତାଙ୍କର ଜାମିନ୍ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଘଟଣା ସମ୍ପର୍କରେ ବାରକୋଟ ଥାନା ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## ଯୋଗେଶ୍ୱରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ଗୋପ, ୨।୧୦(ସନ୍ତୋଷ କୁମାର ଭୋଳ): ନୟାହାଟ ନିକଟସ୍ଥ ଯୋଗେଶ୍ୱରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସବ ଶ୍ରଦ୍ଧା ଓ ଉତ୍ସାହର ସହ ପାଳିତ ହୋଇଯାଇଛି।

ଏହି ଅବସରରେ ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ତ୍ରିଲୋଚନ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରିବା ସହ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଭୀମସେନ ରାୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ଜୟନ୍ତୀ ପାଳନର ମହତ୍ତ୍ୱ ଓ ଉଭୟ ମହାନ ବ୍ୟକ୍ତିତ୍ୱଙ୍କ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ।

ଉତ୍ସବରେ ନରେଶ ପରିଡ଼ା ଓ ଅଜୟ ନାୟକ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଶୈଶବ ଜୀବନ ସମ୍ପର୍କିତ ବିଭିନ୍ନ ମନଛୁଆଁ କାହାଣୀ ଶୁଣାଇଥିଲେ। ଏହା ଶିଶୁମାନଙ୍କ ମଧ୍ୟରେ ଦେଶପ୍ରେମ, ସତ୍ୟ, ଅହିଂସା ଓ ଶୃଙ୍ଖଳାର ଭାବନା ଜାଗ୍ରତ କରିଥିଲା। ଶେଷରେ ସୁକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟର ଶିଶୁମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଉତ୍ସବକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ।

## ଆଜିଠୁ ଖଣ୍ଡପଡ଼ାରେ ରାଜ୍ୟସ୍ତରୀୟ କ୍ୟାରମ ଟୁର୍ଣ୍ଣାମେଣ୍ଟ

ଖଣ୍ଡପଡ଼ା ୨।୧୦ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ସହରର ମୁଖ୍ୟ ବଜାର ମଧ୍ୟରେ ଅବସ୍ଥିତ ପଠାଣିସାମନ୍ତ ସ୍ମୃତିମନ୍ଦିର ଓ ପାଠାଗାର ସମ୍ମିଳନୀ କକ୍ଷରେ ଆସନ୍ତା ୩ ତାରିଖ ଶନିବାର ଦିନ ରାଜ୍ୟସ୍ତରୀୟ ଦିବାରାତ୍ର କ୍ୟାରମ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ଜଣାଇଛନ୍ତି ।ଚଳିତ ବର୍ଷ ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସର୍ବମୋଟ ୩୨ଟି ଦଳ ଅଂଶ ଗ୍ରହଣ କରିବେ ବୋଲି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଆୟୋଜକ ଭଗବାନ ରାଉତଙ୍କ ଠାରୁ ସୂଚନା ମିଳିଥିବା ବେଳେ କ୍ୟାରମ ଟୁର୍ଣ୍ଣାମେଣ୍ଟର ସଫଳତା ନେଇ ଏକ ପ୍ରସ୍ତୁତି ବୈଠକ ସ୍ମୃତିମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି।

## ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ

କଣ୍ଟିଲୋ, ୨।୧୦ (ଅକ୍ଷର ଓଡ଼ିଶା): ଗୁରୁବାର ଅକ୍ଟୋବର ୧ ତାରିଖରେ ସମଗ୍ର ବିଶ୍ୱ ଆନ୍ତର୍ଜାତିକ ବୟସ୍କ ବ୍ୟକ୍ତିଙ୍କ ଦିବସ ୨୦୨୬ ପାଳନ କରାଯାଉଥିବା ଅବସରରେ ଖଣ୍ଡପଡା ବରିଷ୍ଠ ନାଗରିକ ଫୋରମ, ଖଣ୍ଡପଡା ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ 'ପକ୍ଷରୁ କଣ୍ଟିଲୋ କଂସାରୀ ସମାଜ କାରିଗର ତାଲିମ କେନ୍ଦ୍ରଗୃହରେ ପାଳିତ ହୋଇ ଯାଇଛି। ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଖଣ୍ଡପଡା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅରୁଣ ନାୟକ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବରିଷ୍ଠ ନାଗରିକ ମାନଙ୍କ ଏକ ସଭାରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇ ଉପସ୍ଥିତ ଥିବା ଦେଢ଼ ଶହରୁ ଉର୍ଦ୍ଧ୍ୱ ବରିଷ୍ଠ ମହିଳା ଓ ପୁରୁଷ ନାଗରିକ ମାନଙ୍କର ସମସ୍ୟା ସମ୍ବନ୍ଧ ରେ ଆଲୋଚନା କରି ସମସ୍ତ ବୟସ୍କ ବ୍ୟକ୍ତି ମାନଙ୍କର ଯେପରି କୌଣସି କ୍ଷେତ୍ରରେ ଅସୁବିଧା ନହୁଏ ସେଥି ପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ୮ ଜଣ ବରିଷ୍ଠ ନାଗରିକ ଙ୍କୁ ସିନିୟର ସିଟିଜନଙ୍କୁ ସରକାରୀ ପରିଚୟ ପତ୍ର ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଖଣ୍ଡପଡ଼ା ଥାନା ଉପଖଣ୍ଡ ଅଧିକାରୀ ସରୋଜ କୁମାର ସାହୁ, ଖଣ୍ଡପଡା ଥାନା ଅଧିକାରୀ କୃତିବାସ ହରିଚନ୍ଦନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଝାଡ଼େଶ୍ୱର ଦାସ, ତହସିଲ ଦାର ବିଶ୍ୱବିସ୍ମିତ ତ୍ରିପାଠୀ ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କୁ ଉଦବୋଧନ ଦେବା ସଙ୍ଗେ ସଙ୍ଗେ ସମସ୍ତ ସହଯୋଗ କରିବେ ବୋଲି ମତ ରଖିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ନାୟକ ପ୍ରଥମେ ଆୟୋଜିତ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

## ପାବୁରିଆରେ କଳାକାର ସଙ୍ଘର ବାର୍ଷିକ ନୂଆଁଖାଇ ପରବ

ଫୁଲବାଣୀ ୨।୧୦(ମନୋଜ ସାହୁ): ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଆନୁକୂଲ୍ୟରେ କଳା ର ପ୍ରଚାର ପ୍ରସାର ଓ କଳାକାର ମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷରେ ଏବେ ଗାଁଗାଁ ରେ କଳାକାର ସମାବେଶ ଅନୁଷ୍ଠିତ ହେଉଥିବା ବେଳେ ଅନୁରୂପ ଭାବରେ କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ପାବୁରିଆ ପଞ୍ଚାୟତ ବରସାହି ଠାରେ ମଧ ଏହି କଳାକାର ସମାବେଶ ବା ବାର୍ଷିକ ନୂଆଁଖାଇ ପରବ ପାଳନ ହୋଇଯାଇଛି ଓ ତେବେ ପାବୁରିଆ ଠାରେ ଥିବା ମା ତାରା ସିଂ କଳା ସାଂସ୍କୃତିକ ଦଳ ସିଙ୍ଗାନାଚ, ବରସାହି ଏହାକୁ ଆୟୋଜନ କରିଥିବା ବେଳେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ମାନଗୋବିନ୍ଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପାରମ୍ପରିକ ଲୋକକଳା ସଙ୍ଘର ଜିଲ୍ଲା ସଭାପତି ଅକ୍ଷୟ କୁମାର କର୍ଣ୍ଣ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସ୍ୱବତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷ କଳ୍ପନା କହଁର,ପାବୁରିଆ ସରପଞ୍ଚ ସଞ୍ଜୟ କୁମାର ନାୟକ, ଟିକାବାଲି ସାଂସଦ ପ୍ରତିନିଧି ଲଳିତ ପ୍ରଧାନ, ବୁର୍ବିନାଜୁ ସରପଞ୍ଚ ସଲିମା ପ୍ରଧାନ, ରାଇକିଆ କଳାକାର ସଙ୍ଘ ନିର୍ମଳା ଦିଗାଲ, ଖଜୁରୀପଡ଼ା କଳାକାର ସଂଘ ସଭାପତି ନିର୍ବାଚନ କହଁର, ଫିରିଙ୍ଗିଆ କଳାକାର ସନତ ଦିଗାଲ ପ୍ରମୁଖ ଯୋଗ ଦେଇଥିଲେ।


## କୋରାପୁଟରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ




କୋରାପୁଟ,୧।୧୦(ଅକ୍ଷର ଓଡ଼ିଶା): କୋରାପୁଟ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ତରଫରୁ ସ୍ଥାନୀୟ ଟାଉନ ହଲରେ ଭାବପୂର୍ଣ୍ଣ ପରିବେଶରେ ପାଳିତ ହୋଇଛି ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ। ବରିଷ୍ଠ ନାଗରିକମାନଙ୍କ ଅନୁଭବ, ଅବଦାନ ଓ ସମ୍ମାନକୁ ଗୁରୁତ୍ୱ ଦେଇ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ ଏବଂ କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝୀ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକଙ୍କ ସୁସ୍ଥ ଜୀବନ ପାଇଁ ଯୋଗ ଶିବିର ଓ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। କେବଳ ସ୍ୱାସ୍ଥ୍ୟ ସେବା ନୁହେଁ, ବରିଷ୍ଠ ନାଗରିକଙ୍କୁ ଶ୍ରବଣ ଯନ୍ତ୍ର, ସମ୍ମାନ ପତ୍ର ଓ ସ୍ମୃତିଚିହ୍ନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଶେଷରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶକୁ ଆହୁରି ରଙ୍ଗୀନ କରିଥିଲା। ବରିଷ୍ଠ ନାଗରିକଙ୍କ ପ୍ରତି ସମ୍ମାନ, ସେବା ଓ ଯତ୍ନର ବାର୍ତ୍ତା ଦେଇ ଶେଷ ହୋଇଥିଲା ଏହି ସ୍ୱତନ୍ତ୍ର ଆୟୋଜନ। କୋରାପୁଟ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜଙ୍କ ନିରୀକ୍ଷଣ ଓ ସଂଯୋଜନାରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା ।ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆହାନ ବୈଦ ଏବଂ କାର୍ଯ୍ୟାଳୟର କର୍ମଚାରୀ ମାନେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଯୋଗଦେଇ ମଞ୍ଚ ପରିଚାଳନା କରିଥିଲେ।

## ଶିକ୍ଷକଙ୍କ ଉପରେ ଛାତ୍ରାବାସ ଦାୟିତ୍ୱ, ଶିକ୍ଷାଦାନ ବିପର୍ଯ୍ୟସ୍ତ

ବୋଲଗଡ଼, ୨।୧୦(ଅକ୍ଷର ଓଡିଶା): ରାଜ୍ୟର ସହର ଓ ପାହାଡ଼ ପାଦ ଦେଶର ଗ୍ରାମାଞ୍ଚଳ ଗୁଡିକରେ ବସବାସ କରୁଥିବା ଜାତି ଜନଜାତି ଓ ଉପ ଜାତିର ପିଲାମାନଙ୍କ ଶିକ୍ଷାର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ଆଶ୍ରମ ବିଦ୍ୟାଳୟ ସ୍ଥାପନ କରିଅଛନ୍ତି। ସେମାନଙ୍କ ତରଫରୁ ସେମାନଙ୍କ ଜୀବନ ସୁରକ୍ଷା, ଦକ୍ଷତା ବୃଦ୍ଧି, ମୌଳିକ ଶିକ୍ଷାର ବିକାଶ, ଅନ୍ତର୍ନିହିତ ଗୁଣାବଳୀର ବିକାଶ ଓ ମାନସିକ ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁ ଅଛନ୍ତି ।ଗରିବ,ଖଟିଖିଆ ଦିନ ମଜୁରିଆ ଆଦିବାସୀ ମାନଙ୍କ ଶିକ୍ଷାର ବିକାଶ ଓ ନିରକ୍ଷର ଦୂରୀକରଣ ରହିବା ପାଇଁ ପିଲାମାନଙ୍କ ପାଇଁ ହଷ୍ଟେଲରେ ରହି ମାଗଣା ପାଠ ପଢ଼ିବାର ବ୍ୟବସ୍ଥା ରହିଛି। ଏହି ଆବାସିକ ବିଦ୍ୟାଳୟରେ ମଧ୍ୟରେ ମଧ୍ୟାହ୍ନ ଭୋଜନ,ମାଗଣା ପୋଷାକ ବଣ୍ଟନ,ମାଗଣା ପୁସ୍ତକ ବଣ୍ଟନ ବ୍ୟବସ୍ଥା , ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହିତ ବୃତ୍ତି ବ୍ୟବସ୍ଥା ଠାରୁ ଆରମ୍ଭ କରି ଅନେକ ଆକର୍ଷିତ ଯୋଜନା ଗୁଡିକ ରାଜ୍ୟରେ ଥିବା ସମସ୍ତ ଆଶ୍ରମ ବିଦ୍ୟାଳୟ ଗୁଡିକରେ କାର୍ଯ୍ୟ କରୁଅଛି ଓ ତେବେ ଏହି ମାଳ ମାଳ ଯୋଜନା ଗୁଡିକର ସଫଳ ରୂପାୟନ ଦିଗରେ କାର୍ଯ୍ୟରତ ଶିକ୍ଷକ,ଶିକ୍ଷୟିତ୍ରୀ ମାନେ ପ୍ରତିଦିନ ବିନା ସ୍ୱତନ୍ତ୍ର କର୍ମଚାରୀ ଦ୍ୱାରା କାର୍ଯ୍ୟ କରୁଅଛନ୍ତି ଓ ଏହି ମାଳ ମାଳ ଯୋଜନା ଗୁଡିକର ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ କାର୍ଯ୍ୟ କରି ଚାପଗ୍ରସ୍ତ ଥିବାବେଳେ ହଷ୍ଟେଲ ଦାୟିତ୍ୱ ବୋଝ ଉପରେ ଲଳିତା ବିଡ଼ା ସାଜିଛି ।ଫଳରେ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଆଶ୍ରମ ବିଦ୍ୟାଳୟ ଗୁଡିକରେ ବାଧ୍ୟତା ମୂଳକ ହଷ୍ଟେଲ ଦାୟିତ୍ୱ ନେବା ଫଳରେ ସରକାରୀ ଓ ବେସରକାରୀ ଚାପରେ ରହୁଅଛନ୍ତି ।ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଆଶ୍ରମ ବିଦ୍ୟାଳୟର ହଷ୍ଟେଲ ଦାୟିତ୍ୱ ବାବଦକୁ ସରକାରୀ ପାରିଶ୍ରମିକ ବିନା କାର୍ଯ୍ୟ କରୁଥିବା ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି ।ହଷ୍ଟେଲରେ ରହୁଥିବା ଛାତ୍ର ଛାତ୍ରୀ ମାନଙ୍କ ଦାୟିତ୍ୱ ନେବା ପାଇଁ ମାଟ୍ରନ ନିଯୁକ୍ତି ଯଥେଷ୍ଟ ନୁହେଁ। ପିଲାଙ୍କର ରହିବ ଖାଇବା ସ୍ୱାସ୍ଥ୍ୟ ଆଦି କାର୍ଯ୍ୟର ସମାଧାନ କରିବା ଗୋଟେ ଛୋଟିଆ କଥା ନୁହଁ। କର୍ମଚାରୀ ଅଭାବରୁ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଦାୟିତ୍ୱ ନେବା ଫଳରେ ଶିକ୍ଷା ଦାନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଶିକ୍ଷକ ମାନଙ୍କ ପାଇଁ ଜନଗଣନା, ଆଧାର କାର୍ଡ ସଂଶୋଧନ,ଭୋଟର କାର୍ଡ ସଂଶୋଧନ, ସିଟି,ଏସ କାର୍ଯ୍ୟକ୍ରମ, ଉଲ୍ଲାସ କାର୍ଯ୍ୟକ୍ରମ,ନିର୍ବାଚନ କାର୍ଯ୍ୟକ୍ରମ ,ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ ପ୍ରମୁଖ ଗୁଡିକ ଶିକ୍ଷକ ମାନଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ସାଜିଛି ।




ଅକ୍ଷର

AKHYARA ODISHA ଓଡ଼ିଶା


## ରାୟଗଡ଼ାରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ




ରାୟଗଡ଼, ୨/୧୦ (କୈଳାସ ସାଇଁ ) : ରାୟଗଡ଼ ଜିଲ୍ଲାରେ ଆଜି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଏବଂ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତରତ୍ନ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ, ପୌରପରିଷଦ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଛି। ଏହି ଅବସରରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସକାଳୁ ରାମଧୁନ ପ୍ରଚାର କରାଯାଇଥିଲା। ପରବର୍ତ୍ତୀ ସମୟରେ ଗଜପତି ଛକଠାରୁ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଶୋଭାଯାତ୍ରା ଆୟୋଜିତ ହୋଇଥିଲା।

ଶୋଭାଯାତ୍ରାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ଶ୍ରୀମତୀ ମଞ୍ଜୁଳା ମିଣିଆକା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ସୁଶ୍ରୀ ଟୁନି ହୁଇକା,ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବୀନ୍ଦ୍ର ନାଥ କହଁର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିହାର ରଞ୍ଜନ କହଁର, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ କୈଳାସ ଚନ୍ଦ୍ର ସାଇଁ, ଶିକ୍ଷାବିତ ପ୍ରଫେସର ଦୁଷ୍ମନ୍ତ କୁମାର ମହାନ୍ତି, ରାୟଗଡ଼ଓକିଲ ସଂଘ ସଭାପତି ବ୍ରଜସୁନ୍ଦର ନାୟକ, ସମାଜସେବୀ ଟି. ଗୌରୀ, ବରିଷ୍ଠ ନାଗରିକ ସତ୍ୟବାଦୀ ପତି ଓ ପ୍ରତାପ ଚନ୍ଦ୍ର ବାଉରୀଙ୍କ ସମେତ ୱାର୍କର୍ସ କ୍ଲବ୍‌ର ସଦସ୍ୟ, ପୋଲିସ ପ୍ରଶାସନର ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଜନପ୍ରତିନିଧି, ବରିଷ୍ଠ ନାଗରିକ, ଓ ସାଧାରଣ ଜନତା ରାୟଗଡ଼ ଯୋଗଦେଇଥିଲେ। ଶୋଭାଯାତ୍ରା ପରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିସ୍ଥଳରେ ଅତିଥିମାନେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଏଥିରେ ହିନ୍ଦୁ ଧର୍ମ ପକ୍ଷରୁ ଗଙ୍ଗା କିଶୋର ବ୍ରହ୍ମା, ମୁସଲିମ ଧର୍ମ ପକ୍ଷରୁ ହାଫିଜ ଶେଖ ମେହେବୁବ ଆଜମ୍ ଏବଂ ଖ୍ରୀଷ୍ଟିଆନ ଧର୍ମ ପକ୍ଷରୁ ଆଣ୍ଟୁ ବାଟିଲି ପ୍ରାର୍ଥନା ପରିଚାଳନା କରିଥିଲେ। ସର୍ବଧର୍ମ ପ୍ରାର୍ଥନା କାର୍ଯ୍ୟକ୍ରମରେ ସମସ୍ତ ଶୋଭାଯାତ୍ରୀଙ୍କ ସମେତ,ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟ କୁମାର ନନ୍ଦ, ପୌରପାଳିକା ଉପାଧ୍ୟକ୍ଷା ଶ୍ରୀମତୀ ଶ୍ରମିତା ପାଢ଼ୀ,ପୌରପାଳିକାର କାଉନସିଲର, ପୋଲିସ ପ୍ରଶାସନର ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଜନପ୍ରତିନିଧି, ବରିଷ୍ଠ ନାଗରିକ ଓ ସାଧାରଣ ଜନତା ଉପସ୍ଥିତ ଥିଲେ।

ଏହାପରେ ପି.ଏମ୍. ଶ୍ରୀ ଜି.ସି.ଡି. ଜିଲ୍ଲା ଉଚ୍ଚ ବିଦ୍ୟାଳୟ ପରିସରରେ ଗାନ୍ଧୀ ଜୟନ୍ତୀ, ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ଏବଂ 'ସେବା ସଂକଳ୍ପ ଅଭିଯାନ' ଉପଲକ୍ଷେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରି ଉତ୍ସାହିତ କରାଯାଇଥିଲା। ରକ୍ତଦାନ କାର୍ଯ୍ୟକ୍ରମର ପରିଚାଳନା ଜିଲ୍ଲା ଜରୁରୀକାଳୀନ ଅଧିକାରୀ କଳିଙ୍ଗ ପୂଜାରୀ କରିଥିଲେ। ଏହାପରେ ପି.ଏମ.ଶ୍ରୀ ଜି.ସି. ଡି ଜିଲ୍ଲା ଉଚ୍ଚ ବିଦ୍ୟାଳୟ ପରିସରରେ ଗାନ୍ଧୀ ଜୟନ୍ତୀ ଓ ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ପ୍ରଫେସର ଦୁଷ୍ମନ୍ତ କୁମାର ମହାନ୍ତି ଏବଂ ରାୟଗଡ ବାଳିକା ମହାବିଦ୍ୟାଳୟରସହକାରୀ ପ୍ରଫେସର ରୌମ୍ୟ ରଞ୍ଜନ ସାହୁ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୀବନ, ଆଦର୍ଶ ଓ ଦେଶ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଆଲୋଚନାଚକ୍ରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିହାର ରଞ୍ଜନ କହଁର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ,ଜିଲ୍ଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝୀ, ପିଏମ୍ ଜିସିଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ନମିତା ପଧାନ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ କୈଳାସ ଚନ୍ଦ୍ର ସାଇଁଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଝୋଟି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଅଙ୍ଗନବାଡ଼ି କର୍ମୀମାନଙ୍କୁ ଏବଂ ସ୍ୱଚ୍ଛତା କାର୍ଯ୍ୟରେ ଅବଦାନ ପାଇଁ ପୌରପାଳିକାର ସଫେଇ କର୍ମଚାରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଅହିଂସା, ସ୍ୱଚ୍ଛତା ଓ ସର୍ବଧର୍ମ ସମନ୍ୱୟର ଆଦର୍ଶ ଏବଂ ଲାଲ ବାହାଦୁର ଶାସ୍ତ୍ରୀଙ୍କ ସରଳତା, ନିଷ୍ଠା, ଦେଶସେବା ଓ କର୍ତ୍ତବ୍ୟପରାୟଣତାକୁ ଜୀବନରେ ଅନୁସରଣ କରି ଏକ ସ୍ୱଚ୍ଛ, ଶାନ୍ତିପୂର୍ଣ୍ଣ ଓ ଦାୟିତ୍ୱବାନ ସମାଜ ଗଠନ ଦିଗରେ ଆଗେଇ ଯିବା ପାଇଁ ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା। ସମସ୍ତ କାର୍ଯ୍ୟକ୍ରମର ଉପସ୍ଥାପକ ଭାବେ ଶିକ୍ଷାବିତ ଶ୍ରୀ ଅଶୋକ କୁମାର ଦାଶ ଦାୟିତ୍ୱ ତୁଲାଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ରାୟଗଡ଼ଙ୍କ ସମନ୍ୱୟରେ କାର୍ଯ୍ୟକ୍ରମର ସମସ୍ତ ଆୟୋଜନ ଓ ପରିଚାଳନା କରାଯାଇଥିଲା।

## ଗାନ୍ଧୀ ଜୟନ୍ତୀ ପାଳନ ସହ ପଦଯାତ୍ରାର ଶୁଭାରମ୍ଭ




ଦେବଗଡ,୦୨/୧୦(ଅକ୍ଷର ଓଡ଼ିଶା): ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଅହିଂସା, ଶାନ୍ତି ଓ ସାମାଜିକ ସଦ୍ଭାବର ଆଦର୍ଶକୁ ସ୍ମରଣ କରି ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ କଣ୍ଢଳ କଲେଜ ଛକଠାରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ମାନ୍ୟବର ବିଧାୟକଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମ ହୀରାଲାଲ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରାଯିବା ସହ ତାଙ୍କ ଜୀବନାଦର୍ଶ, ଦେଶ ପାଇଁ ତ୍ୟାଗ ଓ ଅବଦାନକୁ ସ୍ମରଣ କରାଯାଇଥିଲା। ସଭାରେ ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ଦୀର୍ଘଦିନର ସାମାଜିକ ଅବଦାନ ଓ ଅଭିଜ୍ଞତାକୁ ସମ୍ମାନ ଜଣାଇ ଆୟୋଜକଙ୍କ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଗାନ୍ଧୀ ଜୟନ୍ତୀ ଅବସରରେ ଆଜିଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ପଦଯାତ୍ରାର ଶୁଭାରମ୍ଭ କରାଯାଇଛି। ଏଥିରେ ଦଳୀୟ ନେତା, କର୍ମୀ ଓ ସମର୍ଥକମାନେ ସାମିଲ ହୋଇ ବିଭିନ୍ନ ଅଞ୍ଚଳ ପରିକ୍ରମା କରିବେ। ଲୋକଙ୍କ ସହ ସିଧାସଳଖ ଯୋଗାଯୋଗ ସ୍ଥାପନ ସହ ଗାନ୍ଧୀଜୀଙ୍କ ସତ୍ୟ ଓ ଅହିଂସାର ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା।ସଭାରେ ଦେବଗଡ଼ ଜିଲ୍ଲା ମହିଳା ବିଜେଡି ସଭାପତି ଅରୁଣି ପ୍ରଧାନ, ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ପ୍ରତାପ କୁମାର ଦେବ, କଣ୍ଢଳ ସରପଞ୍ଚ ସବିତା ବେହେରା, କଣ୍ଢଳ ସମିତି ସଭ୍ୟା ବିନାପାଣି ସାହୁ, ବାରକୋଟ ବ୍ଲକ ବିଜେଡି ସଭାପତି କୃତାର୍ଥ ସାହୁ, ନଗର ସଭାପତି ଚନ୍ଦ୍ରଶେଖର ଭୁକ୍ତାଙ୍କ ସମେତ ବିଭିନ୍ନ ପଞ୍ଚାୟତର ବିଜେଡି ସଭାପତି, ମହିଳା ନେତ୍ରୀ ଓ ବହୁ ସଂଖ୍ୟକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ବକ୍ତାମାନେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶକୁ ଜୀବନରେ ଅନୁସରଣ କରିବା ସହ ସମାଜରେ ଶାନ୍ତି, ଭାଇଚାରା, ସଦ୍ଭାବ ଓ ଏକତା ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। କଣ୍ଢଳ କଲେଜ ଛକଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ରଘୁନାଥପୁର ବ୍ଲକ୍ ପ୍ରଶାସନପକ୍ଷରୁ ବୟୋଜ୍ୟେଷ୍ଠ ବୃଦ୍ଧବୃଦ୍ଧାମାନଙ୍କୁ ସମ୍ମାନୀତ



ରଘୁନାଥପୁର, ୧/୧୦(ଅମୃତ ମିଡିଆ) ଅକ୍ଟୋବର ୧ ଆନ୍ତର୍ଜାତିୟ ବୃଦ୍ଧ ବୃଦ୍ଧା ଦିବସ ପାଳନ ଅବସରରେ ଆଜି ରଘୁନାଥପୁର ବ୍ଲକ ପ୍ରଶାସନ ପକ୍ଷରୁ ବୃଦ୍ଧ ବୃଦ୍ଧା ମାନଙ୍କୁ ସମ୍ମାନୀତ କରାଯାଇଛି। ସାମାଜିକ ସୁରକ୍ଷା ଅଧିକାରୀଣି ଜ୍ୟୋତିର୍ମୟୀ ସାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଜି ସକାଳୁ ରଘୁନାଥପୁର ବ୍ଲକ ଅଂଚଳର ୪୦ରୁ ଉର୍ଦ୍ଧ ବୃଦ୍ଧ ବୃଦ୍ଧା ଜ୍ୟୋତି ମହାସଂଘ କକ୍ଷରେ ପହଞ୍ଚି ଯୋଗ କରିବା ସହ ସୁସ୍ଥ ଓ ନିରୋଗି ରହିବା ପାଇଁ ପରସ୍ପର ସହିତ ଭାବର ଆଦାନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ବିରେଞ୍ଚି ନାରାୟଣ ବେହେରା ପହଞ୍ଚି ଉପସ୍ଥିତ ବୟୋଜ୍ୟେଷ୍ଠ ନାଗରିକ ମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥି ସହିତ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଜଳଖିଆ ଓ ମଧ୍ୟାହ୍ନ ଖାଦ୍ୟପେୟରେ ବନ୍ଦୋବସ୍ତ କରା ଯାଇଥିଲା। ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ହୋଇଥିବା ବିତର୍କ ଓ ରଚନା ପ୍ରତିଯୋଗିତାରେ କୃତି ୬ ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ଦିଆଯାଇ ପୁରସ୍କୃତ କରା ଯାଇଥିଲା।

## ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସେବା ସଂକଳ୍ପ ଅଭିଯାନ




ନୂଆପଡା, ୦୨/୧୦( ଅକ୍ଷର ଓଡିଶା ) ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସେବା ସଂକଳ୍ପ ଅଭିଯାନ ଏକ ମାସ କାର୍ଯ୍ୟକ୍ରମରେ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ ସ୍ୱଚ୍ଛ ଭାରତ ଦିବସ ପାଳିତ ହୋଇଯାଇଅଛି। ଏହି ଦିବସ ଖଡ଼ିଆଳ କଲ୍ୟାଣ ମଣ୍ଡପ ଦୁଇ ଠାରେ ଅନୁଷ୍ଠିତ ହୋଇଥିବା ବେଳେ ଖଡ଼ିଆଳ ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା ଅଧକ୍ଷତା କରିଥିବା ବେଳେ ଖଡ଼ିଆଳ ଏନ ଏ ସି ଅଧକ୍ଷ ଉଜ୍ଜଳ ଗୁପ୍ତା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସେବା ସଂକଳ୍ପ ଅଭିଯାନ ଏକ ମାସ କାର୍ଯ୍ୟକ୍ରମରେ ସ୍ୱଚ୍ଛତା କର୍ମଚାରୀ, ସଫେଇ କର୍ମଚାରୀଙ୍କ ସମାଜ ପ୍ରତି। ତାଙ୍କ ଅବଦାନ ଅତୁଳନୀୟ ଅଟେ । ସମ୍ବର୍ଦ୍ଧନା ରେ ଯଥେଷ୍ଟ ନୁହେଁ ତାଙ୍କ କାର୍ଯ୍ୟ ନିଶ୍ଚିତ ରୂପେ ଏକ ସୁସ୍ଥ ସମାଜ ଗଠନ ବାର୍ତ୍ତା ଦେଇଥାଏ ବୋଲି କହିଥିଲେ। ଆଜି ଅନୁଷ୍ଠିତ ସଭାରେ ୱାର୍ଡ ସଭ୍ୟ ସଭ୍ୟା ରାଜାରାଣୀ ପଟ୍ଟନାୟକ, ଲକ୍ଷଣ ଦୁରିଆ, ଚନ୍ଦନ ସାହୁ, ସୁନୀଲ କୁମାର ସାହୁ, କିରନ ଏବଂ ବନିତା ଶବର ପ୍ରମୁଖ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ସମସ୍ତ ସ୍ୱଚ୍ଛ ସାଥୀ, ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ବିଜେଡିର ଗାନ୍ଧିଜୟନ୍ତୀରେ ଜନସମ୍ପର୍କ ପଦଯାତ୍ରା

ପାରଳାଖେମୁଣ୍ଡି, ୨/୧୦(ତାରିଣୀ ପ୍ରସାଦ ପଣ୍ଡା): ଗାନ୍ଧିଜୟନ୍ତୀ ଅବସରରେ ଗଜପତି ଜିଲ୍ଲା ଗୋଷାଣୀ ବ୍ଲକରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋଷାଣୀ ବ୍ଲକ ଅନ୍ତର୍ଗତ ଗାରାବନ୍ଧଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ମାଛମରା ଓ କଣ୍ଢାଗଡ଼ ଅଞ୍ଚଳ ପର୍ଯ୍ୟନ୍ତ ଯାଇଥିଲା। ପଦଯାତ୍ରାରେ ବିଜେଡିର ନେତା, ପଦାଧିକାରୀ, ଯୁବ ଓ ଛାତ୍ର ନେତା, ମହିଳା କର୍ମୀ, ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମୀ ଓ ସମର୍ଥକ ଯୋଗଦେଇଥିଲେ। ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଆୟୋଜିତ ଏହି ଜନସମ୍ପର୍କ ପଦଯାତ୍ରାରେ ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ଗୋଷାଣୀ ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାଇଆମ୍ମା, ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ପାରଳାଖେମୁଣ୍ଡି ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀକାନ୍ତ ପରିଚ୍ଛା ଓ ଗଜପତି ରାଓଙ୍କ ସମେତ ଦଳର ବିଭିନ୍ନ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଜାତୀୟ ଉଦ୍ୟାନ ଭିତରକନିକା ପରିସରରେ ୭୨ ତମ ବନ୍ୟପ୍ରାଣୀ ସପ୍ତାହ ଦିବସ ପାଳିତ




ରାଜନଗର, ୦୨/୧୦(ଅକ୍ଷର ଓଡ଼ିଶା)ଏହି ଦିବସରେ ରାଜନଗର ଡିଏଫଓ ଭରତ ରାଜ ଗାଓଁକର ଙ୍କ ଅଧକ୍ଷତାରେ ଭିତରକନିକା ପରିସରରେ ଏକ ସଭା ଆୟୋଜନ ହୋଇଥିଲା ଯେଉଁ ସଭାରେ ଜିଲ୍ଲାପାଳ ରଘୁରାମ ଆର ଆୟର ଓ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ସାମିଲ ହୋଇଥିଲେ। ଜିଲ୍ଲା ପ୍ରଶାସନର ମିଳିତ ଯୋଜନାରେ ଆଗାମୀ ଭବିଷ୍ୟତ ପାଇଁ ତଥା ପରିବେଶ ସନ୍ତୁଳନ ନିମନ୍ତେ ରାଜନଗର ଲୁଣା ଅଞ୍ଚଳରେ ଲୁଣା ଜଙ୍ଗଲ ବୃଦ୍ଧି କରିବା ଓ ବନ୍ୟପ୍ରାଣୀ ସୁରକ୍ଷା ଏବଂ ବନ୍ୟପ୍ରାଣୀ ଙ୍କ ସହିତ ମନୁଷ୍ୟ ମାନଙ୍କର ସକାରାତ୍ମକ ସମ୍ପର୍କକୁ ନେଇ ବିସଦ ଆଲୋଚନା ହୋଇଥିଲା, କିପରି ବନ୍ୟଜନ୍ତୁ ଓ ଲୁଣା ଜଙ୍ଗଲ ପରିବେଶ ଓ ମଣିଷ ପାଇଁ ଅତ୍ୟନ୍ତ ଜରୁରୀ ତାହା ଉପରେ ଜିଲ୍ଲାପାଳ ରଘୁରାମ ଆର ଆୟର ବିସ୍ତୃତ ଭାବରେ ଉପସ୍ଥିତ ଲୋକଙ୍କ ଆଲୋଚନା କରିଥିଲେ। ଅନ୍ୟ ପଟେ ବନ୍ୟପ୍ରାଣୀ ଓ ମଣିଷ ମାନଙ୍କ ମଧ୍ୟରେ ହେଉଥିବା ସଂଘର୍ଷ ଉପରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ପ୍ରକଳ୍ପ ତିଆରି ଲୋକଙ୍କ ସଚେତନତାର ବାର୍ତ୍ତା ଦେଇଛନ୍ତି।

## ଏଲଇଡି ବଲ୍‌ବ ମରାମତି ଓ ନିର୍ମାଣ କର୍ମଶାଳା

ବେଲଗୁଣ୍ଠା, ୦୨/୧୦, ବେଲଗୁଣ୍ଠା ବ୍ଲକ ନାଟଙ୍ଗା ଦୀନବନ୍ଧୁ ବିଦ୍ୟାପୀଠ ରେ ଏନର୍ଜି କ୍ଲବ ପକ୍ଷରୁ ଏଲଇଡି ବଲ୍‌ବ ମରାମତି ଓ ନିର୍ମାଣ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଡୋକି ସରୋଜିନୀଙ୍କ ମାର୍ଗଦର୍ଶନରେ ଏବଂ ଏନର୍ଜି କ୍ଲବ ଶିକ୍ଷକ ପ୍ରଭାତ କୁମାର ଗୌଡ଼ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶକ୍ତି ସଂରକ୍ଷଣ, ଶକ୍ତିର ଦକ୍ଷ ବ୍ୟବହାର ଏବଂ ଏଲଇଡି ବଲ୍‌ବ ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା। ଏଥିରେ ୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ୩୦ଟି ଏଲଇଡି ବଲ୍‌ବ ନିର୍ମାଣ କରିବା ସହ ୨୦ଟି ଖରାପ ବଲ୍‌ବ ମରାମତି କରିଥିଲେ। ଏହାସହ ଶକ୍ତି ସଂରକ୍ଷଣ ବାର୍ତ୍ତା ପ୍ରଚାର ପାଇଁ ଏକ ସଚେତନତା ରାଲି ମଧ ଆୟୋଜିତ ହୋଇଥିଲା।

## ମାଲକାନଗିରିରେ ତ୍ରିବେଣୀ ସଙ୍ଗମ

### ପାଳିତ ହେଲା ଜିଲ୍ଲା ପ୍ରତିଷ୍ଠା ଦିବସ, ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ



ମାଲକାନଗିରି, ୨/୧୦ (ପ୍ରଦୀପ ରାଉଳ) ମାଲକାନଗିରି ଜିଲ୍ଲା ସମଗ୍ର ଶିକ୍ଷା ଅଭିଯାନ ପରିସରରେ ଆଜି ଏକ ମହାସମାରୋହରେ ଜିଲ୍ଲା ପ୍ରତିଷ୍ଠା ଦିବସ, ପବିତ୍ର ଗାନ୍ଧୀ ଜୟନ୍ତୀ ଏବଂ ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ମିଳିତ ଭାବେ ପାଳିତ ହୋଇଯାଇଛି। ଏହି ଜିଲ୍ଲା ସ୍ତରୀୟ ଉତ୍ସବରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିବା ସହ ଜିଲ୍ଲାବାସୀଙ୍କୁ ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଥିଲେ। ନିଜ ବକ୍ତବ୍ୟରେ ସାଂସଦ କହିଥିଲେ ଗାନ୍ଧୀଜୀଙ୍କ ବିକଶିତ ଭାରତର ସ୍ୱପ୍ନ ଓ ଆଦର୍ଶକୁ ଆଧାର କରି ଆଜି ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ ଜରିଆରେ ମାଲକାନଗିରି ଜିଲ୍ଲା ବିକାଶର ଏକ ନୂତନ ରାସ୍ତାରେ ଆଗେଇ ଚାଲିଛି। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଆମ ଜିଲ୍ଲାର ଗୌରବମୟ ଇତିହାସ, ସଂସ୍କୃତି ଏବଂ ଗାନ୍ଧୀଜୀ-ଶାସ୍ତ୍ରୀଜୀଙ୍କ ଅହିଂସା ଓ ସରଳତାର ଆଦର୍ଶ ଆମ ସମସ୍ତଙ୍କୁ ଏକ ସମୃଦ୍ଧ ଓ ସଶକ୍ତ ମାଲକାନଗିରି ଗଠନ ପାଇଁ ପ୍ରେରଣା ଦିଏ। ଅନ୍ୟାନ୍ୟ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଜିଲ୍ଲାର ପ୍ରଗତି ଏବଂ ପୂଜ୍ୟପୂଜାର ମହତ୍ତ୍ୱ ଉପରେ ଆଲୋକପାତ କରି କହିଥିଲେ ମହାପୁରୁଷଙ୍କ ନୀତି-ଆଦର୍ଶକୁ ଜୀବନରେ ଆପଣେଇ ସମାଜରେ ଶାନ୍ତି, ସଦ୍ଭାବ ଓ ଏକତା ବଜାୟ ରଖିବା ହିଁ ଜିଲ୍ଲା ପ୍ରତିଷ୍ଠା ଦିବସର ମୂଳ ଲକ୍ଷ୍ୟ। ଏହି ସମାରୋହରେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ସି.ଡି.ଓ-କମ୍-ଇ.ଓ (ଜିଲ୍ଲା ପରିଷଦ) ଦାଶରଥି ସରାବୁ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଳତା ଭୋଇ ଉପସ୍ଥିତ ଥିଲେ। ଏଥିସହିତ ଖ୍ରୀଷ୍ଟିଆନ୍ ଧର୍ମଗୁରୁ ଫାଦର ଲାଲୁ ତୁଷାର ପାଣି, ହିନ୍ଦୁ ପୂଜକ ସନ୍ତୋଷ ପଣ୍ଡା ଏବଂ ବୌଦ୍ଧ ଧର୍ମର ପ୍ରତିନିଧି ଦେଶୀ ରାଜୁ ଆଚାରୀ ଯୋଗଦେଇ ସର୍ବଧର୍ମ ପ୍ରାର୍ଥନା ସହ ଶାନ୍ତି ଓ ଭାଇଚାରାର ବାର୍ତ୍ତା ଦେଇଥିଲେ।ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ହରେକୃଷ୍ଣ କୀର୍ତ୍ତନିଆ ଓ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଜିଲ୍ଲା ପ୍ରତିଷ୍ଠା ଦିବସ ଓ ଗାନ୍ଧୀ ଜୟନ୍ତୀ ଅବସରରେ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ବହୁ ସଂଖ୍ୟାରେ ଜନପ୍ରତିନିଧି, ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ସିଭିଲ ସୋସାଇଟିର ସଦସ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## କ୍ୱାନକିଡୋ ଆସୋସିଏସନ୍‌ର ଉପଖଣ୍ଡ ଚିକିତ୍ସାଳୟରେ ବୃକ୍ଷ ରୋପଣ

ଆଠଗଡ଼, ୨/୧୦ (ଅକ୍ଷର ଓଡ଼ିଶା) ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ଅବସରରେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ଏବଂ କଟକ ଜିଲ୍ଲା କ୍ୱାନ କି ଡୋ ଆସୋସିଏସନ୍, ଆଠଗଡ଼ ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛତା ପକ୍ଷ ୨୦୨୬ ଉପଲକ୍ଷେ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲା ପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ପରିମଳ ସ୍ୱଚ୍ଛତା ପାଇଁ ଉପସ୍ଥିତ ଅତିଥି ଏବଂ ସମସ୍ତ ଚିକିତ୍ସାଳୟର କର୍ମଚାରୀ ମାନେ ଶପଥ ପାଠ କରିଥିଲେ। ଶପଥ ପାଠ ପରେ ''ପ୍ଲାଷ୍ଟିକ ବର୍ଜନ କରନ୍ତୁ, ପରିବେଶ ସୁରକ୍ଷା କରନ୍ତୁ'' ନାରା ଦେଇ ସଚେତନତା କରାଇଥିଲେ।ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ ?ାଇଁ, ଏନ୍ଏସି ଉପନଗରପାଳ ବି ଶୁଭଙ୍କର ଜ୍ୟୋତି, କାଉନସିଲର ସୁଶାନ୍ତ କୁମାର ଜେନା, ଅଶୋକ କୁମାର ବାରିକ, ପ୍ରଶାନ୍ତ ବେହେରା , ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ଡାକ୍ତର ମାନସ ରଞ୍ଜନ ପାଣି, ହସିପିଟାଲ ମ୍ୟାନେଜର ପୂଜାଲିନ ମିଶ୍ର, ନର୍ସିଂ ଅଧିକାରିଣୀ ରଶ୍ମିତା ପରିଡ଼ା, ଫାରାମସିଷ୍ଟ ଜୟଦେବ ପାତ୍ର , ରୋଗି କଲ୍ୟାଣ ସମିତି ସଭ୍ୟ ସୁଧାକର ସାହୁ, ରାକେଶ ଚନ୍ଦ୍ର ଦାଶ,କଟକ ଜିଲ୍ଲା କ୍ୱାନ କି ଡୋ ଆସୋସିଏସନ୍ ସଭାପତି ରୁଦ୍ର ଚରଣ ମହାନ୍ତି, ଉପସଭାପତି ଶ୍ୟାମ ପ୍ରସାଦ ପଣ୍ଡା, ସଂପାଦକ ବଦ୍ରି ନାରାୟଣ ବାହିନିପତି, କୋଷାଧ୍ୟକ୍ଷ ରାହୁଲ କୁମାର ଜେନା, ସଭ୍ୟ ଅଭିଜିତ ପରିଡ଼ା, ସ୍ୱାସ୍ଥ୍ୟ ନିରୀକ୍ଷକ ତ୍ରିଲୋଚନ ବାରିକ, ସ୍ୱଚ୍ଛ ନିରୀକ୍ଷକ ସନ୍ତୋଷ କୁମାର ମିଶ୍ରଙ୍କ ସହିତ ସମସ୍ତ ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, ସୁରକ୍ଷା କର୍ମୀ ଉପସ୍ଥିତ ଥିଲେ।

## ଗଜପତିରେ ପ୍ରାଥମିକ ଶିକ୍ଷାର ବିକଳ ଚିତ୍ର

### ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଇଚ୍ଛା ମୁତାବକ ଛୁଟି ଘୋଷଣା, ପ୍ରାଥମିକ ବିଦ୍ୟାଳୟରେ ତାଲା



ପାରଳାଖେମୁଣ୍ଡି, ୨/୧୦(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲାରେ ପ୍ରାଥମିକ ଶିକ୍ଷାର ବିକଳ ଚିତ୍ର ସାମ୍ନାକୁ ଆସିଛି। ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଇଚ୍ଛା ମୁତାବକ ଛୁଟି ଘୋଷଣା ଯୋଗୁଁ ଏକ ପ୍ରାଥମିକ ବିଦ୍ୟାଳୟରେ ତାଲା ପଡିବା ଘଟଣା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ବିଶେଷକରି ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଶିକ୍ଷାର ନିକଟତର କରିବା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରି ବହୁ ଯୋଜନା ହାତକୁ ନେଇଛନ୍ତି। ହେଲେ ଏସବୁର ସଫଳ ରୂପାୟନରେ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଗ୍ରାମାଞ୍ଚଳରେ ପ୍ରାଥମିକ ଶିକ୍ଷାର ପ୍ରସାର ଘଟୁନାହିଁ। ଏଠାରେ ଉଲ୍ଲେଖଯୋଗ୍ୟଯେ, ସରକାରୀ ଭାବେ କୌଣସି ଛୁଟି ଦିନ ନ ଥିଲେ ମଧ ଶିକ୍ଷକ ଶିକ୍ଷୟିତ୍ରୀ ନିଜ ମନମୁତାବକ ସ୍କୁଲ ଛୁଟି କରିଦେଇ ଚାଲିଯାଉଛନ୍ତି। ଏଭଳି ଏକ ଚିତ୍ର ଦେଖୁବାକୁ ମିଳିଛି ଗଜପତି ଜିଲ୍ଲା ମୋହନା ବ୍ଲକ କଟମ ପଞ୍ଚାୟତ ଡନିଗାଁ ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ ୭୮ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଏମାନଙ୍କୁ ପାଠ ପଢେଇବା ପାଇଁ ୩ ଜଣ ଶିକ୍ଷକଶିକ୍ଷୟିତ୍ରୀ ନିଯୁକ୍ତି ପାଇଛନ୍ତି। ହେଲେ ଗତକାଲି ଗୁରୁବାର ଦିନ କୌଣସି ଛୁଟି ନଥିବା ବେଳେ ବିଦ୍ୟାଳୟ ଖୋଲା ନଥୁବା ବେଳେ କେହି ଜଣେ ବି ଶିକ୍ଷକଶିକ୍ଷୟିତ୍ରୀ ବିଦ୍ୟାଳୟରେ ଉପସ୍ଥିତ ନଥିଲେ । ବିଦ୍ୟାଳୟ ଫାଟକର ଗୋଟିଏ ଅଂଶ ଖୋଲା ଥିବାବେଳେ ସମସ୍ତ ଶ୍ରେଣୀ କକ୍ଷରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି । ସେହି ନିକଟବର୍ତ୍ତୀ ସମସ୍ତ ବିଦ୍ୟାଳୟ ଖୋଲା ଥିବାବେଳେ ଡନିଗାଁ ପ୍ରାଥମିକ ବିଦ୍ୟାଳୟରେ ତାଲା ପଡ଼ିଥିବା ଦେଖିବାକୁ ମିଳିଥିଲା । ମଧ୍ୟାହ୍ନ ଭୋଜନ ମଧ ବନ୍ଦ ଥିଲା ଓ ଏନେଇ ପ୍ରଧାନଶିକ୍ଷକ ରାଧାକାନ୍ତ ନାୟକଙ୍କୁ ଯୋଗାଯୋଗ କରିବାରେ ସେ କହିଥିଲେ, ଆଜି କଟାମା ଗ୍ରାମରେ ପର୍ବ ଥିବା ଯୋଗୁଁ ପିଲା କେହି ଆସିନାହାନ୍ତି ଓ ତେଣୁ ବିଦ୍ୟାଳୟରେ ଖୋଲା ନଥିବା ସେ କହିଛନ୍ତି । ଯଦି ପର୍ବ ଥିବା ଯୋଗୁଁ ପିଲାମାନେ ବିଦ୍ୟାଳୟ ଆସିନଥିଲେ ତେବେ ଶିକ୍ଷକଶିକ୍ଷୟିତ୍ରୀ କାହିଁକି ବିଦ୍ୟାଳୟରେ ଉପସ୍ଥିତ ନରହି ତାଲ ପକାଇଦେଲେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଓ ଏନେଇ ଜିଲ୍ଲା ଶିକ୍ଷାଧିକାରୀ ମାୟାଧର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି କୌଣସି ଛୁଟି ନଥିବା ବେଳେ ଏଭଳି ଭାବେ ସ୍କୁଲ ବନ୍ଦ କରିବା ନେଇ ଆବଶ୍ୟକ ତଦନ୍ତ ସହ ଉଚିତ ପଦକ୍ଷେପ ଗ୍ରହଣ କରାଯିବ।

## ଭୈରବ ଦେବଙ୍କ ପ୍ରସିଦ୍ଧ ଝାମୁଯାତ୍ରା ଅନୁଷ୍ଠିତ



ଥୁଆମୂଳରାମପୁର, ୨/୧୦ (ଟଙ୍କ ଧର ବିହାରୀ) : କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲ କ ମୁଖ୍ୟାଳୟ ଠାରେ ଅଗ୍ନି ଭୈରବ ଝାମୁଯାତ୍ରା ବା ବାଲିଯାତ୍ରା ଗତ ସମ ବାର ଦିନ ରୀତିନୀତି ଅନୁସାରେ ଶେଷ ହୋଇଛି । ଆବହନ କାଳର ଏହି ପୀଠ ଏଥି ଏଥିରେ ତାନ୍ତ୍ରିକ ଓ ଗୁପ୍ତ ପଦ୍ଧତି ଅନୁସାରେ ପୂଜାର୍ଚ୍ଚନା କରାଯାଉ ଥିବାବେଳେ ଝାମୁଯାତ୍ରା ଦିନ କାଳିସୀଙ୍କ ଦେହରେ ଅଗ୍ନି ଭୈରବ ପ୍ରବେଶ କରି ମନ୍ଦିର ରୁ ବାହାରି ସହରର ପରିକ୍ରମା କରି ହଜାର । ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ମାଟି ହାଣ୍ଡି ଉପରେ ବସିବା ପରେ ଅକ୍ଷତ ରଖୁବା କଣ୍ଟା ଦୋଳିରେ ଝୁଲି ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ଅଗ୍ନି କୁଣ୍ଡରେ ପ୍ରବେଶ କରି ଚାଲିବା ଦୃଶ୍ୟକୁ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଭକ୍ତି ଭାବରେ ଦର୍ଶନ କରିଥାନ୍ତି ଓ ଏହି ବର୍ଷ ଭୈରବ ଦେବ ଯୁବକ ଲାଲ ପରିଚ୍ଛାଙ୍କ ଦେହରେ ପ୍ରବେଶ କରି ଅଗ୍ନି ପରୀକ୍ଷା ଦେଇଥିବା ବେଳେ ଶରତ ଚନ୍ଦ୍ର ପୁଝାରୀ ଙ୍କ ଦେହରେ ମାଁ ମାଣିକେଶ୍ୱରୀ କାଳିସୀ ରୂପେ ପ୍ରବେଶ କରିଥିଲେ ଝ ଝାମୁଯାତ୍ରା ଶେଷ ହେବା ପରେ ସଂଧ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ଙ୍କ ପାଇ ମନୋରଞ୍ଜନ ନି ମନ୍ତେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟକ ଓ ଘୁମୁରା ପ୍ରତି ଯୋଗିତା ରେ ଏକ ମଞ୍ଚ ଆୟୋଜିତ କରାଯାଇଥିଲା ଏହି ଯାତ୍ରାରେ ଜିଲ୍ଲା ଓ ଜିଲ୍ଲା ବାହାରରୁ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ଅକ୍ଷର
AKHYARA ODISHA ଓଡ଼ିଶା


# କେନ୍ଦୁଝରରେ ୧୫୭ତମ ଗାନ୍ଧୀ ଜୟନ୍ତୀ ପାଳିତ

## ବ୍ୟକ୍ତିଗତ ପରିବର୍ତ୍ତନରୁ ହିଁ ରାଷ୍ଟ୍ରର ପରିବର୍ତ୍ତନ ସମ୍ଭବ - ସାଂସଦ ଅନନ୍ତ ନାୟକ

କେନ୍ଦୁଝର, ୨/୧୦ ( ରାଜକିଶୋର ଶତପଥି) :- ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀ ଅବସରରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଛି।କାର୍ଯ୍ୟକ୍ରମର ଆରମ୍ଭରେ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀ ତଥା ଅନ୍ୟାନ୍ୟ ମହାନ ବ୍ୟକ୍ତିତ୍ୱଙ୍କ ପ୍ରତିମୂର୍ତ୍ତିରେ ଅତିଥିଗଣ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ନିବେଦନ କରିଥିଲେ। ଏହାପରେ ଦରବାର ହଲ୍‌ରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା।ଗାନ୍ଧୀଜୀଙ୍କ ସର୍ବଧର୍ମ ସମଭାବ ଓ ସଦ୍ଭାବନାର ଆଦର୍ଶକୁ ସାମ୍ନାରେ ରଖି ଏକ ସର୍ବଧର୍ମ ପ୍ରାର୍ଥନା ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ପଣ୍ଡିତ ପିନାକୀ ମିଶ୍ର ଭଗବଦ୍ ଗୀତା ପାଠ କରିଥିବା ବେଳେ ଖାଲିଦ ମୌଲାନା କୋରାନ ପାଠ ଏବଂ ରେଭରେଣ୍ଡ ସି.ଡି. ଲିମାଙ୍କ ପ୍ରତିନିଧି ବାଇବେଲ ପାଠ କରିଥିଲେ।ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା କେନ୍ଦୁଝର ସାଂସଦ ଶ୍ରୀ ଅନନ୍ତ ନାୟକ ନିଜ ବକ୍ତବ୍ୟରେ କହିଥିଲେ ଯେ, ପ୍ରତ୍ୟେକ ବ୍ୟକ୍ତିଙ୍କ ନିଜସ୍ୱ ପରିବର୍ତ୍ତନ ମାଧ୍ୟମରେ ହିଁ ଦେଶର ପ୍ରକୃତ ପରିବର୍ତ୍ତନ ସମ୍ଭବ। ଗାନ୍ଧୀଜୀଙ୍କ ସତ୍ୟ, ଅହିଂସା, ସ୍ୱଚ୍ଛତା ଓ ସ୍ୱାବଲମ୍ବନର ବାଣୀ ଆଜି ମଧ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣାର



ଉତ୍ସ। ଗ୍ରାମୀଣ ବିକାଶ ମାଧ୍ୟମରେ ହିଁ ଦେଶ ବିକାଶ ସମ୍ଭବ ବୋଲି ଉଲ୍ଲେଖ କରି ସେ ଏକ ସମୃଦ୍ଧ କେନ୍ଦୁଝର ଓ ସ୍ୱପ୍ନର ଓଡ଼ିଶା ଗଢ଼ିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ କହିଥିଲେ ଯେ, ଗାନ୍ଧୀଜୀଙ୍କ ଚିନ୍ତାଧାରା ଆଜି ବି ସମଗ୍ର ମାନବ ସମାଜ ପାଇଁ ପ୍ରାସଙ୍ଗିକ। ସ୍ୱଚ୍ଛତା ଓ ସାମ୍ପ୍ରଦାୟିକ ସଦ୍ଭାବକୁ ଦୈନନ୍ଦିନ ଜୀବନର ଅଙ୍ଗ କରିପାରିଲେ ହିଁ ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନ ସମ୍ଭବ। ବିଶେଷକରି ଶିଶୁମାନଙ୍କ ମଧ୍ୟରେ ଶୈଶବରୁ ଗାନ୍ଧୀଜୀଙ୍କ ନୈତିକ ମୂଲ୍ୟବୋଧ, ସ୍ୱଚ୍ଛତା ଓ ଗୁରୁଜନଙ୍କ ପ୍ରତି ଶ୍ରଦ୍ଧା ଜାଗ୍ରତ କରାଯିବା ଉଚିତ ବୋଲି ସେ ମତ ରଖିଥିଲେ।ଏହି ଅବସରରେ ପାଟଣା ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ ଏବଂ ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ଶ୍ରୀ ସଞ୍ଜୀବ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଆୟୋଜିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମର ସଞ୍ଚାଳନା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସାର୍ଥକ ଅଭିନନ୍ଦନ ରାୟ କରିଥିବା ବେଳେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ଜ୍ୟୋତିର୍ମୟୀ ନାଏକ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ ଧନ୍ୟବାଦ ଜ୍ଞାପନ କରି ସଭାର ସମାପ୍ତି ଘୋଷଣା କରିଥିଲେ। ଏହି ସମାରୋହରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ବିଭିନ୍ନ ଅନୁଷ୍ଠାନର ମାନ୍ୟଗଣ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ରହିଥିଲେ।

# ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସରେ ୧୦୮ ୟୁନିଟ ରକ୍ତଦାନ



କେନ୍ଦୁଝର:୦୨/୧୦(ଦିଲ୍ଲୀପ କୁମାର ସାହୁ) - ଭାରତୀୟ ରେଡ଼କ୍ରସ ସଂସ୍ଥା ଜିଲ୍ଲା ଶାଖା ଦ୍ୱାରା ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ ଅବସରରେ କେନ୍ଦୁଝର ସରକାରୀ ଇଞ୍ଜିନିଅରିଂ କଲେଜ ଯୁବରେଡ଼କ୍ରସ ଓ ଏନଏସଏସ ସହଯୋଗରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇ ୧୦୮ୟୁନିଟ ରକ୍ତ ସଂଗ୍ରହ ହୋଇ ମାନବକଲ୍ୟାଣ ନିମନ୍ତେ ଜିଲ୍ଲା ରକ୍ତକେନ୍ଦ୍ରକୁ ପ୍ରଦାନ କରାଯାଇଛି, ଡକ୍ଟର ରାକେଶ ରାଜନ ଶୁକ୍ଲା ଏନଏସଏସ ଅଫିସର, ସୁଧାଂଶୁ ମେହେର ଯୁବରେଡ଼କ୍ରସ ସଂଯୋଜକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରୀ ଇଞ୍ଜିନିୟରିଂ କଲେଜ ଛାତ୍ରଛାତ୍ରୀମାନେ ପ୍ରଚଣ୍ଡ ମାନବୀୟ ମନୋଭାବ ନେଇ ରକ୍ତଦାନରେ ପ୍ରଶଂସନୀୟ ଭୂମିକା ଗ୍ରହଣକରି ମାନବତାର ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲେ, ଯାନ୍ତ୍ରିକ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ସରୋଜ କୁମାର ଷଡ଼ଙ୍ଗୀ, ଜିଲ୍ଲା ମୁଖ୍ୟଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠି, ଡେପୁଟି କଲେକ୍ଟର ଏମର୍ଜେନ୍ସି ଅଭିଳାଷ ପୁରୋହିତ, ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଡାକ୍ତର ଋଷିକାନ୍ତ ମହାନ୍ତ, ସମାଜସେବୀ ଧରିତ୍ରୀ ରାଉତ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶିବିର ଉଦଘାଟନ କରିବା ପରେ ଅଧ୍ୟକ୍ଷ ପ୍ରଫେସର ଷଡ଼ଙ୍ଗୀ ନିଜେ ପ୍ରଥମେ ରକ୍ତଦାନ କରି ସମସ୍ତ ଯୁବ ରକ୍ତଦାତା ମାନଙ୍କୁ ଉତ୍ସହପ୍ରଦାନ କରିଥିଲେ, ଜିଲ୍ଲା ରେଡ଼କ୍ରସ ଯୁଗ୍ମ ସମ୍ପାଦକ ଏ ଆର ଖାନ ସମାରୋହ ପରିଚାଳନା କରିଥିବା ବେଳେ ଡାକ୍ତର ରମାକାନ୍ତ ମୁଣ୍ଡା, ପିଆରଓ ଅକ୍ଷୟ ସାହୁ, ଭାଗିରଥି ମହାକୁଡ଼, ତପନ ନାଏକ, ଶଙ୍କର ନାଏକ, ଯତୀନ ସେଠି କବିତା ସେଠି ଉପେନ୍ଦ୍ର ସାହୁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ, ଏନସିସି ଏନଏସଏସ, ଯୁବରେଡ଼କ୍ରସ ସ୍ୱେଚ୍ଛାସେବୀ ମାନେ ସକ୍ରିୟ ସହଯୋଗ କରିଥିଲେ, ଅତିଥି ବୃନ୍ଦ ମହାବିଦ୍ୟାଳୟକୁ ସ୍ମରଣିକା ଟ୍ରଫି ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ।

## 'ଏକ ଦିନ, ଏକ ଘଣ୍ଟା, ଏକ ସାଥି'ରେ ସାମିଲ ହେଲେ ବ୍ଲକ କର୍ମଚାରୀ

ଚମ୍ପୁଆ : -୨/୧୦: (ରାମକୃଷ୍ଣ ଜିତ):-ସ୍ୱଚ୍ଛତାକୁ ଏକ ଜନଆନ୍ଦୋଳନରେ ପରିଣତ କରିବାର ଦୃଢ଼ ସଂକଳ୍ପ ନେଇ ଆଜି ଚମ୍ପୁଆ ବ୍ଲକ ସ୍ତରରେ 'ଏକ ଦିନ, ଏକ ଘଣ୍ଟା, ଏକ ସାଥି - ସ୍ୱଚ୍ଛତା ଅଭିଯାନ' ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନର କର୍ମକର୍ତ୍ତାମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଶ୍ରମଦାନ କରିଛନ୍ତି। ଆଜିର ଏହି ଅଭିଯାନରେ ଚମ୍ପୁଆ ବ୍ଲକର ବିଡିଓ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ସାହୁ, ଏବିଡିଓ ଶ୍ରୀଯୁକ୍ତ ଚୁନୁଁ ହାଁସଦା, ବିଆରସି ଶ୍ରୀମତୀ ସୁଷୁମା ମହାନ୍ତଙ୍କ ସମେତ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଏକାଠି ହୋଇ ସଫେଇ କାର୍ଯ୍ୟରେ ଶ୍ରମଦାନ କରିଥିଲେ।ଏହି ଅବସରରେ ବିଡିଓ ଏବଂ ଏବିଡିଓ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଚମ୍ପୁଆ ବ୍ଲକର ସମସ୍ତ ୨୨ଟି ଗ୍ରାମପଞ୍ଚାୟତକୁ ସ୍ୱଚ୍ଛ, ସୁନ୍ଦର ତଥା ସବୁଜମୟ କରି ଗଢ଼ିତୋଳିବା ଆମ ସମସ୍ତଙ୍କର ମିଳିତ ଦାୟିତ୍ୱ। କେବଳ ସେତିକି ନୁହେଁ, ଆମ ଅଞ୍ଚଳର ବିଭିନ୍ନ ଐତିହ୍ୟ ସ୍ଥଳଗୁଡ଼ିକର ପରିମଳ ବ୍ୟବସ୍ଥାକୁ ସବୁବେଳେ ବଜାୟ ରଖିବା ପାଇଁ ସେମାନେ ଗୁରୁତ୍ୱାରୋପ କରିଥିଲେ। ସ୍ୱଚ୍ଛତା କେବଳ ପ୍ରଶାସନିକ କାର୍ଯ୍ୟ ନୁହେଁ, ବରଂ ଏହା ଏକ ସାମାଜିକ ଦାୟିତ୍ୱ ବୋଲି ମତପ୍ରକାଶ ପାଇଛି।

# ଯୋଡ଼ା ଟ୍ରକ୍ ଓନର ଆସୋସିଏସନ ନିର୍ବାଚନ

## ପ୍ରଥମ ଦିନରେ ୫ ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ

ଯୋଡ଼ା, ୦୨/୧୦(ଅକ୍ଷର ଓଡ଼ିଶା) : ଯୋଡ଼ା ଟ୍ରକ୍ ଓନର ଆସୋସିଏସନର ଆସନ୍ତା ୧୨ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ନେଇ ଗୁରୁବାରଠାରୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ସଂଘର ୫ଟି ପଦବୀ ପାଇଁ ୫ ଜଣ ପ୍ରାର୍ଥୀ ସେମାନଙ୍କ ସମର୍ଥକଙ୍କ ସହ ଆସି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହି ପାଞ୍ଚ ଜଣ ଏକ ଟିମ ହୋଇ ନିର୍ବାଚନ ଲଢୁଥିବା ବେଳେ ପୂର୍ବାହ୍ନ ୧୧ ଟା ସମୟରେ ସ୍ଥାନୀୟ ମା ମଙ୍ଗଳା ମନ୍ଦିର ରେ ପୂଜା ଅର୍ଚ୍ଚନା ସାରି ମା ଙ୍କ ଆଶୀର୍ବାଦ ଭିକ୍ଷା କରି ବିପୁଳ ସମର୍ଥକ ଗହଣ ରେ ବାଜା ବଜାଇ ବାଣ ଫୁଟାଇ ବଡ଼ ଉତ୍ସାହ ସହକାରେ ପ୍ରାର୍ଥୀ ପତ୍ର ଦାଖଲ ପାଇଁ ଶୋଭାଯାତ୍ରା ରେ ବାହାରି ଥିଲେ କ୍ଷ ପ୍ରାର୍ଥୀ ଓ ସମର୍ଥକ ଗାଡି ମାଲିକ ଉଭୟ ନାମାଙ୍କନ ପତ୍ର ଦାଖଲ କୁ ନେଇ ଖୁବ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା କ୍ଷ ତେବେ ସଭାପତି ପଦ ପାଇଁ ମାତା ପ୍ରସାଦ ଜୟସ୍ୱାଲ, ଉପସଭାପତି ପଦ ପାଇଁ ବିଜୟ କୁମାର ଆପଟ, ସମ୍ପାଦକ ପଦ ପାଇଁ ସୁଶାନ୍ତ କୁମାର ବାରିକ, ଯୁଗ୍ମ ସମ୍ପାଦକ ପଦ ପାଇଁ ଅଶୋକ କରୁଆ ଏବଂ କୋଷାଧ୍ୟକ୍ଷ ପଦ ପାଇଁ ଲକ୍ଷ୍ମଣ ବାରିକ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।ସଭାପତି ପ୍ରାର୍ଥୀ ମାତା ପ୍ରସାଦ ଜୟସ୍ୱାଲ କହିଛନ୍ତି ଯେ, ସଂଘର ସମସ୍ତ ଗାଡ଼ି ମାଲିକଙ୍କ ସ୍ୱାର୍ଥରକ୍ଷା, ସେମାନଙ୍କୁ ବିଭିନ୍ନ ସୁବିଧା ଓ ସୁଯୋଗ ଯୋଗାଇବା ସହ ସଂଘକୁ ଆହୁରି ସୁଦୃଢ଼ କରିବା ତାଙ୍କର ପ୍ରାଥମିକତା ରହିବ।ସେହିପରି ସମ୍ପାଦକ ପ୍ରାର୍ଥୀ ସୁଶାନ୍ତ କୁମାର ବାରିକ କହିଛନ୍ତି ଯେ, ଗାଡ଼ି ମାଲିକମାନେ ନିୟମିତ ଓ ଉଚିତ ଦରରେ ଲୋଡିଂ ପାଇବା



ସହ ସୁରକ୍ଷିତ ଭାବେ ଦୀର୍ଘ ସମୟ ଧରି ବ୍ୟବସାୟ କରିପାରିବା ପାଇଁ ଆଗାମୀ ଦିନରେ ସଂଘ ପକ୍ଷରୁ ଦାବି ଓ ପ୍ରୟାସ ଜାରି ରହିବ। ଗାଡ଼ି ମାଲିକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯିବ ବୋଲି ସେ କହିଛନ୍ତି।ପ୍ରାର୍ଥୀମାନଙ୍କ କହିବା ଅନୁଯାୟୀ, ଗତ ପାଞ୍ଚ ବର୍ଷ ମଧ୍ୟରେ ସଂଘ ବିଭିନ୍ନ ପରିସ୍ଥିତିର ସମ୍ମୁଖୀନ ହୋଇଛି। ଏହି ସମୟ ମଧ୍ୟରେ ଗାଡ଼ି ମାଲିକଙ୍କ ବିଭିନ୍ନ ସମସ୍ୟା ଓ ଦାବିକୁ ନେଇ ସଂଘ ପକ୍ଷରୁ କାର୍ଯ୍ୟ କରାଯାଇଥିବା ସେମାନେ କହିଛନ୍ତି। ଆଗାମୀ ଦିନରେ ମଧ୍ୟ ଗାଡ଼ି ମାଲିକଙ୍କ ସମସ୍ୟା ଓ ସ୍ୱାର୍ଥକୁ ନେଇ କାର୍ଯ୍ୟ ଜାରି ରହିବ ବୋଲି ପ୍ରାର୍ଥୀମାନେ ପ୍ରକାଶ କରିଛନ୍ତି।

# ସ୍ୱଚ୍ଛ ସୁନ୍ଦର ଆମ ହାଟଡିହି' କାର୍ଯ୍ୟକ୍ରମ ଅନୁଷ୍ଠିତ



ହାଟଡିହି: ୦୨/୧୦ (ଅମୀୟ ବରାଳ) - କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ହାଟଡିହି ବ୍ଲକ ପରିସରରେ ଆଜି ଶୂନ୍ୟ ବର୍ଜ୍ୟବସ୍ତୁ ପରିମଳ ସଫେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଟଡିହି ଏବିଡିଓ ରଶ୍ମି ରେଖା ନାୟକଙ୍କ ସଂଯୋଜନା ରେ,ମୁଖ୍ୟ କିରାଣୀ ପ୍ରତାପ କୁମାର ବୈଇଠା, କୋଷାଧ୍ୟକ୍ଷ ହରେକୃଷ୍ଣ ପ୍ରଧାନ, ବ୍ଲକ ସାମାଜିକ ପରିମଳ ଅଧିକାରୀ କାର୍ତ୍ତିକ ପାତ୍ର ଯୋଗଦେଇ ବ୍ଲକ ପରିସରରେ ଅନେକ ଦିନରୁ ଏଣେତେଣେ ପଡିରହିଥିବା ବିଭିନ୍ନ ବର୍ଜ୍ୟବସ୍ତୁ, ପ୍ଲାଷ୍ଟିକ ଇତ୍ୟାଦି ଏକ ଘଣ୍ଟା ଧରି ସଫେଇ କରିଥିଲେ। ଏହି ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ସ୍ୱଚ୍ଛ କର୍ମୀ ଓ ସ୍ୱଚ୍ଛସାଥି ସାମିଲ ହୋଇଥିଲା ବେଳେ, ସନ୍ତୋଷ ପରୀଡା, ଅଭିଜିତ ଜେନା, ଜୀବନ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ମଇଦାନକେଲ ପଞ୍ଚାୟତରେ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ



କେନ୍ଦୁଝର ସଦର ୦୨/୧୦( ମନୋଜ କୁମାର ପଟେଲ) ସଦର ବ୍ଲକ ମୈଦାନକେଲ ଜି. ପି. ଏଲ. ଏଫ ଅଫିସ ଠାରେ, ଓଡିଶା ଜୀବିକା ମିଶନ, ଓଡିଶା ସରକାର ଏବଂ କେନ୍ଦୁଝରେ ଡେଭଲପମେଣ୍ଟ ଟ୍ରଷ୍ଟ, କେନ୍ଦୁଝରର ମିଳିତ ଆନୁକୂଲ୍ୟରେ 'ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ' ଅନୁଷ୍ଠିତ ହୋଇ ଯାଇଛି କ୍ଷ ଏହି କାର୍ଯ୍ୟକ୍ରମକୁ ଏମବିକେ ଶ୍ରୀମତୀ ରଂଜିତା ମହାନ୍ତ ପରିଚାଳନା କରିଥିଲେ କ୍ଷ ମୈଦାନକେଲ ପଂଚାୟତର ବରିଷ୍ଠ ନାଗରିକ ସନାତନ ମହାନ୍ତ, ଖିରୋଦ ମହାନ୍ତ, ମୁନିବର ମହାନ୍ତ, ସହଦ୍ୱେ ମହାନ୍ତ ଏବଂ କେନ୍ଦୁଝର ନାଗରିକ ମଞ୍ଚର ଉପସଭାପତି ବରିଷ୍ଠ ନାଗରିକ ସମାଜସେବୀ ଶ୍ରୀ ଭକ୍ତ ବତ୍ସଳ ମହାନ୍ତି କୁ ଫୁଲ ତୋଡ଼ା, ଉତ୍ତରୀୟ ପ୍ରଦାନ ପୂର୍ବକ ଚନ୍ଦନ ପିନ୍ଧାଇ ଓଡିଶା ଜୀବିକା ମିଶନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ସ୍ୱୟଂ ସହାୟକ ଗୋଷ୍ଠୀର ମାଆ ମାନେ ଦୀପ ଜଳାଇ ବନ୍ଦାପନା କରି ବରିଷ୍ଠ ନାଗରିକ ମାନଙ୍କୁ ଅତିଥି ରୂପେ ସ୍ୱାଗତ କରିଥିଲେ କ୍ଷ ମୈଦାନକେଲ ସରପଞ୍ଚ ଶ୍ରୀ ଭାଗିରଥି ସିଂଗ ସଂମ୍ମାନନିୟ ଅତିଥି ଭାବରେ ଯୋଗ ଦେଇ ବାରିଷ୍ଟ ନାଗରିକ ମାନଙ୍କ ପାଇଁ ଥିବା ସରକାରୀ ଯୋଜନା ସୁବିଧା ସୁଯୋଗ ବର୍ଣ୍ଣନା କରିଥିଲେ କ୍ଷ ବରିଷ୍ଠ ନାଗରିକ ମାନଂକୁ ଆଚରଣରେ ସନମାନ ଦେବାକୁ ଆହ୍ୱାନ ଦେଇଥିଲେ କ୍ଷ ମୁଖ୍ୟ ବକ୍ତା ଶ୍ରୀ ଭକ୍ତ ବତ୍ସଳ ମହାନ୍ତି ଭାରତୀୟ ସଂସ୍କୃତି, ଓଡିଶାର ସଂସ୍କୃତି ଓ କେନ୍ଦୁଝର ସଂସ୍କୃତି ଏବଂ ପରମ୍ପରାରେ ବରିଷ୍ଠ ନାଗରିକ ମାନଂକୁ, ବାପାମା,ଶାଶୁ ଶଶୁର,ଜେଜେ ଜେଜେମାଆ, ଅଜା ଆଈ, ବରିଷ୍ଠ ଗୁରୁଜନ ମାନଂକୁ ସନମାନ କରବା, ମର୍ଯ୍ୟାଦାର ସହ ବଞ୍ଚିବାକୁ ଦେବା, ତାଙ୍କର ସେବାଯନ୍ କରିବା ଆମର ସାମାଜିକ ଦାୟତ୍ୱ ଏବଂ କର୍ତ୍ୱ୍ୟ ରହି ଆସିଛି କ୍ଷ ସରକାର ୨୦୦୭ରେ ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ରକ୍ଷଣାବେକ୍ଷଣ ଓ କଲ୍ୟାଣ ଆଇନ ପ୍ରାୟନ କରିଛନ୍ତି କ୍ଷ ବରିଷ୍ଠ ନାଗରିକଙ୍କ ପାଇଁ ଓଡିଶା ରାଜ୍ୟ ନୀତି ୨୦୧୬ କାର୍ଯ୍ୟକାରୀ ହେଉ ଥିବା ବୁଝାଇ ଥିଲେ କ୍ଷ ଶେଷ ଭାଗରେ ଓଡିଶା ସରକାରଙ୍କ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସର ବାର୍ତା ପାଠ କରାଯାଇ, ବରିଷ୍ଠ ନାଗରିକ ମାନଂକୁ ଯତ୍ନ ନେବା ପାଇଁ ଗଣ ଶପଥ ପାଠ ଶ୍ରୀ ମହାନ୍ତି କରାଇଥିଲେ କ୍ଷ ଯୁବ ସ୍ୱେଚ୍ଛାସେବୀ ସମୀର କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଘଷିପୁରା ବିଇଓଙ୍କୁ ହାଟଡିହି ବିଇଓର ଅତିରିକ୍ତ ଦାୟିତ୍ୱ

ହାଟଡିହି:୦୨/୧୦ (ଅମୀୟ ବରାଳ) - ହାଟଡିହି ବ୍ଲକ ବିଇଓ ରାଜୀବ ଦଳେଇ ନିଲମ୍ବିତ ହୋଇଥିବା ବେଳେ ବିଇଓ ଅଫିସ୍ ରେ ସମସ୍ତ କାର୍ଯ୍ୟରେ ଅଚଳାବସ୍ଥା ଦେଖାଦେଇଛି। ସୂଚନାଯୋଗ୍ୟ ଯେ ବିଇଓ ରାଜୀବ ଦଳେଇ ନିୟମ କାନୁନକୁ ଅବଜ୍ଞା କରି କେତେଜଣ ଶିକ୍ଷକଙ୍କୁ ହାତବାରିସୀ କରି, ଅର୍ଥ ଲୋଭରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ମନ ଇଚ୍ଛା ବଦଳି ପକ୍ରିୟା ଜାରୀ ରଖି ବିବାଦ ଘେରକୁ ଟାଣି ହୋଇଥିଲେ। ସେହିପରି ଏସଆର କାର୍ଯ୍ୟରେ ସହଯୋଗ ନ କରିବା, ଯାହା ଫଳରେ ତାଙ୍କୁ ନିଲମ୍ବିତ ହେବାକୁ ପଡ଼ିଥିଲା।ଏଣୁ ବିଇଓ ଅଫିସ୍ ରେ ସ୍ୱାଭାବିକ ଭାବରେ କାର୍ଯ୍ୟ ଚଳାଇବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସୁପାରିଶ ଅନୁସାରେ ଘଷିପୁରାର ବିଇଓ ସଦ୍ୟସ୍ନାନ ପଣ୍ଡାଙ୍କୁ ହାଟଡିହି ବିଇଓ ଭାବେ ଅତିରିକ୍ତ ଦାୟିତ୍ୱରେ ଗଣଶିକ୍ଷା ବିଭାଗ ସଚିବ ନିଯୁକ୍ତ କରିଛନ୍ତି। ଏଥିଲାଗି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଚିଠି ନଂ ୧୮୧୨୧/୩୦ ,୨୦୨୬ ରେ ସଦ୍ୟସ୍ନାନଙ୍କୁ ଦାୟିତ୍ୱ ଗ୍ରହଣ ନିମନ୍ତେ ନିର୍ଦ୍ଦେଶ ରହିଥିବା ବେଳେ ବିଇଓ ଅଫିସ୍ ରେ ସମସ୍ତ ଆର୍ଥିକ ନେଣଦେଣ ପାଇଁ କ୍ଷମତା ଦିଆଯାଇଛି। ହାଟଡିହି ବ୍ଲକ ବିଇଓ କାର୍ଯ୍ୟାଳୟରେ ନୂତନ ବିଇଓଙ୍କ ପୋଷ୍ଟି ପର୍ଯ୍ୟନ୍ତ ଶ୍ରୀ ପଣ୍ଡା ସମ୍ପୂର୍ଣ୍ଣ ଭାବେ ଦାୟିତ୍ୱ ତୁଲାଇବା କୁ ନିର୍ଦ୍ଦେଶ ରହିଛି।

## ବେଆଇନ କାଠ ଓ କାଠକଟା ସାମଗ୍ରୀ ଜବତ କଲା ବନବିଭାଗ


କେନ୍ଦୁଝର:୦୨/୧୦(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ବନଖଣ୍ଡ ପାଟଣା ରେଞ୍ଜ କର୍ମଚାରୀଙ୍କ ଦ୍ୱାରା ପାଟଣା ଥାନା ଭୋଳାପଡ଼ା ଗ୍ରାମରେ ଚଢ଼ାଉ କରାଯାଇ ବିପୁଳ ପରିମାଣର କାଠ, କାଠ କାଟିବାରେ ବ୍ୟବହାର ହେଉଥିବା ସାମଗ୍ରୀ ଜବତ କରାଯାଇଛି ଏବଂ ଜଣଙ୍କୁ ଅଟକ ରଖାଯାଇଛି।କେନ୍ଦୁଝର ଫରେଷ୍ଟ ଡିଭିଜନ ଡିଏଫଓ ଧନରାଜ ହନୁମନ୍ତୟେ ଧାମଧେରେ (ଆଇଏଫଏସ)ଙ୍କ ଦ୍ୱାରା ପ୍ରଦତ୍ତ ସୂଚନାନୁଯାୟୀ ଆଜି ପାଟଣା ରେଞ୍ଜ୍ ଅଫିସର ଶ୍ରୀ ମିର୍ଦ୍ଧାଙ୍କ ନେତୃତ୍ୱରେ ପାଟନା ରେଞ୍ଜ୍ ବନ ବିଭାଗ କର୍ମଚାରୀଙ୍କ ଏକ ଦଳ କେନ୍ଦୁଝର ଜିଲ୍ଲାର ପାଟନା ଥାନା ଅନ୍ତର୍ଗତ ଭୋଳାପଡ଼ା ଗ୍ରାମଠାରେ ଚଢ଼ଉ କରିଥିଲେ। ଏହି ଅଭିଯାନ ସମୟରେ, ଦଳ ଭୋଳାପଡ଼ା ଗ୍ରାମ ନିବାସୀ ସୁବାଷ ଚନ୍ଦ୍ର ହାଇକ୍‌ଙ୍କ ପୁଅ ରୋହିତ କୁମାର ହାଇକ୍ (୩୮)ଙ୍କୁ ଅଟକ ରଖାଯାଇଛି।ଚଢ଼ଉ ସମୟରେ ୫୧ ଖଣ୍ଡ କାଠ ପଙ୍ଗା ୨୪ ଖଣ୍ଡ କଟା କାଠ ମିଶାଇ ମୋଟ ୭୫ ଖଣ୍ଡ କାଠ ଓ କାଠ କାଟିବାରେ ବ୍ୟବହାର ହେଉଥିବା ହାତ କରତ ୨ଟି, ପାୱାର ସ' (ଯାନ୍ତ୍ରିକ କରତ) ୨ଟି ଏବଂ ପ୍ରାୟ ୨୦.୦୯୨ ଘନଫୁଟ ପରିମାଣର ବେଆଇନ କାଠ ଜବତ କରାଯିବା ସହ କାଠ ଓ ସାମଗ୍ରୀକୁ ବନବିଭାଗ ନିଜ ଅଧୀନକୁ ନେଇଛି। ଅଟକ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଉଛି ଏବଂ ବନ ଆଇନର ସମ୍ପୃକ୍ତ ଧାରା ଅନୁଯାୟୀ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।ଏହି ଅଭିଯାନ ବେଆଇନ ଭାବେ ଗଛକାଟିବା, ପ୍ରକ୍ରିୟାକରଣ ଏବଂ ପରିବହନ ବିରୁଦ୍ଧରେ କେନ୍ଦୁଝର ବନ ବିଭାଗର ନିରନ୍ତର ସତର୍କତା ଓ କାର୍ଯ୍ୟାନୁଷ୍ଠାନ ପ୍ରୟାସକୁ ଦର୍ଶାଉଛି ବୋଲି ଡିଏଫଓ ଧନରାଜ ଏଚ ଡି କହିଛନ୍ତି।

# ନନ୍ଦପୁରରେ ଆନ୍ତର୍ଜାତିୟ ବରିଷ୍ଠ ନାଗରିକ ଦିବସ ପାଳିତ

ଚମ୍ପୁଆ, ୨/୧୦:(ରାମକୃଷ୍ଣ ଜିତ):-ଚମ୍ପୁଆ ବ୍ଲକ ଉଚ୍ଚବାଲି ପଞ୍ଚାୟତ ଅନ୍ତର୍ଗତ ନନ୍ଦପୁର ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ଆନୁକୂଲ୍ୟରେ ଆନ୍ତର୍ଜାତିୟ ବରିଷ୍ଠ ନାଗରିକ ଦିବସ ନିରାଡ଼ମ୍ବର ସହକାରେ ପାଳିତ ହୋଇଯାଇଛି କ୍ଷ ଅବସରପ୍ରାପ୍ତ ଶିକ୍ଷକ ଉମ୍ବରୁଧର ନାୟକ ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ, କବି କୈଳାସ ଚନ୍ଦ୍ର ତନ୍ତୀ, ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର ମହାନ୍ତ ପ୍ରମୁଖ ଯୋଗ ଦେଇ ବରିଷ୍ଠ ନାଗରିକମାନେ ସମାଜ ର ସମ୍ପଦ, ତାଙ୍କ ଦିଗଦର୍ଶନ ମାନି ଚଳିଲେ ସମାଜ ସୁଧାର ହୋଇ ପାରିବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ କ୍ଷ କର୍ମଚାରୀ ସଙ୍ଘ ସମ୍ପାଦକ ପୁରୁଷୋତ୍ତମ ମହାନ୍ତ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ କ୍ଷ କାର୍ଯ୍ୟକ୍ରମକୁ ସଙ୍ଘ ସଦସ୍ୟ ପ୍ରାଣବନ୍ଧୁ ନାୟକ ସଂଯୋଜନା କରି ମଞ୍ଚ ସଞ୍ଚାଳନ କରିଥିଲେ କ୍ଷ କର୍ମଚାରୀ ସଙ୍ଘ ତରଫରୁ ବରିଷ୍ଠ ନାଗରିକ ବଂଶୀଧର ମହାନ୍ତ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ନୂତନ ସଦସ୍ୟ ବିପିନ ବିହାରୀ ପ୍ରଧାନ, ବନମାଳୀ ପ୍ରଧାନ ଓ ସୂର୍ଯ୍ୟମଣି ମହାନ୍ତ ଙ୍କୁ ସ୍ୱାଗତ କରାଯାଇଥିଲା କ୍ଷ ସଦସ୍ୟ ଶିବରାମ ପାତ୍ର ବକ୍ତବ୍ୟ ପ୍ରଦାନ କରିଥିବାବେଳେ କବି ଜଗବନ୍ଧୁ ମହାନ୍ତ କବିତା ପାଠ କରିଥିଲେ ପ୍ରଥମେ ସଭା ପୂର୍ବରୁ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ ଉଚ୍ଚବାଲି ପଞ୍ଚାୟତ ର ବରିଷ୍ଠ ନାଗରିକ, ସଙ୍ଘ ସଦସ୍ୟ ସଦସ୍ୟାମାନଙ୍କ ସଙ୍ଘ କାର୍ଯ୍ୟାଳୟ ଗୃହରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବିତରଣ କରାଯାଇଥିଲା କ୍ଷ ବରିଷ୍ଠ ନାଗରିକ ମାନଙ୍କ ଡାଇବେଟିସ, ବ୍ଲଡ଼ପ୍ରେସର ଓ ଅନ୍ୟାନ୍ୟ ରୋଗ ର ପରୀକ୍ଷା କରାଯାଇ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା କ୍ଷ ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଡାକ୍ତର ମନୋଜ କୁମାର ପାତ୍ର, ଫାର୍ମାସିଷ୍ଟ ସୁନିତା ମହାନ୍ତ, ନନ୍ଦପୁର ସି. ଏଚ. ଓ ଦୀପ୍ତିରାଣୀ ବାଗ ପ୍ରମୁଖ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ରୋଗୀ ମାନଙ୍କୁ ପରାମର୍ଶ ଦେଇଥିଲେ କ୍ଷ କାର୍ଯ୍ୟକ୍ରମକୁ ନନ୍ଦପୁର ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ସଦସ୍ୟ ମାନଙ୍କ ସହଯୋଗରେ ପରିଚାଳିତ ହୋଇଥିଲା ।

# କେନ୍ଦୁଝରଠାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

କେନ୍ଦୁଝର:୦୨/୧୦(ଦିଲ୍ଲୀପ କୁମାର ସାହୁ) - ବରିଷ୍ଠ ନାଗରିକ ମାନଙ୍କର ସ୍ୱାସ୍ଥ୍ୟ, ସମ୍ମାନ, କଲ୍ୟାଣ ଏବଂ ସାମାଜିକ ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି କେନ୍ଦୁଝର ଅଡିଟୋରିୟମଠାରେ ବିଭିନ୍ନ କାର୍ଯ୍ୟକ୍ରମ ସହ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି।ଏକ ଯୋଗ ଅଧିବେଶନରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ପରବର୍ତ୍ତୀ କାଳରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଓ ଚିକିତ୍ସା ଶିବିର, ସେମାନଙ୍କ ଅଧିକାର, କଲ୍ୟାଣ ଏବଂ ସ୍ୱାସ୍ଥ୍ୟରକ୍ଷା ଉପରେ ଆଲୋକପାତ କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ତତପରେ ଅନୁଷ୍ଠିତ ହୋଇଥିବା ସାଧାରଣ ସଭାରେ ଯୋଗଦେଇଥିବା ମାନ୍ୟଗଣ୍ୟ ଅତିଥିମାନେ ନିଜ ଅଭିଭାଷଣରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସୁରକ୍ଷିତ, ସୁସ୍ଥ ଏବଂ ସମ୍ମାନଜନକ ଜୀବନ ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।ଏହି ଉତ୍ସବର ଅଂଶବିଶେଷ ସ୍ୱରୂପ, ବୟସ୍କ ମାନଙ୍କ ପ୍ରତି ସଚେତନତା ଏବଂ ସମ୍ବେଦନଶୀଳତା ବୃଦ୍ଧି କରିବା ପାଇଁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, ତର୍କ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ସମୟରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।ବର୍ତ୍ତମାନ ଏବଂ ଭବିଷ୍ୟତ ପିଢ଼ି ପାଇଁ ଏକ ସବୁଜ ଏବଂ ଅଧିକ



ଯତ୍ନଶୀଳ ସମାଜ ଗଠନ ଦିଗରେ ସାମୂହିକ ଦାୟିତ୍ୱର ପ୍ରତୀକ ସ୍ୱରୂପ ବନାଯୋଡି ବୃଦ୍ଧାଶ୍ରମରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା।ଏହି ଦିବସ ପାଳନ ଅବସରରେ ପ୍ରାୟ ୧୬୪ ଜଣ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋସ୍ନାମୟୀ ପ୍ରଧାନ, ଡାକ୍ତର ପୁରୁଷୋତ୍ତମ ମହାନ୍ତ, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଭୁବନେଶ୍ୱରୀ ମହାନ୍ତଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ବରିଷ୍ଠ ନାଗରିକମାନଙ୍କ ସହ ଆଲୋଚନା କରିଥିଲେ।ବୟସ୍କ ବ୍ୟକ୍ତିମାନଙ୍କର କଲ୍ୟାଣ, ସମ୍ମାନ, ସ୍ୱାସ୍ଥ୍ୟ ଏବଂ ସମାଜରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ନିଶ୍ଚିତ କରିବା ପାଇଁ ଏକ ନୂତନ ସଂକଳ୍ପ ସହିତ କାର୍ଯ୍ୟକ୍ରମଟି ଶେଷ ହୋଇଥିଲା।

# କନେଷ୍ଟବଲ ସ୍ୱାମୀଙ୍କ ହତ୍ୟାକାରୀଙ୍କ ପାଖରେ ପହଞ୍ଚି ପାରିନି କେନ୍ଦୁଝର ପୋଲିସ

କେନ୍ଦୁଝର:୦୨/୦୯(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଥାନା ଅନ୍ତର୍ଗତ କେନ୍ଦେଇପୋଷି-ପାଟଣା ରାସ୍ତାର ଭୀମାପଡ଼ା ନିକଟ ଜଙ୍ଗଲରେ ଗତ ସୋମବାର ରାତି ପ୍ରାୟ ୧୦.୩୦ ରେ ଦୁର୍ବୃତ୍ତମାନେ ବ୍ୟବସାୟୀ ତ୍ରିଲୋଚନ ମହାନ୍ତଙ୍କ ପାଖରୁ ବ୍ୟାଗ ଛଡାଇନେଇ ତାଙ୍କୁ ଗୁଳିକରି, ଧାରୁଆ ଅସ୍ତ୍ରରେ ଆକ୍ରମଣକରି ହତ୍ୟା କରିଥିଲେ। ଘଟଣା ଘଟିବାର ୮୦ ଘଣ୍ଟାରୁ ଉର୍ଦ୍ଧ ସମୟ ଅତିବାହିତ ହୋଇଥଲେ ମଧ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲି ପୋଲିସ କୌଣସି ସୁରାକ ପାଇପାରି ନାହିଁ ଓ ଫଳରେ ଶାନ୍ତ, ସରଳ ଜନଜାତି ବହୁଳ କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକ ଭଳି ଏକ ଅଞ୍ଚଳରେ ଗୁଳିମାଡ଼ ଓ ହତ୍ୟାକାଣ୍ଡ ଅଞ୍ଚଳବାସୀଙ୍କ ସମେତ ଜିଲ୍ଲାବାସୀଙ୍କ ମଧ୍ୟରେ ଆତଙ୍କର ବାତାବରଣ ସୃଷ୍ଟି କରିଛି। ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତିରଞ୍ଜନ ସାହୁ ଓ ପାଟଣା ଥାନା ଅଧିକାରୀ କିରଣ ପ୍ରାସାଦ ସାହୁ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଗୁରୁବାର କେନ୍ଦେଇପୋଷିରେ ତଦନ୍ତ କରିଥିବା ଜାଣିବାକୁ ମିଳିଛି । କେନ୍ଦେଇପୋଷି ବଜାରରେ ରହିଥିବା ଏକ ଔଷଧ ଦୋକନ, ପଞ୍ଚାୟତ କାର୍ଯ୍ୟାଳୟ ଏଂ ମୃତ ତ୍ରିଲୋଚନଙ୍କ ଜନସେବା କେନ୍ଦ୍ରର ସିସିଟିଭି ଫୁଟେଜ ସଂଗ୍ରହ କରିଛନ୍ତି। ଏଥିସହ ଜଣକ ଘରକୁ ଯାଇ ତଦନ୍ତ କରିଥିବା ଦେଖିବାକୁ ମିଳିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ପୋଲିସ ଉକ୍ତ ଦିନ ଘଟଣାସ୍ଥଳର ୭/୮ ହଜାଇ ଫୋନ୍ କଲ୍‌କୁ ନେଇ ତଦନ୍ତ ଆରମ୍ଭ କରିଛି। ମାମଲାର ଡେର ବାହାର ରାଜ୍ୟକୁ ଲମ୍ବିଥିବାରୁ ପୋଲିସ ବିଭାଗର ଟିମ୍ ରାଜ୍ୟ ବାହାରକୁ ଯାଇଥିବା ଜଣାପଡ଼ିଛି। ଜଣେ ବ୍ୟବସାୟୀ ପୁଣି ପୋଲିସ ବିଭାଗର କର୍ମଚାରୀଙ୍କ ସ୍ୱାମୀଙ୍କୁ ନିର୍ମମ ଭାବେ ହତ୍ୟା କରାଯିବା ଘଟଣା ପୋଲିସ ପାଇଁ ଏକ ଖୋଲା ଚ୍ୟାଲେଞ୍ଜ ସୃଷ୍ଟି କରିଛି ଘଟଣା ପରେ ଅଞ୍ଚଳରେ ଭୟର ବାତାବରଣ ଦେଖାଯାଇ ଯାଇଛି ଅପରାଧୀଙ୍କ ସୂଚନା ପୋଲିସ ପାଇପାରୁ ନଥିବା ବେଳେ ହତ୍ୟାକାଣ୍ଡ ପଛର ଉଦ୍ଦେଶ୍ୟ କେବଳ ଟଙ୍କାଲୁଟ ନା ଆଉକିଛି, ତାହା ରହସ୍ୟ ହୋଇ ରହିଛି। ଅପର ପକ୍ଷରେ ଫେବୃଆରୀ ୧୬ରେ ପାଟଣା ବ୍ଲକ୍ ସୁଆମ ଶାସନର ଧୀରେନ୍ଦ୍ର ଦ୍ୱିବେଦୀ କେନ୍ଦୁଝରରୁ ମଇଦାନକେଲସ୍ଥିତ ନିଜ ଧାନ ଗୋଦାମକୁ ଆସୁଥିଲେ। ସେହି ସମୟରେ ଜଡ଼ିଖୁଣ୍ଟା ନିକଟ ନିର୍ମାଣାଧୀନ ପୋଲ ପାଖରେ ୪ଜଣ ଦୁର୍ବୃତ୍ତ ପିସ୍ତଲ ଦେଖାଇ ତାଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଥିଲେ। ସଦର ଥାନାରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ଘଟଣାରେ ଆଜି ପର୍ଯ୍ୟନ୍ତ ପୋଲିସ ଲୁଟେରାଙ୍କ ସନ୍ଧାନ ପାଇପାରିନାହିଁ ସେଇଭଳି ହନୁମାନ ଛକ ନିକଟରେ ବନ୍ଧୁକ ଦେଖାଇ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍, ଶିକ୍ଷକ ପୀତାମ୍ବର ମହାନ୍ତଙ୍କୁ ବନ୍ଧୁକ ଦେଖାଇ ସୁନା ଅଳଙ୍କାରର ସହ ନଗଦ ଟଙ୍କା ଲୁଟ୍ ଆଦି ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ। ଫଳରେ ଏହା ଅପରାଧୀଙ୍କ ମନୋବଳ ବଢ଼ାଉଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି।




ଶନିବାର ୦୩।୧୦।୨୦୨୬

ଅକ୍ଷର

AKHYARA ODISHA ଓଡ଼ିଶା


## ପୋଲ ଉପରୁ ତଳକୁ ଓଲଟିଲା ପିକଅପ୍ ଭ୍ୟାନ୍

ଆଠମଲ୍ଲିକ, ୨/୧୦(ଅକ୍ଷର ଓଡ଼ିଶା): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅନ୍ତର୍ଗତ ବନମାଳୀପୁର ପୋଲ ନିକଟରେ ଏକ ପିକଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ପୋଲ ତଳକୁ ଓଲଟି ପଡ଼ିଛି। ଦୁର୍ଘଟଣାଗ୍ରସ୍ତ ପିକଅପ୍ ଭ୍ୟାନ୍‌ର ନମ୍ବର ଓଡି ୦୨ ଡିକ୍ୟୁ ୫୦୬୭ ବୋଲି ଜଣାପଡ଼ିଛି। ତେବେ ଏହି ଘଟଣାରେ କେହି ଆହତ ହୋଇନଥିବା ସୂଚନା ମିଳିଛି।ସୂଚନା ଅନୁଯାୟୀ, ପିକଅପ୍ ଭ୍ୟାନ୍‌ଟି ବନମାଳୀପୁର ପୋଲ ନିକଟ ଦେଇ ଯାଉଥିବା ସମୟରେ ହଠାତ୍ ଭାରସାମ୍ୟ ହରାଇଥିଲା। ଫଳରେ ଗାଡ଼ିଟି ପୋଲ ଉପରୁ ତଳକୁ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ତେବେ ଏଥିରେ କେହି ଆହତ ହୋଇନଥିବାରୁ ଏକ ବଡ଼ ଅଘଟଣରୁ ରକ୍ଷା ମିଳିଛି।



## ଖବର ପ୍ରସାରଣ ପରେ ରାସ୍ତାରୁ ହଟିଲା ଅତଡ଼ା ମାଟି

### ଯାତାୟାତ ସ୍ୱାଭାବିକ

ନନ୍ଦପୁର ୦୨/୧୦ (ଶ୍ରୀରାମ ଖରା) ସାମୁଦ୍ରିକ ଝଡ ଅର୍ଣ୍ଣବ ପ୍ରଭାବିତ ବର୍ଷାରେ ପାହାଡ଼ରୁ ଅତଡ଼ା ଖସି ରାସ୍ତାରେ ଜମା ହୋଇଥିଲା। ଦୁଇ ଗ୍ରାମକୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। କିନ୍ତୁ ରାସ୍ତାରେ ଜମା ହୋଇଥିବା ଅତଡ଼ା ମାଟି ଓ ପଥର ହଟାଇବାକୁ ପ୍ରଶାସନ ଭୁଲି ଯାଇଥିଲା। ଖବର ପ୍ରସାରଣ ପରେ ଘଟଣାର ଅଷ୍ଟମ ଦିନ ପ୍ରଶାସନ ତରଫରୁ ରାସ୍ତାରୁ ମାଟି ଅତଡ଼ା ହଟାଇ ଅବରୋଧ ଦୂର କରାଯାଇଛି। ଦୁଇ ଗ୍ରାମକୁ ଯାତାୟାତ ସ୍ୱାଭାବିକ ହୋଇଛି। ଏଭଳି ଘଟଣା କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଚାଟୁଆ ପଞ୍ଚାୟତର ଭାଲିଆଗୁଡ଼ା ଗ୍ରାମ ସମ୍ମୁଖରେ ଦେଖିବାକୁ ମିଳିଛି। ଯାହା ନନ୍ଦପୁର ବ୍ଲକ ପ୍ରଶାସନର ଢିଲାପଣକୁ ପଦାରେ ପକାଇଛି। ସୂଚନା ମୁତାବକ ବାତ୍ୟା ପ୍ରଭାବିତ ବର୍ଷାରେ ଭାଲିଆଗୁଡ଼ା ଗ୍ରାମ ସମ୍ମୁଖ ପାହାଡ଼ରୁ ମାଟି ଅତଡ଼ା ସହ ବଡ ବଡ ପଥର ଖସି ଦୁଇଗ୍ରାମ



ଭାଲିଆଗୁଡ଼ା ଓ ତୋଟାଗୁଡ଼ା ଯାତାୟାତ ବନ୍ଦ ହୋଇଥିଲା। ଗ୍ରାମବାସୀ ପଞ୍ଚାୟତ ସରପଞ୍ଚ ଓ ବ୍ଲକ ପ୍ରଶାସନକୁ ଅବଗତ କରି ରାସ୍ତାରୁ ଅବରୋଧ ହଟାଇବାକୁ ଅନୁରୋଧ କରିଥିଲେ। କିନ୍ତୁ ପ୍ରଶାସନ ତରଫରୁ କୌଣସି ବ୍ୟବସ୍ଥା କରା ନଯିବାରୁ ଗ୍ରାମବାସୀ ଗଣମାଧ୍ୟମର ସହାୟତା ଲୋଡ଼ିଥିଲେ। ଏନେଇ ବୁଧବାର ଖବର କାଗଜ ରେ ଖବର ପ୍ରସାରଣ ହୋଇଥିଲା। ବୁଧବାର ରାତ୍ରି ୮ ଘଣ୍ଟିକା ସମୟରେ ପଞ୍ଚାୟତ ଯନ୍ତ୍ରୀ ରାଜୀବ ସିଂ ଓ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରକାଶ ପ୍ରଧାନ ଘଟଣା ସ୍ଥଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଥିଲେ। ଗୁରୁବାର ସକାଳୁ ଜେସିପି ମେସିନ୍ ସହାୟତାରେ ରାସ୍ତାରେ ଗଦା ହୋଇଥିବା ମାଟି ପଥର ହଟାଇ ରାସ୍ତା ସଫା କରାଯାଇ ଥିଲା। ୨ ଗ୍ରାମକୁ ଯାତାୟାତ ସ୍ୱାଭାବିକ ହୋଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଘଟଣାକୁ ପ୍ରଶାସନର ନଜରକୁ ଆଣିଥିବା ରୁ ଗଣମାଧ୍ୟମ ପ୍ରତିନିଧି ଙ୍କୁ ପ୍ରଶଂସା କରିଛନ୍ତି।

## ଦଶ ଗାଈ ଉଦ୍ଧାର ଚାରି କୋର୍ଟ ଚାଲାଣ

ଲକ୍ଷ୍ମୀପୁର ୦୨/୧୦(ଅକ୍ଷର ଓଡ଼ିଶା): କୋରାପୁଟ ଜିଲ୍ଲା ବନ୍ଧୁଗାଁ ପୋଲିସ ଗୋ ଚାଲାଣ କରୁଥିବା ଅଭିଯୋଗ ରେ ଚାରି ଜଣ ଗୋରୁ ମାଫିଆଙ୍କୁ ଗିରଫ କରିଛି। ବନ୍ଧୁଗାଁ ଥାନା କେସ୍ ନମ୍ବର ୮୫/ ୨୬ରେ ଏକ ମାମଲା ରୁଜୁ କରି ଚାରି ଜଣଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।ସେମାନଙ୍କ ଠାରୁ ଦଶଟି ଗାଈ ଉଦ୍ଧାର କରି ସେମିଳିଗୁଡା ସ୍ଥିତ ଗୋଶାଳା କୁ ପଠା ଯାଇଥିବା ଥାନା ଅଧିକାରୀ ସିନ୍ଧୁ ସାର୍କା କହିଛନ୍ତି।ପୁଲିସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଭାରତୀୟ ନ୍ୟାୟ ସଂହିତା (ବିଏନଏସ୍)ର ଧାରା ୩୦୩(୨)/୧୧୨(୨)/ ୩(୫) ସହିତ ଓଡ଼ିଶା ଗୋହତ୍ୟା ନିବାରଣ ଆଇନ, ୧୯୬୦ର ଧାରା ୭ ଏବଂ ପଶୁଙ୍କ ପ୍ରତି ନିଷ୍ଠୁରତା ନିବାରଣ ଆଇନ, ୧୯୬୦ର ଧାରା ୧୧(୧)(କ) ଓ ୧୧(୧)(ଘ) ଅନୁଯାଇ ମାମଲା ରୁଜୁ କରାଯାଇଛି।ଏହି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ବନ୍ଧୁଗାଁ ଥାନା ସୋଡ଼ାବାଡି ଗ୍ରାମର ସୁବା ବେନିଆ ,ରାୟଗଡା ଜିଲ୍ଲା କିଆପାଡୁ ଗ୍ରାମର କୁମଦନ ଡଙ୍ଗ୍ରି ,ରାୟଗଡା ଜିଲ୍ଲା ଟିକିରି ଅଂଚଳର ବାବୁଲା ନାଏକ ଓ କାନ୍ତେଶ୍ୱର ନାଏକ।ପୁଲିସ ଉକ୍ତ ଚାରି ଅଭିଯୁକ୍ତଙ୍କୁ ଆଇନ ଅନୁଯାୟୀ ଗିରଫ କରି କୋର୍ଟ ଚାଲାଣ କରିଥିବା ଉପଖଣ୍ଡ ଆରକ୍ଷୀ ଅଧିକାରୀ ମନୋଜ ବେହେରା ପ୍ରକାଶ କରିଛନ୍ତି।ସମସ୍ତ ଗାଈ ଆନ୍ଧ୍ର ପ୍ରଦେଶ ର କଂସେଇଖନା ଗୁଡ଼ିକୁ ଚାଲାଣ ହେଉଥିବା ଜଣା ପଡିଛି।



## ଖଳିସାହିରେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ଅଭିଯାନ

ଖଣ୍ଡପଡା ୦୨।୧୦ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ତହସିଲ ପ୍ରଶାସନ ପକ୍ଷରୁ ଖଳିସାହି ପଞ୍ଚାୟତ ଅଧୀନ ତୋଟା ହନୁମାନଙ୍କ ସାହି ନିକଟସ୍ଥ ସରକାରୀ ଜାଗାରୁ ଗୁରୁବାର ଜବରଦଖଲ ଉଚ୍ଛେଦ କରାଯାଇଥିବା ସୂଚନା ମିଳିଛି। କୋଟପୋଖରୀ ଓ କିସମତ ଇଛାପୁର ଗ୍ରାମର ସୀମାନ୍ତରେ ଥିବା ସରକାରୀ ଜାଗାକୁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଦିର୍ଘ ବର୍ଷ ଧରି ଜବରଦଖଲ କରି ରଖିଥିବା ନେଇ ସେହି ଅଞ୍ଚଳର ବୈକୁଣ୍ଠ ସାହୁ ତହସିଲ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଜାଗା ମାପଚୁପ ହୋଇ ସରକାରୀ ଜାଗା ଚିହ୍ନଟ ହେବା ପରେ ଖଣ୍ଡପଡ଼ା ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୁଲିସ ଉପସ୍ଥିତିରେ ସରକାରୀ ଜାଗାରୁ ଏକ ଜେସିବି ଯୋଗେ ଜବରଦଖଲ ଉଚ୍ଛେଦ କରାଯାଇଥିବା ଜଣାପଡିଛି।ପ୍ରକାଶଥାଉକି ଇଛାପୁର ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ଜାଗାକୁ ଦୀର୍ଘବର୍ଷ ଧରି ଅନଧିକାର ଭାବେ ଜବରଦଖଲ କରି ରଖିଥିବା ନେଇ ଅଭିଯୋଗ ହୋଇଥିଲା।ସରକାରୀ ଜାଗା ଜବରଦଖଲ ମୁକ୍ତ ହେବା ପରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।



## ଆନ୍ତର୍ଜାତୀୟ ବୟସ୍କ ବ୍ୟକ୍ତି ଦିବସ ପାଳିତ

## ବରିଷ୍ଠ ନାଗରିକଙ୍କୁ ସମ୍ମାନ

ବାଲିଗୁଡ଼ା, ୦୨/୧୦(ଅକ୍ଷର ଓଡ଼ିଶା) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଟାଉନ ହଲ୍ ରେ ଆନ୍ତର୍ଜାତୀୟ ବୟସ୍କ ବ୍ୟକ୍ତି ଦିବସ ପାଳିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର ଏବଂ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ତହସିଲଦାର ଦୀପ୍ତି ପ୍ରକାଶ ବେହେରା, ଅତିରିକ୍ତ ତହସିଲଦାର କବିରାଜ ଆର୍ଯ୍ୟ, ବିଡିଓ ଅକ୍ଷୟ କୁମାର ମଲ୍ଲିକ, ଏନ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳାଇ, ଏସ୍‌ଏସ୍‌ଏସ୍‌ଓ ଅଧିକାରୀ ମମିତା କୁମାରୀ ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିବ ଶଙ୍କର ସମରଥ ଏବଂ ବନବାସୀ ସେବା ସମିତିର ସହସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।ଏହି ଅବସରରେ ଉପଖଣ୍ଡ ବରିଷ୍ଠ ନାଗରିକ ସଂଘର ସନ୍ୟାସୀ ନାୟକ, ଜେବ୍ରାସ ଦିଗାଳ, ନାରାୟଣ ବରାଳ ଓ ପ୍ରତିମା ପୃଷ୍ଟିଙ୍କ ସମେତ ୧୦ ଜଣ ବରିଷ୍ଠ ନାଗରିକଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା।କାର୍ଯ୍ୟକ୍ରମରେ ବନବାସୀ ସେବା ସମିତିର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ସମାପନ ସଙ୍ଗୀତ ପରିବେଷଣ କରିଥିଲେ। ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା, ସମାଜ ପ୍ରତି ସେମାନଙ୍କ ଅବଦାନ ଓ ସମ୍ମାନଜନକ ଜୀବନ ପାଇଁ ସାମାଜିକ ସହଯୋଗର ଆବଶ୍ୟକତା ଉପରେ ମତପ୍ରକାଶ କରାଯାଇଥିଲା।



## ସେବା ପଖୱାଡା ଅବସରରେ ୧୦୦ରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ




ଭାପୁର ୦୨/୧୦(ଅକ୍ଷର ଓଡ଼ିଶା): ମାଇ ଭାରତ ନୟାଗଡ଼ ତରଫରୁ ଜାତୀୟ ସ୍ୱେଚ୍ଛାସେବୀ ଲିଙ୍କନ ଦଳବେହେରାଙ୍କ ଆହ୍ୱାନକ୍ରମେ ସେବା ପଖୱାଡା ଅବସରରେ ଭାପୁର–ରାଜସୁନାଖଳା ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ ଓ ପରିବେଶ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବୃକ୍ଷରୋପଣ ପାଇଁ ଚିହ୍ନଟ ସ୍ଥାନକୁ ପ୍ରଥମେ ସଫା କରାଯାଇଥିଲା। ରାସ୍ତା ପାର୍ଶ୍ୱରେ ପଡ଼ିଥିବା ଜରି, ପ୍ଲାଷ୍ଟିକ ବୋତଲ, ମଦ କାଚ ଓ ଅନ୍ୟାନ୍ୟ ଆବର୍ଜନା ସଫା କରିବା ପରେ ବୃକ୍ଷରୋପଣ ପାଇଁ ସ୍ଥାନ ପ୍ରସ୍ତୁତ କରାଯାଇଥିଲା। ପରେ ଉକ୍ତ ଅଞ୍ଚଳରେ ୧୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା।ଏହି ଅଭିଯାନରେ ମା' ବଡ଼ାଲୋଇ କ୍ଲବ, ନିହଳପ୍ରସାଦର ୩୦ରୁ ଊର୍ଦ୍ଧ୍ୱ ଯୁବକ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ଏଥିସହ ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ଚିତ୍ତରଞ୍ଜନ ରାଉତରାୟ ମଧ୍ୟ ଉପସ୍ଥିତ ରହି ଯୁବକମାନଙ୍କୁ ଉତ୍ସାହିତ କରିଥିଲେ।କ୍ଲବର ଚଗଲା, ଲିପୁ, ସୁଧାଂଶୁ, ଟିମ, ବିକାଶ, ରୁଦ୍ର, ଅରୁଣ,ଚିକୁ,ହାଡିଆ ଙ୍କ ସମେତ ବହୁ ଯୁବକ ସ୍ୱେଚ୍ଛାସେବୀ ଭାବେ ଯୋଗ ଦେଇଥିଲେ।ପରିବେଶ ସୁରକ୍ଷା, ସ୍ୱଚ୍ଛତା ଓ ସବୁଜ ପରିବେଶ ସୃଷ୍ଟି ପାଇଁ ଏଭଳି ସାମୂହିକ ପ୍ରୟାସ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ପ୍ରଧାନପାଟ ଜଳପ୍ରପାତରେ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

ଦେବଗଡ଼,୦୨।୧୦(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ଷ୍ଟେଟ ବ୍ୟାଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ଅବସରରେ ଏକ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଦେବଗଡ଼ ସହର ନିକଟସ୍ଥ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ପର୍ଯ୍ୟଟନସ୍ଥଳୀ ପ୍ରଧାନପାଟ ଜଳପ୍ରପାତ ପରିସରରେ ଏହି ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା।ଷ୍ଟେଟ ବ୍ୟାଙ୍କର ଚିଫ୍ ମ୍ୟାନେଜର ଦେବୀନନ୍ଦ ସାମଲଙ୍କ ନେତୃତ୍ୱରେ ଆୟୋଜିତ ଏହି ଅଭିଯାନରେ ଡେପୁଟି ମ୍ୟାନେଜର ସୁରେନ୍ଦ୍ର ମେହେର, ଡିଷ୍ଟ୍ରିକ୍ଟ ମ୍ୟାନେଜର ନୀଳକଣ୍ଠ ପଣ୍ଡାଙ୍କ ସମେତ ଷ୍ଟେଟ ବ୍ୟାଙ୍କର ସମସ୍ତ କର୍ମଚାରୀ ଯୋଗଦେଇଥିଲେ।ବ୍ୟାଙ୍କ କର୍ମଚାରୀମାନେ ପ୍ରଧାନପାଟ ଜଳପ୍ରପାତ ପରିସରରେ ସଫେଇ କରିବା ସହ ପର୍ଯ୍ୟଟନସ୍ଥଳୀର ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ନେଇ ସଚେତନତାର ବାର୍ତ୍ତା ଦେଇଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ପର୍ଯ୍ୟଟନସ୍ଥଳୀକୁ ପରିଷ୍କାର ରଖିବା ସହ ସ୍ୱଚ୍ଛତା ପ୍ରତି ଜନସାଧାରଣଙ୍କ ଦାୟିତ୍ୱବୋଧ ବୃଦ୍ଧି ପାଇବ ବୋଲି କୁହାଯାଇଛି।

## ଗାନ୍ଧୀ–ଶାସ୍ତ୍ରୀ ଜୟନ୍ତୀରେ ଛାତ୍ରୀଙ୍କ ସ୍ୱଚ୍ଛତା ବାର୍ତ୍ତା

### ଶୋଭାଯାତ୍ରା, ପ୍ରତିଯୋଗିତା ଓ ବୃକ୍ଷରୋପଣରେ ପାଳିତ ହେଲା ଜାତୀୟ ନେତାଙ୍କ ଜୟନ୍ତୀ




କେସିଙ୍ଗା, ୨/୧୦ (ଅକ୍ଷର ଓଡ଼ିଶା):କେସିଙ୍ଗା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ୧୨୨ତମ ଜୟନ୍ତୀ ଶ୍ରଦ୍ଧା, ସମ୍ମାନ ଓ ଉତ୍ସାହର ସହ ପାଳିତ ହୋଇଯାଇଛି।ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଅହିଂସା ଓ ଶାନ୍ତିର ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଲାଲ ବାହାଦୁର ଶାସ୍ତ୍ରୀଙ୍କ ସରଳ ଜୀବନ, ଦେଶପ୍ରେମ, ଶୃଙ୍ଖଳା ଓ କର୍ତ୍ତବ୍ୟନିଷ୍ଠା ଛାତ୍ରୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ।ସମ୍ମାନିତ ଅତିଥି ମାନସୀ ନାୟକ ଦୁଇ ମହାନ ବ୍ୟକ୍ତିତ୍ୱଙ୍କ ଆଦର୍ଶକୁ କେବଳ ସ୍ମରଣ ନକରି ଦୈନନ୍ଦିନ ଜୀବନରେ ଅନୁସରଣ କରିବାକୁ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଶିକ୍ଷୟିତ୍ରୀ ମୋନାଲିସା ନାୟକ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନୀ, ଆଦର୍ଶ ଏବଂ ଦେଶ ପାଇଁ ସେମାନଙ୍କ ଅବଦାନ ଉପରେ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ।କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ଛାତ୍ରୀମାନଙ୍କ ଶୋଭାଯାତ୍ରା ଓ ସ୍ୱଚ୍ଛତା ଅଭିଯାନ। ବିଦ୍ୟାଳୟରୁ ଛାତ୍ରୀମାନେ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା କାର୍ଯ୍ୟକ୍ରମ କରିଥିଲେ। ଏହା ମାଧ୍ୟମରେ ଗାନ୍ଧୀଜୀଙ୍କ ସ୍ୱଚ୍ଛତା ଓ ସାମାଜିକ ଦାୟିତ୍ୱର ବାର୍ତ୍ତାକୁ ପ୍ରାୟୋଗିକ ରୂପ ଦିଆଯାଇଥିଲା।ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ଅତିଥିମାନଙ୍କ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ସୋନାକ୍ଷୀ ଠାକୁର ଓ ଶୁଚିସ୍ମିତା କୁମାର ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ସୁଶାନ୍ତ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।ଶେଷରେ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଆଦର୍ଶକୁ ଜୀବନରେ ପ୍ରୟୋଗ କରି ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଓ ଦେଶପ୍ରେମୀ ସମାଜ ଗଠନ ପାଇଁ ସଂକଳ୍ପ ନିଆଯାଇଥିଲା। 'ଏକ ପେଡ୍ ମାଁ କେ ନାମ' ଅଭିଯାନ ଅନୁସାରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯିବା ପରେ କାର୍ଯ୍ୟକ୍ରମର ସମାପ୍ତି ଘଟିଥିଲା।

## ଗାନ୍ଧୀ ଜୟନ୍ତୀ ଅବସରରେ ଡାକ୍ତରଖାନାରେ ଫଳ ବଣ୍ଟନ



ଦେବଗଡ଼, ୦୨/୧୦ (ଅକ୍ଷର ଓଡ଼ିଶା): ମହାତ୍ମା ଗାନ୍ଧୀ ଜୟନ୍ତୀ ଏବଂ 'ସେବା ସଂକଳ୍ପ ଅଭିଯାନ' ଅବସରରେ ଦେବଗଡ଼ ନୂତନ ମୁଖ୍ୟ ଚିକିତ୍ସାଳୟ ପରିସରରେ ଶୁକ୍ରବାର ବିଜେପି ନଗର ମଣ୍ଡଳ ପକ୍ଷରୁ ଫଳ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଏହି ଅବସରରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସେବା ଓ ମାନବିକତାର ବାର୍ତ୍ତା ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେପି ସଭାପତି ଅରୁଣ କୁମାର ସାହୁ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ରାଜେନ୍ଦ୍ର ଆଚାର୍ଯ୍ୟ, ସତ୍ୟନାରାୟଣ ପାଣି, ସରୋଜ ପାଢ଼ୀ, ପ୍ରଜିତ୍ ଭୋଜ, ଯୋଗେଶ ପ୍ରଧାନ, ଆଲୋକ ଦ୍ୱିବେଦୀ ଓ ସୁଶିଲ ଭୋଇଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

## ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ




ହିଞ୍ଜିଳିକାଟୁ ,୧/୧୦(ଅବନି କାନ୍ତ ପଟ୍ଟନାୟକ)ତାଲୁକା ଆଇନ କମିଟି ଓ ହିଞ୍ଜିଳିକାଟୁ ପଞ୍ଚାୟତ ସମିତି ପକ୍ଷରୁ ମିଳିତ ଭାବେ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ହିଞ୍ଜିଳିକାଟୁ ବ୍ଲକ ପରିସରରେ ପାଳିତ ହୋଇଯାଇଛି । ଅତିଥି ଭାବେ ତାଲୁକା ଆଇନ କମିଟି ଅଧ୍ୟକ୍ଷା ତଥା ସବଜଜ୍ ସୁଶ୍ରୀ ସଂଗୀତା ମଲ୍ଲିକ, ପୌରପରିଷଦ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପଲେଇ , ବିଡ଼ିଓ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ , ମେଡିକାଲ ଅଧିକ୍ଷକ ଡ଼ା. ଶ୍ରୀକାନ୍ତ ସାହୁ, ପୌରପରିଷଦର କାର୍ଯ୍ୟନିବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା,ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠି,ବରିଷ୍ଠ ଆଇନଜୀବୀ ଦ୍ୱିତୀକୃଷ୍ଣ ସାବତ ମଞ୍ଚାସିନ ରହିଥିଲେ । ଏହି ଦିବସର ତାପର୍ଯ୍ୟ ସହିତ ବରିଷ୍ଠ ନାଗରିକମାନଙ୍କ ପ୍ରତି ନିଜ ନିଜର ଦାୟିତ୍ୱ କର୍ତ୍ତବ୍ୟ କ'ଣ ରହିବା ଉଚିତ ସେ ବିଷୟରେ ଅତିଥି ମାନେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକମାନେ ସମାଜ ପାଇଁ ସେମାନଙ୍କ ଅଭିଜ୍ଞତାର ଦିଗଦର୍ଶନର ଆବଶ୍ୟକତା ରହିଛି। ସେମାନଙ୍କୁ ଅବହେଳା କଲେ ସମାଜ ଉପରେ ନକରାତ୍ମକ ପ୍ରଭାବ ପଡ଼ିବ ବୋଲି ଅତିଥିମାନେ ମତ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକ,ତାରାତାରିଣୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଅରବିନ୍ଦ ପଣ୍ଡା,ହରିହର ଚୌଧୁରୀ,ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ,ପ୍ରମୋଦ କୁମାର ପଣ୍ଡିତଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଏବଂ ଆଶା ଦିଦି ଉପସ୍ଥିତ ଥିଲେ ।

## ଥମୁନି ଦାଦନ ଯାତନା ପୁଣି କୋଏମ୍ବାଟୁରରେ ଗଜପତି ଶ୍ରମିକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, ୨/୧୦(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲାରେ ଥମୁନି ଦାଦନ ଶ୍ରମିକଙ୍କ ଯାତନା. ଗତ ୨ ମାସ ମଧ୍ୟରେ ଏହି ଜିଲ୍ଲାର ୫ ଜଣ ଶ୍ରମିକଙ୍କ ରାଜ୍ୟ ବାହାରେ ମୃତ୍ୟୁ ଘଟିଥିବା ବେଳେ ବର୍ତ୍ତମାନ ତାମିଲନାଡୁର କୋଏମ୍ବାଟୁର ଠାରେ ଗଜପତିର ଅନ୍ୟଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି. ଘଟଣାରୁ ପ୍ରକାଶ, ଗଜପତି ଜିଲ୍ଲା ଆର. ଉଦୟଗିରି ଗ୍ରାମର ଖ୍ରୀଷ୍ଟିଆନ ସାହିର ଆଭାସ ମାଛ (୩୧) ଦରିଦ୍ରତା ଯୋଗୁଁ ପରିବାର ପରିପୋଷଣ ପାଇଁ ତାମିଲନାଡୁର କୋଏମ୍ବାଟୁର ଜିଲ୍ଲାର ହାତୀପାଲେମ ଠାରେ ଗତ ୨ ବର୍ଷ ଧରି ଶ୍ରମିକ ଭାବେ ଖଟି ପରିବାର ପରିପୋଷଣ କରି ଆସୁଥିଲେ. ବର୍ତ୍ତମାନ ଗତ ୩ ଦିନ ତଳେ ତାଙ୍କର ମୃତ୍ୟୁ ଘଟିଥିବା ଖବର ପାଇ ପରିବାର ଲୋକେ



ଭାଙ୍ଗି ପଡିଛନ୍ତି. ମୃତ ଶ୍ରମିକ ଆଭାସଙ୍କ ପିତା ରୋଗାଗ୍ରସ୍ତ ଯୋଗୁଁ ଦୀର୍ଘ ବର୍ଷ ହେଲା ଶଯ୍ୟାଶାୟୀ ଅବସ୍ଥାରେ ରହିଛନ୍ତି. ଘରର ଏକମାତ୍ର ରୋଜଗାରିଆ ପୁଅର ଏଭଳି ଶୋଚନୀୟ ମୃତ୍ୟୁ ପରେ କେମିତି ବଂଚିବେ ସେନେଇ ପରିବାରରେ ଉଦବେଗ ପ୍ରକାଶ ପାଇଛି. ମୃତ ଆଭାସଙ୍କ ମର ଶରୀରକୁ ତାମିଲନାଡୁରୁ ଆଣିବା ଏହି ଗରିବ ପରିବାର ଦ୍ୱାରା ଅସମ୍ଭବ. ତେଣୁ ଗ୍ରାମବାସୀ ଆର. ଉଦୟଗିରି ତହସିଲଦାରଙ୍କ ମଧ୍ୟମରେ ମର ଶରୀରକୁ ଆର. ଉଦୟଗିରିକୁ ଆଣିବା ପାଇଁ ଅନୁରୋଧ ଜଣାଇବା ସହ ଏହି ଗରିବ ପରିବାର ପରିପୋଷଣ ପାଇଁ ପ୍ରଶାସନ ଉଚିତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଅଞ୍ଚଳବାସୀ ନିବେଦନ କରିଛନ୍ତି ।

## ଆନ୍ତର୍ଜାତିକ ବୟସ୍କ ବ୍ୟକ୍ତିଙ୍କ ଦିବସ -୨୦୨୬ ପାଳିତ

ନୟାଗଡ଼ ୦୨/୧୦(ଅକ୍ଷର ଓଡ଼ିଶା):- ନୟାଗଡ ପଂଚାୟତ ସମିତି କାର୍ଯ୍ୟାଳୟ, ସମ୍ମିଳନୀ କକ୍ଷରେ ବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଏକ ସଚେତନତା ସଭା ପୂର୍ବକ ଆନ୍ତର୍ଜାତିକ ବୟସ୍କ ବ୍ୟକ୍ତିଙ୍କ ଦିବସ-୨୦୨୬ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଥମେ ସକାଳ ୦୭.୦୦ ଘଟିକା ସମୟରେ ଉକ୍ତ ସ୍ଥାନରେ ଏକ ଯୋଗ ଶିବିର ଆୟୋଜନ କରାଯାଇ ବୟସ୍କ ବ୍ୟକ୍ତିମାନଙ୍କୁ ଉତ୍ତମ ଶାରୀରିକ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସମ୍ୟକ ଧାରଣ ଦିଆଯାଇଥିଲା । ଏଥି ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଭିଜ୍ଞ ଡାକ୍ତର ଏବଂ ବିଶେଷଜ୍ଞମାନଙ୍କ ଉପସ୍ଥିତିରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇ ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରାଯାଇଥିଲା ।ଏହି ସଭା ଅଭିପ୍ରାୟେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀ ସର୍ବେଶ୍ୱର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏକ ସୁସଂଗଠିତ ସଭାର ଆୟୋଜନ କରିଯାଇଥିଲା । ଉକ୍ତ ସଭାରେ ମାନନୀୟା ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ ନିଜର ବକ୍ତବ୍ୟରେ ବୟସ୍କ ବ୍ୟକ୍ତିମାନଙ୍କୁ ସାମାଜିକ ମୂଲ୍ୟବୋଧ, ସରକାରଙ୍କ ଯୋଜନା ଓ ଶାରୀରିକ ସୁସ୍ଥତା ସମ୍ପର୍କରେ ସଚେତନ କରିଥିଲେ । ଏହି ସଭାରେ ମାନ୍ୟବର ବିଧାୟକ,ଖଣ୍ଡପଡା ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଉପସ୍ଥିତ ରହି ବୟସ୍କ ବ୍ୟକ୍ତିମାନେ କିଭଳି ସେମାନଙ୍କର ସମ୍ମାନ ସହିତ ବଞ୍ଚିବା ସହ ନିଜେ ସୁସ୍ଥ ରହିବେ ସେ ବାବଦରେ ଉତ୍ସାହିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ରୋଜିନା ଦାସ ମଧ୍ୟ ଉପସ୍ଥିତ ରହି ସେମାନଙ୍କୁ ଉତ୍ସାହିତ କରିଥିଲେ । ସଭାରେ ଶ୍ରୀଯୁକ୍ତ ପରମାନନ୍ଦ ଦଳେଇ, ଓଓଉ ଇଟାମାଟି ମଉଭରକ୍ସ ସୁରକ୍ଷା ଓ ଶ୍ରୀଯୁକ୍ତ ଶରତ କୁମାର ସାହୁ , ରଘଂ-ଇବଭଳ ଗବଭବଶରକ୍ସ (ଝରଇଓ ଝଗଇଜଞ) ରସଭବଭମସବକ୍ଷ ଇଙ୍ଗବକ୍ସରଭରଶ୍ୱଶ୍ୱ ବିଷୟରେ ବୟସ୍କ ବ୍ୟକ୍ତିମାନଙ୍କୁ ବୁଝାଇଥିଲେ । ଏଥି ସହିତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୟସ୍କ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ବିଷୟରେ ସମ୍ୟକ ଧାରଣା ପ୍ରଦାନ କରିଥିଲେ । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଶ୍ରୀ ପ୍ରଦୀପ୍ତ କୁମାର ସେନାପତି, ବିଭିନ୍ନ ବିଭାଗର ଅଧିକାରୀ, ଗଣ ମାଧ୍ୟମର ପ୍ରତିନିଧି ଏବଂ ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ ମାନେ ଉପସ୍ଥିତ ଥିଲେ କ୍ଷ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ କାମଦେବ ନାୟକ ସଭା ସଂଚାଳନର ଦାୟିତ୍ୱ ତୁଲାଇ ଉପସ୍ଥିତ ସମସ୍ତ ସଦସ୍ୟ ଓ ସାମ୍ବାଦିକ ବନ୍ଧୁମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭାକାର୍ଯ୍ୟ ସମାପନ କରିଥିଲେ । ନୟାଗଡ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଓ ପଂଚାୟତ ସମିତିର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ଚୋରି ଅଭିଯୋଗରେ ୬ଜଣ ଅଭିଯୁକ୍ତ ଜେଲ ଗଲେ

ନିଶ୍ଚିନ୍ତକୋଇଲି ୦୨/୧୦(ଅକ୍ଷର ଓଡ଼ିଶା)–ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଂଚାୟତ ପୁବଂଶ ସେତୁ ନିର୍ମାଣ କାର୍ଯ୍ୟକରୁଥିବା ଠିକାସଂସ୍ଥାର ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତି କରି ନିଶ୍ଚିନ୍ତକୋଇଲି ଥାନା ପୋଲିସ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନଙ୍କ ଠାରୁ ପୋଲିସ ବିପୁଳ ପରିମାଣର ଚୋରି ସାମଗ୍ରୀ ଜବତ କରାଯାଇଥିବାର ଜଣାଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଲୁଣାନଦୀ ଉପରେ ପୁବଂଶ ସେତୁ ନିର୍ମାଣ କରାଯାଉଛି। ଏହି ସେତୁର ନିର୍ମାଣ କାର୍ଯ୍ୟ ନାରାୟଣ ଦାସ କନଷ୍ଟ୍ରକ୍ସନ କମ୍ପାନୀ ନେଇଛନ୍ତି। ତେବେ କମ୍ପାନୀର ଗଛିତ ଲକ୍ଷ ଲକ୍ଷଟଙ୍କା ମୂଲ୍ୟର ଲୁହାରଡ, ଏକ ଲାପଟପର କି ବୋର୍ଡ, ଷ୍ଟାଣ୍ଡ ଗ୍ୟାଙ୍କ, କୁଲର, ଏକ ବଡ ବ୍ୟାଟେରୀ, ହାଲୋଜିନ ଲାଇଟ ସମେତ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିଲା। ଏସମ୍ପର୍କରେ କମ୍ପାନୀର ମ୍ୟାନେଜର ରାକେଶ ଶତପଥି ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତି କରି ନିଶ୍ଚିନ୍ତକୋଇଲି ଥାନା ପୋଲିସ ଏହି ଚୋରି ଘଟଣାରେ କୁଳଗାଁଇଶାଳୋ ଗ୍ରାମର ଜଣେ ନାବାଳକ ସମେତ ସେହି ଗ୍ରାମର ମାନସରଞ୍ଜନ ମଳିକ, ମନମୋହନ ମଳିକ,ପ୍ରଶାନ୍ତ କୁମାର ମଳିକ,ଟୁକୁନା ମଳିକଙ୍କୁ ଗିରଫ କରିଛନ୍ତି। ତେବେ ଅଭିଯୁକ୍ତଙ୍କ ଠାରୁ ଚୋରା ସାମଗ୍ରୀ କ୍ରୟ କରିଥିବା ଜଗତପୁର ଅଂଚଳର ସ୍ୱରାଜଙ୍କୁ ଗିରଫ କରଛନ୍ତି। ଅଭିଯୁକ୍ତ ମାନଙ୍କୁ ଆଜି ପୋଲିସ କୋର୍ଟ ଚାଲାଣ କରିଛି। ସେମାନଙ୍କୁ ଠାରୁ ବହୁ ପରିମାଣର ଚୋରି ସାମଗ୍ରୀ ଉଦ୍ଧାର କରାଯାଇଛି।



ଶନିବାର ୦୩।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଆ


## ମାନବ ସେବା ହିଁ ମାଧବ ସେବା




ଭଦ୍ରକ ୦୨. ୧୦(ଅକ୍ଷର ଓଡ଼ିଶା )ମାନବ ସେବା ହିଁ ମାଧବ ସେବା.ଏହି ମହତ୍ ଉଦ୍ଦେଶ୍ୟକୁ ନେଇ ଆଜି ମଧ୍ୟ ଜନସେବା ଜାରି ରଖିଛନ୍ତି ଭଦ୍ରକର ବିଶିଷ୍ଟ ସମାଜସେବୀ ରାମଚନ୍ଦ୍ର ବେହେରା। ତାଙ୍କ ସ୍ୱର୍ଗତ ପତ୍ନୀ କିରଣବାଳା ବେହେରାଙ୍କ ଏକାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭଦ୍ରକ ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ପଞ୍ଚାୟତଠାରେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଆୟୋଜନ କରାଯାଇଥିଲା।ଏହି ଶିବିରରେ ଶତାଧିକ ଲୋକ ଯୋଗଦେଇ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନେବା ସହ ଆବଶ୍ୟକୀୟ ଔଷଧ ମଧ୍ୟ ପାଇଥିଲେ। ଏହି ମହତ୍ ପଦକ୍ଷେପ ଅଞ୍ଚଳବାସୀଙ୍କ ପାଇଁ ବେଶ୍ ସହାୟକ ହୋଇଛି।କେବଳ ସ୍ୱାସ୍ଥ୍ୟ ଶିବିର ନୁହେଁ, ଖରାଦିନେ ଜଳଛତ୍ର ଖୋଲି ତୃଷାର୍ତ୍ତ ଲୋକଙ୍କୁ ଜଳସେବା ଯୋଗାଇବା ସହ ବନ୍ୟା ଓ ବାତ୍ୟା ଭଳି ଦୁର୍ବିପାକ ସମୟରେ ଅସହାୟ ଲୋକଙ୍କୁ ଶୁଖିଲା ଖାଦ୍ୟ, ଶାଢ଼ି ଓ ଲୁଙ୍ଗି ବଣ୍ଟନ କରି ସେବା ଯୋଗାଇ ଆସୁଛନ୍ତି ରାମଚନ୍ଦ୍ର ବେହେରା।ସ୍ୱର୍ଗତ ପତ୍ନୀଙ୍କ ସ୍ମୃତିକୁ ଜନସେବା ମାଧ୍ୟମରେ ଅମର କରି ରଖିବାର ଏହି ପ୍ରୟାସକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ରାସନ ଚାଉଳ ନେଉଥିବା ବେଳେ ବୃଦ୍ଧଙ୍କର ମୃତ

ଖଣ୍ଡପଡ଼ା ୨।୧୦ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ବ୍ଲକର ଖଳିସାହି ପଞ୍ଚାୟତ ଅଧୀନ ପୁଆଣିଆ ଗ୍ରାମର ଯୁଧିଷ୍ଠିର ବରାଡ (୬୫) ଶୁକ୍ରବାର ପୂର୍ବାହ୍ନ ୧୧ ଟା ସମୟରେ ରାସନ ଚାଉଳ ନେବା ପାଇଁ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିବା ବେଳେ ସେଠାରେ ମୁଣ୍ଡ ବୁଲାଇ ହେବାରୁ ହଠାତ ସେ ଚେତାଶୂନ୍ୟ ହୋଇ ତଳେ ଖସି ପଡିଥିଲେ।ସେଠାରେ ଉପସ୍ଥିତ ଥିବା ଜନସାଧାରଣ ଓ ଖଳିସାହି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ପ୍ରଧାନ ସଙ୍ଗେ ସଙ୍ଗେ ତାଙ୍କୁ ସେଠାରୁ ଉଦ୍ଧାର କରି ଆଶୁ ଚିକିତ୍ସା ନିମନ୍ତେ ନିକଟସ୍ଥ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ।ଏଭଳି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକପ୍ରକାଶ ପାଇଥିବା ବେଳେ ବୃଦ୍ଧ ବ୍ୟକ୍ତିଙ୍କ ଆକସ୍ମିକ ବିୟୋଗରେ ପରିବାରବର୍ଗ ଭାଙ୍ଗି ପଡିଛନ୍ତି।ତେବେ ଏହି ଘଟଣା ପରେ ମୃତ୍ୟୁ ଏମିତି ବି ଆସେ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

## ରାସ୍ତା କଡ଼ରେ ଲିଭିଗଲା ଜୀବନ, ଧକ୍କା ଦେଇ ଫେରାର ଗାଡ଼ି



ରାଇଘର:୨/୧୦(ଭୁବନେଶ୍ୱର ସୁନାନୀ)ଘରୁ ବାହାରିଥିବା ଯୁବକଙ୍କ ଜୀବନ ଯେ ରାସ୍ତା ଉପରେ ଏମିତି ଅଚାନକ ଥମିଯିବ, ତାହା କିଏ ବା ଭାବିଥିଲା ! ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ୪୦ ନମ୍ବର ରାଜ୍ୟ ରାଜପଥର ବୋବଇ ନିକଟରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି।ମୃତ ଯୁବକ ନାକଟିସିମୋଡା ପଞ୍ଚାୟତ ଅନ୍ତର୍ଗତ ମାରିପାରା ଗ୍ରାମର ଲଖୋ କେଉଁଟଙ୍କ ପୁଅ ଗୋକୁଳ କେଉଁଟ ବୋଲି ଜଣାପଡ଼ିଛି। ଦୁର୍ଘଟଣାରେ ଗୋକୁଳଙ୍କ ଜୀବନଚାଲିଯାଇଥିବା ବେଳେ ତାଙ୍କ ପରିବାର ଉପରେ ଆସିଛି ଦୁଃଖର ପାହାଡ଼।ସୂଚନା ଅନୁସାରେ, ବୋବଇ ନିକଟ ରାଜ୍ୟ ରାଜପଥରେ ଗୋକୁଳ ଯାଉଥିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଧକ୍କା ପରେ ଗାଡ଼ିଟି ଘଟଣାସ୍ଥଳରେ ନରହି ଫେରାର ହୋଇଯାଇଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ରାସ୍ତା ଉପରେ ପଡ଼ିଥିବା ଗୋକୁଳଙ୍କ ଜୀବନ ରକ୍ଷା ହୋଇପାରିନଥିଲା।ଏକ ମୁହୂର୍ତ୍ତର ଦୁର୍ଘଟଣା ଛଡ଼ାଇଦେଲା ଗୋଟିଏ ପରିବାରର ହସ। ପୁଅକୁ ହରାଇ ପରିବାର ଏବେ ଭାଙ୍ଗିପଡ଼ିଥିବା ବେଳେ, ଗୋକୁଳଙ୍କ ମୃତ୍ୟୁ ପାଇଁ ଦାୟୀ ଅଜଣା ଗାଡ଼ି ଏବେ ବି ପୁଲିସ ପାଇଁ ଏକ ବଡ଼ ପ୍ରଶ୍ନ ହୋଇ ରହିଛି। ଗୋକୁଳଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଫେରାର ଗାଡ଼ିକୁ ଚିହ୍ନଟ କରି ଚାଳକଙ୍କୁ ଧରିବା ସହ ଦୁର୍ଘଟଣାର ପ୍ରକୃତ କାରଣ ସାମ୍ନାକୁ ଆଣିବା ଏବେ ଜରୁରୀ ହୋଇପଡ଼ିଛି ।

## ସ୍କାଉଟ୍ ଗାଇଡ୍ ସଂଗଠନ ଦ୍ୱାରା ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ପାଳନ

ଖୋର୍ଦ୍ଧା ୦୨/୧୦(ଅକ୍ଷର ଓଡ଼ିଶା) :ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ୍ ଓ ଗାଇଡ୍ସ୍ ଆନୁକୂଲ୍ୟରେ ଆଜି ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଗାନ୍ଧି ଏବଂ ଶାସ୍ତ୍ରୀଙ୍କର ଜୟନ୍ତୀ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଅଛି। ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରୁ ୨୧୦ଜଣ ସ୍କାଉଟ ଏବଂ ଗାଇଡ୍ ଯୋଗଦେଇଥିଲେ । ପ୍ରଥମେ ସର୍ବଧର୍ମ ପ୍ରାର୍ଥନା, ଗାନ୍ଧିଜୀଙ୍କର ପ୍ରିୟ ଗୀତ ରାମଧୂନ ଏବଂ ବୈଷ୍ଣବ ଜନତୋ ଗୀତ ଗାଇ ଏହି ଜୟନ୍ତିକୁ ପାଳନ କରିଥିଲେ। ଏହି ଅବସରରେ ସ୍କାଉଟ ଗାଇଡ୍‌ମାନଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ଏବଂ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀମାନଙ୍କୁ ଆଜିର ମୁଖ୍ୟଅତିଥି ଶ୍ରୀ ବିଜୟ କୁମାର ତ୍ରିପାଠୀ ଏବଂ ସମ୍ମାନୀତ ଅତିଥି ଭାବେ ରାଜକିଶୋର ଶର୍ମାଙ୍କ ଦ୍ୱାରା ପ୍ରମାଣପତ୍ର ସହ ଉପହାର ପ୍ରଦାନ କରାଯାଇଥିଲା ।

### ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ଗୋଷ୍ଠୀ କନ୍ଦଳ ପଦାରେ

## ବ୍ଲକ ଅଧକ୍ଷ ଓ ଜିଲ୍ଲା ସାଧାରଣ ସମ୍ପାଦକଙ୍କୁ ଅଣଦେଖା

କୁଚିଣ୍ଡା: ୨ ।୨୬ ( ଚତୁର୍ଭୁଜ ଜୟପୁରିଆ ) ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ କୁଚିଣ୍ଡା ବ୍ଲକର କୁସୁମୀଠାରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରାକୁ ନେଇ ଦଳୀୟ ଅସନ୍ତୋଷ ତୀବ୍ର ହୋଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ତଥା ଜିଲ୍ଲା ସାଧାରଣ ସମ୍ପାଦକଙ୍କ ସମେତ ବହୁ ବରିଷ୍ଠ କର୍ମକର୍ତ୍ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଅଣଦେଖା କରାଯାଇଥିବା ନେଇ ସ୍ଥାନୀୟ ରାଜନୀତି ମହଲରେ ଚର୍ଚ୍ଚା ଜୋର ଧରିଛି। ଶୁକ୍ରବାର କୁସୁମୀଠାରେ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ନବୀନ ହୋତା ଏବଂ କୃଷ୍ଣଚନ୍ଦ୍ର ଟପ୍ପୋଙ୍କ ସମେତ ଦଳର ଅନେକ ନେତୃବୃନ୍ଦ ଉପସ୍ଥିତ ଥିଲେ। ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୁଚିଣ୍ଡାର ସାଙ୍ଗଠନିକ ଦାୟିତ୍ୱ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କୁ ହସ୍ତାନ୍ତର କରିବା ପରେ, ସଂଗଠନ ସୁଦୃଢ଼ ହେବା ପରିବର୍ତ୍ତେ ଦଳୀୟ ଫାଟ ଅଧିକ ବଢ଼ିବାରେ ଲାଗିଥିବା ଦେଖିବାକୁ ମିଳିଛି। ଏହି ପଦଯାତ୍ରାରେ କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିସାନ, ପୂର୍ବତନ ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ଯୁବ ସଭାପତି ବିଜୁ ସାହୁ, ଛାତ୍ର ସଭାପତି ଅଭିଳାଷ ଅଗ୍ରୱାଲ, ବିଭିନ୍ନ ୱାର୍ଡର ସଭାପତି ତଥା ଅନେକ ଆଗଧାଡ଼ିର ସକ୍ରିୟ କର୍ମୀଙ୍କୁ କୌଣସି ଡାକରା ଦିଆଯାଇ ନ ଥିବା ଅଭିଯୋଗ ଉଠିଛି। ଫଳରେ ଦଳର ବହୁ ପୁରୁଣା ଓ ନିଷ୍ଠାପର କର୍ମୀଙ୍କ ମଧ୍ୟରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି। କୁସୁମୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରୁ ଏହା ସ୍ପଷ୍ଟ ହୋଇଛି ଯେ କୁଚିଣ୍ଡା ବିଜେଡି ଏବେ ଦୁଇଟି ମୁଖ୍ୟ ଗୋଷ୍ଠୀରେ ବିଭାଜିତ ହୋଇପଡ଼ିଛି। ପ୍ରକାଶ ଥାଉ କି, କିଛି ଦିନ ପୂର୍ବରୁ ଭୁବନେଶ୍ୱରସ୍ଥିତ ନବୀନ ନିବାସ ଗସ୍ତ ସମୟରେ ମଧ୍ୟ ସମାନ ଧରଣର ଗୋଷ୍ଠୀବାଦ ଓ ବିବାଦ ଦେଖିବାକୁ ମିଳିଥିଲା। ସେହି ଘଟଣାର ପୁନରାବୃତ୍ତି ଏବେ ବ୍ଲକ ସ୍ତରୀୟ ଜନସମ୍ପର୍କ ପଦଯାତ୍ରାରେ ଦେଖିବାକୁ ମିଳିବା ଦଳର ସାଙ୍ଗଠନିକ ଶୃଙ୍ଖଳା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଗିରଫ ଦାବିରେ ୮ରେ ଓଡ଼ିଶା ବନ୍ଦ ଡାକରା



ରାୟଗଡା ୦୨/୧୦ (କୈଳାସ ସ୍ୱାଇଁ): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ ପଲିଟିଗୁଡା ହାଟପଦା ଠାରେ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ଅକ୍ଟୋବର ୨ ରୁ ୮ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବା ନେଇ ଏହି ବୈଠକରେ ଆଲୋଚନା କରାଯାଇଛି।ବୈଠକରେ ନିଷ୍ପତ୍ତି ହୋଇଛି ଯେ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଅବିଳମ୍ବେ ବହିଷ୍କାର ଓ ଗିରଫ କରିବା, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଝଓଜ) ତୁରନ୍ତ ବନ୍ଦ କରିବା, ଭୁଲରେ ବାଦ୍ ପଡିଥିବା ଲୋକଙ୍କ ଭୋଟ ଅଧିକାର ପୁନଃ ସ୍ଥାପିତ କରିବା, ନିର୍ବାଚନ ଆୟୋଗର ସ୍ୱାଧୀନ ଓ ଗଣତାନ୍ତ୍ରିକ କାର୍ଯ୍ୟପ୍ରଣାଳୀ ପୁନଃସ୍ଥାପିତ କରିବା ଏବଂ ସୁପ୍ରିମକୋର୍ଟ ପ୍ରସ୍ତାବିତ ଚୟନ କମିଟି (ପ୍ରଧାନମନ୍ତ୍ରୀ, ବିରୋଧୀ ନେତା ଓ ପ୍ରଧାନ ବିଚାରପତି) ଦ୍ୱାରା ନିର୍ବାଚନ କମିଶନର ନିଯୁକ୍ତି ଦାବିରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଆସନ୍ତା ଅକ୍ଟୋବର ୮ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି।ଅନ୍ୟପଟେ କୋଲନରା ବ୍ଲକ କମିଟି ପକ୍ଷରୁ ସୂଚନା ଦିଆଯାଇଛି ଯେ, ପଞ୍ଜାବର ଜଳନ୍ଧର ଠାରେ ଅନୁଷ୍ଠିତ ସର୍ବଭାରତୀୟ ସମ୍ମିଳନୀରେ ମୁର୍ତ୍ତୀ ମିନିଆକାଙ୍କୁ ଅଖିଳ ଭାରତ କୃଷକ ମହାସଭା (ଇଓକଗ) ର କେନ୍ଦ୍ର କମିଟି ସଭ୍ୟ ରୂପେ ମନୋନୀତ କରାଯାଇଛି। ଏଥି ପାଇଁ ସିପିଆଇ (ଏମ୍ଏଲ୍) ଲିବରେସନ କମିଟି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।ଏହି ବୈଠକରେ ରାମଚନ୍ଦ୍ର ପ୍ରାସ୍କା, ମେଦିରି ଗରଡ଼ିଆ, ଆଚାନା ମଣ୍ଡାଗିଂ, ଅଷ୍ଟମ ଉଲକା, ତ୍ରିନାଥ ହିକକା, ଆଶ୍ରୀଗା ଅଟକା, ପ୍ରକାଶ ହିକକା, କୃଷ୍ଣ ତାଡିଙ୍ଗି, ସୁଦୁଂରୁମଣି ମିଣିଆକା, ରାଜେନ୍ଦ୍ର ମିଣିଆକା ପ୍ରମୁଖ ଉପସ୍ଥିତ ଥିଲେ।

## ଝାଲମୁଢ଼ି ଖାଇ ଝାଡ଼ାବାନ୍ତି, ୫୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

### ମାଙ୍କଡ଼ବାହାଲ ଗ୍ରାମରେ ଆତଙ୍କ, ମେଡିକାଲ ଟିମ୍‌ର ଚିକିତ୍ସା ଆରମ୍ଭ

ସୁବର୍ଣ୍ଣପୁର,୦୨/୧୦(ପବିତ୍ର ସିଂ ବରିହା) ଝାଲମୁଢ଼ି ଖାଇ ଝାଡ଼ାବାନ୍ତିରେ ୫୦ରୁ ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଥିବା ଘଟଣା ସୁବର୍ଣ୍ଣପୁର ଜିଲ୍ଲାର ମାଙ୍କଡ଼ବାହାଲ ଗ୍ରାମରେ ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ଗ୍ରାମରେ ଆତଙ୍କ ଖେଳିଯାଇଛି।ସୂଚନା ଅନୁସାରେ, ଗତକାଲି ଅପରାହ୍ନରେ ବଦଳି ଗ୍ରାମର ଜଣେ ବ୍ୟକ୍ତି ମାଙ୍କଡ଼ବାହାଲ ଗ୍ରାମକୁ ଝାଲମୁଢ଼ି ବିକ୍ରି କରିବାକୁ ଯାଇଥିଲେ। ଗ୍ରାମବାସୀ ତାଙ୍କଠାରୁ ଝାଲମୁଢ଼ି କିଣି ଖାଇଥିଲେ। ତେବେ ରାତିରେ ଅନେକଙ୍କର ଝାଡ଼ାବାନ୍ତି ହେବାରୁ ସେମାନଙ୍କୁ ତୁରନ୍ତ ଉଲୁଣ୍ଡା ଡାକ୍ତରଖାନାକୁ ନିଆଯାଇଥିଲା।ଆଜି ମଧ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ କେତେକ ବ୍ୟକ୍ତି ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।



ଖବର ପାଇ ଏକ ମେଡିକାଲ ଟିମ୍ ମାଙ୍କଡ଼ବାହାଲ ଗ୍ରାମରେ ପହଞ୍ଚି ଚିକିତ୍ସା ଓ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଥିବା ଜଣାପଡ଼ିଛି।ଖାଦ୍ୟ ଖାଇବା ପରେ ଏଭଳି ଭାବେ ଏକାଧିକ ଲୋକ ଅସୁସ୍ଥ ହୋଇପଡ଼ିଥିବାରୁ ଘଟଣାର କାରଣ ଜାଣିବା ସହ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି।

## ଖରିଆର ରାଇଜିଙ୍ଗ କ୍ଲବ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ

ନୂଆପଡା ୦୨/୧୦(ଅକ୍ଷର ଓଡ଼ିଶା): ନୂଆପଡା ଜିଲ୍ଲା ଖରିଆର ବ୍ଲକ ସ୍ଥିତ ବାଦି କେନ୍ଦ୍ରୀୟ ବିଦ୍ୟାଳୟ ରେ ସମାଜସେବୀ ବାରିଦ କୁମାର ସୁନା ଙ୍କ ନେତୃତ୍ୱ ରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଶ୍ରୀ ସୁନା ଏବଂ ରାଇଜିଙ୍ଗ ଖରିଆର କମିଟି ର ସମସ୍ତ କାର୍ଯ୍ୟ କର୍ତ୍ତା ଙ୍କ ସାହାଯ୍ୟ ରେ ଶିବିର ସୁନ୍ଦର ଭାବରେ ସମାପନ ହୋଇଥିଲା , ଉକ୍ତ ମେଗା ରକ୍ତଦାନ ଶିବିର ରେ ବିଜେପି ରାଜ୍ୟସଭା ସାଂସଦ ଶ୍ରୀଯୁକ୍ତ ସୁଜିତ କୁମାର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ କ୍ଷ ଖଡ଼ିଆଳ ଆମ୍ବେଦକର ଛକ ଠାରୁ କେନ୍ଦ୍ରୀୟ ବିଦ୍ୟାଳୟ ପର୍ଯ୍ୟନ୍ତ ସାଂସଦ ଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା କ୍ଷ ଏହି ଶିବିରରେ ପୂର୍ବତନ ବିଜେପି ବିଧାୟକ ହିତେଶ କୁମାର ବଗର୍ତି, ଖଡ଼ିଆଳ ଏନଏସି ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା, ଜିଲ୍ଲା ସଭାପତି କମଲେଶ ଦୀକ୍ଷିତ, କାଉଁନଶିଳର ଶ୍ରୀମତୀ ଶୁଚିସ୍ମିତା ମହାରଣା, ଲକ୍ଷ୍ମଣ ଦୁରିଆ,



ଚନ୍ଦନ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ପୁଷ୍ପାଞ୍ଜଳି ପାଣ୍ଡେ, ବାଦୀ ସରପଞ୍ଚ ଶ୍ରୀମତୀ ମିନା ଜାଲ ଓ ପିପୁଲ ହୋପ ଫାଉଣ୍ଡେସନ ରୁ ଶୁଭମ ତାଣ୍ଡି ସହଯୋଗ କରିଥିଲେ ଏବଂ ସମସ୍ତ ବିଜେପି କର୍ମକର୍ତା ଉପସ୍ଥିତ ଥିଲେ କ୍ଷ ଏହି ରକ୍ତଦାନ ଶିବିରରେ ୬୦) ଷାଠିଏ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା କ୍ଷ ରାଇଜିଙ୍ଗ କ୍ଲବ ସଭାପତି ଶ୍ରୀ ବାରିଦ କୁମାର ରାଜ୍ୟସଭା ସାଂସଦ ସୁଜିତ କୁମାର ଙ୍କୁ ଖଡ଼ିଆଳ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଅବଗତ କରାଇବାସହ ଖଡ଼ିଆଳ ରେ ଏକ ରକ୍ତ ଭଣ୍ଡାରର ଅତି ଜରୁରୀ ବୋଲି ଜଣାଇବା ସହ ଖଡ଼ିଆଳ ଅଞ୍ଚଳକୁ ରେଳଲାଇନ ର ବ୍ୟବସ୍ଥା କିପରି ଭାବରେ ହୋଇପାରିବ ଏବଂ ତ୍ୱରାନ୍ୱିତ କିପରି ସଂଯୋଗ ହୋଇପାରିବ ତାର ପ୍ରସ୍ତାବ ଦେବାସହ ଏକ ଲେଖା ମାଧ୍ୟମରେ ଜଣେଇଛନ୍ତି କ୍ଷ ରାଇଜିଙ୍ଗ ଖରିଆର ର ସମସ୍ତ ସଦସ୍ୟ, ଲିଙ୍ଗରାଜ ତାଣ୍ଡି, ଜୟନ୍ତ ଦୁରିଆ , ମଦନ ବାଗ, ସତ୍ୟନାରାୟଣ ବାଗ, ରମେଶ ଦୁରିଆ, ପରମେଶ୍ୱର ହଂସ, ଜିତେନ୍ ବାଗ, ବରୁଣ ତାଣ୍ଡି, ପିଣ୍ଟୁ ପଟେଇ, ଚନ୍ଦନ ଯାଦବ, ବିନୟ ସାଗରିଆ, ଅରିୟାନ ଚୂହାନ, ଗଗନ ପଟେଲ ସମସ୍ତ କାର୍ଯ୍ୟ କର୍ତା ଉପସ୍ଥିତ ରହିଥିଲେ ।

## ମାଝୀପଡାରେ ଆନ୍ତର୍ଜାତୀୟ ଅହିଂସା ଦିବସ ପାଳିତ

ବଲାଙ୍ଗିର ୦୨/୧୦(ଦେବେନ୍ଦ୍ର ପୋଡ଼୍) ତୁରେକେଲା ବ୍ଲକ ଅନ୍ତର୍ଗତ ଖୋହଲଗୋଟି ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଇଥିଲା।ଏହି ଅବସରରେ ଚଟୁଅନକା ଗ୍ରାମ ପଞ୍ଚାୟତର ମାଝୀପଡା ପ୍ରାଥମିକ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଅହିଂସା ଦିବସ ପାଳନ କରାଯାଇଥିଲା।ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ହିଆଲ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ଥମିର ଛତ୍ରିଆ ମୁଖ୍ୟ ବକ୍ତା, ସମାଜସେବୀ ସହଦ୍ଦେ ମାଝୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।ଶିକ୍ଷକ କିଶୋର ବରିହା ସ୍ୱାଗତ ଅଭିଭାଷଣ ଦେଇଥିଲେ।ଶିଶୁ ସେବିକା ତୀରବତି ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।ସର୍ବ ପ୍ରଥମେ ମହାତ୍ମାଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ଧୂପଦୀପ ପ୍ରଦାନ କରାଯାଇଥିଲା।ଗାନ୍ଧୀଙ୍କ ଅହିଂସା ଓ ଶାସ୍ତ୍ରୀଙ୍କ ତ୍ୟାଗ ଗୁଣକୁ ଛାତ୍ରଛାତ୍ରୀ ଆପଣେଇବା ସହିତ ନିଶାମୁକ୍ତ କରିପାରିଲେ ଆମ ଦେଶ ଏକ ଆଦର୍ଶ ଦେଶରେ ପରିଣତ ହୋଇ ପାରିବ ବୋଲି ଅତିଥି ମାନେ ମତ ଦେଇଥିଲେ।ଦିନଟିକୁ ସ୍ମରଣୀୟ କରିବା ପାଇଁ ଛାତ୍ରୀମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ।ତାପରେ ବିଦ୍ୟାଳୟ ସ୍ତରରେ ସୁରଭି



ପାଇଁ ହୋଇଥିବା ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।ତାପରେ ଶ୍ରୀ ଦାଶଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅତିଥି ମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା।ସକାଳୁ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରାମଧୁନ ଗାଇ ଗ୍ରାମ ପରିକ୍ରମା କରାଯାଇଥିଲା।ଶେଷରେ ମିଷ୍ଟାନ୍ନ ଓ ମଧ୍ୟାହ୍ନ ଭୋଜନ ଦିଆଯାଇଥିଲା ।ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପପି ଦାସ,କୁନ୍ତି ମାଝୀ,ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ଉତ୍ସାହ ଓ ମହକ' ଅନୁଷ୍ଠିତ



ଛତ୍ରପୁର, ୦୨/୧୦(ଅକ୍ଷର ଓଡ଼ିଶା): ଛତ୍ରପୁର ସଂସ୍କୃତି ଭବନଠାରେ ଗଞ୍ଜାମ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ଉତ୍ସାହ ଓ ମହକ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କ ମଧ୍ୟରେ ଲୁକାୟିତ ପ୍ରତିଭାର ବିକାଶ ଓ ସୃଜନଶୀଳତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ମହୋତ୍ସବ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ଦାସ, ଶିଶୁ ମଙ୍ଗଳ ସମିତିର ସଦସ୍ୟ ହରିହର ପାଢ଼ୀ, ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ଅଲେଖ ପ୍ରଧାନ, ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ଡି. ନାଗରତମ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ।ଛତ୍ରପୁର ଖେଳ ପଡ଼ିଆରେ ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ଫୁଟବଲ, ଚେସ୍ ଓ କ୍ୟାରମ୍ ଭଳି କ୍ରୀଡ଼ା ପ୍ରତିଯୋଗିତା ହୋଇଥିବା ବେଳେ ସଂସ୍କୃତି ଭବନରେ ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ ଓ ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଏଥିରେ ଶ୍ରଦ୍ଧା ସଞ୍ଜୀବନୀ, ଉତ୍କଳ ବାଳାଶ୍ରମ, ଦିବ୍ୟ ଜୀବନ ସଂଘ, ବାହିନୀପତି, ଚିକିଟି ଓ ବାଲ୍ମୀକେଶ୍ୱର ଶିଶୁ ଯତ୍ନ ଅନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ।କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଶରତ ମହାରଣା, ସୁଶାନ୍ତ ସାହୁ, ସୁଦାମ ପାଣିଗ୍ରାହୀ, ସୁଜିତ ସାହୁ, ବିନମୟ କୁମାର ସାହୁ, ସୁବ୍ରତ କୁମାର ମହାନ୍ତି, ଶିବ ପ୍ରସାଦ ରଥ, କାମେଶ୍ୱର ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

## ଖୁଦୁରୁକୁଣୀ ଉପଲକ୍ଷେ ପୌରାଣିକ ନାଟକ 'ରାବଣ ବଧ 'ମଞ୍ଚସ୍ଥ

ବୋଲଗଡ଼ ୦୨/୧୦(ଅକ୍ଷର ଓଡ଼ିଶା) ବୋଲଗଡ଼ ବ୍ଲକ ବଡ଼କୁମାରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିଲଖାଉରୁଣୀ ଗ୍ରାମସ୍ଥିତ ମା 'ଖୁଦୁରୁକୁଣୀ ଓଷା ପୂଜା କମିଟି ଆନୁକୂଲ୍ୟରେ ଗୁରୁବାର ବାର ରାତିରେ ପୂଜା କମିଟି ସଭାପତି ମିତାଲି ପରିଡାଙ୍କ ଆବାହକତ୍ୱରେ ପୌରାଣିକ ନାଟକ 'ରାବଣ ବଧ 'ମଞ୍ଚସ୍ଥ ହୋଇଯାଇଅଛି !ଏହି କାର୍ଯ୍ୟକ୍ରମରେ ପାଞ୍ଚଗଡ଼ ଯୁବ ମୋର୍ଚ୍ଚା ସଭାପତି ରଞ୍ଜନ ପରିଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲ୍ଲା ବିଜେପି ଉପସଭାପତି ବାସୁଦେବ ସାହୁ ଓ ସମ୍ମାନିତ ଅତିଥିଭାବେ ବିଲ ଖାଉରୁଣୀ ଗ୍ରାମ୍ୟ କମିଟିର ସଦସ୍ୟ ମାଟିଆ ପ୍ରଧାନ, ଚିନ୍ତାମଣି ପ୍ରଧାନ, ଦିଗ ବିଜୟ ବେହେରା, ବ୍ରହ୍ମଚାରୀ ପରିଡା ଓ ନାରାୟଣ ଦାସ ପ୍ରମୁଖ ଯୋଗଦେଇ ଶ୍ରୀରାମଙ୍କ ଫୋଟୋ ଚିତ୍ରରେ ଫୁଲ, ଚନ୍ଦନ ଓ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭ ଉଦଘାଟନ କରିଥିଲେ ! ଏହି ନାଟକ ଉତ୍ସବ କାର୍ଯ୍ୟକ୍ରମକୁ ସଞ୍ଜୟ ଯାଦବ ଅତିଥିମାନଙ୍କର ପରିଚୟ ପ୍ରଦାନ କରି ମଞ୍ଚ ପରିଚାଳନା କରିଥିଲେ ! ଏହି କାର୍ଯ୍ୟକ୍ରମକୁ



ମା 'ଖୁଦୁରୁକୁଣୀ ଓଷା କମିଟିର ସମ୍ପାଦିକା କୁମୁଦିନୀ ବେହେରା, ଉପଦେଷ୍ଟା ଲକ୍ଷ୍ମୀପ୍ରିୟା ପରିଡା, ଚଞ୍ଚଳା ସାମନ୍ତରାୟ, ସୀତା ବେହେରା ମାମୁନି ବେହେରା ଓ ମାଧବ ପରିଡା ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ ! ରଣପୁର ଯାତ୍ରା ବର୍ଷାରାଣୀ ନାଟ୍ୟ ସାଂସଦ ତରଫରୁ ପୌରାଣିକ ନାଟକ' ରାବଣ ବଧ ମଞ୍ଚସ୍ଥ ନାଟକ ଶତାଧିକ ଦର୍ଶକମାନଙ୍କ ମନମୋହିଥିଲା ! ଏହି ପୌରାଣିକ 'ରାବଣ ବଧ ' ମଞ୍ଚ ନାଟକର ସୀତାଙ୍କ ଚିତାକର୍ଷକ ଅଭିନୟ ସକାଳ ପର୍ଯ୍ୟନ୍ତ ଶତାଧିକ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା !

## ମଦ ବିକ୍ରିକୁ ବିରୋଧ କରିବାରୁ ଆକ୍ରମଣ ମାମଲା, ୫ ଗିରଫ

କବିସୂର୍ଯ୍ୟନଗର, ୨/୯ (ବିବେକାନନ୍ଦ ସାହୁ):ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗଙ୍ଗାପୁର ଗ୍ରାମରେ ବେଆଇନ ମଦ ବିକ୍ରିକୁ ବିରୋଧ କରିବାରୁ ତିନି ଜଣ ଯୁବକଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫ ୫ ଜଣଙ୍କ ମଧ୍ୟରେ ଜଣେ ନାବାଳକ ଥିବା ସୂଚନା ମିଳିଛି।ଘଟଣାକୁ ନେଇ ଆକ୍ରମଣର ଶିକାର ଯୁବକମାନେ କବିସୂର୍ଯ୍ୟନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପରେ ପୁରୁଷୋତ୍ତମପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁଜିତ କୁମାର ନାୟକ ଗଙ୍ଗାପୁର ଗ୍ରାମକୁ ଯାଇ ପୀଡ଼ିତ ପରିବାର ସହ ଆଲୋଚନା କରିଥିଲେ।ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ ପାଇଁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପରେ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ



ସ୍ଥାନରେ ଚଢ଼ାଉ କରିଥିଲା। ଏଥିରେ ଗଙ୍ଗାପୁରର ଦୀପକ ଗୌଡ଼ (୨୩), ଅମର ଗୌଡ଼ (୨୦), ଜଣେ ନାବାଳକ ଏବଂ ଆସିକା ଅଞ୍ଚଳର ଏ. ଜନ (୨୦) ଓ ସୂର୍ଯ୍ୟ ଘଡ଼େଇ (୨୧)ଙ୍କୁ ଧରାଯାଇଛି।ପୋଲିସ ସୂଚନା ଅନୁସାରେ, ସମସ୍ତଙ୍କୁ କେସ୍ ନମ୍ବର ୬୮୪/୨୬ ରେ ଗିରଫ କରାଯାଇଛି। ନାବାଳକଙ୍କୁ ଛାଡ଼ି ଅନ୍ୟ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

## ଜାତୀୟ ଉଦ୍ୟାନ ଭିତରକନିକା ପରିସରରେ ୭୨ ତମ ବନ୍ୟପ୍ରାଣୀ ସପ୍ତାହ ଦିବସ ପାଳନ

ରାଜନଗର, ୦୨/୧୦(ଅକ୍ଷର ଓଡ଼ିଶା)ଏହି ଦିବସରେ ରାଜନଗର ଡିଏଫଓ ଭରତ ରାଜ ଗାଓଁକର ଙ୍କ ଅଧକ୍ଷତାରେ ଭିତରକନିକା ପରିସରରେ ଏକ ସଭା ଆୟୋଜନ ହୋଇଥିଲା ଯେଉଁ ସଭାରେ ଜିଲ୍ଲାପାଳ ରଘୁରାମ ଆର ଆୟର ଓ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ସାମିଲ ହୋଇଥିଲେ। ଜିଲ୍ଲା ପ୍ରଶାସନର ମିଳିତ ଯୋଜନାରେ ଆଗାମୀ ଭବିଷ୍ୟତ ପାଇଁ ତଥା ପରିବେଶ ସନ୍ତୁଳନ ନିମନ୍ତେ ରାଜନଗର ଲୁଣା ଅଞ୍ଚଳରେ ଲୁଣା ଜଙ୍ଗଲ ବୃଦ୍ଧି କରିବା ଓ ବନ୍ୟପ୍ରାଣୀ ସୁରକ୍ଷା ଏବଂ ବନ୍ୟପ୍ରାଣୀ ଙ୍କ ସହିତ ମନୁଷ୍ୟ ମାନଙ୍କର ସକାରାତ୍ମକ ସମ୍ପର୍କକୁ ନେଇ ବିସଦ ଆଲୋଚନା ହୋଇଥିଲା, କିପରି ବନ୍ୟଜନ୍ତୁ ଓ ଲୁଣା ଜଙ୍ଗଲ ପରିବେଶ ଓ ମଣିଷ ପାଇଁ ଅତ୍ୟନ୍ତ ଜରୁରୀ ତାହା ଉପରେ ଜିଲ୍ଲାପାଳ ରଘୁରାମ ଆର ଆୟର ବିସ୍ତୃତ ଭାବରେ ଉପସ୍ଥିତ ଲୋକଙ୍କ ଆଲୋଚନା କରିଥିଲେ। ଅନ୍ୟ ପଟେ ବନ୍ୟପ୍ରାଣୀ ଓ ମଣିଷ ମାନଙ୍କ ମଧ୍ୟରେ ହେଉଥିବା ସଂଘର୍ଷ ଉପରେ ବିଦ୍ୟାଳୟର




ଛାତ୍ର ଛାତ୍ରୀ ପ୍ରକଳ୍ପ ତିଆରି ଲୋକଙ୍କ ସଚେତନତାର ବାର୍ତ୍ତା ଦେଇଛନ୍ତି।

## କୈବଲ୍ୟ ସାହିତ୍ୟ ସଂସଦର ବିକଶିତ ଭାରତ ମହୋତ୍ସବ

କଟକ ୦୨/୧୦(ଅକ୍ଷର ଓଡ଼ିଶା) ପବିତ୍ର ଗାନ୍ଧୀଜୟନ୍ତୀ ଏବଂ ଶାସ୍ତ୍ରୀ ଜୟନ୍ତୀ ଅବସରରେ କୈବଲ୍ୟ ସାହିତ୍ୟ ସଂସଦର ୧୧୪ ତମ ବିକଶିତ ଭାରତ ମହୋତ୍ସବ ନେତାଜୀ ପବ୍ଲିକ ସ୍କୁଲ, ଉଗରପଡା ଠାରେ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଅତିଥିବୃନ୍ଦ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଶାନ୍ତି ଦୂତ ଲାଲ ବାହାଦୁର ଶାସ୍ତ୍ରୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଶ୍ରୀ ଲଲାଟେନ୍ଦୁ ବଡୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ , ଭାରତୀୟ ଜନତା ପାର୍ଟି ଉଦ୍ ଘାଟନ କରି ବିକଶିତ ଭାରତ ଗଠନରେ ଯୁବ ଏବଂ ଛାତ୍ର ସମାଜର ଭୂମିକାକୁ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ମୁଖ୍ୟ ଅତିଥି ନିଧି କୁମାର ରାଉତରାୟ, ପ୍ରାକ୍ତନ ସ୍ୱତନ୍ତ୍ର ଶାସନ ସଚିବ , ଅର୍ଥ ବିଭାଗ ଜାତିସଂଘ ଏବଂ ଭାରତୀୟ ଅର୍ଥ କମିଶନଙ୍କ ସଦ୍ୟ ଆକଳନ ତଥ୍ୟକୁ ବ୍ୟାଖ୍ୟା କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ଡ଼କ୍ଟର ସଂଗ୍ରାମ କେଶରୀ ସାମନ୍ତରାୟ ସଭାପତିତ୍ୱ କରି ବିକଶିତ ଭାରତ ଗଠନରେ ଛାତ୍ର ସମାଜ, ମହିଳା ସମାଜ, କୃଷକ ସମାଜ ଏବଂ ଶ୍ରମିକ ସମାଜର ସାମଗ୍ରିକ ଆର୍ଥିକ, ସାମାଜିକ ଏବଂ ଆଧାତ୍ମିକ ଚେତନା ବିକାଶ ଉପରେ ନିର୍ଭର କରେ ବୋଲି ତଥ୍ୟ ଭିତ୍ତିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ବକ୍ତା ଡ଼କ୍ଟର ବୈଜୟନ୍ତୀ ମିଶ୍ର ମହାତ୍ମା ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଜୀବନ ଦର୍ଶନ ବିକଶିତ ଭାରତ ଗଠନର ଆୟୁଧ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଡ଼କ୍ଟର ଦିଲୀପ ସେନାପତି ,ଡ଼କ୍ଟର ଭାବଗ୍ରାହୀ ରାଉତ ,ଲଳିତେନ୍ଦୁ ପଲାଉରି ଡଃ ଧର୍ମଛଡା ,ଡଃ ତୋଫାନ ଜେନା ,ଡା ଆଲୋକ କୁମାର ସାହୁ,କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି , ଅଧ୍ୟାପକ ଅଶୋକ କୁମାର ପଣ୍ଡା ,ଶ୍ରୀମତୀ କବିତା ନାୟକଓ ଚୈତନ୍ୟ ରାଉତ ଯୋଗଦାନ କରି ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ଗଠନରେ ସମାଜର ଦାୟିତ୍ୱବୋଧ ବିଷୟରେ ବିବରଣୀ ପ୍ରଦାନ କରିଥିଲେ ।

# ଆଜି ଭାରତ-ପାକିସ୍ତାନ ସ୍ୱର୍ଣ୍ଣ ଲଢ଼େଇ

ନିଶିନ, ୦୨/୧୦: ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ଶନିବାର ଚଳିତ ଏସୀୟ କ୍ରୀଡ଼ା ପୁରୁଷ କ୍ରିକେଟ୍ ଫାଇନାଲ୍‌ରେ ମୁହାଁମୁହିଁ ହେବେ। ଗତ ସଂସ୍କରଣ ବିଜେତା ଭାରତ ସେମିଫାଇନାଲ୍‌ରେ ଶ୍ରୀଲଙ୍କାକୁ ହରାଇ ଏଠାରେ ପହଞ୍ଚି। ସେହିପରି ବାଂଲାଦେଶକୁ ହରାଇ ପାକିସ୍ତାନ ସ୍ୱର୍ଣ୍ଣ ମୁକାବିଲାରେ ଅବତୀର୍ଣ୍ଣ ହୋଇଛି। ଉଭୟ ଦଳ ସିଧାସଳଖ କ୍ୱାର୍ଟରଫାଇନାଲ୍‌କୁ ଯୋଗ୍ୟତା କରିଥିଲେ। ୪ଟି ଯାକ କ୍ୱାର୍ଟରଫାଇନାଲ୍ ବର୍ଷା ଯୋଗୁଁ ବାତିଲ ହୋଇଯିବାରୁ ଉଭୟ ସେମିଫାଇନାଲ୍‌ରେ ସହଜରେ ପହଞ୍ଚିଥିଲେ। ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ୍ ବର୍ଷା ଓ ଓଦା ପଡ଼ିଆ ଯୋଗୁଁ ୧୩ ଓଭରିଆ ଖେଳାଯାଇଥିଲା। ବାଂଲାଦେଶକୁ ୧୧୧/୭ରେ ଅଟକାଇବା ପରେ ସାହିବଜାଦା ଫର୍‌ହାନଙ୍କ ନେତୃତ୍ୱାଧୀନ ପାକିସ୍ତାନ ୧୧.୩ ଓଭରରେ ୪ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ଅନ୍ୟପକ୍ଷରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ଈଶାନ କିଶନଙ୍କ ଅପରାଜିତ ୮୦ (୪୬ ବଲ୍) ରନ୍ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୧୬୯/୭ କରିଥିଲା। ବୈଭବ ସୂର୍ଯ୍ୟବଂଶୀ ୩୮ ରନ୍ କରିଥିଲେ। ଏହାପରେ ଭାରତୀୟ ବୋଲରଙ୍କ ଚମକ ଯୋଗୁଁ ଶ୍ରୀଲଙ୍କା ପାୱାରପ୍ଲେ ଭିତରେ




## ଭାରତର ରେକର୍ଡ ଭଲ ରହିଛି

୩୩/୬ରେ ସଂଘର୍ଷ କରିଥିଲା ବେଳେ ଶେଷରେ ୪୫ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ଶ୍ରେୟସ ଆୟରଙ୍କ ଦଳ ୧୨୪ ରନ୍‌ରେ ବଡ଼ ବିଜୟ ହାସଲ କରିଥିଲା। ଟ୍ୱେଣ୍ଟି-୨୦ରେ ପାକିସ୍ତାନ ବିପକ୍ଷରେ ଭାରତର ରେକର୍ଡ ଭଲ ରହିଛି। ଉଭୟ ଦଳ ୧୭ ଥର ମୁହାଁମୁହିଁ ହୋଇଥିଲା ବେଳେ ଭାରତ ୧୪ଟି ଜିତିଥିଲା ବେଳେ ପାକିସ୍ତାନ କେବଳ ୩ଟି ଜିତିଛି। ଗତ ୬ ମ୍ୟାଚ୍‌ରେ ବି ଭାରତକୁ ପାକିସ୍ତାନ ହରାଇ ପାରିନି। ଶେଷ ଥର ଲାଗି ଉଭୟ ଦଳ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ମୁହାଁମୁହିଁ ହୋଇଥିଲା ବେଳେ ଈଶାନଙ୍କ ୭୭ ରନ୍ ବଳରେ ଭାରତ ସହଜରେ ମ୍ୟାଚ୍ ଜିତି ନେଇଥିଲା। ଉଭୟ ଦଳ ଶନିବାର ଫାଇନାଲ୍‌ରେ ପୂର୍ବ ଚୂଡ଼ାନ୍ତ ଏକାଦଶରେ ପରିବର୍ତ୍ତନ କରିବାର ସମ୍ଭାବନା କମ୍ ରହିଛି। ଫାଇନାଲ୍ ମ୍ୟାଚ୍ ପୂର୍ବରୁ କାଂସ୍ୟ ମୁକାବିଲାରେ ଶ୍ରୀଲଙ୍କା ଓ ବାଂଲାଦେଶ ମୁହାଁମୁହିଁ ହେବେ।

### ଫାଇନାଲ୍ ମ୍ୟାଚ୍ ବାତିଲ ହେଲେ କ'ଣ ହେବ ?

ଗତ ସଂସ୍କରଣ ଭଳି ସ୍ୱର୍ଣ୍ଣ ପଦକ ମୁକାବିଲା ବାତିଲ ହେଲେ ଉନ୍ନତ ମାନ୍ୟତା ଦଳକୁ ସ୍ୱର୍ଣ୍ଣ ଦେବାର ନିୟମ ଏଥର ନାହିଁ। ଗତ ସଂସ୍କରଣରେ ଭାରତ-ଆଫଗାନିସ୍ତାନ ଫାଇନାଲ୍ ମ୍ୟାଚ୍ ବାତିଲ ହେବାରୁ ଭାରତ ଉଚ୍ଚ ମାନ୍ୟତାରେ ଥିବାରୁ ସ୍ୱର୍ଣ୍ଣ ପାଇଥିଲା। ହେଲେ ଏଥର ଯଦି ବର୍ଷା ଯୋଗୁଁ ସ୍ୱର୍ଣ୍ଣ ପଦକ ମ୍ୟାଚ୍ ସମ୍ପୂର୍ଣ୍ଣ ବାତିଲ ହୁଏ ତେବେ ଉଭୟ ଦଳ ମିଳିତ ଭାବେ ସ୍ୱର୍ଣ୍ଣ ପଦକ ପାଇବେ। ମ୍ୟାଚ୍ ଯଦି ଖେଳାଯିବା ସମ୍ଭବ ହେବନି ଶେଷରେ ବିଜେତା ନିର୍ଦ୍ଧାରଣ ପାଇଁ 'ସୁପର ଓଭର୍' ଖେଳାଯିବ। ଏହା ଯଦି ସମ୍ଭବ ନ ହେବ ତେବେ ଉଭୟ ଦଳ ସ୍ୱର୍ଣ୍ଣ ପାଇବେ।

### ପାଣିପାଗ ପୂର୍ବାନୁମାନ

ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ନିଦ୍ଧାରଣ ପାଇଁ ନିଶିନର ପାଣିପାଗ ଅନୁକୂଳ ରହିବାର ସମ୍ଭାବନା ରହିଛି। ଶନିବାର ବର୍ଷା ହେବାର ସମ୍ଭାବନା ମାତ୍ର ୧ ପ୍ରତିଶତ ରହିଥିଲା ବେଳେ ତାପମାତ୍ରା ୧୬ ରୁ ୨୭ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବ ବୋଲି ସେଠାକାର ପାଣିପାଗ ପକ୍ଷରୁ ସୂଚନା ମିଳିଛି।

### ସମ୍ଭାବ୍ୟ ଭାରତୀୟ ଦଳ

ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ସଞ୍ଜୁ ସାମ୍‌ସନ (ୱିକେଟ୍‌କିପର), ଈଶାନ କିଶନ, ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା, ଶିବମ ଦୁବେ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ଯଶପ୍ରୀତ ବୁମ୍ରା।

### ସମ୍ଭାବ୍ୟ ପାକିସ୍ତାନ ଦଳ

ସାହିବଜାଦା ଫର୍‌ହାନ (ଅଧିନାୟକ), ମାଜ ସାଦକତ୍, ଉସ୍ମାନ ଖାନ (ୱିକେଟ୍‌କିପର), ସୌମ ଆୟୁବ, ହାସନ ନୱାଜ, ଅବଦୁଲ ସାମଦ, ଅରାଫତ ମିନ୍‌ହାସ, ଅହମଦ ଡାନିୟଲ, ମହମ୍ମଦ ୱାସିମ, ସୁଫିୟାଁ ମୋକିମ, ଆବ୍ରାର ଅହମଦ।

### ୧୨ ବର୍ଷ ପ୍ରତୀକ୍ଷାର ଅନ୍ତ

## ମୁଷ୍ଟିଯୁଦ୍ଧରେ ସ୍ୱର୍ଣ୍ଣ ଜିତିଲେ ବାର୍ଥଡେ ଗର୍ଲ ଲଭ୍‌ଲୀନା

ଆଇଚି, ୦୨/୧୦ : ଏସୀୟ କ୍ରୀଡ଼ା ମୁଷ୍ଟିଯୁଦ୍ଧରେ ଭାରତର ୧୨ ବର୍ଷର ସ୍ୱର୍ଣ୍ଣ ପ୍ରତୀକ୍ଷାର ଅନ୍ତ ଘଟାଇଛନ୍ତି ଟୋକିଓ ଅଲିମ୍ପିକ୍ସ ପଦକ ବିଜୟିନୀ ଲଭ୍‌ଲୀନା ବଡ଼ଗୋହାଇଁ। ଶୁକ୍ରବାର ମହିଳା ୭୫ କିଲୋଗ୍ରାମ୍ ଫାଇନାଲ୍‌ରେ ଗତ ସଂସ୍କରଣ ରୌପ୍ୟ ବିଜୟିନୀ ଲଭ୍‌ଲୀନା ୫-୦ରେ ଚୀନ୍‌ର ଲି କ୍ୱିଆନ୍‌ଙ୍କୁ ହରାଇ ନିଜ ଏସୀୟ କ୍ରୀଡ଼ା ପଦକର ରଙ୍ଗ ବଦଳାଇବାକୁ ସକ୍ଷମ ହେବା ସହ ନିଜ ଜନ୍ମଦିନ (ଅକ୍ଟୋବର ୨)କୁ ସ୍ମରଣୀୟ କରିଛନ୍ତି। ଏଥିସହ ଆଜି ୨୯ ବର୍ଷରେ ପାଦ ଦେଇଥିବା ଲଭ୍‌ଲୀନା ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିବାରେ କିମ୍ବଦନ୍ତି ଏମ୍‌ସି ମେରିକମ୍‌ଙ୍କ ପରେ ଦ୍ୱିତୀୟ ଭାରତୀୟ ମହିଳା ମୁଷ୍ଟିଯୋଦ୍ଧା ହୋଇଛନ୍ତି। ମେରିକମ୍ ୨୦୧୪ ଇଞ୍ଚେନ୍‌ରେ ଫ୍ଲାଏୱେଟ୍ (୫୧ କିଲୋଗ୍ରାମ)ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଚଳିତ ଏସୀୟ କ୍ରୀଡ଼ାରେ ଭାରତ ଏପର୍ଯ୍ୟନ୍ତ ଗୋଟିଏ ସ୍ୱର୍ଣ୍ଣ ଏବଂ ୩ କାଂସ୍ୟ ସହ ମୋଟ ୪ ପଦକ ଜିତି ସାରିଲାଣି। ଆଉ ଦୁଇ ଜଣ ପ୍ରବୀଣ ହୁଦା (ମହିଳା ୬୦ କିଲୋଗ୍ରାମ) ଓ ଅଙ୍କୁଶ ପଙ୍ଘଲ (ପୁରୁଷ ୮୦ କିଲୋଗ୍ରାମ୍) ଫାଇନାଲ୍‌ରେ ପହଞ୍ଚିଥିବାରୁ ଅତିକମ୍‌ରେ ୨ ରୌପ୍ୟ ନିଶ୍ଚିତ ରହିଛି। ୩ କାଂସ୍ୟ ପଦକ ମହିଳାରେ ପ୍ରିୟା ଘାଙ୍ଘାସ (୬୦ କିଲୋଗ୍ରାମ୍), ପୁରୁଷରେ କପିଳ ପୋଖରିୟା (୯୦ କିଲୋଗ୍ରାମ୍) ଓ ନରେନ୍ଦର ବେରୱାଲ (୯୦+ କିଲୋଗ୍ରାମ୍) ଜିତିଛନ୍ତି।

# ଭାରତୀୟ ରିକର୍ଭ ମହିଳା ଦଳକୁ ସ୍ୱର୍ଣ୍ଣ, ମିଶ୍ରିତରେ ରୌପ୍ୟ

ନାଗୋୟା, ୦୨/୧୦ : ଭାରତୀୟ ରିକର୍ଭମହିଳା ଦଳ ଚଳିତ ଏସୀୟ କ୍ରୀଡ଼ା ତୀରନ୍ଦାଜିରେ ସ୍ୱର୍ଣ୍ଣ ପଦକ ଜିତି ଦେଶ ପାଇଁ ଗୌରବ ଆଣିଛି। ହେଲେ ମିଶ୍ରିତ ଯୁଗଳରେ କୁମ୍‌କୁମ୍ ଅନିଲ ମୋହୋଦ ଓ ଧୀରଜ ବୋମ୍ମାଦେବାରା ଅଳ୍ପକେ ସ୍ୱର୍ଣ୍ଣ ପଦକ ହାତଛଡ଼ା କରି ରୌପ୍ୟରେ ସନ୍ତୁଷ୍ଟ ରହିଛନ୍ତି। ଶୁକ୍ରବାର ଦଳଗତ ଫାଇନାଲ୍‌ରେ ଭାରତ ୫-୩ରେ ୧୦ ଥରର ଅଲିମ୍ପିକ୍ସ ବିଜେତା ଦକ୍ଷିଣ କୋରିଆକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ନିଶ୍ଚିତ କରିଥିଲା। ଏସୀୟ କ୍ରୀଡ଼ାରେ ଲଗାତାର ୭ ଥର ସ୍ୱର୍ଣ୍ଣ ଜିତିଥିବା କୋରିଆକୁ ଅଙ୍କିତା ଭକତ, କୀର୍ତ୍ତି ଶର୍ମା ଓ ୧୭ ବର୍ଷୀୟା କୁମ୍‌କୁମ୍‌ଙ୍କୁ ନେଇ ଗଠିତ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ ବଳରେ ମାତ୍ ଦେଇ ଇତିହାସ ରଚିଛି। ମ୍ୟାଚ୍‌ର ପ୍ରଥମ ଦୁଇ ଗେମ୍‌ରେ ଉଭୟ ଦଳ ୫୪, ୫୬ କରି ସମାନ ସ୍ତରରେ ରହିଥିଲେ। ହେଲେ ତୃତୀୟ ଗେମ୍‌କୁ ଭାରତ ୫୫-୫୧ରେ ଜିତି ୨ ପଏଣ୍ଟ ଆଗରେ ରହିଥିଲା। ଚତୁର୍ଥ ଗେମ୍ ୫୪-୫୪ରେ ଶେଷ ହେବାରୁ ଭାରତ ୫-୩ରେ ବିଜୟୀ ହୋଇ ଦକ୍ଷିଣ କୋରିଆର ଲଗାତାର ଅଷ୍ଟମ ଓ ମୋଟ ଉପରେ ନବମ ଏସୀୟ ସ୍ୱର୍ଣ୍ଣ ଆଶାରେ ପାଣି ଭରିବା ସହ ପ୍ରଥମ ଥର ଲାଗି ଏହି କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତି ଇତିହାସ



ରଚିଥିଲା। ପୂର୍ବରୁ ସେମିଫାଇନାଲ୍ ଗତ ସଂସ୍କରଣ କାଂସ୍ୟ ବିଜେତା ଭାରତ ୫-୧ରେ ଚୀନ୍‌କୁ ପରାସ୍ତ କରିଥିଲା। ଚଳିତ ମେ' ମାସରେ ଭାରତ ସାଙ୍ଘାଇ ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ଜିତି ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ଲାଗି ରାସ୍ତା ପ୍ରସ୍ତୁତ କରିଥିଲା। ଏହି ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଦକ୍ଷିଣ କୋରିଆକୁ ହରାଇଥିଲା ଭାରତ। ବିଶ୍ୱ ବିଜେତା ଦଳରେ ଥିବା ପୂର୍ବତନ ବିଶ୍ୱର ଏକ ନମ୍ବର ଦୀପିକା କୁମାରୀ ଚୟନ ପ୍ରକ୍ରିୟାରେ ବିଫଳ ହେବାରୁ ତାଙ୍କ ସ୍ଥାନରେ କୀର୍ତ୍ତି ଏସୀୟ କ୍ରୀଡ଼ା ଦଳରେ ସାମିଲ ହୋଇଥିଲେ।

ମିଶ୍ରିତ ଯୁଗଳ ଫାଇନାଲ୍‌ରେ କୁମ୍‌କୁମ୍ ଓ ଧୀରଜ ୩-୫ (୩୪-୩୮, ୩୫-୩୭, ୩୭-୩୬, ୩୭-୩୭)ରେ ଚୀନ୍ ଯୋଡ଼ିଠୁ ହାରି ରୌପ୍ୟ ପାଇଥିଲେ। ଏସୀୟ କ୍ରୀଡ଼ା ଇତିହାସରେ ଭାରତର ଏହା ପ୍ରଥମ ମିଶ୍ରିତ ଯୁଗଳ ରୌପ୍ୟ ପଦକ। ଦିନସାରା ଚମତ୍କାର ପ୍ରଦର୍ଶନ କରିଥିବା କୁମ୍‌କୁମ୍ ମିଶ୍ରିତ ଫାଇନାଲ୍‌ରେ ଟିକେ ଧିମେଇ ଯାଇଥିଲେ। ଥରେ ୧୦ ସ୍କୋର୍ ଏବଂ ଆନେକ ଥର ୮ ଓ ୭ ସ୍କୋର୍ କରିବା ଭାରତ ପାଇଁ ମହଙ୍ଗା ପଡ଼ିଥିଲା। ଅନ୍ୟପକ୍ଷରେ ଚୀନ୍‌ର ମେଙ୍ଗ୍‌ଜ୍ୱି ଲି ୫ ଥର ୧୦ଏସ୍ ପାଇ ଦଳକୁ ସ୍ୱର୍ଣ୍ଣ ଭେଟି ଦେଇଥିଲେ। ଏହି ରୌପ୍ୟ ସହ କୁମ୍‌କୁମ୍ ଚଳିତ ପ୍ରତିଯୋଗିତାରେ ନିଜ ପଦକ ସଂଖ୍ୟାକୁ ୨ରେ ପହଞ୍ଚାଇଛନ୍ତି। ସେମିଫାଇନାଲ୍‌ରେ କୁମ୍‌କୁମ୍ ଓ ଧୀରଜ ୩୭-୩୫ରେ ଜାପାନ ଯୋଡ଼ିଙ୍କୁ ହରାଇ ପ୍ରଥମ ଥର ଫାଇନାଲ୍‌ରେ ପହଞ୍ଚିଥିଲେ।

# ଓଡ଼ିଶା ରଣଜୀ ଦଳ ଘୋଷଣା ୪ରେ

ଭୁବନେଶ୍ୱର, ୦୨/୧୦ : ମାତ୍ର ଗୋଟିଏ ସପ୍ତାହ ପରେ ଓଡ଼ିଶା ରଣଜୀ ଦଳ ଏହାର ୨୦୨୬-୨୭ ଋତୁ ଆରମ୍ଭ କରିବ। କିନ୍ତୁ ଏ ପର୍ଯ୍ୟନ୍ତ ଦଳ ଘୋଷଣା ହୋଇନାହିଁ। ସୂଚନା ଅନୁସାରେ ଦଳ ଚୟନ ଚୂଡାନ୍ତ ହୋଇ ସାରିଛି। ଏପରିକି ମନୋନୀତ ଖେଳାଳିଙ୍କୁ ନେଇ ଶୁକ୍ରବାରଠାରୁ ଦଳ ଏକମାତ୍ର ଅଭ୍ୟାସ ମ୍ୟାଚ୍ ପୂର୍ବତନ ରଣଜୀ ବିଜେତା ରେଳବାଇ ବିପକ୍ଷରେ ଖେଳିବ। ଏହି ୩ ଦିନିଆ ମ୍ୟାଚ୍ ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯିବ। ଏହା ପରେ ଓଡ଼ିଶା ଦଳ ଅହମଦାବାଦ ଗସ୍ତ କରି ଅକ୍ଟୋବର ୧୧ ତାରିଖରୁ ଗୁଜରାଟ ବିପକ୍ଷରେ ନିଜ ସିଜନ୍ ଓପନର୍ ଖେଳିବ। ରେଳବାଇ ବିପକ୍ଷ ମ୍ୟାଚ୍ ପାଇଁ ମନୋନୀତ ୧୬ ଜଣିଆ ଦଳ ହିଁ ରଣଜୀ ଟ୍ରଫି ତାଲିକାଭୁକ୍ତ ଜଣାପଡ଼ିଛି। ଗତ ସିଜନ୍‌ରେ ଓଡ଼ିଶା ଅତି ନୈରାଶ୍ୟଜନକ ପ୍ରଦର୍ଶନ କରି ୮ ଦଳୀୟ ଏଲିଟ୍-ଏ'ର ସପ୍ତମ ସ୍ଥାନରେ ରହିଥିଲା। ନୂଆ ସିଜନ୍ ଆରମ୍ଭରୁ କିନ୍ତୁ ଓଡ଼ିଶା ପାଇଁ ନୂଆ ଆହ୍ୱାନ ଆସିଯାଇଛି। ଆହତ କାରଣରୁ ଦଳର ଶ୍ରେଷ୍ଠ ଅଲ୍‌ରାଉଣ୍ଡର୍ ତଥା ଉଦୀୟମାନ ସମ୍ବିତ ବରାଳ ପ୍ରଥମରୁ ବାଦ୍ ପଡ଼ିବା ଏବଂ ପୂର୍ବରୁ ଆହତ ତାଲିକାରୁ ମୁକ୍ତ ହୋଇଥିବା ଯୁବ ବ୍ୟାଟର୍ ଅନିଲ ପରିଡ଼ା ସନ୍ଦେହ ତାଲିକାରେ ଥିବାରୁ ଦଳ ଅଧିକ ଚିନ୍ତାରେ ରହିଛି।

# ଦୁଇ ପୋଖରୀର ଅପରିଷ୍କାର ପ୍ରତିବାଦରେ ଗ୍ରାମବାସୀଙ୍କ ଧାରଣା



ହିଞ୍ଜିଳିକାଟୁ, ୦୨/୧୦ (ଅବନି କାନ୍ତ ପଟ୍ଟନାୟକ) : ହିଞ୍ଜିଳି ବ୍ଲକ ବୁରୁପଡ଼ା ଗ୍ରାମରେ ଦୀର୍ଘଦିନର କୁହୁଳୁଥିବା ଅସନ୍ତୋଷର ବହ୍ନି ଆଜି ଉଗ୍ର ରୂପ ଧାରଣ କଲା । ବାରମ୍ବାର ସରପଞ୍ଚଙ୍କୁ ଅବଗତ କଲା ପରେ ବି ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟରେ ଅବହେଳା ଏବଂ ଗ୍ରାମଦେବତୀ ସାହିର ଉତ୍ତ ଓ କାଳୀ ମନ୍ଦିର ନିକଟ ବେଲବନ୍ଧର ଦଳ ସଫା ନ ହୋଇ ଅପରିଷ୍କାର ହୋଇ ପଡ଼ିଥିବାର ଅଭିଯୋଗରେ ଶତାଧିକ ମହିଳା ଏକତ୍ରିତ ହୋଇ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ ସହ ଆଜି ପୂର୍ବାହ୍ନ ୧୧ ଟାରେ କାର୍ଯ୍ୟାଳୟ ସମ୍ମୁଖ ତଥା ହିଞ୍ଜିଳି - ଶେରଗଡ଼ ମୁଖ୍ୟରାସ୍ତାକୁ କାଠ ଓ ଟାୟାର ଜାଳି ଅବରୋଧ କରିଥିଲେ । ଖବର ପାଇ ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀ ଓ କର୍ମଚାରୀ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ବ୍ୟାସନଗର ପୌରପରିଷଦ ସମ୍ମୁଖରେ ଓଜେସିର ବିକ୍ଷୋଭ

ଯାଜପୁର, ୦୨/୧୦ (ଅକ୍ଷର ଓଡ଼ିଶା) : ବ୍ୟାସନଗର ପୌରପାଳିକାରେ ବ୍ୟାପକ ଦୁର୍ନୀତି ଓ ପୌରବାସୀଙ୍କ ମୌଳିକ ସମସ୍ୟା ସମେତ ୧୧ ଦଫା ଦାବିକୁ ନେଇ ଓଡ଼ିଶା ଜନତା କଂଗ୍ରେସ (ଓଜେସି) ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ଏକ ବିଶାଳ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌରପରିଷଦ ସମ୍ମୁଖରେ ପୂର୍ବ ନିର୍ଦ୍ଧାରିତ ଗଣସତ୍ୟାଗ୍ରହ ପାଇଁ ଅନୁମତି ଥିବା ସତ୍ତ୍ୱେ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ରାଜନୈତିକ ଚାପରେ ଆସି ଶେଷ ମୁହୂର୍ତ୍ତରେ ଏହାକୁ ବାରଣ କରିଥିବା ଅଭିଯୋଗ ହୋଇଛି। ଏହାର ତୀବ୍ର ପ୍ରତିବାଦ ଜଣାଇ ଦଳ ପକ୍ଷରୁ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଓଜେସି ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ କର୍ମୀମାନେ ପ୍ରଥମେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଏକ ବିଶାଳ ମୋଟରସାଇକେଲ ଶୋଭାଯାତ୍ରା ସହର ପରିକ୍ରମା କରି ଗୋପବନ୍ଧୁ ଛକରେ ପହଞ୍ଚିଥିଲା। ସେଠାରୁ ଏକ ବର୍ଣ୍ଣାଢ୍ୟ ପଟୁଆର ବାହାରି ପୌରପରିଷଦ କାର୍ଯ୍ୟାଳୟ




ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଓଜେସି ନେତା ପ୍ରତାପ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ଉଦ୍‌ବୋଧନ ଦେଇ କହିଥିଲେ ଯେ, ପୌରପାଳିକାରେ ଚାଲିଥିବା ବ୍ୟାପକ ଦୁର୍ନୀତି ଓ ଜନସାଧାରଣଙ୍କ ମୌଳିକ ଅଧିକାରକୁ ଜାଣିଶୁଣି ଅଣଦେଖା କରାଯାଉଛି। କିଛି ରାଜନୈତିକ ନେତାଙ୍କ ହାତବାରିସି ସାଜି ପ୍ରଶାସନ ସହରର ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରୁଛି ବୋଲି ସେ ଦୃଢ଼ ସମାଲୋଚନା କରିଥିଲେ। ଏହି ସଭାରେ ଦଳୀୟ ନେତୃବୃନ୍ଦ ମାଧବ ମହାପାତ୍ର, ପ୍ରଣତି ତ୍ରିପାଠୀ, ପ୍ରଦୀପ କୁମାର ସେଠୀ, ପ୍ରମିଳା ଜେନା ଓ ମୀନକେତନ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖି କହିଥିଲେ ଯେ, ଦୁର୍ନୀତିଗ୍ରସ୍ତ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ଏଠାରୁ ବଦଳି କରାନଗଲେ ଆଗାମୀ ଦିନରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କ (ଏଡିଏମ୍) କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ। ଶେଷରେ ଉତ୍ତ୍ୟକ୍ତ କର୍ମୀମାନେ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ରଞ୍ଜିତ କୁମାର ମଲ୍ଲିକଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

# ବାଲିଗୁଡା ରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ବାଲିଗୁଡା, ୨/୧୦(ଅକ୍ଷର ଓଡିଶା ) ବାଲିଗୁଡା ରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ପୂର୍ତ୍ତ ଛକସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଓ ଶାସ୍ତ୍ରୀଙ୍କ ଫୋଟୋ ଚିତ୍ରରେ ଅତିଥି ଓ ଉପସ୍ଥିତ ବ୍ୟକ୍ତିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ବାଲିଗୁଡା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳାଇ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିବଶଙ୍କର ସମରଥ, ସାଂସଦ ପ୍ରତିନିଧି ସୁରେନ୍ଦ୍ର କୁମାର ପାତ୍ରଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ବେଶ ଭୂଷାରେ ସଜ୍ଜିତ ହୋଇ ସହର ପରିକ୍ରମା କରିଥିଲେ। ବିଭିନ୍ନ ସ୍ଲୋଗାନ ଦେଇ ଛାତ୍ରଛାତ୍ରୀଙ୍କ



ଶୋଭାଯାତ୍ରା ସମଗ୍ର ସହର ପରିକ୍ରମା କରିବା ସହ ଗାନ୍ଧୀଙ୍କ ଅହିଂସା, ସତ୍ୟ ଓ ସ୍ୱଚ୍ଛତାର ବାର୍ତ୍ତା ଏବଂ ଶାସ୍ତ୍ରୀଙ୍କ ଦେଶପ୍ରେମ ଓ ଶୃଙ୍ଖଳାର ଆଦର୍ଶକୁ ମନେ ପକାଇଥିଲା। ଛାତ୍ରଛାତ୍ରୀଙ୍କ ଏହି ଶୋଭାଯାତ୍ରା ସହରବାସୀଙ୍କ ମଧ୍ୟରେ ଦେଶପ୍ରେମ ଓ ଗାନ୍ଧୀ-ଶାସ୍ତ୍ରୀଙ୍କ ଆଦର୍ଶ ପ୍ରତି ସଚେତନତା ସୃଷ୍ଟି କରିଥିଲା।

# ଏସଏଚଜିର ସରଳତାକୁ ଆଳକରି ଅର୍ଥ ହେରଫେର

## କାର୍ଯ୍ୟାନୁଷ୍ଠାନ ହେଲା ତଦନ୍ତ ହେଲାନି, ଉଚ୍ଚସ୍ତରୀୟ ତଦନ୍ତ ଦାବି

ପାପଡ଼ାହାଣ୍ଡି, ୨/୧୦(ଅକ୍ଷର ଓଡ଼ିଶା) : ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଶିକ୍ଷା ବିଭାଗରେ ଆର୍ଥିକ ଅନିୟମିତତା ଓ ବିଦ୍ୟାଳୟର ଅର୍ଥ ହେରଫେର ଅଭିଯୋଗକୁ ନେଇ ଏବେ ଉଠିଛି ବଡ଼ ପ୍ରଶ୍ନ। ଅଭିଯୋଗ ଆସିବା ପରେ ପ୍ରଧାନ ଶିକ୍ଷକଙ୍କୁ ଅନତ୍ର ବଦଳି ହୋଇଥିଲେ ମଧ୍ୟ ଘଟଣାର ମୂଳ ତଦନ୍ତ ଆଜି ପର୍ଯ୍ୟନ୍ତ ହୋଇନି। ପାପଡାହାଣ୍ଡି ବ୍ଲକ ସେମଳା କ୍ଲଷ୍ଟର ଅଧିନ ଟିକିରାପାଲା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ବଡ଼ ପଞ୍ଚିରିଗୁଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭାବେ କାର୍ଯ୍ୟରତ ଅଞ୍ଜନ କୁମାର ଦେ ଦାୟିତ୍ ?ରେ ଥିଲା ବେଳେ ଲକ୍ଷାଧିକ ଟଙ୍କାର ଆର୍ଥିକ ହେରଫେର କରିଥିବା ଓ ଦାୟିତ୍ୱର ଦୁରୁପଯୋଗ ନେଇ ଅଭିଯୋଗରେ ନବରଙ୍ଗପୁର ଜିଲ୍ଲା ଶିକ୍ଷାଧିକାରୀ ଅନତ୍ର ବଦଳି କରିଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ, ଟିକିରାପାଲା ବିଦ୍ୟାଳୟରେ ଦିର୍ଘ ଦିନୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ଧରି ତୁଲାଇଥିବା ଅଞ୍ଜନ କୁମାର ଦେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ପକ୍ଷରୁ ବିଦ୍ୟାଳୟ ପରିଚାଳନା ପାଇଁ ଆସୁଥିବା ଲକ୍ଷାଧିକ ସରକାରୀ ଅର୍ଥ ହେରଫେର ମାମଲାରେ ତାକୁ ତରବରିଆ ଭାବେ ଅନତ୍ର ବଦଳି କରାଯାଇଛି କିନ୍ତୁ ମୂଳ ତଦନ୍ତ ହୋଇପାରୁନାହିଁ। ଅଭିଯୋଗ ଅନୁସାରେ, ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ପକ୍ଷରୁ ବିଦ୍ୟାଳୟ ପରିଚାଳନା ପାଇଁ ସିଧାସଳଖ ଏସଏମସିକୁ ଅର୍ଥରାଶି ଜମା ହେଉଥିଲା ଓ ସ୍କୁଲ ପରିଚାଳନା ଦାୟିତ୍ୱ ମା ବାରଦାୟିନୀ ନାମକ ଏକ ଏସଏଚଜି ଙ୍କୁ ଦିଆଯାଇଥିଲା । ଓ ଆସୁଥିବା ଅର୍ଥ ଏସଏଚଜିଙ୍କ ଜମାଖାତାରେ ଜମା କଲା ପରେ ଗ୍ରୁପର ସଭାପତି ଓ ସଦସ୍ୟଙ୍କୁ ନେଇ ପ୍ରଧାନ ଶିକ୍ଷକ ଜଣକ ବ୍ୟାଙ୍କ କୁ ଯାଇ ପଇସା ଉଠାଣ କରି ନିଜେ ସେ ପଇସା ଖର୍ଚ୍ଚ କରୁଥିଲେ ଓ ସ୍କୁଲରେ ନିଯୁକ୍ତ ହୋଇଥିବା ଦୁଇ ଜଣ ହାଉସକିପର ଓ ସୁରକ୍ଷା କର୍ମଚାରୀଙ୍କୁ ସରକାରୀ ହିସାବରେ ଆସୁଥିବା ଦରମା ବଦଳରେ କମ୍ ପ୍ରାପ୍ୟ ଦେଉଥିଲେ। ଓଡ଼ିଶା ସରକାର ପକ୍ଷରୁ ମାସିକ ବେତନ ବାବଦକୁ ୨୦୨୪ ମସିହାରୁ ସୁରକ୍ଷା କର୍ମଚାରୀ ନବୀନ ପୂଜାରୀ ଙ୍କୁ ୧୫,୩୬୦ ଓ ହାଉସକିପର ମହେନ୍ଦ୍ର ମାଝୀ ଙ୍କୁ ୬,୦୦୬ ଟଙ୍କା ଅର୍ଥ ମଞ୍ଜୁର ହୋଇ ଆସୁଥିଲେ ସୁଦ୍ଧା ପ୍ରଧାନ ଶିକ୍ଷକ ଯଥାକ୍ରମେ ସୁରକ୍ଷା କର୍ମଚାରୀଙ୍କୁ ୬,୦୦୦ ଓ ହାଉସକିପରଙ୍କୁ ୫,୦୦୦ ଟଙ୍କା ଦେଉଥିଲେ ।ଓ ଏସଏଚଜିକୁ ଆଳ କରି ସରଳତାର ସୁଯୋଗ ନେଇ ନିଜେ ଏସଏଚଜି ଓ ଏସଏମସି ରେଜୁଲେଶନ ଖାତା କାରବାର କରୁଥିଲେ ।ଅନ୍ୟ ଏକ ବିଷୟ ହେଲା ଅଭିଯୋଗକାରୀଙ୍କ କହିବା ଅନୁସାରେ, ବିଦ୍ୟାଳୟ ପାଇ ଆସୁଥିବା ସ୍କଟ୍ ଗ୍ରାଣ୍ଟର ୨୫ହଜାର ଟଙ୍କା ପ୍ରତିବର୍ଷ ହେରଫେର କରିବା ସହ ବିଭିନ୍ନ ସାମଗ୍ରୀ କିଣା ଓ ଅନ୍ୟାନ୍ୟ କାର୍ଯ୍ୟ ନାମରେ ଅନ୍ୟ ବ୍ଲକରୁ ମିଥ୍ୟା ବିଲ୍ ଦର୍ଶାଇ ଅର୍ଥ ଉଠାଣ କରାଯାଇଥିବା ତଥ୍ୟ ବର୍ତ୍ତମାନ ପ୍ରଧାନ ଶିକ୍ଷୟତ୍ରୀ ରଘୁଲ ସନ୍ତୋଷୀ ଜାଣିବା ପରେ ସବୁ ସତ ସାମ୍ନାକୁ ଆସିଥିଲା ।ଏସବୁ ଅର୍ଥ ହେରଫେର ହେବା ଜାଣିବା ପରେ ପ୍ରଧାନ ଶିକ୍ଷୟତ୍ରୀଘଟଣାର ସବିଶେଷ ତଥ୍ୟ ଏସଏମସି ସଦସ୍ୟ ଓ ଏସଏଚଜି ସଭାପତିଙ୍କୁ ଜଣାଇଥିଲେ ।ପରେଏସଏଚଜି ସଭାପତି ଲକ୍ଷ୍ମୀ ଭତରା ସବିଶେଷ ତଥ୍ୟ ନେଇ ଡିଇଓ ପୂର୍ବତନ ସାଂସଦଙ୍କ ଦ୍ୱାରସ୍ତ ହୋଇଥିଲେ ।ପରେ ତରବରିଆ ଭାବେ ଅଞ୍ଜନ କୁମାର ଦେ ଙ୍କୁ ବ୍ଲକ ଅଧୀନ ପଞ୍ଜିଆଗୁଡା ସ୍କୁଲକୁ ବଦଳି ଯାଇଛି। ହେଲେ ପରିତାପର ବିଷୟ ଯେ ଆଜି ପର୍ଯ୍ୟନ୍ତ ତଦନ୍ତ ହୋଇ ପାରିଲା ନାହିଁ ।ତେବେ ବଦଳିର ପ୍ରାୟ ଦୁଇ ମାସ ପରେ ମଧ ବିଦ୍ୟାଳୟରେ ହୋଇଥିବାଆର୍ଥିକ ଅନିୟମିତତାର ତଦନ୍ତ କାହିଁକି ହେଉନାହିଁ ବୋଲି ଏବେ ପ୍ରଶ୍ନ ଉଠିଛି। ଏନେଇ ଆମେ ପୂର୍ବତନ ସାଂସଦ ପର୍ଶୁରାମ ମାଝୀଙ୍କୁ ପଚାରିବାରୁ କିଛି ମୁଷ୍ଟିମେୟ ଶିକ୍ଷକ ଙ୍କ ପାଇଁ ସଂପୂର୍ଣ୍ଣ ଶିକ୍ଷା ସମାଜ ବଦନାମ ହେଉଛି ଓ ଏ ବିଷୟ କୁ ନେଇ ମୁଁ ନିଜେ ହସ୍ତକ୍ଷେପ କରିବା ସହ ଉଚ୍ଚସ୍ତରୀୟ ତଦନ୍ତପାଇଁ ଦାବି କରୁଥିବା କହିଛନ୍ତି ।ସେହିପରି ଜିଲ୍ଲା ଶିକ୍ଷାଧିକାରୀଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ବାରମ୍ୱାର ଯୋଗାଯୋଗ କଲେ ସୁଦ୍ଧା ଉତ୍ତର ଦେଇନଥିଲେ। ତଦନ୍ତ କେବେ ଆରମ୍ଭ ହେବ ଏବଂ କେବେ ରିପୋର୍ଟ ସାର୍ବଜନୀନ ହେବ, ତାହାକୁ ନେଇ ଅପେକ୍ଷା ରହିଛି। ଅର୍ଥ ବ୍ୟବହାରରେ ଯଦି କୌଣସି ଅନିୟମିତତା ହୋଇଥାଏ, ତାହାର ନିରପେକ୍ଷ ଯାଞ୍ଚ ହେବା ଆବଶ୍ୟକ ବୋଲି ଏସଏମସି ସଦସ୍ୟ ଏବଂଏସଏଚଜି ସଭାପତି ଓ ଗ୍ରାମବାସୀ ଦାବି କରିଛନ୍ତି ।

# ଭିଜନ ଶିକ୍ଷାନୁଷ୍ଠାନ ପକ୍ଷରୁ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ଖଣ୍ଡପଡ଼ା, ୨/୧୦ (ଅକ୍ଷର ଓଡ଼ିଶା) ଭିଜନ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ବାହାଡା ଗ୍ରାମସ୍ଥିତ ଭିଜନ ଶିକ୍ଷାନୁଷ୍ଠାନ ପକ୍ଷରୁ ଯୁକ୍ତ ୨ କଳା ଶ୍ରେଣୀରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଶୁକ୍ରବାର ବନମାଳିପୁର ଗ୍ରାମର ଆରାଧ୍ୟ ପ୍ରଭୁ ଶ୍ରୀସୋମନାଥ ଦେବଙ୍କ ପଞ୍ଚୁଦୋଳ ମେଳଣ ପଡ଼ିଆ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ଜଣାଯାଇଛି। ଅନୁଷ୍ଠାନର ୭୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଚଳିତ ବର୍ଷ ୩୩ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଅନୁଷ୍ଠାନ ପାଇଁ ଗୌରବ ଆଣିଥିବା ଜଣାଯାଇଛି। ଅନୁଷ୍ଠାନର ଛାତ୍ରୀ ମୋତି ପରିଡ଼ା ପ୍ରଥମ ସ୍ଥାନ,ଅନୁପମା ନାୟକ ୨ୟ ସ୍ଥାନ ଓ ମଧୁସ୍ମିତା ସାହୁ ୩ୟ ସ୍ଥାନ,ସୋନାଲି ଗୁରୁ ୪ର୍ଥ ସ୍ଥାନ ଓ ସୁପ୍ରିୟା ସାଇଁ ୫ମ ସ୍ଥାନ ଅଧିକାର କରିଥିବା ସଂପର୍କରେ ଅନୁଷ୍ଠାନ କର୍ତ୍ତୃପକ୍ଷ ସୂଚନା ପ୍ରଦାନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ମୁଖ୍ୟ ପରିଚାଳକ ଜିତେନ୍ଦ୍ର କୁମାର କାଟିଆଙ୍କ ପୌରହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯକ୍ରମରେ ଅତିଥି ଭାବେ ଯୁବ ନେତା ଅଭିଳାଷ ପଣ୍ଡା, ବରିଷ୍ଠ ସାମ୍ବାଦିକ ଭବାନୀଶଙ୍କର ସିଂହସାମନ୍ତ, ଜନ୍ମେଜୟ ଦଳେଇ, ଯୁବ ସମାଜସେବୀ ବାଳଗୋପାଳ ଷଡ଼ଙ୍ଗୀ, ସୁରେଶ ରାଉତ, ରଞ୍ଜନ ଜେନା, ଚିତ୍ତ ରାଉତ, ଅଧ୍ୟାପକ ରାଜକିଶୋର ପ୍ରଧାନ, ହରିହର ସାହୁ,ବେବିନା ସାହୁ ପ୍ରମୁଖ ଯୋଗଦେଇ ଛାତ୍ର ଜୀବନର ଲକ୍ଷ୍ୟ ସଂପର୍କରେ ଆଲୋକପାତ କରିବା ସହ ଶିକ୍ଷା ଗ୍ରହଣ କରି ବିଦ୍ୟାର୍ଥୀମାନେ ଭବିଷ୍ୟତରେ କିଭଳି ସମାଜର ପଥ ପ୍ରଦର୍ଶକ ହୋଇ ପାରିବେ ସେ ନେଇ ଛାତ୍ରଛାତ୍ରୀମାନଙ୍କ ମାର୍ଗ ଦର୍ଶନ କରିବା ସହ ଉଚିତ ପରାମର୍ଶ ପ୍ରଦାନ କରିଥିଲେ ।ଗତ ଏକ ଦଶନ୍ଧି ଧରି ଭିଜନ ଶିକ୍ଷାନୁଷ୍ଠାନର ଶିକ୍ଷାଦାନ ଶୈଳୀକୁ ଅତିଥିମାନେ ଭୂୟସି ପ୍ରଶଂସା କରିବା ସହ ଅନୁଷ୍ଠାନର ଉତ୍ତୋରତର ଉନ୍ନତି କାମନା କରିଥିଲେ। ଯୁବ ସଂଗଠକ ପରମେଶ୍ୱର ମହାନ୍ତି କାର୍ଯ୍ୟକ୍ରମରେ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ।


ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das

କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera

Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com

ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera